# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୫/୨୦୨୪ (୧୬ ପୃଷ୍ଠା) Bhubaneswar, Monday, February 5/2024 Page 16 ₹ 7.00

୫୦ଶ ଭାଗ ୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 73 ମୂଲ୍ୟ₹୭/-



DSPL-620

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ତୃତୀୟ ଦିବସରେ

OIPR-15001/13/0332/2324



ଗୌରବମୟ ଅତୀତର ସ୍ମୃତିଚାରଣ ଏବଂ ଭବିଷ୍ୟତ ଆକାଂକ୍ଷାର ପରିକଳ୍ପନା

୨୦୩୬ରେ ଓଡ଼ିଶା : ନବଦିଗନ୍ତର ସମ୍ଭାବନା
ଶ୍ରୀ ସୁବ୍ରତ ବାଗଚୀ ଏବଂ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ଭି. କେ. ପାଣ୍ଡିଆନ୍‌ଙ୍କ ମଧ୍ୟରେ ଆଲୋଚନା

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଫ୍ୟାସନ ଡିଜାଇନର ବିଭୁ ମହାପାତ୍ରଙ୍କ ସହ ବିଶେଷ ଚର୍ଚ୍ଚା

ଆଲୋଚନା: ପଦ୍ମଶ୍ରୀ ହରମାନ କୁଲକେ ଏବଂ ପ୍ରଫେସର ଆନ୍ନେଟେ ସ୍କିମଡଚେନ୍

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ

ପ୍ରଦର୍ଶନୀ ପଡ଼ିଆକୁ ସର୍ବସାଧାରଣ ପ୍ରବେଶାନୁମତି

ସ୍ଥାନ: ଜନତା ମଇଦାନ, ଭୁବନେଶ୍ୱର















www.worldodiaconference.org
wolc_2024 wolc2024 wolc2024

ଭାଷା ଅତୀତର ଅସ୍ତିତ୍ୱ
ଭାଷା ହିଁ ଭବିଷ୍ୟତ

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

**ଆତିଶୀଙ୍କୁ କ୍ରାଇମବ୍ରାଞ୍ଚ ନୋଟିସ**

ଏଏପି ବିଧାୟକଙ୍କୁ ୨୫ କୋଟି ଲେଖାଏଁ ଦେଇ କିଣିବାକୁ ଭାଜପା ଚେଷ୍ଟା କରୁଥିବା ଅଭିଯୋଗକୁ କେନ୍ଦ୍ରକରି ଦିଲ୍ଲୀ ପୋଲିସ ରବିବାର ଦିଲ୍ଲୀ ଅର୍ଥମନ୍ତ୍ରୀ ଆତିଶୀ ସିଂଙ୍କୁ ନୋଟିସ ପ୍ରଦାନ କରିଛି। ୭ ଏଏପି ବିଧାୟକଙ୍କୁ କିଣିବାକୁ ଭାଜପା ଉଦ୍ୟମ କରୁଥିବା ଆତିଶୀ ଅଭିଯୋଗ ଆଣିଥିଲେ। ଅଭିଯୋଗ ଉପରେ ଅଧିକ ତଥ୍ୟ ପ୍ରମାଣ ସୋମବାର ସୁଦ୍ଧା ଦେବାକୁ କୁହାଯାଇଛି। ଏହି ମାମଲାରେ ଶନିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ନୋଟିସ ହୋଇଥିଲା।

**ସଂକ୍ଷେପରେ**

## ସର୍ବସାଧାରଣ ସମ୍ପତ୍ତି କ୍ଷତି ଆନ୍ଦୋଳନକାରୀଙ୍କଠାରୁ ଭରଣା ହେବ

**ଆଇନ କମିଶନଙ୍କ ସୁପାରିସ**

**ନୂଆଦିଲ୍ଲୀ,୪।୨:** ବାରମ୍ବାର ଜାତୀୟ ରାଜପଥ କିମ୍ବା ସର୍ବସାଧାରଣ ସ୍ଥାନ ଅବରୋଧ ରୋକିବା ପାଇଁ ବର୍ତ୍ତମାନର ଆଇନରେ ସଂଶୋଧନ ନିମନ୍ତେ ଆଇନ କମିଶନ ସୁପାରିସ କରିଛନ୍ତି। ଆନ୍ଦୋଳନକାରୀଙ୍କ ଦ୍ୱାରା ସରକାରୀ କିମ୍ବା ଘରୋଇ ସମ୍ପତ୍ତିର କ୍ଷତି ଘଟିଥିଲେ, ସେମାନଙ୍କ ଉପରେ ବଜାର ଦର ଅନୁଯାୟୀ ଅନୁରୂପ ପରିମାଣର ଜରିମାନା ଲଗାଇବାକୁ କୁହାଯାଇଛି। ସର୍ବସାଧାରଣ ସମ୍ପତ୍ତି କ୍ଷତି ପାଇଁ ଦାୟୀ ବ୍ୟକ୍ତିବିଶେଷ କିମ୍ବା ସଂଗଠନ ଉପରେ ଉକ୍ତ ଜରିମାନା ଲାଗୁ ହେବ। ଜାମିନ ସର୍ତ୍ତାବଳୀରେ ଏହା ରହିବ ବୋଲି ଆଇନ କମିଶନ କହିଛନ୍ତି। ବିରୋଧୀ ଦଳ ଏବଂ ଅଧିକାରୀ ସଂଗଠନଗୁଡ଼ିକ ଜାତୀୟ ରାଜଧାନୀରେ ବାରମ୍ବାର ରାସ୍ତା ଅବରୋଧ କରୁଥିବାରୁ ଏହାକୁ ରୋକିବା ଦିଗରେ କମିଶନଙ୍କ ସୁପାରିସ୍ ଉଲ୍ଲେଖନୀୟ।

# ଲଦାଖ ମାଗିଲା ରାଜ୍ୟ ମାନ୍ୟତା

## ୪ ଦଫା ଦାବି ନେଇ ରାସ୍ତାକୁ ଓହ୍ଲାଇଲେ ଲୋକେ




ନୂଆଦିଲ୍ଲୀ,୪।୨

ରାଜ୍ୟ ମାନ୍ୟତା ସମେତ ୪ ଦାବି ନେଇ ଲଦାଖରେ ସମ୍ପୂର୍ଣ୍ଣ ବନ୍ଦ ପାଳନ କରାଯାଇଛି। ଅନ୍ୟ ଦାବି ମଧ୍ୟରେ ରହିଛି ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ଲଦାଖକୁ ସାମିଲ କରାଯାଇ ଏହାକୁ ଆଦିବାସୀ ମାନ୍ୟତା ପ୍ରଦାନ କରିବା, ସ୍ଥାନୀୟ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା ଏବଂ ଲେହ ଓ କାର୍ଗିଲ ପାଇଁ ଅଲଗା ପାର୍ଲାମେଣ୍ଟ ଆସନ। ଉପରୋକ୍ତ ଦାବି ନେଇ ଶନିବାର ଲେହ ଜିଲାରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ଲକ୍ଷାଧିକ ଲୋକ ରାଲିରେ ସାମିଲ ହୋଇ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ଲେହ ଆପେକ୍ସ ବଡି (ଏଲ୍ଏବି), କାର୍ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ (କେଡିଏ) ପକ୍ଷରୁ ଗତ ମାସ ୨୩ରେ ଲଦାଖ ବନ୍ଦ ଡାକରା ଦିଆଯାଇଥିଲା। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ ଏବଂ ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ନେଇ ଦୁଇ ସଂଗଠନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସ୍ମାରକପତ୍ର ଦେଇଥିଲେ। ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ହେବା ଦିନଠାରୁ ଲେହ ଆପେକ୍ସ ବଡି ଏବଂ କେଡିଏ ୪-ସୂତ୍ରୀ ଏଜେଣ୍ଡା ଉପରେ ଦାବି ଜଣାଇ ଆସୁଥବା ଏହାର ଆଇନ ଉପଦେଷ୍ଟା ହାଜି ଗୁଲାମ ମୁସ୍ତାଫା କହିଛନ୍ତି। ଜମ୍ମୁ-କଶ୍ମୀର ବିଭାଜନ ପୂର୍ବରୁ ବିଧାନସଭାରେ ଲଦାଖରୁ ୪ ଜଣ ଏବଂ ବିଧାନ ପରିଷଦରେ ୨ ଜଣ ସଦସ୍ୟ ଥିଲେ। ଏବେ ବିଧାନସଭାରେ ଲଦାଖରୁ କେହି ପ୍ରତିନିଧିତ୍ୱ କରୁନାହାନ୍ତି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଡିସେମ୍ବର ୪ରେ ଉପରୋକ୍ତ ୨ ସଂଗଠନର ପ୍ରତିନିଧିଙ୍କ ସହ ଆଲୋଚନା କରି ଦାବି ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ କହିଥିଲେ। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ପାଇଁ ସୁପ୍ରିମକୋର୍ଟ ରାୟ ଦେଇଥିବାବେଳେ ଲଦାଖ ପାଇଁ କୌଣସି ବ୍ୟବସ୍ଥା ନ ଥିବା ସ୍ମାରକପତ୍ରରେ ଦର୍ଶାଯାଇଥିଲା।

ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଏବଂ ଲଦାଖରେ ବିଭକ୍ତ କରିଥିଲେ। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ପାଇଁ ସୁପ୍ରିମକୋର୍ଟ ନିକଟରେ ରାୟ ଦେବା ପରେ ଲଦାଖରେ ଅନୁରୂପ ଦାବି ଜୋର୍ ଧରିଛି। ସ୍ମାରକପତ୍ରରେ ମିଜୋରାମ, ତ୍ରିପୁରା, ସିକିମ ଓ ଅନ୍ୟ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ଉଦାହରଣ ଦିଆଯାଇ ଲଦାଖକୁ ମଧ୍ୟ ଅନୁରୂପ ସୁବିଧା ମିଳିବା ଆବଶ୍ୟକ ବୋଲି କୁହାଯାଇଛି।

## ଆଜି ଆସ୍ଥା ଲୋଡ଼ିବେ ଚମ୍ପାଇ

ରାଞ୍ଚି,୪।୨

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ସରକାର ସୋମବାର ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ। ଏଥିପାଇଁ ୩ ଦିନ ହେଲା ହାଇଦ୍ରାବାଦରେ ରହିଥିବା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍) ନେତୃତ୍ୱାଧୀନ ମେଣ୍ଟର ବିଧାୟକମାନେ ରବିବାର ସ୍ୱତନ୍ତ୍ର ବିମାନ ଯୋଗେ ରାଞ୍ଚି ଫେରୁଛନ୍ତି। ଦୁର୍ନୀତି ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଗିରଫ ହୋଇଥିଲେ। ୨୪ ଘଣ୍ଟାର ଡ୍ରାମାବାଜି ପରେ ଶୁକ୍ରବାର ଚମ୍ପାଇ ସୋରେନ୍ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଘୋଡ଼ାବେପାର ଆଶଙ୍କା କରି ଶୁକ୍ରବାରଠାରୁ ଜେଏମ୍ଏମ୍ ନେତୃତ୍ୱାଧୀନ ମେଣ୍ଟର ୩୯ ବିଧାୟକ ହାଇଦ୍ରାବାଦ ଯାଇ ଶମିରପେଟ୍‌ସ୍ଥିତ ରିସୋର୍ଟରେ ରହିଥିଲେ। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଉକ୍ତ ବିଧାୟକମାନଙ୍କ ସହ ରାଞ୍ଚି ଆସିବେ ବୋଲି ପୂର୍ବରୁ କୁହାଯାଉଥିଲାବେଳେ ସେ ଦଳୀୟ ନେତାମାନଙ୍କ ସହ ଅନ୍ୟ ଏକ ବିମାନରେ ସୋମବାର ଆସିବେ ବୋଲି ଜଣାପଡ଼ିଛି। ସେ ସେଠାରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ସାମିଲ ହେବେ। ଅନ୍ୟପକ୍ଷରେ ଚମ୍ପାଇ ସୋରେନ୍‌ଙ୍କ ସରକାରଙ୍କୁ ସର୍ତ୍ତମୂଳକ ଭାବେ ସମର୍ଥନ କରିବେ ବୋଲି ରବିବାର ଜେଏମ୍ଏମ୍ ବିଧାୟକ ଲୋବିନ୍ ହେମ୍ବ୍ରମ୍ ରାଜି ହୋଇଛନ୍ତି। ଦଳ ଅଧ୍ୟକ୍ଷ ଶିବୁ ସୋରେନ୍‌ଙ୍କ ସହ ଆଲୋଚନାବେଳେ ସେ କେତେକ ଦାବି ରଖିବା ସହ ସେଗୁଡ଼ିକ ପୂରଣ ହେବା ଜରୁରୀ ବୋଲି କହିଥିଲେ। ରାଜ୍ୟରେ ମଦ ନିଷେଧ ହେବା ସହ ଜଙ୍ଗଲ ସୁରକ୍ଷା ଓ ଜଳ ସଂରକ୍ଷଣ ପାଇଁ ସେ ଦାବି କରିଥିଲେ।

## ନାମ୍ବିଆ ରାଷ୍ଟ୍ରପତି ହେଜ୍ ଗିଙ୍ଗୋବଙ୍କ ପରଲୋକ



**ହରାରେ, ୪।୨:** କ୍ୟାନ୍‌ସରରେ ପୀଡ଼ିତ ଥିବା ନାମ୍ବିଆର ରାଷ୍ଟ୍ରପତି ହେଜ୍ ଗିଙ୍ଗୋବଙ୍କ ୮୨ ବର୍ଷ ବୟସରେ ପରଲୋକ ଘଟିଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଆଧିକାରିକ ବୟାନ ଜାରି କରାଯାଇଛି। ଏହି ଅବସରରେ ଆମେରିକାର କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ଆଙ୍ଗୋଲୋ ମ୍ବୁମ୍ବା ଦୁଃଖର ସହ ରାଷ୍ଟ୍ରୀୟ ଶୋକର ଘୋଷଣା କରିଥିଲେ। ଦେଶର ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଗିଙ୍ଗୋବ କ୍ୟାନ୍‌ସରରେ ପୀଡ଼ିତ ଥିବା ନେଇ ଗତମାସରୁ ହିଁ ଦେଶବାସୀଙ୍କୁ ଜଣାଇ ଦେଇଥିଲେ। ନାମ୍ବିଆର ସର୍ବାଧିକ ସମୟ ଧରି ପ୍ରଧାନମନ୍ତ୍ରୀ ରହିବାର ରେକର୍ଡ ମଧ୍ୟ ଗିଙ୍ଗୋବଙ୍କ ନାଁରେ ରହିଛି।

## ହୁତି ଆଡ୍ଡାକୁ ମିଳିତ ଆକ୍ରମଣ

**୩୬ ସ୍ଥାନକୁ ଟାର୍ଗେଟ କଲେ ଆମେରିକା, ସହଯୋଗୀ**

ୱାଶିଂଟନ,୪।୨(ପି.ଟି.)

ଇରାକ ଏବଂ ସିରିଆରେ ଥିବା ଇରାନ ସମର୍ଥିତ ହୁତି ଆତଙ୍କବାଦୀଙ୍କ ଶିବିର ଉପରେ ଆମେରିକା ଆକ୍ରମଣ କରିବାର ଦିନକ ପରେ ଶନିବାର ୟେମେନ୍‌ର ୧୩ଟି ସ୍ଥାନରେ ଥିବା ହୁତିର ୩୬ଟି ଟାର୍ଗେଟ ଉପରେ ମିଳିତ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ଆମେରିକା ସହ ବ୍ରିଟେନ, ଅଷ୍ଟ୍ରେଲିଆ, ବାହାରିନ୍, କାନାଡା, ଡେନ୍‌ମାର୍କ, ନେଦରଲାଣ୍ଡସ୍ ଏବଂ ନ୍ୟୁଜିଲାଣ୍ଡ ସାମିଲ ହୋଇଥିବା ପେଣ୍ଟାଗନ୍ କହିଛି। ଆକ୍ରମଣରେ ଯୁଦ୍ଧବିମାନ ଓ ଯୁଦ୍ଧଜାହାଜକୁ ସାମିଲ କରାଯାଇଥିଲା।

ଇସ୍ରାଏଲ୍ ଏବଂ ହମାସ୍ ବିରୋଧରେ ଯୁଦ୍ଧ ଲାଗିରହିଥିବାବେଳେ ହୁତି ଆତଙ୍କବାଦୀମାନେ ଲୋହିତ ସାଗରରେ ଅନ୍ତର୍ଜାତୀୟ ଜାହାଜଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ ଜାରି ରଖିଛନ୍ତି। ଗତ ରବିବାର ଜୋର୍ଡାନସ୍ଥିତ ଆମେରିକା ଘାଟି ଉପରେ ସେମାନଙ୍କ ଡ୍ରୋନ୍ ଆକ୍ରମଣରେ ୩ ଜଣ ଆମେରିକୀୟ ସୈନ୍ୟ ନିହତ ହେବା ସହ ୩୪ ଜଣ ଆହତ ହୋଇଥିଲେ। ଏହାର ପ୍ରତିଶୋଧ ନିଆଯିବ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ କହିଥିଲେ। ଶୁକ୍ରବାର ସିରିଆ ଏବଂ ଇରାକ୍‌ର ୮୫ଟି ଟାର୍ଗେଟକୁ ଆମେରିକା ଏୟାରଷ୍ଟ୍ରାଇକ୍ କରିଥିଲା। ଶନିବାର ୟେମେନ୍‌ର ହୁତି ନିୟନ୍ତ୍ରିତ ଅଞ୍ଚଳ ଉପରେ ଆମେରିକା ଓ ବ୍ରିଟେନ୍ ସୈନ୍ୟମାନେ ଆକ୍ରମଣ କରିଥିବା ମାର୍କିନ ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ କହିଛନ୍ତି। ଅନ୍ତର୍ଜାତୀୟ ଜାହାଜ ଚଳାଚଳ ଏବଂ ନୌସେନା ଜାହାଜ ଉପରେ ହୁତିମାନେ ଯଦି ବେଆଇନ ଆକ୍ରମଣ ବନ୍ଦ ନ କରନ୍ତି, ତେବେ ପରିଣାମ ଭୟାବହ ହେବ ବୋଲି ଏହି ମିଳିତ ଆକ୍ରମଣ ଜରିଆରେ ସେମାନଙ୍କୁ ଚେତାଇ ଦିଆଯାଇଛି। ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଜଳପଥରେ ଅବାଧ ବାଣିଜ୍ୟ ଓ ଧନଜୀବନ ରକ୍ଷା ପାଇଁ ଜୋର୍‌ଦାର ଆକ୍ରମଣ କରିବାକୁ ଆମେ ପଛାଇବୁ ନାହିଁ ବୋଲି ଅଷ୍ଟିନ୍ ଚେତାବନୀ ଦେଇଛନ୍ତି।

## ଲିସିଚାନ୍ସ୍କରେ ସେଲ୍ ମାଡ଼: ୨୮ ନିହତ

ମସ୍କୋ, ୪।୨

ରୁଷିଆ ଅଧିକୃତ ୟୁକ୍ରେନର ଲିସିଚାନ୍ସ୍କ ସହରର ଏକ ବେକରୀରେ ସେଲ୍ ମାଡ଼ ହେବାରୁ ୨୮ ଜଣଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନ ଦ୍ୱାରା ଏହି ସେଲ୍ ମାଡ଼ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଲିସିଚାନ୍ସ୍କ ସହରରେ ଥିବା ରୁଷିଆ ଅଧିକାରୀ। ମୃତକଙ୍କ ମଧ୍ୟରେ ୯ ମହିଳା ଓ ଜଣେ ଶିଶୁ ଥିବାବେଳେ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ରୁଷିଆର ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଏହି ଆକ୍ରମଣକୁ ନିନ୍ଦା କରାଯିବା ସହ ଏଥିରେ ବିଭିନ୍ନ ପଶ୍ଚିମ ଦେଶର ଅସ୍ତ୍ରଶସ୍ତ୍ର ବ୍ୟବହାର ହୋଇଥିବା ନେଇ ବୟାନ ଜାରି କରାଯାଇଛି। ତେବେ ଆକ୍ରମଣ ସମ୍ପର୍କରେ ୟୁକ୍ରେନ ପକ୍ଷରୁ କୌଣସି ବୟାନ ଦିଆଯାଇନାହିଁ।

## ୟୁସିସି ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

**୬ରେ ଉତ୍ତରାଖଣ୍ଡ ବିଧାନସଭାରେ ଆଗତ ହେବ**

ଡେରାଡୁନ୍,୪।୨

ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ନିଯୁକ୍ତ ଉଚ୍ଚସ୍ତରୀୟ କମିଟି ସୁପାରିସ କରିଥିବା ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ରବିବାର ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସିଥିଲା। ନାଗରିକ ଆଇନରେ ସମାନତା ଆଣିବା ବିଲ୍‌ର ଲକ୍ଷ୍ୟ। ମଙ୍ଗଳବାର ବିଧାନସଭାରେ ଉକ୍ତ ବିଲ୍ ଆଗତ ହେବ। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଦୁଇଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠା ଆଇନ ଦସ୍ତାବିଜ୍ ହସ୍ତାନ୍ତର କରିଥିଲେ। ବିଲ୍‌ରେ ବହୁପତ୍ନୀ ଗ୍ରହଣକୁ ନିଷେଧ କରାଯିବା ସହ ସମାନ ଉତ୍ତରାଧିକାର, ଲିଭ୍-ଇନ୍ ରିଲେଶନରେ ରହିଲେ ଘୋଷଣାନାମା ବାଧ୍ୟତାମୂଳକ କରାଯିବାକୁ ପ୍ରସ୍ତାବ ରହିଛି। ସେହିପରି ଝିଅଙ୍କ ବିବାହ ବୟସ ୧୮ ଏବଂ ପୁଅଙ୍କ ପାଇଁ ୨୧ ବର୍ଷ ରହିବ। ବିବାହ ନିମନ୍ତେ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଛାଡ଼ପତ୍ର ପାଇଁ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ


ପୁଷ୍କର ସିଂ ଧାମି

ସମାନ କାରଣ ଦର୍ଶାଇବାକୁ ହେବ। ଜଣେ ସ୍ତ୍ରୀ ବଞ୍ଚିଥିବା ଯାଏ ଦ୍ୱିତୀୟ ବିବାହ କରାଯାଇପାରିବ ନାହିଁ। ପୁଅଙ୍କ ଭଳି ଝିଅମାନଙ୍କୁ ସମ୍ପତ୍ତି ଉପରେ ସମାନ ଅଧିକାର ମିଳିବ। ବିଲ୍ ବିଧାନସଭାରେ ଗୃହୀତ ହେଲେ ୟୁସିସି ଲାଗୁ କରିବାରେ ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ହେବ। ଏଥିପାଇଁ ସୋମବାରଠାରୁ ୪ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି।

## ସାଉଥ୍ କରୋଲିନା ପ୍ରାଇମେରି ଜିତିଲେ ବାଇଡେନ

ୱାଶିଂଟନ,୪।୨(ପି.ଟି.)

ଆମେରିକାର ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟ୍ ଦଳରୁ ଦ୍ୱିତୀୟ ଥର ପ୍ରାର୍ଥୀ ହେବାକୁ ଚାହୁଁଥିବା ରାଷ୍ଟ୍ରପତି ଜୋ ବାଇଡେନ୍ ଗୁରୁତ୍ୱପୂର୍ଣ୍ଣ ସାଉଥ୍ କରୋଲିନା ପ୍ରାଇମେରିରେ ବିଜୟୀ ହୋଇଛନ୍ତି। ନଭେମ୍ବର ୫ରେ ହେବାକୁ ଥିବା ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଠିକଣା ଜବାବ ଦେବା ପାଇଁ ଡେମୋକ୍ରାଟ ପ୍ରାର୍ଥିତ୍ୱ ଦୌଡ଼ରେ ଥିବା ବାଇଡେନ୍‌ଙ୍କର ଏହା ପ୍ରଥମ ପ୍ରାଇମେରି ବିଜୟ। ଶନିବାର ଅନୁଷ୍ଠିତ ଏହି ପ୍ରାଇମେରିରେ ବାଇଡେନ୍‌ଙ୍କୁ ୯୬.୨ ପ୍ରତିଶତ ଭୋଟ ମିଳିଥିବାବେଳେ ମାରିଆନ ୱିଲିଆମସନ୍‌ଙ୍କୁ ମାତ୍ର ୨.୧ ପ୍ରତିଶତ ସମର୍ଥନ ମିଳିଛି। ତେଣୁ ପ୍ରାର୍ଥିତ୍ୱ ଦୌଡ଼ରେ ମାରିଆନ୍ ବାଦ୍ ପଡ଼ିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି।

## ଶ୍ରୀଦେବୀଙ୍କ ମୃତ୍ୟୁକୁ ନେଇ ୟୁଟ୍ୟୁବରଙ୍କ ଜାଲ୍ ଦସ୍ତାବିଜ୍ | ଚାର୍ଜଶିଟ୍ ଦାଖଲ କଲା ସିବିଆଇ

ନୂଆଦିଲ୍ଲୀ,୪।୨

ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ମୃତ୍ୟୁକୁ ନେଇ ୟୁଟ୍ୟୁବ୍‌ରେ ଜାଲ୍ ଚିଠିର ଭିଡିଓ ପ୍ରସାର କରିଥିବା ଭୁବନେଶ୍ୱରର ଜଣେ ୟୁଟ୍ୟୁବରଙ୍କ ନାଁରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି। ସେ ତାଙ୍କ ଦାବିକୁ ସମର୍ଥନ ଜଣାଇବାକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଭଳି ଉଚ୍ଚ ପଦାଧିକାରୀଙ୍କ ନାଁରେ ଜାଲ୍ ଚିଠି ପ୍ରଦର୍ଶନ କରିଥିଲେ। ମୁମ୍ବାଇର ଆଇନଜୀବୀ ଚାନ୍ଦନୀ ଶାହାଙ୍କ ଅଭିଯୋଗକ୍ରମେ ସିବିଆଇ ଗତବର୍ଷ ଭୁବନେଶ୍ୱରର ଦୀପ୍ତି ଆର୍ ପିନ୍ନିତି



ଓ ତାଙ୍କ ଓକିଲ ଭରତ ସୁରେଶ କାମାଥଙ୍କ ନାଁରେ ମାମଲା ରୁଜୁ କରିଥିଲା। ପିନ୍ନିତି ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ଚିଠି ସମେତ ସୁପ୍ରିମକୋର୍ଟ ଦସ୍ତାବିଜ୍ ଏବଂ ୟୁଏଇ ସରକାରଙ୍କ ରେକର୍ଡ ଉପସ୍ଥାପନ କରିଥିଲେ, ଯାହା ପରେ ଜାଲ୍ ବୋଲି ଜଣାପଡ଼ିଥିବା ଶାହା ଅଭିଯୋଗ କରିଥିଲେ। ଅଭିନେତ୍ରୀ ଶ୍ରୀଦେବୀ ଏବଂ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁକୁ ନେଇ ପିନ୍ନିତି ସୋସିଆଲ ମିଡିଆ ଆଲୋଚନାରେ ସକ୍ରିୟ ଭାବେ ଭାଗ ନେଉଥିଲେ। ୨୦୧୮ ଫେବୃଆରୀରେ ଦୁବାଇରେ ଶ୍ରୀଦେବୀଙ୍କର ମୃତ୍ୟୁ ଘଟିଥିଲା। ଦୁଇ ଦେଶର ସରକାର ତାଙ୍କ ମୃତ୍ୟୁ ସମ୍ପର୍କିତ ତଥ୍ୟ ଲୁଚାଉଥିବା ନେଇ ଏକ ସାକ୍ଷାତ୍‌କାରରେ ପିନ୍ନିତି ଅଭିଯୋଗ ଆଣିଥିଲେ ଏବଂ ଏହା ଉପରେ ସେ ତଦନ୍ତ କରିଥିବା ଦାବି କରିଥିଲେ।

## ନିର୍ବାଚନରେ ଜବତ ଅର୍ଥ ପରିମାଣ ବଢୁଛି: ସିବିଡିଟି

ନୂଆଦିଲ୍ଲୀ,୪।୨(ପି.ଟି.)

ପ୍ରତ୍ୟେକ ବିଧାନସଭା ନିର୍ବାଚନରେ ପୂର୍ବ ନିର୍ବାଚନ ତୁଳନାରେ ଜବତ ଅର୍ଥ ପରିମାଣ ବଢ଼ିଚାଲିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଅଧ୍ୟକ୍ଷ ନୀତିନ ଗୁପ୍ତା କହିଛନ୍ତି। ଆୟକର ବିଭାଗ ଏଭଳି ୩ଟି ମାମଲାର ତଦନ୍ତ ଚଳାଇଛି, ଯେଉଁଥିରେ ବିପୁଳ ପରିମାଣର ହିସାବ ବହିର୍ଭୂତ ଅର୍ଥରାଶି ଓ ଅଳଙ୍କାର ଜବତ ହୋଇଥିଲା। ପ୍ରତି ବିଧାନସଭା ନିର୍ବାଚନରେ ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ଅର୍ଥ ଜବତ ହେଉଛି।



ମିଜୋରାମ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ତେଲଙ୍ଗାନା ବିଧାନସଭା ନିର୍ବାଚନ ବେଳେ ବିପୁଳ ଅର୍ଥ ଜବତ ହୋଇଥିବା ଗତବର୍ଷ ନଭେମ୍ବରରେ ନିର୍ବାଚନ କମିଶନ ମଧ୍ୟ ଘୋଷଣା କରିଥିଲେ। ଏହି ୫ ରାଜ୍ୟରୁ ନଗଦ ଅର୍ଥ, ଅଳଙ୍କାର, ନିଶାଦ୍ରବ୍ୟ, ମଦ ଓ ଅନ୍ୟାନ୍ୟ ଉପହାର ସମେତ ୧,୭୬୦ କୋଟିରୁ ଉର୍ଦ୍ଧ୍ୱ ଜବତ ହୋଇଥିଲା। ୨୦୧୮ ନିର୍ବାଚନ ବେଳେ ଜବତ ଅର୍ଥର ଏହା ୭ ଗୁଣରୁ ଅଧିକ। ୨୦୧୮ରେ ଉପରୋକ୍ତ ୫ ରାଜ୍ୟ ବିଧାନସଭା ନିର୍ବାଚନରେ ୨୩୯.୧୫ କୋଟି ଟଙ୍କା ଜବତ ହୋଇଥିଲା। ସେହିପରି ୨୦୨୨ ବିଧାନସଭା ନିର୍ବାଚନ ବେଳେ ଜବତ ଅର୍ଥ ପରିମାଣ ୨୦୧୭ ତୁଳନାରେ ୬ ଗୁଣ ଅଧିକ ଥିଲା। ୨୦୨୨ରେ ଗୋଆ, ମଣିପୁର, ପଞ୍ଜାବ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ ଓ ଗୁଜରାଟରେ ବିଧାନସଭା ନିର୍ବାଚନ ହୋଇଥିଲା।

**ଫୁର୍‌ସତ୍**

# ହାତୀ-ମଣିଷ ପ୍ରେମ



ଚେନ୍ନାଇ

ମଣିଷ-ମଣିଷ ମଧ୍ୟରେ ପ୍ରେମ ଓ ଭାବ ଆଦାନପ୍ରଦାନ ବିଷୟରେ ଆମେ ସମସ୍ତେ ଜାଣିଛେ କିନ୍ତୁ ବେଳେବେଳେ ଏପରି ଦୃଶ୍ୟ ସାମ୍ନାକୁ ଆସିଥାଏ, ଯାହା ପ୍ରମାଣ କରେ ଯେ ପଶୁମାନଙ୍କ ଭାବନା, ମନୁଷ୍ୟର ଭାବନା ଠାରୁ ବେଶୀ ଗଭୀର ଏବଂ ଶକ୍ତିଶାଳୀ। ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଏକ ଭିଡିଓରେ ଏପରି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ଭିଡିଓରେ ଏକ ହାତୀ ଜଣେ ବ୍ୟକ୍ତିଙ୍କ ପ୍ରତି ନିଜର ପ୍ରେମ ବ୍ୟକ୍ତ କରୁଥିବା ଏବଂ ତାଙ୍କୁ ଏକ ନିଆରା ଢଙ୍ଗରେ ଆଲିଙ୍ଗନ କରୁଥିବା ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଥିବା ଏହି ଭିଡିଓରେ ଗୋଟିଏ ହାତୀ ଦେହରେ ଚନ୍ଦନ ଲିପା ହୋଇଥିବା ବେଳେ ତାର ମୁହଁରେ ଓମ୍ ଲେଖା ହୋଇଛି। ତା' ବେକରେ ମଧ୍ୟ ଏକ ଘଣ୍ଟି ବନ୍ଧା ହୋଇଛି। ହାତୀ ସହିତ ଥିବା ବ୍ୟକ୍ତି ହାତରେ ବାଡ଼ି ଧରି ଠିଆ ହୋଇଥିବା ଭିଡିଓରେ ଦୃଶ୍ୟ ହେଉଛି। ଭିଡିଓକୁ ଦେଖିଲେ ଲାଗୁଛି ଯେମିତି ହାତୀ ଉପରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ରାଗିଛନ୍ତି ଏବଂ ହାତୀଟି ତାଙ୍କୁ ମନେଇବାକୁ ଚେଷ୍ଟା କରୁଛି। ହାତୀ ପ୍ରଥମେ ସେହି ବ୍ୟକ୍ତିଙ୍କଠାରୁ ବାଡ଼ିଟିକୁ ଟାଣି ନେଇ ନିଜ ପାଟିକୁ ନେବାପରେ ଶୁଣ୍ଢ ସାହାଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କର ହାତ ଧରି ନିଜ ଆଡକୁ ଟାଣୁଛି । ସମ୍ପୃକ୍ତ ବ୍ୟକ୍ତି ହାତୀର ପ୍ରେମ ଦେଖି ତରଳିଯିବା ସହ ତାର ଯତ୍ନ ନେବାରେ ଲାଗୁଛି। ଦକ୍ଷିଣ ଭାରତର ମଲାଇ ମହାଦେବ ମନ୍ଦିରରୁ ଏହି ଦୃଶ୍ୟ ଆସିଛି। ପଶୁମାନେ ମଣିଷ ଅପେକ୍ଷା ଅଧିକ ବିଶ୍ୱସ୍ତ ହେବା ସହ ସେମାନଙ୍କର ଭାବନା, ମାନବୀୟ ଭାବନାଠାରୁ ଅଧିକ ଶକ୍ତିଶାଳୀ ହୋଇଥିବା ଏହି ଭିଡ଼ିଓ ପ୍ରମାଣିତ କରୁଛି।

## ପୁଅ ପାଇଁ ଗର୍ବିତ: ଅମିତାଭ

ମୁମ୍ବାଇ

ସୋସିଆଲ ମିଡିଆରେ ଅମିତାଭ ବଚ୍ଚନ ତାଙ୍କ ପୁଅ ତଥା ଅଭିନେତା ଅଭିଷେକ ବଚ୍ଚନଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ବିଗ ବି' ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଅଭିଷେକଙ୍କ ପାଇଁ ଏକ ଭାବପ୍ରବଣ ନୋଟ୍ ଲେଖିଛନ୍ତି। କାରଣ ନିକଟରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ଘୁମର' ଏକ ଆୱାର୍ଡ ଶୋ'ରେ ତିନୋଟି ପୁରସ୍କାର ଜିତିଥିଲା। ଅମିତାଭ ତାଙ୍କ ନୋଟ୍‌ରେ କହିଛନ୍ତି, ସେ ଅଭିଷେକଙ୍କ ପାଇଁ ଗର୍ବିତ। ଅଭିଷେକ ବଚ୍ଚନ ଏବଂ ସାୟାମି ଖେର୍‌ଙ୍କ ଫିଲ୍ମ 'ଘୁମର'ର ପୋଷ୍ଟର ଅମିତାଭ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେ କ୍ୟାପ୍‌ସନରେ ଲେଖିଛନ୍ତି, ମୋର ପ୍ରାର୍ଥନା, ପ୍ରଶଂସା ଏବଂ ତୁମ ପାଇଁ ଅଭିଷେକ, ତୁମେ ମୋତେ ଗର୍ବିତ କରିଛ। ତୁମେ ସବୁଠୁ ଯୋଗ୍ୟ, କେବଳ ଏହା ନୁହେଁ, ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ଏହା ତୁମକୁ ବହୁତ ଭଲ ପାଇବା। ଏହା ସହିତ ବିଗ୍ ବି ଲାଲ୍ ହାର୍ଟ ଇମୋଜି ଦେଇଛନ୍ତି। ଏହି ପୋଷ୍ଟଟି ଶେୟାର ହେବାର କିଛି ସମୟ ପରେ ଅଭିଷେକ କମେଣ୍ଟ ବିଭାଗରେ ଫୋଲ୍ଡ ହାତ ଏବଂ ହସୁଥିବା ଇମୋଜି ସହିତ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଅଗଷ୍ଟ ୨୦୨୩ରେ ମୁକ୍ତିଲାଭ କରିଥିବା 'ଘୁମର' ହେଉଛି ଅଭିଷେକ ବଚ୍ଚନ, ସାୟାମି ଖେର୍, ଶବାନା ଆଜମୀ ଏବଂ ଅଙ୍ଗଦ ବେଦୀଙ୍କ ଅଭିନୀତ ଏକ କ୍ରୀଡ଼ା ଡ୍ରାମା।



DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୫/୨୦୨୪ | Bhubaneswar, Monday, February 5/2024 | 






ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଭୁବନେଶ୍ୱର କମିଶନରେଟ ପୋଲିସ ବିଲ୍ଡିଂରେ ରବିବାର ପ୍ରଦର୍ଶିତ ଲେଜର ଲାଇଟ୍ ଶୋ'। (ଫଟୋ –ମୌସମ ନନ୍ଦ )

# ଭାରତୀୟ ଦୂତାବାସରେ ପାକ୍ ଗୁପ୍ତଚର

**ଲକ୍ଷ୍ନୌ,୪।୨**



ଗିରଫ ସତ୍ୟେନ୍ଦ୍ର ସିୱାଲ

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ପାଇଁ ଗୁପ୍ତଚରଗିରି କରୁଥିବା ମସ୍କୋସ୍ଥିତ ଭାରତୀୟ ଦୂତାବାସରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରାଯାଇଛି। ସତ୍ୟେନ୍ଦ୍ର ସିୱାଲ ନାମକ ଉକ୍ତ କର୍ମଚାରୀ ଆଇଏସ୍ଆଇର ପରିଚାଳନାକାରୀ ନେଟ୍ୱର୍କ ସହ ଭାରତ ବିରୋଧୀ କାର୍ଯ୍ୟରେ ନିୟୋଜିତ ଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଟଙ୍କା ପାଇଁ ସେ ପ୍ରତିରକ୍ଷା, ବହିର୍ବ୍ୟାପାର ମନ୍ତ୍ରଣାଳୟ ଏବଂ ଭାରତୀୟ ସାମରିକ ପ୍ରତିଷ୍ଠାନ ରଣନୀତିକ କାର୍ଯ୍ୟକ୍ରମ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଗୋପନୀୟ ତଥ୍ୟ ଆଇଏସ୍ଆଇକୁ ପ୍ରଦାନ କରୁଥିଲେ। ୨୦୨୧ରୁ ସେ ଭାରତୀୟ ଦୂତାବାସରେ ଜଣେ ଆଇବିଏସ୍ଏ (ଇଣ୍ଡିଆ ବେସ୍ଡ ସିକ୍ୟୁରିଟି ଆସିଷ୍ଟାଣ୍ଟ) ଭାବେ କାର୍ଯ୍ୟ କରୁଥିଲେ। ୟୁପିର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ତାଙ୍କୁ ଜେରା ପାଇଁ ନେଇଥିଲା। ଜେରା ବେଳେ ସେ ସନ୍ତୋଷଜନକ ଉତ୍ତର ଦେଇ ନ ପାରି ଅପରାଧ ସ୍ୱୀକାର କରିଛନ୍ତି। ଲକ୍ଷ୍ନୌର ଏଟିଏସ୍ ଥାନାରେ ତାଙ୍କ ବିରୋଧରେ ଆଇପିସିର ଧାରା ୧୨୧ଏ ଏବଂ ସରକାରୀ ଗୋପନୀୟତା ଆଇନ, ୧୯୨୩ ଅନୁଯାୟୀ ଏତଲା ଦାଏର ପରେ ତାଙ୍କୁ ଗିରଫ କରାଯାଇଛି।

**ଆଜିଠୁ ବିଧାନସଭା ବଜେଟ ଅଧିବେଶନ** | ପୃଷ୍ଠା ୧୧

## ଦାଦନ ଦୁର୍ଦ୍ଦଶା | ତେଲଙ୍ଗାନାରେ ଝିଅ ବନ୍ଧକ

**ବଲାଙ୍ଗୀର/ବେଲପଡା, ୪।୨ (ବୀରେନ୍ଦ୍ର କୁମାର ଝାଙ୍କର/ ମନୋଜ କୁମାର ମିଶ୍ର)**

ଦାଦନ ଶ୍ରମିକ ଶୋଷଣର ପୁଣି ଏକ ବୁକୁଥରା ଘଟଣା ଚାଞ୍ଚଲ୍ୟ ଖେଳାଇଛି। ପେଟପାଟଣା ପାଇଁ ତେଲଙ୍ଗାନାର ଏକ ଇଟାଭାଟିରେ ଦାଦନ ଖଟି ଅସୁସ୍ଥ ହୋଇପଡିଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କ ୧୦ବର୍ଷର ଝିଅକୁ ଇଟାଭାଟି ମାଲିକ ବନ୍ଧକ ରଖିବା ଘଟଣା ହଇଚଇ ସୃଷ୍ଟି କରିଛି। ମୃତ ଦାଦନ ଶ୍ରମିକ ହେଲେ ବଲାଙ୍ଗୀର ଜିଲା ବେଲପଡା ଥାନା ସୁଲେକେଲା ଗାଁର କାହ୍ନୁ ମଲ୍ଲିକ (୪୫)। କାହ୍ନୁଙ୍କ ଝିଅ ଅଙ୍କିତା (୧୦) ତେଲଙ୍ଗାନାର ଏକ ଇଟାଭାଟିରେ ବନ୍ଧକ ଥିବା ଜଣାପଡିଛି। ଘଟଣାକୁ ନେଇ ବଲାଙ୍ଗୀରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ଜାନୁୟାରୀ ୪ତାରିଖରେ ସୁଲେକେଲା ଗାଁର କାହ୍ନୁ ମଲ୍ଲିକ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା, ଭିନ୍ନକ୍ଷମ ଦୃଷ୍ଟିହୀନ ଝିଅ ପାଞ୍ଚାଳୀ(୧୪) ଓ ଅଙ୍କିତା (୧୦)ଙ୍କୁ ଧରି ତେଲଙ୍ଗାନାର ସାତ୍‌ନଗର କସ୍ତୁରବଜାର ପେଟ୍ରୋଲ ପମ୍ପ ନିକଟ ଇଟାଭାଟିକୁ ଦାଦନ ଶ୍ରମିକ ଭାବେ କାମ କରିବା ପାଇଁ ଯାଇଥିଲେ। ଘରେ ୭ ବର୍ଷର ପୁଅକୁ ଛାଡି ଯାଇଥିଲେ। ଇଟା ଗଢ଼ି ଯିବାକୁ ତୁରେକେଲା ବ୍ଲକ ତେତେଲଖୁଣ୍ଟି ଗାଁର ସମାରୁ ନାଏକ ନାମକ ଜଣେ ଦାଦନ ସର୍ଦ୍ଦାର କାହ୍ନୁଙ୍କ ପରିବାରକୁ ୭୮ ହଜାର ଟଙ୍କା ଦେଇ ତେଲଙ୍ଗାନା ନେଇଥିଲେ। ସେଠାରେ ଇଟା ଗଢ଼ିଲା ବେଳେ ଭାଟି ମାଲିକ ଶଙ୍କର ସେଠ୍ ଅକଥନୀୟ ଅତ୍ୟାଚାର ଦେଇଥିଲେ। କାହ୍ନୁଙ୍କୁ ଟ୍ରାକ୍ଟର ଚଳାଇବା ପାଇଁ କୁହାଯାଇଥିଲା। ସେଠାରେ କିନ୍ତୁ ତାଙ୍କୁ ଟ୍ରାକର ଚଳାଇବା ସହ ଇଟା ଗଢ଼ିବାକୁ ବାଧ କରାଯାଇଥିଲା। ଦିନରାତି କାମ କରାଇବା ପରେ କାହ୍ନୁ ଅସୁସ୍ଥ ହୋଇପଡିଥିଲେ। ଗତ ୨୨ ତାରିଖଠାରୁ ତାଙ୍କ ସ୍ୱାସ୍ଥ୍ୟ ଗୁରୁତର ହେବାରେ ଲାଗିଥିଲା। ଇଟାଭାଟି ମାଲିକ ତାଙ୍କୁ କୌଣସି ପ୍ରକାର ଚିକିତ୍ସା କରାଇ ନ ଥିଲେ। ବାରମ୍ବାର କାହ୍ନୁ ଓ ଲକ୍ଷ୍ମୀପ୍ରିୟା କାକୁତି ମିନତି କଲେ ମଧ୍ୟ ଇଟାଭାଟି ମାଲିକ ଶୁଣି ନ ଥିଲେ। ଗୁରୁତର ଅସୁସ୍ଥ ସତ୍ତ୍ୱେ କାହ୍ନୁଙ୍କୁ କାମ କରିବାକୁ ବାଧ କରୁଥିଲେ। ସେ ଘରକୁ ଫେରି ଚିକିତ୍ସା କରିବେ ବୋଲି କହିବାରୁ ଇଟାଭାଟି ମାଲିକ ଶଙ୍କର ତାଙ୍କୁ ୭୮ ହଜାର ଟଙ୍କା ଫେରାଇବାକୁ କହିଥିଲେ। ଟଙ୍କା ନ ଫେରାଇଲେ ଯିବାକୁ ଦେବେ ନାହିଁ ବୋଲି କହିଥିଲେ। ତେବେ କାହ୍ନୁଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ବିଗିଡି ଯିବା ପରେ ଗତ ୩୧ ତାରିଖରେ ତାଙ୍କ ସାନ ଝିଅ ଅଙ୍କିତାଙ୍କୁ ବନ୍ଧକ ରଖି ଇଟାଭାଟି ମାଲିକ ଅସୁସ୍ଥ କାହ୍ନୁ, ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଓ ବଡଝିଅ ପାଞ୍ଚାଳୀଙ୍କୁ ଛାଡିଥିଲେ। ଶୁକ୍ରବାର ଟ୍ରେନ୍ ଯୋଗେ ଲକ୍ଷ୍ମୀପ୍ରିୟା ଅସୁସ୍ଥ ସ୍ୱାମୀ ଓ ବଡଝିଅଙ୍କୁ ☞ପୃଷ୍ଠା–୧୧

### ବଲାଙ୍ଗୀରରେ ବାପା ମୃତ



ମୃତ କାହ୍ନୁ ମଲ୍ଲିକ ଓ ତାଙ୍କ ନାବାଳିକା ଝିଅ ଅଙ୍କିତା।

## ଶୂନ ବିଜୁଳି ବିଲ୍ ଦିଗରେ କାମ କରୁଛି କେନ୍ଦ୍ର: ମୋଦି

**ଗୁଆହାଟୀ,୪।୨**



ନରେନ୍ଦ୍ର ମୋଦି

ପରିବାରଗୁଡ଼ିକର ବିଦ୍ୟୁତ୍ ବିଲ୍ ଶୂନ କରିବା ଦିଗରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ଆସାମର ଗୁଆହାଟୀଠାରେ ୧୧,୫୯୯ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରରେ ଏକ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ପ୍ରତ୍ୟେକଙ୍କ ଘରେ ବିଜୁଳି ପହଞ୍ଚାଇବା ପାଇଁ ତାଙ୍କ ସରକାର ଗତ ୧୦ ବର୍ଷ ହେଲା ଅଭିଯାନ ଚଳାଇଥିଲେ। ଏବେ ବିଦ୍ୟୁତ୍ ବିଲ୍ ଶୂନ କରିବା ଦିଗରେ ଆମେ ଅଗ୍ରସର ହେଉଛୁ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧ କୋଟି ପରିବାରଙ୍କ ଛାତରେ ସୋଲାର ପ୍ୟାନେଲ ଲାଗିବ ବୋଲି ବଜେଟ ଅଭିଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ। ସୋଲାର ପ୍ୟାନେଲ ଲାଗିଲେ ପ୍ରତି ପରିବାର ମାସିକ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ପାଇବେ ଏବଂ ବର୍ଷକୁ ୧୮,୦୦୦ ଟଙ୍କା ସଞ୍ଚୟ କରିପାରିବେ। ☞ପୃଷ୍ଠା–୧୧




## ଟଙ୍କା ପାଇଁ ବର କନିଆ

### ନିଜକୁ ମାଳା ପିନ୍ଧାଇ ଗଣବିବାହ

**ବାଲିଆ,୪।୨**



ସରକାରୀ ସହାୟତା ରାଶି ଆତ୍ମସାତ୍ କରିବା ପାଇଁ ଗଣବିବାହ ଭଳି ସାମାଜିକ କାର୍ଯ୍ୟକ୍ରମରେ ଜାଲିଆତି ହେଉଥିବା ଘଟଣା ପଦାକୁ ଆସିଛି। ଉତ୍ତରପ୍ରଦେଶରେ ଅନୁଷ୍ଠିତ ଏକ ଗଣବିବାହରେ ବ୍ୟାପକ ଜାଲିଆତି ହୋଇଥିବା ଜଣାପଡ଼ିବା ପରେ ୨ ସରକାରୀ ଅଧିକାରୀଙ୍କ ସମେତ ୧୫ ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ ଗଣବିବାହରେ କନ୍ୟାମାନେ ନିଜେ ବରଣମାଳା ପିନ୍ଧୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜାଲିଆତି ଘଟଣା ପଦାକୁ ଆସିଛି। ବର ବେଶ ଧାରଣ କରିଥିବା କେତେଜଣ ପୁରୁଷ ମୁହଁ ଲୁଚାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଗତ ମାସ ୨୫ରେ ଉତ୍ତରପ୍ରଦେଶର ବାଲିଆ ଜିଲାରେ ଏହି ଗଣବିବାହର ଆୟୋଜନ କରାଯାଇଥିଲା। ଏଥିରେ ୫୬୮ ଯୋଡ଼ି ପରସ୍ପରକୁ ବିବାହ କରିବେ ବୋଲି ଅଧିକାରୀମାନେ କହିଥିଲେ। ତେବେ ବର କନ୍ୟା ଭାବେ ଅଭିନୟ କରିବା ପାଇଁ ଯୁବତୀଯୁବକଙ୍କୁ ୫୦୦ରୁ ୨,୦୦୦ ଟଙ୍କା ଲେଖାଏ ଦିଆଯାଇ ସେଠାକୁ ଅଣାଯାଇଥିଲା ବୋଲି ସ୍ଥାନୀୟ ☞ପୃଷ୍ଠା–୧୧

## ଜେଏନ୍‌ୟୁରେ ପ୍ରତିଷ୍ଠା ହେବ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର

### ଓଡ଼ିଶା ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷର

**ଭୁବନେଶ୍ୱର, ୪।୨ (ଅସମାପିକା ସାହୁ)**

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଓଡ଼ିଆ ପାଠ୍ୟକ୍ରମରେ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିନିମନ୍ତେ ଓଡ଼ିଶା ସରକାର ଏବଂ ଜେଏନ୍‌ୟୁ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ରବିବାର ଲୋକସେବା ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ☞ପୃଷ୍ଠା–୧୧

**ଆଜିର ସମ୍ପାଦକୀୟ**

**ମିଥ୍ୟାର ଆଶ୍ରୟ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ଜନତା ମଇଦାନ, ପୂର୍ବାହ୍ନ ୧୦ଟା।
- ଗାଁସାଥୀ(ମେଟ୍) ପକ୍ଷରୁ ଆନ୍ଦୋଳନ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୩୦।
- ୧୦ ପ୍ରତିଶତ ଇଡବ୍ଲୁଏସ୍ ସଂରକ୍ଷଣ ଲାଗୁ ଦାବିରେ ବିକ୍ଷୋଭ, ଲୋୟର ପିଏମ୍‌ଜି ଧାରଣା ସ୍ଥଳ, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ମହାସମାବେଶ, ଗାନ୍ଧୀ ମାର୍ଗ, ପୂର୍ବାହ୍ନ ୧୧ଟା ୩୦।
- ସାମାଜିକ ସୁରକ୍ଷା ଭତ୍ତା ପରିଷଦ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା।
- ଭୁବନେଶ୍ୱର କାହାଣୀ ଉତ୍ସବ, ଇନ୍ଦିରା ଗାନ୍ଧୀ ପାର୍କ, ବୁଦ୍ଧଜୟନ୍ତୀ ପାର୍କ, କଳାଭୂମି, ଅବଦୁଲ କଲାମ୍ ପାର୍କ, ଅପରାହ୍ନ ୨ଟା ୩୦।
- ଏକାମ୍ର ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୪ଟା।
- ମହର୍ଷି ମହେଶ ଯୋଗୀଙ୍କ ମହାପ୍ରୟାଣ ଦିବସ, ବୁଦ୍ଧ ମନ୍ଦିର କନଫରେନ୍ସ ହଲ୍, ଖାରବେଳ ନଗର, ଅପରାହ୍ନ ୪ଟା।
- ସଂଭାବନା ପକ୍ଷରୁ ମଧୁମନ୍ତ୍ର ଉତ୍ସବର ଦ୍ୱିତୀୟ ଦିନ, ସୂଚନା ଭବନର ପ୍ରଦର୍ଶନୀ କକ୍ଷ, ସନ୍ଧ୍ୟା ୬ଟା।
- ଯୁଗଶ୍ରୀ ଯୁଗନାରୀର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ-୨୦୨୪, ସୂଚନା ଭବନ, ସନ୍ଧ୍ୟା ୬ଟା।
- ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ବାରଙ୍ଗସ୍ଥିତ ବରିମୁଣ୍ଡ ଲକ୍ଷେଶ୍ୱର ମହାଦେବପୀଠ, ସକାଳ ୭ଟା।
- ପଞ୍ଚାୟତ କପ୍-୨୦୨୪, ପିଣ୍ଡିକ ଖେଳପଡ଼ିଆ, ଦାରୁଠେଙ୍ଗ, ପୂର୍ବାହ୍ନ ୧୦ଟା।

## ପୁରୀ

- ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ପକ୍ଷରୁ କବିତା ଆସର, ପୁରୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷ, ଅପରାହ୍ନ ୩ଟା।

## କଟକ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କର୍ମଶାଳା, ସ୍ଥାନ: ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତ ସାଇ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା, ସ୍ଥାନ: କେନ୍ଦୁପାଟଣା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା, ସ୍ଥାନ: ବାବୁଜଙ୍ଗ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଖୋର୍ଦ୍ଧା

- ଜିଲାପାଳଙ୍କ ଜନଶୁଣାଣି ଶିବିର, ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ମା'ବଗେଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ଦେଉଳଟାଙ୍ଗୀ, ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଓଡ଼ିଆ ଭାଷା, ସାହିତ୍ୟ, ସୃଜନଶୀଳତା କାର୍ଯ୍ୟକ୍ରମ, ଦୁର୍ଗା ଗାର୍ଡେନ୍, ପୂର୍ବାହ୍ନ ୯ରୁ ଅପରାହ୍ନ ୫ଟା।
- ରିଭର ରେଂଚିଙ୍ଗ୍ ପ୍ରୋଗ୍ରାମ୍, ବାରୁଣୀ ଘାଟ, ଅପରାହ୍ନ ୩ଟା।
- ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ, ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସର, ଖଗଡ଼ାପାଳ, ବାଲିଆପାଳ, ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମେଟ୍ ଇଣ୍ଟର ନ୍ୟାଶନାଲ ସ୍କୁଲର ଶୁଭ ଉଦ୍‌ଘାଟନ, ୱାର୍ଡ ନଂ.୧୦, ବାରିପଦା, ଅପରାହ୍ନ ୧ଟା।
- ସଶକ୍ତ ଓଡ଼ିଶା ସାଥୀ କାର୍ଯ୍ୟକ୍ରମ, ପାଟପୁର ମିନିଷ୍ଟାଡିୟମ, ଚିତ୍ରଡ଼ା, ମୋରଡ଼ା, ପୂର୍ବାହ୍ନ ୧୦।

## ଭଦ୍ରକ

- ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା, ଦେହୁଡ଼ି ଆନନ୍ଦପୁର, ଖଡ଼ିପଦା ଓ ଦୋବଲ ପଞ୍ଚାୟତ, ଧାମନଗର, ପୂର୍ବାହ୍ନ ୧୦।
- ମିଳିତ ଜନଶୁଣାଣି ଶିବିର, ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ପୂର୍ବାହ୍ନ ୧୦।

## କେନ୍ଦୁଝର

- ଟ୍ରେନ୍ ଯୋଗେ ଲୁହାପଥର ପରିବହନ ବିରୋଧରେ ଟ୍ରକ୍ ମାଲିକଙ୍କ ଖବରଦାତା ସମ୍ମିଳନୀ, ହୋଟେଲ ମୟୂର(କେନ୍ଦୁଝର), ପୂର୍ବାହ୍ନ ୧୧ ଟା।
- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟର ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ରାଙ୍ଗି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ(କେନ୍ଦୁଝର ସଦର), ମଧ୍ୟାହ୍ନ ୧୨ଟା।
- ପ୍ରଥମ ବିଶ୍ୱ ଓଡ଼ିଆ ସାହିତ୍ୟ ସମ୍ମିଳନୀ-୨୦୨୪ ଅବସରରେ ସାଧାରଣ ସଭା, ପୌର ଟାଉନ ହଲ(ବଡ଼ବିଲ୍), ଅପରାହ୍ନ ୩ଟା।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ, ଧରଣୀଧର ନଗର ଭବନ(ଚମ୍ପୁଆ), ସକାଳ ୧୦ଟା।

## ସମ୍ବଲପୁର

- ଜିଲା କ୍ରୀଡାସଂଘ ଆୟୋଜିତ ଓସିଏ ଆନ୍ତଃବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା, ହାୱା ମୈଦାନ, ପୂର୍ବାହ୍ନ ୯ଟା।

## ବଲାଙ୍ଗୀର

- ଜୟ ମା' ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ଖପ୍ରାଖୋଲ ବ୍ଲକ ଲାଠୋର ଖେଳପଡିଆ, ଅପରାହ୍ନ ୩ଟା।

## ବରଗଡ଼

- ଜିଲାସ୍ତରୀୟ ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ, ଜିଲା ବିଜ୍ଞାନ କେନ୍ଦ୍ର, ଟୁକୁର୍ଲା, ପୂର୍ବାହ୍ନ ୧୦ଟା।
- ପ୍ରାଣୀ ଚିକିତ୍ସକ ସଂଘର ଧାରଣା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଜନଶୁଣାଣି ଶିବିର, ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

## ରାଉରକେଲା

- ରାଉରକେଲା କଲେଜର ସରକାରୀ ସାଙ୍ଗଠନିକ ବୈଠକ, ସେକ୍ଟର-୪ ରାଉରକେଲା କଲେଜ, ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳାର ଚତୁର୍ଥ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ, ଭଞ୍ଜ ଭବନ, ପୂର୍ବାହ୍ନ ୧୧ଟା।
- ଚୂଡାନ୍ତ ଭୋଟର ତାଲିକା ପ୍ରକାଶ, ଆର୍‌ଏମ୍‌ସି, ଉଦିତନଗର, ପୂର୍ବାହ୍ନ ୧୦ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଇଷ୍ଟ ଦୀପାନ ଉତ୍ସବ, ସେକ୍ଟର-୯, ସକାଳ ୮ଟା।
- କଂଗ୍ରେସର ପ୍ରସ୍ତୁତି ବୈଠକ, ରାଉରକେଲା ହାଉସ, ସନ୍ଧ୍ୟା ୭ଟା।
- ସାଇସେବା ଟ୍ରଷ୍ଟ ପକ୍ଷରୁ ପାଲିଙ୍କି ଯାତ୍ରା, ଦୁର୍ଗାପୁର ହିଲଟପ୍ ବସ୍ତି, ଅପରାହ୍ନ ୩ଟା ୩୦ମିନିଟ୍।
- ଆସ୍ଥା ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର, ସିଭିଲଟାଉନଶିପ୍, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା, ପାନପୋଷ, ସକାଳ ୮ଟା।
- ସିପିଆଇର ଆଲୋଚନାଚକ୍ର, ଆଦର୍ଶ ପାଠାଗାର, ଅପରାହ୍ନ ୪ଟା ୩୦ମିନିଟ୍।

## ସୁନ୍ଦରଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା ଅଧୀନ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ବଡ଼ଗାଁ ବ୍ଲକ ଇତମା ନୂଆପଡା ଫିଲ୍ଡ, ପୂର୍ବାହ୍ନ ୧୦ ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଅଧିବାସ, ତରବୋଡ ବସ୍ତି, ଅପରାହ୍ନ ୩ଟା ୨୫।

## କଳାହାଣ୍ଡି

- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ମଦନପୁର ଖେଳପଡ଼ିଆ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଡାଲଗୁମା ପଞ୍ଚାୟତ ପରିସର, ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ, ବିଏମ୍ ହାଇସ୍କୁଲ ଭବାନୀପାଟଣା, ପୂର୍ବାହ୍ନ ୧୦ଟା।
- ଜୁନାଗଡ଼ ସହରରେ ରାଜମିସ୍ତ୍ରୀ ସଂଘର ବୈଠକ, ଶୋଭାଯାତ୍ରା, ଜୁନାଗଡ଼ ଆର୍‌ଏମ୍‌ସି ବଜାର, ପୂର୍ବାହ୍ନ-୧୦ଟା।

## ବୌଦ୍ଧ

- ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବ ଉଦ୍‌ଘାଟିତ, ବୌଦ୍ଧ ବ୍ଲକ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ଅପରାହ୍ନ -୪ଟା।

## ଦେବଗଡ଼

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ଦେବଗଡ଼ ସହର ୧ଓ ୫ ନଂ ୱାର୍ଡ, ପୂର୍ବାହ୍ନ ୧୦ଟା ୩୦।
- ମିଶନ ଶକ୍ତି ଓଡିଆ କବି ସମ୍ମିଳନୀ, ଡିଆର୍‌ଡିଏ କନ୍‌ଫରେନ୍ସ ହଲ୍, ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ, ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ତରଭା ବ୍ଲକ ଡୁଲୁଣ୍ଡା ଗ୍ରାମପଞ୍ଚାୟତ ସମ୍ମୁଖ ପଡିଆ, ପୂର୍ବାହ୍ନ ସାଢେ ୧୦ଟା।

## ଅନୁଗୋଳ

- ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ତାଳଚେର ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ ଘଟିକା।
- ଅନୁଗୋଳ ପୌରପାଳିକା ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ଅନୁଗୋଳ ପୌରପାଳିକା କାଉନସିଲ ହଲ୍, ଅପରାହ୍ନ ୪ ଘଟିକା।

## ଗଞ୍ଜାମ

- ସହରାଞ୍ଚଳ ଭାଷା ସାହିତ୍ୟ ସମ୍ମିଳନ, ସୋରଡ଼ା ସାଗରବନ୍ଧ ପଡିଆ, ସକାଳ ୧୦ଟା
- ଓଡିଆ ଭାଷା ଓ ସୃଜନୀ, ବ୍ରହ୍ମପୁର ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ସକାଳ ୧୧ଟା।
- ବିଶ୍ୱ ଓଡିଶା ଭାଷା ସାହିତ୍ୟ ସମ୍ମିଳନୀ ଉଦ୍‌ଯାପନୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସକାଳ ୧୧ଟା।
- ପୁରୁଷୋତ୍ତମପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ସକାଳ ୧୦ ଟା
- ଫେବୃଆରୀ ୫ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଜଜ୍ଞ, ଖଲ୍ଲିକୋଟ ବ୍ଲକ ଚଣ୍ଡୀପୀଠ ଚନ୍ଦନପୁରର ଦଣ୍ଡକାଳୀ ମନ୍ଦିର ପରିସରରେ

## ଗଜପତି

- ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସକାଳ ୧୦ଟା
- ୭୮୦ ଜଗନ୍ନାଥପ୍ରେମୀଙ୍କ ପୁରୀ ଗସ୍ତ, ମୋହନା ହାଇସ୍କୁଲ ପଡିଆ, ରାତି ୮ଟା।

## କନ୍ଧମାଳ

- ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ, ବାଲିଗୁଡ଼ା ମା'ବରାଳ ଦେବୀ ମନ୍ଦିର, ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଚିକିଣିଆ ପ୍ରିମିଅର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ, ରଘୁନାଥପୁର ବ୍ଲକ ଚିକିଣିଆ, ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା କଲ୍ୟାଣ ମଣ୍ଡପ ପରିସର, ପୂର୍ବାହ୍ନ ୧୧ଟା।
- ମନସା ପୂଜା, ଏରସମା ବ୍ଲକ ଅନ୍ତର୍ଗତ ଗଡ଼ହରିଶପୁର, ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣି ଶିବିର, କେନ୍ଦ୍ରାପଡ଼ା ଟାଉନ ହଲ, ପୂର୍ବାହ୍ନ ୧୦ଟା।
- ଖସାଡ଼ିଠାରୁ ଟୁବିହୁଡ଼ା ଆରଡି ରାସ୍ତା ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ଖସାଡି, ମାର୍ଶାଘାଇ, ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, କଣ୍ଟିଲୋ, ସୁନିତି ପଞ୍ଚାୟତ, ମହାକାଳପଡ଼ା, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଗରଦପୁର ପଞ୍ଚାୟତ ପରିସର, ପୂର୍ବାହ୍ନ ୧୦ଟା।
- ବ୍ରଜ କିଶୋର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ୪ର୍ଥ ଦିବସ, ରାଜକନିକା, ଗଞ୍ଜା, ପୂର୍ବାହ୍ନ ୧୦ଟା।
- ଭାଜପାର ଗାଁକୁ ଚାଲ କାର୍ଯ୍ୟକ୍ରମ, ରାଜକନିକା ବ୍ଲକ ତରାସ ପଞ୍ଚାୟତ, ଶିଆଳିଆ, ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ପଞ୍ଚୁ ପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୪ର୍ଥ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା, ନୂଆଗାଁ ମହୋତ୍ସବ ପଡ଼ିଆ, ଅପରାହ୍ନ ୧ଟା।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ କବି, ଲେଖକ ଓ ନାଟ୍ୟକାରଙ୍କ ସମ୍ମିଳନୀ, ପଠାଣୀ ସାମନ୍ତ ସଂସ୍କୃତି ଭବନ, ଅପରାହ୍ନ ୩ଟା।

## କୋରାପୁଟ

- ଜିଲାସ୍ତରୀୟ ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସଦ୍‌ଭାବନା ସଭାଗୃହ ପରିସର, ପୂର୍ବାହ୍ନ ୧୧.୩୦।
- ଜିଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ସାଢ଼େ ୧୦ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ନିଯୁକ୍ତି ମେଳା, ଉମରକୋଟ ଡିଏନକେ ପଡିଆ, ସକାଳ ୧୦ଟା
- ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ କ୍ରିକେଟ ଓ ଖୋଖୋ ଟିମ୍‌ଙ୍କ ପୁରୀ ଗସ୍ତ, ନବରଙ୍ଗପୁର, ସନ୍ଧ୍ୟା-୭ଟା

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିହରେ ମୋର ବହୁତ ରୋଗ;**
**ମତେ ନ ରୁଚେ ବିପୁଳ ଭୋଗ।**

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୌଷ୍ଟିକ ଆହାର ଆବଶ୍ୟକ। ଖାଦ୍ୟ ନ ଖାଇଲେ ଶରୀର ଦୁର୍ବଳ ହୋଇଯାଏ। ବ୍ୟକ୍ତି ଯେବେ ରୋଗରେ ପଡ଼େ ସେତେବେଳେ ତାକୁ ଖୁବ୍ ଅସ୍ୱସ୍ତି ଲାଗିଥାଏ। ପାଟିକୁ କିଛି ନେବାକୁ ଭଲ ଲାଗି ନ ଥାଏ। ଫଳସ୍ୱରୂପ ଯେତେ ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷା ଯାଇଥିଲେ ମଧ୍ୟ ଖାଇବା ପାଇଁ ମନରେ ଆଉ ସେତେ ଆଗ୍ରହ ସୃଷ୍ଟି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାମ ଦୋପଟ,**
**ଏଥିରୁ ବଳିଲେ ମୁଣ୍ଡରେ ପିଟ ।**

ଋଣ କରିଥିଲେ ଯଥାଶୀଘ୍ର ଶୁଝିବାକୁ ପଡ଼େ ଅନ୍ୟଥା ସୁଧ ବଢ଼ିଯିବାର ଆଶଙ୍କା ରହିଥାଏ। ମୂଳଧନ ସୁଧ ମିଶି ଦୁଇଗୁଣରୁ ବେଶି ହୋଇଗଲେ ଖାତକ ବା ଧାରୁଆ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨ ମାଓବାଦୀ ନିହତ, ୩ ଜଣଙ୍କ ଆତ୍ମସମର୍ପଣ

ମାଲକାନଗିରି,୪।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ନାରାୟଣପୁର ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେହିପରି ସୁକୁମା ଜିଲା ପୋଲିସ ନିକଟରେ ରବିବାର ୩ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ସେମାନେ ହେଲେ ପିଡମେଲ ଆର୍‌ପିସି, ମିଲିସିୟା ଡେପୁଟି କମାଣ୍ଡର ମଡକମ ସୁକ୍କା, ମିଲିସିୟା ସଦସ୍ୟ ବଞ୍ଜାମ ସୋମା ଓ କବାସୀ ଭିମା।

ସେହିପରି ଛତିଶଗଡ ନାରାୟଣପୁର ଜିଲା ଅବବୁଜମାଡ ଜଙ୍ଗଲରେ ସୁରକ୍ଷା କର୍ମୀମାନେ କୋମ୍ବିଂ ସମୟରେ ଓରଧା ଥାନା ଅଞ୍ଚଳ ଗୋମାଗାଲ ଜଙ୍ଗଲରେ ତେଲନାର ଏରିଆ କମିଟି ସଚିବ ଅରବ ଓରଫ କମଲେଶ, ଏଲ୍‌ଓଏସ୍ କମାଣ୍ଡର ସୋମୁଡ୍ଡୁ, ସ୍ୱପ୍ନା ଓ ସୋନୁଙ୍କ ସହ ଆଉ କେତେକ ମାଓବାଦୀ ଥିବା ଯବାନମାନେ ଖବର ପାଇ ଉକ୍ତ ଜଙ୍ଗଲରେ କୋମ୍ବିଂ କରିଥିଲେ। ତେବେ ଯବାନମାନେ ଆସୁଥିବା ଜାଣି ମାଓବାଦୀମାନେ ପ୍ରଥମେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଆକ୍ରମଣ କରିବା ଫଳରେ ଜଙ୍ଗଲରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ଜଙ୍ଗଲରୁ ୨ ମାଓବାଦୀଙ୍କ ମୃତଦେହ ଯବାନ ଠାବ କରିଥିଲେ। ଏଥିସହ ୨ ବନ୍ଧୁକ, ୧୨ ରାଉଣ୍ଡ ଅଫୁଟା ଗୁଳି ଜବତ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ କିନ୍ତୁ ଆଶା କରିଥିବା ଦିଗରୁ ଅର୍ଥ ମିଳିବ ନାହିଁ। ଅଧ୍ୟାପନା, ପ୍ରଶାସନିକ ସେବା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** - ଅନେକ କାମ ହାତକୁ ନେଇ ଟେନସନ ବୃଦ୍ଧିପାଇବ। ସହକର୍ମୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ତାହା ଦୂର ହୋଇପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। କଳା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ ତଥାପି କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ** - ଈର୍ଷାପରାୟଣ ହୋଇ ସମ୍ପର୍କୀୟମାନେ ଭଲ କାମକୁ ନ ଦେଖି ଦୋଷତ୍ରୁଟି ଗାଇ ବୁଲିବେ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ଜାଗ୍ରତ ହୋଇପାରେ। ଆଲୋଚନାକାଳରେ ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ** - ଦୀର୍ଘମିଆଦୀ ସୂତ୍ରରେ ହାତକୁ ନେଇଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି। ଆଖି ନ ଦେଖା କଥାକୁ ବିଶ୍ୱାସକରି ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** - ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାକୁ ପଡ଼ିପାରେ। ବାରମ୍ବାର ଚେଷ୍ଟା କରି ମଧ୍ୟ ଅର୍ଥପ୍ରାପ୍ତି ସକାଶେ ଉଚ୍ଚ ଆଶା କରି ନିରାଶ ହେବେ। ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ସମ୍ଭାବନା ରହିଛି। ପାରିବାରିକ ଶୃଙ୍ଖଳା ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ ।

**କନ୍ୟା** - କୌଣସି ଏକ ସାଧାରଣ ବିତର୍କକୁ ନେଇ ବନ୍ଧୁ ଆପଣଙ୍କ ଉପରେ ଖୁବ୍ ଅସନ୍ତୁଷ୍ଟ ହୋଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାର୍ଯ୍ୟ ହାସଲ କରିବେ। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିପାରନ୍ତି। ମାଲିମକଦ୍ଦମାର ବିଚାର ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା ରହିଛି।

**ତୁଳା** - ଯେତେ ସାବଧାନତା ଅବଲମ୍ବନ କଲେ ମଧ୍ୟ କାମ ଶୃଙ୍ଖଳିତ ହେବ ନାହିଁ। ମାନସିକ ଅସୁସ୍ଥତା ଲାଗି ରହିବା କାରଣରୁ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇପାରେ। କର୍ମକ୍ଷେତ୍ରରେ କିମ୍ବା ଅଫିସ୍‌ରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ବିଛା** - ଆକସ୍ମିକ ସମସ୍ୟାର ଗତି ବଦଳିଯିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ। କିଣାବିକା କ୍ଷେତ୍ରରେ କିମ୍ବା ଜମିଜମା କାରବାରରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଘରୋଇ ବିତର୍କରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି ।

**ଧନୁ** - ଅନ୍ୟମନସ୍କ ହେତୁ ଧନହାନି, କଳହ, ପ୍ରତାରଣା ଓ ଶାରୀରିକ ଆଘାତ ପାଇବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡିବ। ବିଳାସ ଉପକରଣ କ୍ରୟ ସକାଶେ ଘରୁ ବରାଦ ପାଇପାରନ୍ତି। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ।

**ମକର** - କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟଙ୍କ ସହ ସମ୍ପର୍କ ହାନି ହେବ। ବନ୍ଧୁଙ୍କ ନିକଟରେ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜି ହିଁ ଶେଷ କରିବାକୁ ଚିନ୍ତା କରୁଥିବା କାମଟିରେ ନିରାଶ ହେବାକୁ ପଡିପାରେ।

**କୁମ୍ଭ** - ସଚେତନତା ଅବଲମ୍ବନ କରିବା ହେତୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବ। ସମସ୍ତ ସୁବିଧା ଥିଲେ ମଧ୍ୟ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ପୂର୍ବର କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମୀନ** - ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଏବଂ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ କୌଣସି ଅସୁବିଧା ରହିବ ନାହିଁ। ଜଣେ ଅଜଣା ବନ୍ଧୁଙ୍କ ସାହାଯ୍ୟ ସବୁଦିନ ସକାଶେ ସ୍ମରଣୀୟ ରହିପାରେ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରିବା ହେତୁ ବହୁମୂଲ୍ୟ ଦେବାକୁ ପଡ଼ିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ ହେବ।

ଆଜି ଫେବୃଆରୀ ୫ ତାରିଖ, ମାଘ କୃଷ୍ଣ ଦଶମୀ ସୋମବାର, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୪ ଗତେ, ଘ. ୦୭।୪୮ ମଧ୍ୟେ, ଘ.୧୦।୫୩ ଗତେ, ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ. ୦୭।୪୮ ଗତେ, ଘ.୦୯।୧୨ ମଧ୍ୟେ ରାହୁକାଳ ।

# କଂଗ୍ରେସ ଟିକେଟ ପାଇଁ ଅନ୍‌ଲାଇନ ଆବେଦନ

## ୱେବସାଇଟ୍ ଲଞ୍ଚ୍ କଲା ଦଳ

ଭୁବନେଶ୍ୱର,୪।୨(ସୁଜିତ୍ ମିଶ୍ର)

କଂଗ୍ରେସ ଟିକେଟ ଆଶାୟୀଙ୍କ ପାଇଁ ଦଳ ପକ୍ଷରୁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାରେ କଂଗ୍ରେସ ପକ୍ଷରୁ ପ୍ରଗମନ ଅଭିଯାନ ଆରମ୍ଭ କରାଯାଇଛି। ରବିବାର ଠାରୁ ଟିକେଟ ଆଶାୟୀମାନେ www.pragaman.inରେ ଅନ୍‌ଲାଇନ ଯୋଗେ ଆବେଦନ କରିପାରିବେ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଏହି ଲିଙ୍କ୍‌ରେ ଉପଲବ୍ଧ ଥିବା ଫର୍ମ ପୂରଣ କରି ଆବେଦନ କରିପାରିବେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଟିକେଟ ବଣ୍ଟନରେ ସ୍ୱଚ୍ଛତା ରକ୍ଷା ଏବଂ ବାସ୍ତବରେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସେବା କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ଦେବାକୁ କଂଗ୍ରେସ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛି ବୋଲି କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କୁମାର କହିଛନ୍ତି ଯେ, ପ୍ରୋଜେକ୍ଟ ପ୍ରଗମନ ନାମକ ଏହି ଅଭିଯାନ ମାଧ୍ୟମରେ କଂଗ୍ରେସ ସାଧାରଣ ଲୋକଙ୍କୁ ନେତୃତ୍ୱ ଦେବାର ସୁଯୋଗ ସୃଷ୍ଟି କରିଛି। ଅର୍ଥାତ୍ ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଚାହୁଁଥିବା ବ୍ୟକ୍ତି www.pragaman.inରେ ଲଗ୍‌ଇନ୍ କରି ଫର୍ମ ଯୋଗେ ଟିକେଟ ପାଇଁ ଆବେଦନ କରିପାରିବେ। ବୁଥ୍‌ଠାରୁ ଆରମ୍ଭ କରି ସମସ୍ତ କଂଗ୍ରେସ କର୍ମୀ, ନେତା, ସାଧାରଣ ଜନତା ଯେଉଁମାନେ ଚାହିଁବେ ଆବେଦନ କରିପାରିବେ। ଓଡ଼ିଶାର ପ୍ରକୃତ ବିକାଶ ଚାହୁଁଥିବା ଏବଂ ସାଧାରଣ ଲୋକଙ୍କ ହକ୍ ପାଇଁ ଲଢ଼େଇ କରୁଥିବା ସ୍ୱାଭିମାନୀ ଓଡ଼ିଆଙ୍କ




ହାତରେ ନେତୃତ୍ୱ ଦେବାକୁ ଦଳ ନିଷ୍ପତ୍ତି ନେଇଛି। ଭାଜପା ଏବଂ ବିଜେଡି ଟିକେଟ ବଣ୍ଟନ ସଲାସୁତରାରେ ଚାଲିଛି। ଭାଜପାରେ କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଟିକେଟ ପ୍ରଦାନର କ୍ଷମତା ରହିଛି। ସେହିପରି ବିଜେଡିରେ ଜଣେ ବାବୁ ଟିକେଟ ବଣ୍ଟନ କରିବାର କ୍ଷମତା ରଖିଛନ୍ତି। ସେହି ବ୍ୟକ୍ତି ଜଣଙ୍କ ଭାଜପାର ଟିକେଟ ବଣ୍ଟନରେ ମଧ୍ୟ ନିର୍ଣ୍ଣାୟକ ଭୂମିକା ନିର୍ବାହ କରୁଛନ୍ତି। ମାତ୍ର କଂଗ୍ରେସରେ ସେମିତି ବ୍ୟବସ୍ଥା ନାହିଁ। କଂଗ୍ରେସ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟା ବଜାୟ ରହିଛି। କୌଣସି ସ୍ୱାଭିମାନୀ ଓଡ଼ିଆଙ୍କୁ ଓଡ଼ିଶାର ସେବା କରିବା ନିମନ୍ତେ ନେତୃତ୍ୱ ନେବାକୁ ବାହାର ଲୋକଙ୍କ ପାଖରେ ହାତ ପତେଇବାକୁ ପଡ଼ିବ ନାହିଁ। କଂଗ୍ରେସ ସବୁବେଳେ ସାଧାରଣ ଲୋକଙ୍କ ସହିତ ରହିଆସିଛି। କଂଗ୍ରେସ ଟିକେଟ ପାଇଁ କୌଣସି ପ୍ରକାର ସୁପାରିସ କି ଅର୍ଥ କାରବାର ହୋଇପାରିବ ନାହିଁ। ଆଶାୟୀ ପ୍ରାର୍ଥୀଙ୍କୁ ଆଉ ଏଥିପାଇଁ ବାରମ୍ବାର ଦିଲ୍ଲୀ ମଧ୍ୟ ଦୌଡ଼ିବାକୁ ପଡ଼ିବନି। ଓଡ଼ିଶାର ଯେକୌଣସି ଓଡ଼ିଆ ବ୍ୟକ୍ତି, ଯୁବ ନେତୃତ୍ୱ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗର ଯୁବକ ଏବଂ ମହିଳା ମଧ୍ୟ କଂଗ୍ରେସରୁ ଟିକେଟ ପାଇ ନିର୍ବାଚନ ଲଢ଼ିପାରିବେ। ଏଥିପାଇଁ କେବଳ ସେମାନଙ୍କ ଭଲ ଲୋକ ସମ୍ପର୍କ ରହିଥିବା ଆବଶ୍ୟକ। ତାଙ୍କ ପ୍ରତି ସ୍ଥାନୀୟ ଜନସାଧାରଣଙ୍କ ସମର୍ଥନ ରହିଥିବା ଆବଶ୍ୟକ ବୋଲି ଅଜୟ କୁମାର କହିଛନ୍ତି।

ଏହି ଅବସରରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ସାଧାରଣ ଲୋକ, ଲୋକ ସେବକ, ବଳିଷ୍ଠ ସଙ୍ଗଠକ, ଯାହାଙ୍କର ନିଜ ନିର୍ବାଚନମଣ୍ଡଳୀରେ ଜନାଧାର ରହିଛି, ଭଲ ଲୋକ ସମ୍ପର୍କ ଅଛି ସେମାନଙ୍କ ପାଇଁ କଂଗ୍ରେସ ଏକ ଅପୂର୍ବ ଅବକାଶ ଆଣି ଦେଇଛି। ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରିବ ନିର୍ବିଶେଷରେ ଯେଉଁମାନଙ୍କ ଦେଶ ଓ ରାଜ୍ୟ ପାଇଁ ସେବା କରିବାର ମନୋବୃତ୍ତି ରହିଥିବ ସେମାନେ କଂଗ୍ରେସ ଟିକେଟ ପାଇଁ ଆବେଦନ କରିପାରିବେ।





## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

### ଓଡ଼ିଶାର ସ୍ୱର୍ଣ୍ଣିମ ଭବିଷ୍ୟତର ଅଦ୍ଭୁତ ଝଲକ

# ଯୁବପ୍ରାଣରେ ଭରିଛି ନବଉଲ୍ଲାସ



*ଓଡ଼ିଆ ଭାଷା ସିନ୍ଧୁର ମନ୍ଥନରୁ ବାହାରିଛି ଅମରତ୍ୱର ରହସ୍ୟକୁ ଭେଦିଥିବା 'ଅମୃତ'। ସେହି ଅମୃତ ଓଡ଼ିଆ ଭାଷା, ସଂସ୍କୃତିକୁ ଚିରଦିନ ପାଇଁ ଅମର କରି ରଖିବ। ସେ ଅମୃତ ଓଡ଼ିଆ ଅସ୍ମିତାକୁ କରିବ ଦିଗ୍‌ବିଜୟୀ। ସେ ଅମୃତ ହେଉଛି ଓଡ଼ିଶାର ଯୁବଶକ୍ତି। ପ୍ରଥମ ବିଶ୍ୱ ଭାଷା ସମ୍ମିଳନୀରେ ସାମିଲହୋଇ ଯୁବବର୍ଗ ଯେଉଁଭଳି ଭାବରେ ଏହାର ଅଧିନାୟକତ୍ୱକୁ ଗ୍ରହଣ କରିଛନ୍ତି ଓ ପ୍ରାଚୀନତାରୁ ନବୀନତା ଆଡ଼କୁ ଚାଲିଥିବା ଯାତ୍ରାରେ ନିଜକୁ ସାମିଲ କରି ଓଡ଼ିଆ ଅସ୍ମିତାକୁ ଏକ ବୈଶ୍ୱିକ ଦୃଷ୍ଟିଭଙ୍ଗୀ ଦେଇପାରିଛନ୍ତି, ତାହା ସମସ୍ତଙ୍କୁ ଅଭିଭୂତ କରିଛି। ଓଡ଼ିଆ ଭାଷା ଯେ ଓଡ଼ିଶାର ଅକ୍ଷୟ ଅମର ସଂସ୍କୃତିର କେନ୍ଦ୍ରବିନ୍ଦୁ, ତାହା ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଶାର ଯୁବବର୍ଗ ଭଲ ଭାବରେ ବୁଝି ପାରିଛନ୍ତି। ଭାଷା ହିଁ ଆଗାମୀ କାଲିର ଭବିଷ୍ୟତ। ଏହି ଅନୁଭବ ଓଡ଼ିଶାର ଯୁବବର୍ଗଙ୍କୁ ଦୂରଦୃଷ୍ଟିସମ୍ପନ୍ନ କରିବା ସହିତ ଏକ ସୁନାର ଓଡ଼ିଶା ନିର୍ମାଣ କରିବା ଲକ୍ଷ୍ୟରେ ପ୍ରେରିତ କରିପାରିଛି।*

ଭାଷା କେବଳ ଭାବର ବାହକ କିମ୍ବା ଅଭିବ୍ୟକ୍ତିର ମାଧ୍ୟମ ନୁହେଁ, ଏହା ଏକ ଜାତିର ଅସ୍ମିତାର ପ୍ରଥମ ନିଦର୍ଶନ। ସ୍ରୋତସ୍ୱତୀ ନଦୀ ପରି ଏହା ପ୍ରବାହିତ ହୋଇଚାଲିଥାଏ ଗୋଟିଏ ପିଢ଼ିରୁ ଆଉ ଗୋଟେ ପିଢ଼ିକୁ ଉତ୍ତରାଧିକାର ସୂତ୍ରରେ। ଚର୍ଯ୍ୟାପଦର ସାହିତ୍ୟରୁ ଆରମ୍ଭ ହୋଇଥିବା ଓଡ଼ିଆ ଭାଷାର ବିକାଶ ସାରଳା ସାହିତ୍ୟ ଓ ଜଗନ୍ନାଥ ଦାସଙ୍କ ଭାଗବତରେ ପୂର୍ଣ୍ଣ କଳେବର ଧାରଣ କରିଥିଲା। ମାତ୍ର ଏହି ଐତିହାସିକ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଯୁବପ୍ରାଣରେ ଭରିଛି ନବଉଲ୍ଲାସ ଓ ଉନ୍ମାଦ। ଭାଷାର ସୁରକ୍ଷା, ବିକାଶ ଓ ପ୍ରଚାର ପ୍ରସାର ପାଇଁ କୋଟି କୋଟି ଓଡ଼ିଆଙ୍କ ଭିତରେ ଜାଗ୍ରତ ହୋଇଛି ନୂତନ ଉର୍ଜା। ସେହି ନୂତନ ଉର୍ଜାର ପ୍ରତିଫଳନ ହୋଇଛନ୍ତି ହଜାର ହଜାର ଯୁବ ପ୍ରତିଭା, ଯେଉଁମାନେ ଓଡ଼ିଶାର କୋଣଅନୁକୋଣରୁ ଆସି ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗଦେଇଛନ୍ତି।

ଭାଷା ସମ୍ମିଳନୀର ଅମୃତ ବାର୍ତ୍ତା ରହିଛି ଭାଷା ହିଁ ଭବିଷ୍ୟତ। ଆସନ୍ତାକାଲି ଯେଉଁ ଯୁବ ଓଡ଼ିଆମାନେ ବିଭିନ୍ନ କ୍ଷେତ୍ରରେ ଏହି ରାଜ୍ୟର ମଙ୍ଗ ଧରିବେ, ନେତୃତ୍ୱ ନେବେ, ତା'ର ଅଦ୍ଭୁତ ଝଲକ ଦେଖିବାକୁ ମିଳିଛି ଓଡ଼ିଆ ଭାଷା ସମ୍ମିଳନୀରେ। ପ୍ରତିଟି ଆୟୋଜନ ଓ ଅନୁଷ୍ଠାନର ସଫଳତା ମାପିବାକୁ ନିର୍ଦ୍ଦିଷ୍ଟ କେତୋଟି ମାପକାଠି ଥାଏ। ଓଡ଼ିଶାର ଯୁବବର୍ଗ ଯେଉଁ ଉତ୍ସାହ, ଆନନ୍ଦ ଓ ଆକାଂକ୍ଷାର ସହିତ ଏହି ଭାଷା ସମ୍ମିଳନୀର ବିଭିନ୍ନ ସଂପାନରେ ସାମିଲ ହୋଇ ନିଜର ଅଭିବ୍ୟକ୍ତି ରଖିଛନ୍ତି, ତାହା ଏକ ସୁନାର ଓଡ଼ିଶା ଗଠନ ଦିଗରେ ରାସ୍ତା ପ୍ରଶସ୍ତ କରିଛି। ମାତୃଭାଷା ଓଡ଼ିଆ ପ୍ରତି ବୃଦ୍ଧି ପାଉଥିବା ଯୁବବର୍ଗଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ସମ୍ମିଳନୀରେ ଅନେକ ପ୍ରଦର୍ଶନୀ କକ୍ଷର ଆୟୋଜନ କରାଯାଇଛି। ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଭଲପାଇବା, ଆଗ୍ରହଶକ୍ତିକୁ ବଢ଼ାଇବା ଏବଂ ବୌଦ୍ଧିକ ଜ୍ଞାନକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଆୟୋଜିତ ବିଭିନ୍ନ ସଂପାନରେ ସାହିତ୍ୟିକ, ଚିନ୍ତାନାୟକ, ଗବେଷକମାନେ ନିଜ ନିଜ ମତ ରଖୁଛନ୍ତି। ତାଙ୍କ ଉପସ୍ଥିତିରେ ଓଡ଼ିଆ ଯୁବବର୍ଗର ପ୍ରତିନିଧି ମଧ୍ୟ ନିଜ ନିଜର ମତ ରଖୁଛନ୍ତି, ପ୍ରଶ୍ନ କରୁଛନ୍ତି, ଏହାସହ ବିଭିନ୍ନ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରୁଛନ୍ତି। ବିଭିନ୍ନ ଆଲୋଚନାରେ ପ୍ରତିଥଯଶା ସାହିତ୍ୟିକ ପଦ୍ମବିଭୂଷଣ ଡ.ସୀତାକାନ୍ତ ମହାପାତ୍ର, ପଦ୍ମଭୂଷଣ ଡ. ପ୍ରତିଭା ରାୟ, ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନ ବିଜେତା ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ, ଗବେଷକ ସୁବାସ ପାଣି, ଗବେଷକ ଭାସ୍କର ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ଏହି ଯୁବ ଛାତ୍ରୀଛାତ୍ରମାନେ ତଥ୍ୟ ଓ ତତ୍ତ୍ୱର ଯେଉଁ ସ୍ତରକୁ ସ୍ପର୍ଶ କରି ନିଜ ନିଜ ମତକୁ ଉପସ୍ଥାପନ କରୁଛନ୍ତି, ତାହା ଏହି ଭଳି ସାଧକମାନଙ୍କୁ ମଧ୍ୟ ଆତ୍ମସନ୍ତୋଷ ଦେଇପାରୁଛି। ଓଡ଼ିଶାର ଭବିଷ୍ୟତ ଯେ ଆଗାମୀ ଦିନରେ ଉଚିତ୍, ସମର୍ଥ, ସୁଯୋଗ୍ୟ ଦାୟାଦମାନଙ୍କ ହାତରେ ରହିବ, ତାହା ହିଁ ଏହି ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀର ବିଶେଷ ଉପଲବ୍ଧି ବୋଲି ପ୍ରମାଣିତ ହୋଇଛି।

ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନିଜ ଭାବନା ମଧ୍ୟରେ ଅନ୍ତର୍ନିହିତ କରି ଯୁବବର୍ଗ ଡିଜିଟାଲ ଯୁଗର ଭାଷାରେ ଓଡ଼ିଆ ଅସ୍ମିତାକୁ ଉଚିତ ଭାବେ ଉପସ୍ଥାପନ କରିପାରୁଛନ୍ତି। ଭାଷାର ଭବିଷ୍ୟତ ହେଉଛି କମ୍ପ୍ୟୁଟର କି-ବୋର୍ଡ, ଅତ୍ୟାଧୁନିକ ଫଣ୍ଟ, କୃତ୍ରିମ ବୁଦ୍ଧିମତ୍ତା ଏବଂ ରୋବଟ ଇତ୍ୟାଦି। ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଓଡ଼ିଆ ଭାଷାର ଆଧୁନିକ ପ୍ରୟୋଗକୁ କିପରି ପ୍ରସାର କରାଯାଇପାରିବ, ତାହାର ଏକ ସୁନ୍ଦର ଉପସ୍ଥାପନା ହେଉଛି ଡୋମ୍ ଅଫ ଦି ଫ୍ୟୁଚର୍। ଏଠାରେ ରୋବୋଟିକ୍ସ ଏବଂ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଓଡ଼ିଆ ଭାଷାର ଉତ୍ଥାନ ପାଇଁ କ'ଣ କରାଯାଇପାରିବ, ସେଥିପ୍ରତି ଯୁବବର୍ଗ ବିଶେଷରୂପରେ ପ୍ରଚେଷ୍ଟା କରିଛନ୍ତି।

## ଯୁବବର୍ଗଙ୍କ ମତାମତ...

"ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗଦେଇ ମୁଁ ଅତ୍ୟନ୍ତ ଆନନ୍ଦିତ। ରାଜ୍ୟ ସରକାରଙ୍କ ଏପରି ପ୍ରଚେଷ୍ଟା ପ୍ରଶଂସନୀୟ। ଏହି ଅବସରରେ ମୋତେ ପ୍ରାଚୀନ ଐତିହ୍ୟସମ୍ପନ୍ନ ଓ ସାହିତ୍ୟିକ ପରମ୍ପରା ସମ୍ପର୍କରେ କହିବାକୁ ସୁଯୋଗ ମିଳିଥିବାରୁ ମୁଁ ଧନ୍ୟ। ପ୍ରାଚୀନ ଐତିହ୍ୟସମ୍ପନ୍ନ ଓ ସ୍ୱତନ୍ତ୍ର ବିବର୍ତ୍ତନ ସମୃଦ୍ଧ ହୋଇଥିବା ଭାଷାକୁ ଶାସ୍ତ୍ରୀୟ ଭାଷା କୁହାଯାଏ। ଓଡ଼ିଆ ଇଣ୍ଡୋ-ଆର୍ଯ୍ୟ ଭାଷା ପରିବାରର ପ୍ରଥମ, ପୂର୍ବ ଓ ଉତ୍ତର ଭାରତର ପ୍ରଥମ ଭାଷା। ଓଡ଼ିଆ ଭାଷାର କ୍ରମବିକାଶ ସମ୍ପର୍କରେ ଶିଳାଲେଖ, ବୌଦ୍ଧ ଚର୍ଯ୍ୟାପଦ, ସାରଳା ମହାଭାରତ, ମାଦଳା ପାଞ୍ଜି, ଶ୍ରୀଜଗନ୍ନାଥ ମନ୍ଦିର ଇତିହାସ ସମେତ ରୁଦ୍ର ସୁଧାନିଧି, ଜଗମୋହନ ରାମାୟଣ, ଶ୍ରୀମଦ ଭାଗବତ, ଚତୁର ବିନୋଦ ଇତ୍ୟାଦି ଗ୍ରନ୍ଥରୁ ପ୍ରମାଣ ମିଳିଥାଏ।

**-ସିଦ୍ଧାର୍ଥ କୁମାର ସାହୁ, ରେଭେନ୍ସା କଲିଜିଏଟ ସ୍କୁଲ**

"ଓଡ଼ିଶା ସରକାରଙ୍କ ଏହି ପ୍ରୟାସ ଆମମାନଙ୍କ ପାଇଁ ଏକ ସୁଯୋଗ। ସୁଯୋଗ ଆମ ଭାଷା ସମ୍ପର୍କରେ ଜାଣିବାର, ସୁଯୋଗ ଆମ ମଧ୍ୟରେ ଭାଷା ପ୍ରତି ଭଲ ପାଇବା ସୃଷ୍ଟି କରିବା। ଏହି ଅବସରରେ ଜଗନ୍ନାଥ ଚେତନା ସମ୍ପର୍କରେ କହିବାକୁ ମୋତେ ସୁଯୋଗ ମିଳିଛି। ଶ୍ରୀଜଗନ୍ନାଥ ସମସ୍ତ ଚେତନାର ପ୍ରତୀକ। ସାରା ବିଶ୍ୱର ସେ ପୁରୁଷୋତ୍ତମ ଠାକୁର। ଓଡ଼ିଆ ଜାତିର ଅସ୍ମିତା ଓ ସମ୍ଭାବନାର ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ଦାରୁ ଦେବତା ନୁହନ୍ତି, ବରଂ ଚଳନ୍ତି ବିଷ୍ଣୁ ପ୍ରତିମା। ସମଗ୍ର ବିଶ୍ୱବାସୀଙ୍କର ସେ ଆପଣାର ଦେବତା। ତାଙ୍କ ଦର୍ଶନ କଲେ ଅନନ୍ୟ ଦିବ୍ୟଭାବ ସୃଷ୍ଟି ହୋଇଥାଏ।

**-ସତ୍ୟବ୍ରତ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟ**

"ଭାଷା ଆମ ସମସ୍ତଙ୍କ ପରିଚୟ। ଆମ ଭାଷାରୁ ହିଁ ଆମେ ଓଡ଼ିଆ ବୋଲି ପରିଚୟ ମିଳେ। ଆମ ଓଡ଼ିଶାର ପ୍ରତି ସ୍ଥାନର ଭାଷା ଭିନ୍ନ, ତେଣୁ ଆଞ୍ଚଳିକ ଭାଷାର ମହତ୍ତ୍ୱକୁ କେବେବି ଅଣଦେଖା କରାଯାଇ ନ ପାରେ। ଆଞ୍ଚଳିକ ଭାଷା ଓ ମାତୃଭାଷାର ମହତ୍ତ୍ୱ ବୁଝିବା ଉଚିତ। ଓଡ଼ିଆ ପରି ଏକ ଶାସ୍ତ୍ରୀୟ ଭାଷାର ବ୍ୟବହାରକୁ ବ୍ୟାପକ କରିବା ଦିଗରେ ସବୁ ମହଲରୁ ଉଦ୍ୟମ ହେବା ଉଚିତ। ଓଡ଼ିଆ ଭାଷାରେ ପାର୍ସି, ଯାବନିକ ଓ ଇଂଲିଶ ଭାଷାର ଅପ୍ରଚଳିତ ପ୍ରବାହ ହୋଇଥିବାବେଳେ ଶବ୍ଦ ବ୍ୟବହାରରେ ଲେଖକମାନେ ସଚେତନ ହେବାର ଆବଶ୍ୟକତା ରହିଛି।

**-ଦିବ୍ୟାନୀ ପଟ୍ଟନାୟକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

"ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକ୍ରମେ ଆଜି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସଫଳ ରୂପାୟନ ସମ୍ଭବ ହୋଇପାରିଛି। ପୁରାତନ ଏବଂ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ସୁଦୀର୍ଘ ଇତିହାସ, ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟ ରହିଛି। ଆଜିର କଳା, ସଂସ୍କୃତି ଓ ପ୍ରକୃତିକୁ ଏହା ନିଖୁଣ ଭାବେ ବର୍ଣ୍ଣନା କରିବା ସହ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ମଧ୍ୟଯୁଗୀୟ ସାହିତ୍ୟରେ ରହିଥିବା ବର୍ଣ୍ଣନା ଓଡ଼ିଆଙ୍କ ସ୍ନେହ, ପ୍ରେମ ଓ ଭଲ ପାଇବାର ପରିଚୟ ଅଟେ।

**-ପ୍ରତିଭା ପରିଡା, ରାଜଧାନୀ ଉଚ୍ଚ ବିଦ୍ୟାଳୟ**

"ଓଡ଼ିଆ ଭାଷାର ପରିଚୟ ଏବଂ ଓଡ଼ିଶା ପ୍ରଦେଶର ନିର୍ମାଣ ପାଇଁ ଏହି ଓଡ଼ିଶା ରାଜ୍ୟ ମଧ ଜନ୍ମ ଦେଇଛି ଓଡ଼ିଆ ଅସ୍ମିତାର ସମର୍ଥ ସେନାପତିଙ୍କୁ। ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ପାଇଁ ମଧୁବାବୁଙ୍କ ଭୂମିକା ଅବିସ୍ମରଣୀୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଓଡ଼ିଶା ଏବଂ ଓଡ଼ିଆଙ୍କ ପାଇଁ ମଧୁବାବୁଙ୍କ ମନ ଭିତରେ ସର୍ବଦା ଦରଦ ଭରି ରହିଥିଲା। ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ଅବହେଳିତ ଅବସ୍ଥାରେ ଥିବା ସେ ଅନୁଭବ କରି ୧୯୦୩ ମସିହାରେ ଗଢ଼ିଲେ ଉତ୍କଳ ସମ୍ମିଳନୀ, ଯାହାକି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢ଼ି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା।

**-ସୁଶ୍ରୀ ସୋମାଲିନ ଶତପଥୀ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ**

"ଓଡ଼ିଶାର ମହାନ୍ ଇତିହାସକୁ ବିଶ୍ୱଲୋଚନକୁ ଆଣିବା ତଥା ଏହାର ଆବଶ୍ୟକତାକୁ ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରୁଛି। ଓଡ଼ିଶାର ନୌବାଣିଜ୍ୟ ଇତିହାସ ସମ୍ପର୍କରେ ମୋତେ କହିବାକୁ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ପ୍ରାକ୍ ଐତିହାସିକ ସଭ୍ୟତା ଯୁଗରୁ ଦରିଆପାର୍ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ଅଂଶଦାନ ସମ୍ପର୍କରେ ପ୍ରତ୍ନତାତ୍ତ୍ୱିକ ତଥା ସାହିତ୍ୟରେ ପ୍ରତିଫଳିତ ହୋଇଥିବାର ଦେଖାଯାଏ। ବିଗତ ଦିନରେ ଓଡ଼ିଆ ସାଧବ ବଙ୍ଗୋପସାଗର ଅତିକ୍ରମ କରି ଜାଭା, ସୁମାତ୍ରା, ବାଲି, ବର୍ଣ୍ଣିଓ, ବର୍ମା, ବ୍ରହ୍ମଦେଶ, ସିଂହଳ, ଚାଇନା ଆଦି ଦେଶରେ ବ୍ୟବସାୟ କରୁଥିଲେ। ସେମାନେ ବଙ୍ଗୋପସାଗରକୁ କଳିଙ୍ଗସାଗର ନାମରେ ନାମିତ କରିଥିଲେ।

**-ଦେବୀ ପ୍ରସାଦ ରଥ, ରେଭେନ୍ସା ବିଶ୍ୱବିଦ୍ୟାଳୟ**



ପ୍ରଫେସର ଉଓ୍ୱେ ସ୍କୋଡା, ବିଶିଷ୍ଟ ନୃତତ୍ତ୍ୱବିତ୍ ଏବଂ ଓଡ଼ିଶା ସଂସ୍କୃତି ଗବେଷକ

## ଗବେଷଣା ପାଇଁ ଓଡ଼ିଶାରେ ବ୍ୟାପକ ସୁଯୋଗ

ଓଡ଼ିଶାରେ ଗବେଷଣା ପାଇଁ ବ୍ୟାପକ ସୁଯୋଗ ରହିଛି, ଯାହା ଗବେଷଣାକୁ ଭବିଷ୍ୟତରେ ନୂତନ ଦିଗ ଦେବ ବୋଲି ପ୍ରଫେସର ଉଓ୍ୱେ ସ୍କୋଡା କହିଛନ୍ତି। ସ୍ଥାନୀୟ ଜନତା ମଇଦାନ ପରିସରରେ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆଦିକବି ସାରଳା ଦାସ ପ୍ରକୋଷ୍ଠରେ ଆୟୋଜିତ ଅଧିବେଶନରେ ଖୁସିବ୍ୟକ୍ତ କରି ସେ କହିଛନ୍ତି, 'ମୁଁ ୨୫ ବର୍ଷ ପୂର୍ବରୁ ସମ୍ବଲପୁରକୁ ଆସିଥିଲି । ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଉପରେ ଜାଣି ମତେ ଖୁସି ଲାଗୁଛି। ଏହି ସମ୍ମିଳନୀକୁ ଆସୁଥିବା ଯୁବପିଢ଼ି ଭାଷା ପ୍ରତି ଆଗ୍ରହୀ ହେବେ ଓ ପ୍ରାଚୀନ କଥା ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ।' ସ୍କୋଡାଙ୍କୁ ତାଙ୍କ ଗବେଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ଆର୍. ବାଲକ୍ରିଷ୍ଣନ୍ ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସମ୍ବର୍ଦ୍ଧିତ କରିଛନ୍ତି।

## ଏହି ସମ୍ମିଳନୀକୁ ଦେଖିବା ଭାଗ୍ୟର କଥା

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ ଦୁଇ ଦିନ ହେଲାଣି ଦେଖୁଛି। ଓଡ଼ିଆ ଭାଷାର ଅତୀତ, ଭବିଷ୍ୟତ ଉପରେ ପ୍ରସ୍ତୁତ ବିଷୟବସ୍ତୁ ସମ୍ବନ୍ଧରେ ଆଲୋଚନା କରାଯାଉଛି। ସଫଳତାର ସହ ସରକାର ଏହାକୁ ଆୟୋଜନ କରିଥିବାବେଳେ ବହୁତ ଭଲ ବିଷୟକୁ ମନୋନୟନ କରାଯାଇଛି। ଅତୀତକୁ ଆମେ ଭୁଲିଥିଲେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳି ନଥାନ୍ତା। ସଫଳତାର ସହ ସମ୍ମିଳନୀ ଆୟୋଜନ କରିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ପଦ୍ମଭୂଷଣ ଡ. ପ୍ରତିଭା ରାୟ। ରବିବାର ସମ୍ମିଳନୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଆମ ଜୀବନ କାଳ ଭିତରେ ଏଭଳି ସମ୍ମିଳନୀ ଦେଖି ନ ଥିବାବେଳେ ଏହା ଦେଖିବା ଭାଗ୍ୟର କଥା। ଭବିଷ୍ୟତ ପିଢ଼ିଙ୍କୁ ଡାକି ପ୍ରବୀଣଙ୍କ ପାଖେ ଠିଆ କରି ବକ୍ତବ୍ୟ ଦେବା ଶିଖିବା ଓ ଶିଖାଇବାର ସୁଯୋଗ ରାଜ୍ୟ ସରକାର ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି। ୨ ଘଣ୍ଟା ୩୦ ମିନିଟ ଧରି ଓଡ଼ିଆ ଭାଷା ଓ ମହିଳା ସଶକ୍ତୀକରଣ ଉପରେ ଆଲୋଚନା ହୋଇଥିଲା। ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦୀ, ଡ ସୁସ୍ମିତା ବାଗ୍‌ଚୀ, ପ୍ରଫେସର ଯଶୋଧାରା ମିଶ୍ର, ସଂଘମିତ୍ରା ମିଶ୍ରଙ୍କ ଭଳି ସାହିତ୍ୟିକ ଆଲୋଚନାରେ ଭାଗ ନେଇଥିଲେ।



ଖବରଦାତା ସମ୍ମିଳନୀରେ ବାମରୁ ସାହିତ୍ୟିକା ଯଶୋଧାରା ମିଶ୍ର, ପଦ୍ମଭୂଷଣ ଡ. ପ୍ରତିଭା ରାୟ ଏବଂ ସାହିତ୍ୟିକା ପାରମିତା ଶତପଥୀ।

ସାହିତ୍ୟିକା ଯଶୋଧାରା ମିଶ୍ର କହିଛନ୍ତି, ସମ୍ମିଳନୀର ଅନୁଭୂତି ସବୁଦିନ ପାଇଁ ସ୍ମରଣୀୟ ହୋଇରହିବ। ବହୁତ ଖୁସି ଲାଗୁଛି। ଏଥିପାଇଁ ସାରା ଓଡ଼ିଶାବାସୀ କୃତଜ୍ଞ । ସାହିତ୍ୟିକା ପାରମିତା ଶତପଥୀ କହିଛନ୍ତି, ଓଡ଼ିଆ ଭାଷା ସାହିତ୍ୟ ଓ ନାରୀ ସଶକ୍ତୀକରଣ ସମ୍ବନ୍ଧରେ ଆଲୋଚନା କରିଥିଲି। ଏହି ସମ୍ମିଳନୀ ଓଡ଼ିଆ ଜାତି, ଭାଷା ସହ ସମଗ୍ର ରାଜ୍ୟ ପାଇଁ ବହୁତ ବଡ଼ କଥା। ଏଥିପାଇଁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।




ବ୍ୟାସକବି ଫକୀରମୋହନ କକ୍ଷରେ ରବିବାର ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଆ ଧ୍ୱନି ଓ ବର୍ଣ୍ଣ, ପାଣିନି ପରମ୍ପରା ଅନୁସାରେ ଓଡ଼ିଆ ବ୍ୟାକରଣ, ବାକ୍ୟ ବିଚାର ଓ ଭାଷାଭିତ୍ତିକ ଆଲୋଚନା ।

## ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଉତ୍ସବ ପାଳନ ହୋଇଛି। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ତଥା ଉତ୍କଳ ଗୌରବ ମଧୁସୂଦନଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବାଣିଜ୍ୟ ଓ ପରିବହନ ଏବଂ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରୀଷ୍ଣନ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାରଗ ସଚିବ ସୁଜାତା କାର୍ତ୍ତିକେୟନ, କୃଷି, ହସ୍ତତନ୍ତ୍ର ଓ ବୟନଶୀଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରତିମୂର୍ତ୍ତି ନିକଟରେ ମଧୁବାବୁଙ୍କ ପଗଡି, କଲମ ଓ ଦୁଆତ ଆଦି ପ୍ରଦର୍ଶିତ ହୋଇଛି। ଏଥିସହିତ ଏହି ପ୍ରଦର୍ଶନୀ କକ୍ଷରେ ମଧୁବାବୁଙ୍କ ଜୀବନୀ ଓ ତାଙ୍କ କାଳଜୟୀ ରଚନା ସବୁ ବୃତ୍ତଚିତ୍ର ଏଲ୍ଇଡି ମାଧମରେ ପ୍ରଦର୍ଶିତ ହେଉଛି।



ଯେତେବେଳେ ପ୍ରକୃତି ମଣିଷକୁ ଭଲ ଓ ମନ୍ଦର ସମସ୍ତ ସମ୍ଭାବନା ସହିତ ସୃଷ୍ଟିକଲା – ସେ କ'ଣ କରିବାକୁ ଯାଉଛି, ତାହା ଭଲ କରି ଜାଣିଥିଲା। ମଣିଷ ଜୀବନରେ ପରୀକ୍ଷା ନିରୀକ୍ଷା କରିବାର ସ୍ୱାଧୀନତା ହେଉଛି ସବୁଠାରୁ ବଡ ସ୍ୱାଧୀନତା। ବିପଦର ସମ୍ଭାବନାକୁ ଜାଣିଶୁଣି ସମ୍ମୁଖୀନ ହେବା ଓ ଭୁଲ୍ କରିବାର ସ୍ୱାଧୀନତା ବ୍ୟତୀତ, ମଣିଷ ଆଦୌ ଅଗ୍ରଗତି କରିପାରିବ ନାହିଁ। **–ଶ୍ରୀଅରବିନ୍ଦ**



# ମିଥ୍ୟାର ଆଶ୍ରୟ

ସୋସିଆଲ ମିଡିଆ କ୍ଷୀପ୍ର ବେଗରେ ସୂଚନା ବା ଖବର ପ୍ରେରଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ହାତରେ ସ୍ମାର୍ଟ ଫୋନ୍‌ଟିଏ ଥିଲେ ଜଗତକୁ ଜାଣିବା ଓ ବୁଝିବା ଯେମିତି ସହଜ ହୋଇଯାଇଛି ବୋଲି ଅନେକେ ଭାବୁଛନ୍ତି। ଜାନୁଆରୀ ୨୦୨୩ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତରେ ୬୯ କୋଟିରୁ ଅଧିକ ଲୋକ ଇଣ୍ଟରନେଟ୍ ଉପଯୋଗ କରୁଛନ୍ତି। ସେହିପରି ୪୬ କୋଟିରୁ ବେଶି ଲୋକ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି, ଯାହା ସମୁଦାୟ ଜନସଂଖ୍ୟାର ୩୨.୮ ପ୍ରତିଶତ। ଇଣ୍ଟରନେଟ୍ ବ୍ୟବହାର କରୁଥିବା ନାଗରିକ ବା ନେଟିଜେନ୍‌ଙ୍କ ପାଇଁ ଗଲା ଦୁଇଦିନ ହେବ ଗୋଟେ ଖବର ବେଶ୍ ରୋଚକ ହୋଇଛି। ରୋଚକ ଏଇଥିପାଇଁ କୁହାଯାଉଛି ଯେ, ୨ ଫେବୃଆରୀରେ ଅଭିନେତ୍ରୀ ତଥା ମଡେଲ ପୁନମ୍ ପାଣ୍ଡେ ନିଜସ୍ୱ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଇନ୍‌ଷ୍ଟାଗ୍ରାମରେ ତାଙ୍କ ମୃତ୍ୟୁ ଖବର ପ୍ରକାଶ କରିଥିଲେ। ସେଥିରେ କାହାର ଅବିଶ୍ୱାସ ହେବାର ସମ୍ଭାବନା ନ ଥିଲା। ଅନେକେ ଶୋକବାର୍ତ୍ତା ପୁନମ୍‌ଙ୍କ ଆକାଉଣ୍ଟକୁ ଆସିଲା। ପରବର୍ତ୍ତୀ ସମୟରେ ଜଣାପଡ଼ିଲା ଯେ ତାହା ଥିଲା ନିଜର ପ୍ରଚାର ପାଇଁ ଏକ ଅଭିନବ ଉପାୟ। ମରିଗଲା କହିଦେଲେ ଶତ୍ରୁକୁ ବି ସାଧାରଣ ଲୋକ କ୍ଷମା କରିଦେଇ ଥାଆନ୍ତି। ହେଲେ ପୁନମ୍‌ଙ୍କ ଭଳି ଜଣେ ଯୁବତୀ ଏଭଳି ଅସ୍ୱାଭାବିକ ଘୋଷଣା ନିଜ ତରଫରୁ କରାଇ କେଉଁଭଳି ଲାଭବାନ୍ ହୋଇପାରିବେ ତାହା ବୁଝିବା କଷ୍ଟକର। ପିଲାଦିନେ 'ମିଛୁଆ ରାଧୁଆ' ଗପ ଅଧିକାଂଶ ଶୁଣିଥିବେ। ଭାରତର ସାମାଜିକ ସ୍ଥିତିରେ ବୟସ୍କମାନେ ପିଲାଙ୍କୁ 'ଟିକେ ଟିକେ ମିଛ' କହିଲେ ପାପ ହୁଏନାହିଁ ବୋଲି ଶିଖାଇଥାଆନ୍ତି। ହୁଏତ ପୁନମ୍‌ଙ୍କର ଏହି ପଦକ୍ଷେପ ତାଙ୍କର ମାତାପିତାଙ୍କ ଆଭିମୁଖ୍ୟ ସମ୍ପର୍କରେ ପ୍ରଶ୍ନବାଚୀ ଉଠାଉଛି। ମିଛ କହିଲେ କେଉଁ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ, ତାହା ବାସ୍ତବରେ ଯେତେବେଳେ ବାଘ ଆସିଲା ସେତେବେଳେ ରାଧୁଆ ସହିତ ଆମେ ସମସ୍ତେ ବୁଝିଥିଲୁ। ଅଳ୍ପ ମିଛ କହିଲେ ମଧ କ୍ଷତିର ପରିମାଣ ବୁଝିବା କଷ୍ଟକର ହୋଇପଡ଼େ। ଓଡ଼ିଆରେ କଥା ଅଛି 'ଲାଉ ଚୋର, କଖାରୁ ଚୋର, ଆସ୍ତେ ଆସ୍ତେ ବଡ଼ ଚୋର'। ପୁନମ୍‌ଙ୍କ ଭଳି ଆଜି ମିଛ କହିଥିବା ବ୍ୟକ୍ତି ବୁଝିବା ଦରକାର ଯେ ମୃତ୍ୟୁ ହେଉଛି ଚିରନ୍ତନ ସତ୍ୟ। ହୁଏତ ତାଙ୍କର ଯେତେବେଳେ ବାସ୍ତବ ମୃତ୍ୟୁ ଘଟିବ, ସେତେବେଳେ ସାଧାରଣ ନାଗରିକ ହସିଦେଇ ତାଙ୍କୁ ପାସୋରି ଯିବେ। ମିଛ କହିଥିଲେ ତାହାକୁ ବଞ୍ଚାଇ ରଖିବା ପାଇଁ ଆହୁରି ମିଛ କହିବାକୁ ପଡ଼େ। ପ୍ରାୟ ସବୁ ସମୟରେ ପୂର୍ବରୁ କୁହାଯାଇଥିବା ମିଛ ମନେପଡ଼େ ନାହିଁ। ଅପରପକ୍ଷରେ ସତ କହିଥିଲେ ତାହା ଦୀର୍ଘ ବର୍ଷ ପରେ ମଧ ମନେ ରହିଥାଏ। ଦେଖିବାକୁ ଗଲେ ସତ କହିଥିଲେ ଜୀବନକୁ ସୁବିଧାରେ ବିତାଇ ହେବ।




ସୋସିଆଲ ମିଡିଆ ବ୍ୟବହାରକାରୀ ପୁନମ୍‌ଙ୍କ ଏଭଳି କାର୍ଯ୍ୟକୁ 'ଅତି ନିକୃଷ୍ଟ ପବ୍ଲିସିଟି ଷ୍ଟଣ୍ଟ' ବୋଲି କହିଛନ୍ତି। କେବଳ ଏହି ଘଟଣା ନୁହେଁ, ଅତୀତରେ ସେ ଲୋକପ୍ରିୟତା ପାଇବା ପାଇଁ ଅନେକ ନିଷ୍ପତ୍ତି ନେଇ ସାଧାରଣ ଲୋକଙ୍କୁ ଦୁଃଖୀ କରାଇ ଦେଇଛନ୍ତି। ୨୦୧୧ରେ ବିଶ୍ୱକପ୍ କ୍ରିକେଟରେ ଭାରତ ଜିତିଲେ ସେ ଉଲଗ୍ନ ହୋଇ ଟିମ୍‌କୁ ସ୍ୱାଗତ ଜଣାଇବେ ବୋଲି ଭିଡିଓ ବାର୍ତ୍ତା ଦେଇ ଚର୍ଚ୍ଚାକୁ ଆସିଥିଲେ। ମହେନ୍ଦ୍ର ସିଂ ଧୋନୀଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ବିଶ୍ୱକପ୍ କ୍ରିକେଟ ଜିତିଥିଲେ ମଧ ସେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ନ ଥିଲେ।

ଏବେ ଯେତେବେଳେ ପୁନମ୍‌ଙ୍କ ମୃତ୍ୟୁ ଖବର ଜଣାପଡ଼ିଲା, ସେତେବେଳେ ଯେଉଁ ଟିଟ୍‌କାରୀ ଓ ବିରୋଧ ସୃଷ୍ଟି ହୋଇଛି ସେଥିରୁ ବର୍ତ୍ତିବା ପାଇଁ ପୁନମ୍ ଅନ୍ୟ ଏକ ମିଥ୍ୟା କହିଲା ଭଳି ମନେ ହେଉଛି। ସେହି ଇନ୍‌ଷ୍ଟାଗ୍ରାମ୍‌ରେ ପୁନମ କହିଛନ୍ତି ଯେ, ସର୍ଭିକାଲ କ୍ୟାନ୍ସର ଏକ ଏଭଳି ରୋଗ ଯାହାକି ବିନା ଶବ୍ଦରେ ପ୍ରାଣ ନେଇଯାଇଥାଏ ଏବଂ ତାହା ଉପରେ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏଭଳି ମିଥ୍ୟା କାହାଣୀ ରଚିଥିଲେ। ପୁନମ୍‌ଙ୍କ ଜୀବନ ଓ କ୍ୟାରିୟରରେ ସଫଳତା ମିଳିପାରି ନ ଥିବା ବିଷୟ ଅଧିକାଂଶ ଜାଣିଛନ୍ତି। ହୁଏତ ସେଥିପାଇଁ ତାଙ୍କ ଜୀବନରେ ଏକ ହତାଶାଭାବ ସୃଷ୍ଟି ହୋଇଛି, ଯେଉଁଥିପାଇଁ, ମଝିରେ ମଝିରେ ପୁନମ୍ ଏଭଳି ଡାହା ଅସତ୍ୟର ଆଶ୍ରୟ ନେଇ ଲୋକଲୋଚନକୁ ଆସିବାକୁ ଚେଷ୍ଟା କରୁଛନ୍ତି। ମିଥ୍ୟାର ଆଶ୍ରୟ ନେଇ ଷ୍ଟାର ହେବା ଅସମ୍ଭବ। ସମସ୍ତେ ଅମିତାଭ ବଚ୍ଚନ ହୋଇପାରନ୍ତି ନାହିଁ। ପୁନମ୍‌ଙ୍କ ଏହି ମିଥ୍ୟାର ଆଶ୍ରୟ ନେବା ତାଙ୍କ ପାଇଁ ଆଜୀବନ ଏକ କଳଙ୍କ ଭାବେ ରହିଲା।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | 3 | | 7 |
| | | 5 | | | | | 6 | 8 |
| | | | | 8 | | | 5 | |
| | | | 6 | | | | | |
| | | 2 | | | | | 4 | |
| | 1 | 6 | | | | 9 | | |
| 2 | | 4 | | 3 | 9 | 5 | | |
| | 5 | 1 | | | | | | 3 |
| 3 | | | | 2 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 3 | 1 | 2 | 8 | 6 | 4 | 7 |
| 4 | 7 | 8 | 6 | 5 | 9 | 1 | 3 | 2 |
| 6 | 1 | 2 | 7 | 4 | 3 | 9 | 8 | 5 |
| 7 | 8 | 5 | 9 | 1 | 4 | 3 | 2 | 6 |
| 2 | 3 | 9 | 5 | 8 | 6 | 4 | 7 | 1 |
| 1 | 6 | 4 | 2 | 3 | 7 | 8 | 5 | 9 |
| 5 | 4 | 6 | 3 | 9 | 2 | 7 | 1 | 8 |
| 3 | 2 | 7 | 8 | 6 | 1 | 5 | 9 | 4 |
| 8 | 9 | 1 | 4 | 7 | 5 | 2 | 6 | 3 |

ଗତକାଲିର ଉତ୍ତର

# ବଜେଟରେ କେବଳ ଗୋଲାପୀ ଚିତ୍ର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଆଗାମୀ ଲୋକ ସଭା ନିର୍ବାଚନର ଠିକ୍ ପୂର୍ବରୁ କେନ୍ଦ୍ରର ମୋଦି ସରକାର ଇତିମଧ୍ୟରେ ନିଜର କାର୍ଯ୍ୟକାଳର ଶେଷ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ଏହି ମଧ୍ୟବର୍ତ୍ତୀ ବଜେଟରେ ସରକାରଙ୍କ ଗତ ଦଶବର୍ଷର ଶାସନକାଳର ଏକ ଗୋଲାପୀ ଚିତ୍ର ପ୍ରଦର୍ଶନ କରିବାକୁ ଉଦ୍ୟମ କରାଯାଇଥିବା ବେଳେ ସାଧାରଣ ଜନତାଙ୍କ ପାଇଁ କୌଣସି ଠୋସ ଘୋଷଣା କିମ୍ବା ବ୍ୟୟବରାଦ କରାଯାଇନି। ଚଳିତ ବଜେଟରେ ସରକାର ଦେଶର କୃଷି ଓ ସାମାଜିକ କ୍ଷେତ୍ରକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିଛନ୍ତି। ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଲୋକ କଲ୍ୟାଣକାରୀ ଯୋଜନାରେ ଅନୁଦାନକୁ ହୁଏତ ହ୍ରାସ କରାଯାଇଛି ଅଥବା ସେଥିରେ ନାମକୁମାତ୍ର ହିଁ ବୃଦ୍ଧି କରିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ଲୋକଙ୍କୁ କାମ ଯୋଗାଇବାକୁ ରହିଥିବା ଏକମାତ୍ର ସରକାରୀ ଯୋଜନା 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା'(ଏମ୍‌ଜିଏନ୍‌ଆରଇଜିଏସ୍) ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ସରକାରଙ୍କ ଅବହେଳାର ଶିକାର ହୋଇଛି। 'ମନରେଗା' ବାବଦରେ ସରକାର ଚଳିତ ବର୍ଷ ବଜେଟରେ ୮୬,୦୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ସରକାର ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ ୨୦୨୩-୨୪ ବଜେଟରେ ଯେଉଁ ବ୍ୟୟବରାଦ କରିଥିଲେ ତାହା ଗତ ଛଅବର୍ଷର ସର୍ବନିମ୍ନ ବ୍ୟୟବରାଦ ଥିଲା। ସରକାର ଏ ବାବଦରେ ବ୍ୟୟବରାଦକୁ ଯଦିଓ ୬୦,୦୦୦ କୋଟି ଟଙ୍କାକୁ ହ୍ରାସ କରିଥିଲେ କିନ୍ତୁ ଶ୍ରମିକମାନଙ୍କ ମଜୁରି ସହିତ ସଂଶୋଧିତ ହିସାବ ଅନୁଯାୟୀ ତାହା ୯୯,୫୧୪ କୋଟିରେ ପହଞ୍ଚିଥିଲା। ବର୍ତ୍ତମାନ ବି ଏହି ଯୋଜନାରେ ଶ୍ରମିକମାନଙ୍କ ୧୧,୦୦୦ କୋଟି ଟଙ୍କାର ବକେୟା ମଜୁରିକୁ ମିଶାଇ ମୋଟ ୧୬,୬୫୬ କୋଟି ଟଙ୍କାର ବକେୟା ରହିଛି। ଏଭଳି ପରିସ୍ଥିତିରେ ସରକାର ଲୋକଙ୍କୁ କାମ ଯୋଗାଇବା ପାଇଁ ଜରୁରୀ ପାଲଟିଥିବା ଏହି ଯୋଜନାରେ ଚଳିତ ବର୍ଷ ବ୍ୟୟବରାଦକୁ ବୃଦ୍ଧି କରିବା ବଦଳରେ ତାକୁ କମାଇବା ପରିତାପର ବିଷୟ।

ଦେଶର କୃଷକମାନଙ୍କ ଆୟକୁ ଦୁଇଗୁଣା କରିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ମୋଦି ସରକାରଙ୍କ ଚଳିତ ବଜେଟ ସେମାନଙ୍କୁ ନିରାଶ କରିଛି। ଗତ ଦଶ ବର୍ଷର ଶାସନ କାଳରେ କୃଷକଙ୍କ ଆୟ ତ ଦୁଇଗୁଣ ହେଲାନି କିନ୍ତୁ ବଜେଟରେ ସେମାନଙ୍କ କୃଷି ସଙ୍କଟକୁ ଦୂର କରିବାକୁ ନା କୌଣସି ରୋ ଦିଆଗଲା ନା ଆବଶ୍ୟକ ବ୍ୟୟବରାଦର ବ୍ୟବସ୍ଥା କରାଗଲା। ବରଂ ସଂସଦ ଭବନରୁ ଅର୍ଥମନ୍ତ୍ରୀ ଭୁଲ ତଥ୍ୟ ଦେଇ ଦେଶବାସୀଙ୍କୁ ବିଭ୍ରାନ୍ତ କରିବା ଦେଖାଗଲା। ଅର୍ଥମନ୍ତ୍ରୀ ନିଜର ବଜେଟ ଭାଷଣରେ ବହୁଚର୍ଚ୍ଚିତ 'ପ୍ରଧାନମନ୍ତ୍ରୀ ସମ୍ମାନ ନିଧି ଯୋଜନା'ରେ ବାର୍ଷିକ ୧୧.୮ କୋଟି କୃଷକ ପରିବାରକୁ ସହାୟତା ରାଶି ଦେବା ସମ୍ପର୍କରେ ଯାହା ଉଲ୍ଲେଖ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡେ। କାରଣ ୨୦୧୯ ସାଧାରଣ ନିର୍ବାଚନର ଠିକ୍‌ପୂର୍ବରୁ ଆରମ୍ଭ ହୋଇଥିବା ଏହି ଯୋଜନାର ପ୍ରଥମ କିସ୍ତିରେ ଯଦିଓ ୧୧.୮ କୋଟି ପରିବାର ସହାୟତା ପାଇଥିଲେ, ପରେ କିନ୍ତୁ ତା'ର ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ପାଇଥିଲା। ୨୦୨୨ ମେ' ମାସରେ କେନ୍ଦ୍ର ସରକାରଙ୍କ କୃଷି ବିଭାଗ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଏହି ଯୋଜନାରେ ଦେଶର ମାତ୍ର ୩.୮୭ କୋଟି ପରିବାର ହିଁ ସହାୟତା ରାଶି ପାଉଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ କୃଷି ଉତ୍ପାଦନ ପାଇଁ ଆବଶ୍ୟକ ସାର, କୀଟନାଶକ, ବିହନ, ଡିଜେଲ, ପେଟ୍ରୋଲ ଓ ବିଦ୍ୟୁତ୍‌ର ଦାମ ଗତ ୫ ବର୍ଷ ମଧ୍ୟରେ ବୃଦ୍ଧିପାଇଥିବାରୁ ତଥା ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାରୁ ସରକାର ଚଳିତ ବଜେଟରେ ଏହି ସହାୟତା ରାଶିକୁ ଦୁଇ ଗୁଣ ନ ହେଲେ ବି କିଛି ବି ବୃଦ୍ଧି କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ସରକାର ଏହି ଯୋଜନାର ସହାୟତା ରାଶିକୁ ଚଳିତ ବଜେଟରେ ସାମାନ୍ୟତମ ବୃଦ୍ଧି କରିନାହାନ୍ତି।

ଦେଶରେ କୃଷକମାନଙ୍କ ଆଉ ଏକ ବଡ଼ ପ୍ରସଙ୍ଗ ହେଉଛି ସେମାନଙ୍କ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପ୍ରଦାନ କରିବା। ନିକଟ ଅତୀତରେ ହୋଇଥିବା ଐତିହାସିକ କୃଷକ ଆନ୍ଦୋଳନ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦେବାକୁ ଦାବି କରିଆସିଛି। ଏପରି କି ଅତୀତରେ ଭାଜପା ତା'ର ନିର୍ବାଚନୀ ଇସ୍ତାହାରରେ ଏମ୍.ଏସ୍. ସ୍ୱାମୀନାଥନ କମିଶନଙ୍କ ସୁପାରସ ପ୍ରକାରେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରି ଦେବାକୁ ଘୋଷଣା କରିଛି। କିନ୍ତୁ ଅର୍ଥମନ୍ତ୍ରୀ ନିଜର ବଜେଟ ଭାଷଣରେ ଯଦିଓ ଏମ୍‌ଏସ୍‌ପିର କଥା ଉଲ୍ଲେଖ କରିଛନ୍ତି କିନ୍ତୁ ସେଥିପାଇଁ କୌଣସି ଆଇନ ଆଣିବାକୁ କିମ୍ବା ସ୍ୱାମୀନାଥନଙ୍କ ସୂତ୍ର ମୁତାବକ ଫସଲର ସହାୟକ ମୂଲ୍ୟ ଧାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇନାହାନ୍ତି। ପରିତାପର କଥା, କୃଷକଙ୍କ ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚକୁ କମାଇବାକୁ ବି ସରକାର କୌଣସି ଘୋଷଣା କରିନାହାନ୍ତି। ସରକାରଙ୍କ ବହୁ ପ୍ରଚାରିତ 'ପିଏମ୍ କୃଷି ସିଞ୍ଚନ ଯୋଜନା'ରେ ମଧ ପୂର୍ବବର୍ଷର ବଜେଟ ତୁଳନାରେ ସାମାନ୍ୟତମ ବୃଦ୍ଧି କରାଯାଇଛି। ୨୦୨୩-୨୪ ବଜେଟରେ ଏ ବାବଦରେ ୧୦,୯୩୦ କୋଟି ବ୍ୟୟବରାଦ କରାଯାଇଥିବା ବେଳେ ଚଳିତ ବଜେଟରେ ତାହା ୧୧,୩୯୧ କୋଟି ଟଙ୍କା ରହିଛି।

ସେହିପରି ଜଳଜୀବନ ମିଶନ ବାବଦରେ ୨୦୨୩-୨୪ରେ ୭୦,୦୦୦ କୋଟି ବ୍ୟୟବରାଦ ହୋଇଥିବା ବେଳେ ୨୦୨୪-୨୫ରେ ସେଥିରେ ସାମାନ୍ୟ ବୃଦ୍ଧି କରି ମାତ୍ର ୭୦,୧୬୩ କୋଟି ଟଙ୍କା ରଖାଯାଇଛି। ୟୁରିଆ ସାରର ସବ୍‌ସିଡି ବାବଦରେ ବ୍ୟୟବରାଦ ମଧ ୨୦୨୩-୨୪ରେ ୧.୭୫ ଲକ୍ଷ କୋଟି ଟଙ୍କା ଏବଂ ୨୦୨୨-୨୩ ବଜେଟରେ ୨.୫୫ ଲକ୍ଷ କୋଟି ଟଙ୍କା ରଖାଯାଇଥିବା ବେଳେ ୨୦୨୪-୨୫ ବଜେଟରେ ୧.୬୪ ଲକ୍ଷ କୋଟି ଟଙ୍କାକୁ ହ୍ରାସ କରାଯାଇଛି।

ଦେଶର ସହରାଞ୍ଚଳରେ ଭଡ଼ା ଅଥବା ବସ୍ତିରେ ରହୁଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କୁ ନିଜସ୍ୱ ଘର ନିର୍ମାଣ କରିବାକୁ ଅଥବା କିଣିବାକୁ ସହାୟତା କରିବାକୁ ସରକାର ଏକ ଯୋଜନା ପ୍ରଣୟନ କରିବେ ବୋଲି ଅର୍ଥମନ୍ତ୍ରୀ ନିଜ ଭାଷଣରେ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଏହି ଯୋଜନା କେବେ କାର୍ଯ୍ୟକାରୀ କରାଯିବ ତା'ର କୌଣସି ଉଲ୍ଲେଖ ନାହିଁ କି ସେ ବାବଦରେ ବ୍ୟୟବରାଦ କରିନାହାନ୍ତି। କେବଳ ପିଏମ୍ ଆବାସ ଯୋଜନାରେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଦେଶର ଆଉ ଦୁଇ କୋଟି ପରିବାରକୁ ଘର ଯୋଗାଇ ଦିଆଯିବ ବୋଲି କହି ସରକାର ଚଳିତ ବଜେଟରେ ୮୦,୬୭୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହାକି ଗତ ବଜେଟରେ ଏ ବାବଦରେ ମୋଟ ବ୍ୟୟବରାଦ ୭୯,୦୦୦ କୋଟିଠାରୁ ସାମାନ୍ୟ ଅଧିକ ବୋଲି ଜଣାପଡ଼େ।

ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପରି ସାମାଜିକ କ୍ଷେତ୍ରକୁ ମଧ ଚଳିତ ବଜେଟରେ ଅଣଦେଖା କରାଯାଇଛି। କେନ୍ଦ୍ର ସରକାରଙ୍କ ବହୁ ପ୍ରଚାରିତ ତଥା ସବୁଠାରୁ ବଡ ବୀମାଭିତ୍ତିକ ସ୍ୱାସ୍ଥ୍ୟସେବା ଯୋଜନା, 'ଆୟୁଷ୍ମାନ ଭାରତ' ବାବଦରେ ଚଳିତ ବଜେଟରେ ପୂର୍ବବର୍ଷ ତୁଳନାରେ ୩୦୦ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଗତବର୍ଷ ଏହି ପରିମାଣ ୭,୨୦୦ କୋଟି ରହିଥିବା ବେଳେ ଚଳିତ ବର୍ଷ ତାକୁ ୭,୫୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। 'ପିଏମ୍ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା'ରେ ଗତବର୍ଷ ତୁଳନାରେ ବ୍ୟୟବରାଦ ହ୍ରାସ କରାଯାଇଛି। ୨୦୨୩-୨୪ ବଜେଟରେ ଏ ବାବଦରେ ମୋଟ ୩,୩୬୫ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ପରେ ନୂଆ କରି ନିର୍ମିତ ଏମ୍ସଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ଏଥିରେ ଅତିରିକ୍ତ ୬,୮୩୫ କୋଟି ଟଙ୍କା ବରାଦ କରାଯିବା ଫଳରେ ଏ ବାବଦରେ ମୋଟ ସଂଶୋଧିତ ହିସାବ ୧୦,୨୦୦ କୋଟିକୁ ବୃଦ୍ଧି ପାଇଥିଲା। ଚଳିତ ବଜେଟରେ ଏ ବାବଦରେ ବ୍ୟୟବରାଦକୁ ବଢ଼ାଇବା ପରିବର୍ତ୍ତେ ୨୪୦୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି।

ସରକାରଙ୍କ ସମ୍ବେଦନହୀନତାର ଆଉ ଏକ ପ୍ରମାଣ ହେଲା, ଦେଶର ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ଲୋକଙ୍କୁ ମିଳୁଥିବା ମାସିକ ସାମାଜିକ ସୁରକ୍ଷା ପେନସନ ଆଦୌ ବୃଦ୍ଧି ନ ହେବା। ଜାତୀୟ ବୃଦ୍ଧାବସ୍ଥା ପେନ୍‌ସନ ଯୋଜନାରେ ୨୦୦୬-୦୭ ବଜେଟରେ କେନ୍ଦ୍ର ସରକାର ନିଜର ଅନୁଦାନ ରାଶିକୁ ମାସିକ ୧୫୦ ଟଙ୍କାରୁ ୨୦୦ ଟଙ୍କାକୁ ବୃଦ୍ଧି କରିଥିଲେ। ପରନ୍ତୁ ଗତ ୧୮ ବର୍ଷ ମଧ୍ୟରେ ଦେଶରେ ସାଂସଦ, ବିଧାୟକ ଓ ସରକାରୀ କର୍ମଚାରୀଙ୍କ ଦରମାରେ ବହୁଗୁଣ ବୃଦ୍ଧି ହୋଇଥିବା ବେଳେ ତଥା ବଜାରରେ ସମସ୍ତ ପ୍ରକାରର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ଅନେକ ଗୁଣ ବଢିଥିବା ସତ୍ତ୍ୱେ ସରକାର ଉପରୋକ୍ତ ପେନ୍‌ସନ ରାଶିରେ ଟଙ୍କାଟିଏ ବି ବୃଦ୍ଧି କରିନାହାନ୍ତି।

ମୋ:୯୪୩୭୧୬୬୩୯୧

# ମାତୃକା ଗୀତ ଆଧାରରେ ଓଡ଼ିଆ ଭାଷାର ଶାସ୍ତ୍ରୀୟତା



ଡ. କୀର୍ତ୍ତନ ନାରାୟଣ ପାଢ଼ୀ

ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଆ ଭାଷା ଅନ୍ୟୂନ ଖ୍ରୀ.ପୂ. ୫ମ ଶତାବ୍ଦୀ ବେଳକୁ ଶାସ୍ତ୍ରୀୟ ହୋଇ ସାରିଥିଲା। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଛି, କିନ୍ତୁ ଓଡ଼ିଶୀ ସଙ୍ଗୀତକୁ କେବଳ ରାଜ୍ୟ ସରକାର ମାନ୍ୟତା ଦେଇଛନ୍ତି, ଯାହା ଏ ଯାବତ ସର୍ବଭାରତରେ ସ୍ୱୀକୃତ ହୋଇନାହିଁ। ଓଡ଼ିଶୀ ଗୀତରେ ପ୍ରଚଳିତ ମାତୃକା ପ୍ରବନ୍ଧର ଗୁଣ-ଲକ୍ଷଣକୁ ଅନୁଧ୍ୟାନ କଲେ ସମ୍ପୂର୍ଣ୍ଣ ହୃଦ୍‌ବୋଧ ହୁଏ ଯେ ଓଡ଼ିଆ ଭାଷା ଓ ଓଡ଼ିଶୀ ସଙ୍ଗୀତ ଉଭୟ ଶାସ୍ତ୍ରୀୟ। ଏଠାରେ ମାତୃକା ପ୍ରବନ୍ଧ ବିଷୟରେ ଆଲୋଚନା କରାଯାଇ ପ୍ରତିପାଦିତ କରିବା ପାଇଁ ପ୍ରଚେଷ୍ଟା କରାଯାଉଛି ଯେ ଓଡ଼ିଆ ଭାଷା ଏବଂ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ଅଟେ।

ଓଡ଼ିଶୀ ସଙ୍ଗୀତରେ ନିବଦ୍ଧ ଗୀତ ବା ପ୍ରବନ୍ଧ ଗାନ ତିନିଟି ଭେଦରେ ବିଭକ୍ତ, ଯଥା – (୧) ଶୁଦ୍ଧ ପ୍ରବନ୍ଧ, (୨) ଛାୟାଲଗ(ଛାୟା ମାତ୍ରାଶ୍ରୟା ବା ଛାୟା ମାତ୍ରାନୁଗା) ବା ସୂଡ଼ ବା ପଡ଼ିପ୍ରବନ୍ଧ ଓ (୩) କ୍ଷୁଦ୍ର ପ୍ରବନ୍ଧ ବା କ୍ଷୁଦ୍ରଗୀତି। ଓଡ଼ିଶୀରେ ଅଦ୍ୟାବଧି ବହୁଳ ପ୍ରଚଳିତ ଥିବା ମାତୃକା ପ୍ରବନ୍ଧ (ଷୋଡ଼ଶା, ଚଉତିଶା, ଅ-କ୍ଷମୟୀ, କୋଇଲି ଇତ୍ୟାଦି) ହେଉଛି ସର୍ବୋତ୍ତମ ଶୁଦ୍ଧ ପ୍ରବନ୍ଧର ଏକପ୍ରକାର ଭେଦ। ଏଥିରେ ପ୍ରତ୍ୟେକ ପାଦର ବା ପଦର ଆଦ୍ୟ ଅକ୍ଷରଟି ଅ-ଆ, ଇତ୍ୟାଦି ୧୬ଟି ସ୍ୱରବର୍ଣ୍ଣ ଗୋଟିଏ ପରେ ଗୋଟିଏ, କିମ୍ବା କ-ଖ ଇତ୍ୟାଦି ୩୪ଟି ବ୍ୟଞ୍ଜନ ବର୍ଣ୍ଣ ଗୋଟିଏ ପରେ ଆଉ ଗୋଟିଏ ଥିଲେ, ଏଭଳି ରଚନା ଓଡ଼ିଆ ଭାଷା-ସାହିତ୍ୟର ଚମତ୍କାରିତା ପ୍ରତିପାଦନ କରେ ଓ ରାଗ-ତାଳରେ ଆଧାରିତ ହୋଇ ଗାନ ହେଲେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତାକୁ ପ୍ରମାଣିତ କରେ।

ମାତୃକା ପ୍ରବନ୍ଧ ସମ୍ବନ୍ଧରେ 'ବୃହଦ୍ଦେଶୀ' ଗ୍ରନ୍ଥର ସମ୍ପାଦିକା ପ୍ରେମଲତା ଶର୍ମା ଉଚିତ ଭାବରେ ମନ୍ତବ୍ୟ ଦେଇଛନ୍ତି– Each section of the text of the song begins with a letter in the order of the alphabet. Such compositions are still known in Odissi Music. The solfa syllables are so arranged as to become meaningful units. (Bruhaddeshi, P. 320)

ମାତୃକାରୁ ଉତ୍ପନ୍ନ ବର୍ଣ୍ଣ ଦୁଇପ୍ରକାର, ଯଥା–ସ୍ୱର ଓ ବ୍ୟଞ୍ଜନ, ଯାହାକୁ ଜଗତଜ୍ୟୋତି ବୋଲି କହନ୍ତି। 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ସମସ୍ତ ବ୍ୟଞ୍ଜନ ବର୍ଣ୍ଣ ଦେଶ ଭାଷାରେ ଅର୍ଥାତ୍ ଲୋକମାନଙ୍କ ଭାଷାରେ ବା ବିଭିନ୍ନ ଆଞ୍ଚଳିକ ଭାଷାରେ ସ୍ୱରବର୍ଣ୍ଣ ସହିତ ଉଚ୍ଚାରିତ ହୁଏ। ଏଠାରେ ସ୍ୱର କହିଲେ ସଙ୍ଗୀତର ଷଡ୍‌ଜ, ଋଷଭ ଇତ୍ୟାଦି(ସପ୍ତ) ସ୍ୱର ଏବଂ ଭାଷାର ଅ, ଆ ଇତ୍ୟାଦି (ଷୋଡ଼ଶ) ସ୍ୱରକୁ ବୁଝାଏ। 'କ' ଇତ୍ୟାଦି ବ୍ୟଞ୍ଜନର ସମସ୍ତ ବର୍ଗ (ସପ୍ତବର୍ଗ : 'କ' – ଆଦି, 'ଚ' – ଆଦି, 'ଟ' – ଆଦି, 'ତ' – ଆଦି, 'ପ' – ଆଦି, 'ଅ' – ଆଦି ('ଅ' ଠାରୁ ବିସର୍ଗ) ବା ସ୍ୱରବର୍ଗ ଓ 'ଯା'– ଆଦି (ଯ, ର, ଲ/ଳ, ବ, ଶ, ଷ, ସ, ହ, କ୍ଷ) ଶକ୍ତି (ସ୍ୱର) ସହଯୋଗରେ ଶିବତ୍ୱ ପ୍ରାପ୍ତ ହୁଏ। ସଙ୍ଗୀତର ସ୍ୱରବର୍ଣ୍ଣର ବର୍ଗକୁ ସା-ଆଦି (ସାରିଗାମା ପାଧାନି)କୁ ମିଶାଇଲେ ଆଠଟି ବର୍ଗ ହେବ। ଏଠାରେ ବର୍ଣ୍ଣ କହିବାର ତାତ୍ପର୍ଯ୍ୟ ହେଲା ଏଗୁଡ଼ିକ ନିଜର ସ୍ୱରୂପ ଅର୍ଥାତ୍ ପଦ-ବାକ୍ୟ ମାଧ୍ୟମରେ ବାକ୍ୟର ଅର୍ଥ ପ୍ରକାଶ କରି ଜଗତକୁ ବର୍ଣ୍ଣିତ କରନ୍ତି। ବର୍ଣ୍ଣ ଦ୍ୱାରା ପଦ ସିଦ୍ଧ ହୁଏ। କ୍ରିୟା ଓ କାରକ ଯୁକ୍ତ ହୋଇ ପଦ ବାକ୍ୟରେ ପରିଣତ ହୁଏ। ବାକ୍ୟରୁ ମହାକାବ୍ୟ ଓ ମହାବାକ୍ୟରୁ ବେଦ ଓ ତାହାର ଅଙ୍ଗଗୁଡ଼ିକ (ଶିକ୍ଷା, କଳ୍ପ,




ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ) ଜାତ ହୁଏ। ଧ୍ୱନିର ଏହିସବୁ ବ୍ୟକ୍ତ ରୂପରୁ ଗାନ୍ଧର୍ବ (ସଙ୍ଗୀତ) ସମ୍ଭବ ହୁଏ।

ନାରଦଙ୍କ ସହ କଥୋପକଥନକୁ ଆଧାର କରି ମତଙ୍ଗ ମୁନି ତାଙ୍କ 'ବୃହଦ୍ଦେଶୀ'ରେ ଉଲ୍ଲେଖ କରିଛନ୍ତି –

ବର୍ଣ୍ଣାସ୍ତୁ ମାତୃକୋଦ୍ଭୂତା ମାତୃକା ଦ୍ୱିବିଧା ମତାଃ।
ସ୍ୱର-ବ୍ୟଞ୍ଜନ ରୂପେଣ ଜଗଜ୍ଜ୍ୟୋତିରିହୋଚ୍ୟତେ।।

ଓଡ଼ିଶାର ସଙ୍ଗୀତ ଶାସ୍ତ୍ରୀ ରଘୁନାଥ ରଥଙ୍କ 'ନାଟ୍ୟମନୋରମା'ରେ ମଧ ମାତୃକା ପ୍ରବନ୍ଧ ସମ୍ପର୍କରେ ଉଲ୍ଲେଖ ଅଛି। କୃଷ୍ଣଦାସ ବଡ଼ଜେନା ମହାପାତ୍ରଙ୍କ 'ଗୀତ ପ୍ରକାଶ'ରେ ପାଣିନୀ ଏବଂ ଅନ୍ୟାନ୍ୟ ବ୍ୟାକରଣକାରମାନେ ଗୌଡ଼ୀ, ଦ୍ରାବିଡ଼ୀ, କର୍ଣ୍ଣାଟ, ତିବ୍ବତ, ନେପାଳ, କାମରୂପ ପ୍ରଭୃତି ଅଞ୍ଚଳରେ ସଂସ୍କୃତ ଓ ପ୍ରାକୃତ ଭାଷାରେ ଏହାର ଉଲ୍ଲେଖ ଅଛି –

ମତଙ୍ଗ ମୁନି ତାଙ୍କ 'ବୃହଦ୍ଦେଶୀ'ରେ ଗୀତର କେତେକ ଦୋଷ ଦର୍ଶାଇଛନ୍ତି, ଯାହାକି ଶାସ୍ତ୍ରୀୟ ଗୀତରେ ରହିବା ଉଚିତ ନୁହେଁ। ସେଗୁଡ଼ିକ ମୁଖ୍ୟତଃ ଭାଷାଗତ ପଦର ଦୋଷ ଅଟେ।

ଲୋକମାନଙ୍କ ବ୍ୟବହାରରେ ଓ ଶାସ୍ତ୍ର ମତରେ ଯାହା ଦୋଷାବହ ତାହା ବର୍ଜନୀୟ ଅଟେ। ଗାନ ବେଳେ ପୁନରୁକ୍ତି କରିବା, ଛନ୍ଦ ଭଙ୍ଗ କରିବା, ଅଶ୍ଳୀଳ ବା ଅଶୋଭନୀୟ(ଶବ୍ଦ) ବ୍ୟବହାର କରିବା, ଶବ୍ଦକ୍ରମ ରକ୍ଷା ନ କରିବା, ଅର୍ଥହୀନ ଓ ସନ୍ଦିଗ୍ଧ ଅର୍ଥ ପ୍ରକାଶକ ପଦର ପ୍ରୟୋଗ କରିବା, କଳାବାହ୍ୟ ଅର୍ଥାତ୍ ହ୍ରସ୍ୱ-ଦୀର୍ଘ, ଲଘୁ-ଗୁରୁ ଇତ୍ୟାଦି ନିୟମ ନ ମାନିବା ଇତ୍ୟାଦି ଶାସ୍ତ୍ରୀୟ ଗୀତ ଗାନରେ ଦୋଷାବହ ଅଟେ।

ଶାର୍ଦ୍ଦୁଳ କେବଳ ଭାଷା ଗୀତି, କାଶ୍ୟପ ଭାଷା ଓ ବିଭାଷା ଗୀତି ଏବଂ ଯଷ୍ଟିକ ଭାଷା ଗୀତି, ବିଭାଷା ଗୀତି ଓ ଅନ୍ତର ଭାଷା ଗୀତିର ବର୍ଣ୍ଣନା କରିଛନ୍ତି।

ଗୀତି ବିଚକ୍ଷଣମାନଙ୍କ ମତରେ ଭାଷାଗୀତିର ପ୍ରୟୋଗ ମାନବ ଗାତ୍ରରୁ (କଣ୍ଠସ୍ୱରରୁ) ହୋଇ ମସୃଣ, କାକୁଯୁକ୍ତ ଆପାତ ସୁନ୍ଦର, ସୁସଂଯୋଜିତ, କମ୍ପିତ, କୋମଳ, ଦୀପ୍ତ, ମାଳବିକାକୁ ସମ୍ମିଳିତ, ଲଳିତ ଓ ସୁକୁମାର ହୁଏ ତଥା ଏପରି ଢଙ୍ଗରେ ପରିବେଷିତ ହୁଏ ଯେପରିକି ଜନମନ ରଞ୍ଜନ କରିପାରିବ।

ବିଭାଷା ଗୀତିରେ ଗୀତ ଲଳିତ (ଆକର୍ଷକ) ହୋଇ ଭିନ୍ନ ଭିନ୍ନ ପ୍ରକାରରେ ହୁଏ। ଏହା ଦୀପ୍ତ ଓ କମ୍ପିତ ହୁଏ, ସମତା ରକ୍ଷାକରେ, ଉରସ୍ଥଳରୁ ନିର୍ଗତ ହୋଇ ଉଚ୍ଚ ଓ ଅତ୍ୟୁଚ୍ଚ ହୁଏ, ମସୃଣ ହେବା ସହିତ ମଧ୍ୟମ(ସ୍ୱର) ଦୀପ୍ତ ହୁଏ, ଗମକଯୁକ୍ତ ହୁଏ, କର୍ଣ୍ଣକୁ ସୁଖ ଦିଏ, ଲଳିତ (ମଧୁର) ହୁଏ, ସ୍ୱତଃ ପ୍ରବୃତ୍ତ ହୁଏ, ସର୍ବୋପରି ଜନମନକୁ ରଞ୍ଜନ କରେ।

ଗ୍ରାମରାଗର ଲକ୍ଷଣ ବିଷୟରେ କହିସାରି ଭାଷା(ରାଗ) ବିଷୟରେ କହୁଛି। ଭାଷା(ରାଗ) ୪ ପ୍ରକାର ଅଟେ, ଯଥା – ମୂଳା, ସଂକୀର୍ଣ୍ଣା, ଦେଶଜା ଓ ଛାୟାମାତ୍ରାଶ୍ରୟି। ଏଠାରେ ମୂଳା କହିଲେ ମୁଖ୍ୟ ବା ସଂସ୍କୃତ, ସଂକୀର୍ଣ୍ଣା କହିଲେ ସଂସ୍କୃତ ମିଶ୍ରିତ ବା ପ୍ରାକୃତ, ଦେଶଜା କହିଲେ ଦେଶୀ, ଦେଶଗତ ବା ବିଭାଷା ଓ ଛାୟାମାତ୍ରାଶ୍ରୟା ବା ଛାୟାମାତ୍ରାନୁଗା କହିଲେ ଦେଶଭାଷା, ଦେଶୀ ବା ବିଭାଷାର ଛାୟାଶ୍ରିତ ଅନ୍ତର ଭାଷାକୁ ବୁଝାଉଛି। ଏ ସମ୍ବନ୍ଧରେ 'ବୃହଦ୍ଦେଶୀ' ଗ୍ରନ୍ଥର ସମ୍ପାଦିକା ପ୍ରେମଲତା ଶର୍ମା ସ୍ପଷ୍ଟୀକରଣ ଦେଇ ଲେଖିଛନ୍ତି –

Bhasa-Vibhasa -Antara bhasa is a tried devised for grouping varieties of gramaragas on the model of grouping of dialects and subdialects of languages. Vibhasa and Antara bhasa are the sub-varieties of Bhasa and Vibhasa respectively. Bhasas are considered to be in no way inferior to gramaragas. (ibid, p.310)

ମୋ : ୯୪୩୭୨୦୪୯୮୪

## ଏଇ ଭାରତରେ

ଜାଗା କହିଲେ ମାତ୍ର ୧୦୦ ବର୍ଗଫୁଟ। ତାହା ପୁଣି ଗୋଟିଏ ଛୋଟ ଘର। କିନ୍ତୁ ସେଥିରେ କେଶର ଚାଷ କରି ନୋଏଡାର ଇଞ୍ଜିନିୟର ରମେଶ ଗେରା ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ରମେଶଙ୍କ ବୟସ ୬୪। ସେ ଏନ୍‌ଆଇଟି କୁରୁକ୍ଷେତ୍ରରୁ ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ଚାକିରି କରିଥିଲେ। ଦୀର୍ଘ ୩୫ ବର୍ଷ ବୃତ୍ତିଗତ ଜୀବନରୁ ଅବସର ନେଇ କେଶର ଚାଷ ଆରମ୍ଭ କରିଥିଲେ। ଭାରତୀୟ ଜଳବାୟୁରେ କେବଳ କଶ୍ମୀରରେ କେଶର ଚାଷ ହୁଏ। କିନ୍ତୁ ରମେଶ ଏହି ଚାଷ ନୋଏଡାରେ କରି ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଚାଷ ସମ୍ପର୍କରେ ସେ ଦକ୍ଷିଣ କୋରିଆରୁ ଶିକ୍ଷା ହାସଲ କରିବା ପରେ ସଫଳତା ପାଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ଚାଷ ଘର ଭିତରେ କରାଯାଉଛି। ଚାଷର ଗୋଟିଏ ପର୍ଯ୍ୟାୟ ପାଇଁ ୪ ମାସ ସମୟ ଲାଗୁଛି ଓ ଅମଳ ମଧ ଅଧିକ ହେଉଛି। ୧୦୦ ବର୍ଗଫୁଟ ଜାଗାରେ ଚାଷ କରିବା ପାଇଁ ବିଦ୍ୟୁତ୍ ଖର୍ଚ୍ଚ ୫ ହଜାର ଲାଗୁଛି। ଏହି ଚାଷ ପାଇଁ ରମେଶ ପ୍ରଥମେ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରି କଶ୍ମୀରରୁ ମଞ୍ଜି ସଂଗ୍ରହ କରିଥିଲେ। ଏବେ ତାଙ୍କ ଅମଳ ବଢ଼ିଛି ଓ ୧ କେଜି କେଶରକୁ ୨ରୁ ୩ ଲକ୍ଷ ଟଙ୍କା ମଧ୍ୟରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଫେବୃଆରୀ ୧୯୭୫

- ମଧ୍ୟପ୍ରଦେଶର ଶିଳ୍ପ ଉପମନ୍ତ୍ରୀ ମନମୋହନ ଦାସଙ୍କ ପରଲୋକ।
- ଭାରତୀୟ କମ୍ୟୁନିଷ୍ଟ ଦଳର ସର୍ବୋଚ୍ଚ ନୀତି ନିୟାମକ ସଂସ୍ଥା କେନ୍ଦ୍ରୀୟ ସେକ୍ରେଟାରିଏଟ୍‌ର ସମସ୍ତ ସଭ୍ୟ ଦଳର ନବନିର୍ବାଚିତ ଜାତୀ କାଉନ୍‌ସିଲ୍ ଦ୍ୱାରା ପୁନଃ ନିର୍ବାଚିତ।

## ଚିରନ୍ତନୀ

ତୁମରି ଲାଗି ବାଇଛି ବୀଣା
ସଞ୍ଜ ସକାଳ ଦିବସ ମିଶି
ଗୋଧୂଳି କେବେ ମିଳାଏ ଧୀରେ
ପାହାନ୍ତି ବାଆ ସହିତେ ମିଶି !
–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ର ସରକାର ଶୁଣିବେ କି

ମହାଶୟ,

ଆଜିକାଲି ବୃଦ୍ଧାବୃଦ୍ଧଙ୍କ ହାରାହାରି ବୟସ ପୂର୍ବ ଅପେକ୍ଷା ଅଧିକ ରହୁଛି। ବୟସ ବଢ଼ିବା ସହିତ ଯନ୍ତ୍ରଣା ବଢ଼ିଚାଲିଛି। ଲୋକମାନେ ସରକାରୀ ଚାକିରି ଅଭାବରେ ଘରୋଇ ବିଭାଗରେ ଚାକିରି କରୁଛନ୍ତି। କିନ୍ତୁ ଘରୋଇ ସଂସ୍ଥାରୁ ଅବସର ପାଇଥିବା ବ୍ୟକ୍ତିମାନେ ଯେଉଁ ପେନ୍‌ସନ ପାଆନ୍ତି, ତାହା ଔଷଧକୁ ନିଅଣ୍ଟ। ମାତ୍ର ପେନ୍‌ସନ ପାଉଥିବାରୁ ସରକାରୀ ସୁବିଧାସୁଯୋଗରୁ ସେମାନେ ବଞ୍ଚିତ। ବର୍ଷବର୍ଷ ଧରି ଗୁହାରି କଲେ ମଧ କେନ୍ଦ୍ର ସରକାର ୮୭ ଲକ୍ଷ ଇପିଏଫ୍ ପେନ୍‌ସନଭୋଗୀଙ୍କ ଦାବି ପ୍ରତି ଆଦୌ କର୍ଣ୍ଣପାତ କରୁନାହାନ୍ତି। ଏପରି କି କିଛି ଘରୋଇ ସଂସ୍ଥା ସେମାନଙ୍କ ପୂର୍ବତନ କର୍ମଚାରୀଙ୍କ ବିବରଣୀ ପ୍ରଦାନ କରୁ ନ ଥିଲେ ବି ସରକାର ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କେନ୍ଦ୍ର ସରକାରଙ୍କୁ ନିବେଦନ ଏହି ଗମ୍ଭୀର ପ୍ରସଙ୍ଗର ଗୁରୁତ୍ୱ ବୁଝି ନିର୍ବାଚନ ପୂର୍ବରୁ ଏହାର ତ୍ୱରିତ ସମାଧାନ କରନ୍ତୁ।

**–ଡ. ଶରତ ଚନ୍ଦ୍ର ପରିଡ଼ା, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ରବିବାର ଓଡିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ। (ଫଟୋ: ବିକାଶ ନାୟକ)

# ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୪।୨(ଅସମାପିକା ସାହୁ)**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ରବିବାର ଦ୍ୱିତୀୟ ଦିବସରରେ ଓଡ଼ିଶା ପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅଜସ୍ର ଯଶ ଓ ଖ୍ୟାତି ଆଣିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସରକାର ସମ୍ବର୍ଦ୍ଧିତ କରିଛନ୍ତି। ଏଥିପାଇଁ ଜନତା ମଇଦାନସ୍ଥିତ ସମ୍ମିଳନୀସ୍ଥଳରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବ ପ୍ରାରମ୍ଭରେ ବହୁଭାଷୀ ଚଳଚ୍ଚିତ୍ର ଅଭିନେତା ପରଲୋକଗତ ପଦ୍ମଶ୍ରୀ ସାଧୁ ମେହେରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ମିଳନୀର ପ୍ରଥମ ଅଧିବେଶନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ସ୍ୱନାମଧନ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ ହେଲେ, ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଓଡ଼ିଶୀ ତଥା ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଗୁରୁ ପଦ୍ମବିଭୂଷଣ ସୋନାଲ ମାନସିଂହ, କବି ପଦ୍ମଭୂଷଣ ରମାକାନ୍ତ ରଥ, ହୃଦ୍‌ରୋଗ ବିଶେଷଜ୍ଞ ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡା, ଚିତ୍ରଶିଳ୍ପୀ ପଦ୍ମଭୂଷଣ ଯତୀନ ଦାସ, ପଦାର୍ଥ ବିଜ୍ଞାନୀ ପଦ୍ମଭୂଷଣ ଡ. ଯୋଗେଶ ପତି, ବୈଜ୍ଞାନିକ ତଥା ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି, ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଅନ୍ତର୍ଜାତୀୟ ହକି ତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ, ଟେକ୍ନୋକ୍ରାଟ ପଦ୍ମଶ୍ରୀ ନଳିନୀ ରଞ୍ଜନ ମହାନ୍ତି, ବୁଣାକାର ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଭୂ-ବିଜ୍ଞାନୀ ପଦ୍ମଶ୍ରୀ ରବିନାରାୟଣ ବସ୍ତିଆ, କବି, ସାହିତ୍ୟିକ ଓ ଅନୁବାଦକ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ଅନ୍ତର୍ଜାତୀୟ ହକି ତାରକା ପଦ୍ମଶ୍ରୀ ଇଗ୍‌ନେସ ତିର୍କୀ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ମାୟାଧର ରାଉତ, ପଟ୍ଟଚିତ୍ର ଶିଳ୍ପୀ ପଦ୍ମଶ୍ରୀ କୈଳାଶ ଚନ୍ଦ୍ର ମେହେର, ଚକ୍ଷୁ ବିଶେଷଜ୍ଞ ପଦ୍ମଶ୍ରୀ ଡା. ତାରାପ୍ରସାଦ ଦାସ, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଯକୃତରୋଗ ବିଶେଷଜ୍ଞ ପଦ୍ମଶ୍ରୀ ଡା. ସୁବ୍ରତ ଆଚାର୍ଯ୍ୟ, କବି ପଦ୍ମଶ୍ରୀ ହଳଧର ନାଗ, ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ପଦ୍ମଶ୍ରୀ ନୀଳମାଧବ ପଣ୍ଡା, ବୃକକ୍‌ରୋଗ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର ଡା. ମୁକୁଟ ମିଞ୍ଜ ଓ ଗାୟକ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ। ଦ୍ୱିତୀୟ ଅଧିବେଶନରେ ବିଭାଗୀୟ ମନ୍ତ୍ରୀ ପାତ୍ରଙ୍କ ସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି, ବୁଣାକାର ପଦ୍ମଶ୍ରୀ ଗୋବର୍ଦ୍ଧନ ପାଣିକ, ମୂର୍ତ୍ତିକାର ପଦ୍ମଶ୍ରୀ ପ୍ରଭାକର ମହାରଣା, ଓଡ଼ିଆ ଓ ହିନ୍ଦୀ କଥାଚିତ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ଶିଶିର ପୁରୁଷୋତ୍ତମ ମିଶ୍ର, ଜୈବିକ କୃଷିବିତ୍ ପଦ୍ମଶ୍ରୀ କମଳା ପୂଜାରୀ, କୃଷିବିତ୍ ପଦ୍ମଶ୍ରୀ ଦୈତାରୀ ନାଏକ, ସାନ୍ତାଳୀ ଭାଷାବିତ୍ ପଦ୍ମଶ୍ରୀ ଡ. ଦମୟନ୍ତୀ ବେସ୍ରା, ଜୈବିକ କୃଷିବିତ୍ ପଦ୍ମଶ୍ରୀ ସାବରମତୀ, ପ୍ରାଣୀ ବିଶେଷଜ୍ଞ ପଦ୍ମଶ୍ରୀ ବଟକୃଷ୍ଣ ସାହୁ, ଘୋଡ଼ାନାଚ ଗୀତିକାର ଓ ନାଟ୍ୟକାର ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ଲୋକସଙ୍ଗୀତ ବିଶେଷଜ୍ଞ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, କୁଇ ଭାଷା ବିଶାରଦ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର କୃଷ୍ଣମୋହନ ପାଠୀ, ସାମାଜିକ କର୍ମୀ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ, ବ୍ୟାଡ୍‌ମିଣ୍ଟନ ତାରକା ପଦ୍ମଶ୍ରୀ ପ୍ରମୋଦ ଭଗତ, ବୈଜ୍ଞାନିକ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାସ, ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ପଦ୍ମଶ୍ରୀ ଡ. ଶ୍ୟାମାମଣୀ ଦେବୀ, ସାହିତ୍ୟିକ ତଥା ଭାଷାବିତ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣୀ ଚରଣ କୁଅଁର, କୃଷି ବିଶାରଦ ପଦ୍ମଶ୍ରୀ ପଟ୍ଟାୟତ ସାହୁ, ସାହିତ୍ୟିକ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର, ଲୋକସଙ୍ଗୀତ ଗାୟିକା ପଦ୍ମଶ୍ରୀ ଡ. କୃଷ୍ଣା ପଟେଲ, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ମାଧବୀ ମୁଦଗଲ୍, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କିରଣ ସାଇଗଲ, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ରଞ୍ଜନା ଗୌହର, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, କବି ତଥା ଲେଖକ ଡ. ଫନୀ ମହାନ୍ତି, କବି ପାରମିତା ଶତପଥୀ ଏବଂ ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନରେ ସମ୍ମାନିତ ଅନୁଷ୍ଠାନ-ସାରଳା ସାହିତ୍ୟ ସଂସଦ କଟକର ସଭାପତି ଡ. ପ୍ରଭାକର ସ୍ୱାଇଁ।

> **ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଦ୍ୱିତୀୟ ଦିବସ**

ସେହିଭଳି ତୃତୀୟ ଅଧିବେଶନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଗୀତା ମହାଲିକ୍, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଇଲିଆନା ଚିତାରିସ୍ତ, ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ରାମଲି ଇବ୍ରାହିମ୍, ସରସ୍ୱତୀ ସମ୍ମାନରେ ସମ୍ମାନିତ ସାହିତ୍ୟିକ ଡ. ଜଗନ୍ନାଥ ପ୍ରସାଦ ଦାସ, ମୂର୍ତ୍ତିଦେବୀ ସମ୍ମାନରେ ସମ୍ମାନିତ କବି ତଥା ଲେଖକ ହରପ୍ରସାଦ ଦାସ, କବିର ସମ୍ମାନରେ ସମ୍ମାନିତ ସାହିତ୍ୟିକା ପ୍ରତିଭା ଶତପଥୀ, ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ ଗାଳ୍ପିକ ଅଚ୍ୟୁତାନନ୍ଦ ପତି, ସାହିତ୍ୟିକ ପ୍ରଫେସର ମଧୁସୂଦନ ପତି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ସମ୍ମାନିତ ନିର୍ଦ୍ଦେଶକ ସଚ୍ଚି ଦାସ, ଦାଶକାଠିଆ ଗାୟକ ଉପେନ୍ଦ୍ର ପାଣିଗ୍ରାହୀ, ନାଟ୍ୟକାର ଅନନ୍ତ ମହାପାତ୍ର, କବି ଓ ଲେଖକ ଗୋପାଳ ପଣ୍ଡା, ପାଲାଗାୟକ ଜଗନ୍ନାଥ ବେହେରା, ଧର୍ମପଦ ସମ୍ମାନରେ ସମ୍ମାନିତ ସ୍ଥପତି ଶ୍ୟାମସୁନ୍ଦର ପଟ୍ଟନାୟକ, ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ, ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣା, ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଚିତ୍ରଶିଳ୍ପୀ ବଂଶୀଧର ପ୍ରତିହାରୀ, ଜୟଦେବ ସମ୍ମାନରେ ସମ୍ମାନିତ ଅଭିନେତା ତଥା ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ଅଭିନେତା ଉତ୍ତମ ମହାନ୍ତି, ଚିତ୍ରଉତ୍ତୋଳକ ତଥା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ସାହୁ ଓ ଅଭିନେତ୍ରୀ ମହେଶ୍ୱତା ରାୟ ସମ୍ବର୍ଦ୍ଧିତ ହୋଇଥିଲେ। ଚତୁର୍ଥ ଅଧିବେଶନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଉପସ୍ଥିତ ରହି ଗାଳ୍ପିକା ଯଶୋଧାରା ମିଶ୍ର, ଚଳଚ୍ଚିତ୍ର ଉତ୍ତୋଳକ ତଥା ନିର୍ଦ୍ଦେଶକ ଅପୂର୍ବ କିଶୋର ବୀର, ଅଭିନେତା ଶ୍ରୀରାମ ପଣ୍ଡା, କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର, ସାହିତ୍ୟ ଏକାଡେମୀ ସମ୍ମାନ ପାଇଥିବା କବି ଡ. ରାଜେନ୍ଦ୍ର କିଶୋର ପଣ୍ଡା, କବି ସୌଭାଗ୍ୟ କୁମାର ମିଶ୍ର, ସାହିତ୍ୟ ସମୀକ୍ଷକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଔପନ୍ୟାସିକ ଡ. ରାମଚନ୍ଦ୍ର ବେହେରା, କବି ଡ. ବଂଶୀଧର ଷଡ଼ଙ୍ଗୀ, ଗାଳ୍ପିକ ତଥା ସ୍ତମ୍ଭକାର ଡ. ଗୌରହରି ଦାସ, ଗାଳ୍ପିକ ତଥା ଔପନ୍ୟାସିକ ଡ. ବିଭୂତି ପଟ୍ଟନାୟକ, ଗାଳ୍ପିକା ଗାୟତ୍ରୀ ସରାଫ୍, ଶିକ୍ଷାବିତ ତଥା ସମୀକ୍ଷକ ଡ. ଦାଶରଥି ପ୍ରସାଦ ଦାଶ, ଗାଳ୍ପିକ ତଥା ଔପନ୍ୟାସିକ ତରୁଣକାନ୍ତି ମିଶ୍ର, କବି ଡ. ହୃଷୀକେଶ ମଲ୍ଲିକ, କବି ଡ. ଗାୟତ୍ରୀବାଳା ପଣ୍ଡା, ସାହିତ୍ୟିକ ଡ. ଆଶୁତୋଷ ପରିଡା, ବ୍ୟାସକବି ଫକୀରମୋହନ ଭାଷା ସମ୍ମାନରେ ସମ୍ମାନିତ ଅନୁଷ୍ଠାନ ଫକୀରମୋହନ ସାହିତ୍ୟ ପରିଷଦ ବାଲେଶ୍ୱରର ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ସମ୍ପାଦକ ଦୀପକ ବୋଷ ଏବଂ ଉତ୍କଳ ସାହିତ୍ୟ ସମାଜ କଟକର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଯେଉଁ ବ୍ୟକ୍ତିବିଶେଷ ଉପସ୍ଥିତ ରହିପାରି ନ ଥିଲେ ତାଙ୍କ ମାନପତ୍ର, ଉତ୍ତରୀୟ ଓ ଉପଢୌକନକୁ ପରିବାରସ୍ୱଜନ କିମ୍ବା ପ୍ରତିନିଧିମାନେ ଗ୍ରହଣ କରିଥିଲେ।



ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ (ଉପର ଧାଡ଼ି) ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଦ୍ୱାରା (ତଳଧାଡ଼ି) ସମ୍ବର୍ଦ୍ଧିତ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ।

## ସମ୍ମିଳନୀରେ ଯୁବପିଢ଼ି












ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଏକାମ୍ର ଉତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଉତ୍ସାହିତ ଦର୍ଶକ। ଆଇଜି ପାର୍କରେ ଅନୁଷ୍ଠିତ କାହାଣୀ ଉତ୍ସବ 'ଭୂଫେଷ୍ଟୋ'ରେ ଜଣେ କାହାଣୀକାର କାହାଣୀ ଶୁଣାଉଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# 'କାଳିଆ ମୋ ଦେହେ ବୋଳିଦେ ତୋ ଦେହ କଳା'...

## ଏକାମ୍ର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର, ୪।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆରମ୍ଭ ହୋଇଥିବା 'ଏକାମ୍ର ଉତ୍ସବ'ର ଅନ୍ୟତମ ଅଂଶ 'ସଙ୍ଗୀତର ମୂର୍ଚ୍ଛନା' କାର୍ଯ୍ୟକ୍ରମର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନଙ୍କ 'ସିଏ ମୋ ଜଗନ୍ନାଥ, ତା' ବିନା ଶ୍ରୀହୀନ ସାରା ଜଗତ'ରୁ। ଏହାପରେ 'ଛାଡ଼ିକି ପାରିବି ତତେ', 'ଚନ୍ଦ୍ରମଲ୍ଲୀ ହସେ' ଭଳି ଗୀତର ପସରା ମେଲିଥିଲା। ଏହାପରେ ପ୍ରଭୁ ଜଗନ୍ନାଥଙ୍କ ଭଜନକୁ ନେଇ ମଞ୍ଚକୁ ଓହ୍ଲାଇଥିଲେ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଅନୁରାଧା ପଡ଼ୱାଲ। ତାଙ୍କ କଣ୍ଠରୁ 'କାଳିଆ... ମୋ ଦେହେ ବୋଳିଦେ ତୋ ଦେହ କଳା' ଭଜନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ପରେ 'କେରି କେରି ସୁନାଦୁବ', 'ଆସିବ ବର ତୋର', 'ଏଇ ପାହାଡ଼ ସେ ପାରେ' ଶ୍ରୋତାଙ୍କୁ ଆନମନା କରିଥିଲା। ତାଙ୍କପରେ ପଦ୍ମଶ୍ରୀ ସୁରେଶ ୱାଡ଼େକର 'ରୂପସୀ ପ୍ରିୟସୀ', 'ସରିଗଲା ମିଛି ମିଛିକା ବାହାଘର' ଭଳି ସଙ୍ଗୀତ ପରିବେଷଣ କରି ସଙ୍ଗୀତ ଆସରକୁ ଦ୍ୱିଗୁଣିତ କରିଥିଲେ।



ଖ୍ୟାତନାମା କଣ୍ଠଶିଳ୍ପୀ ଅନୁରାଧ ପଡ଼ୱାଲ ଓ ପଦ୍ମଶ୍ରୀ ସୁରେଶ ୱାଡେକର ସଙ୍ଗୀତ ପରିବେଷଣ କରୁଛନ୍ତି।

### ଡିମାଣ୍ଡରେ ରେଜିନ୍ କଳାକୃତି

ଏକାମ୍ର ଉତ୍ସବର ଅଂଶବିଶେଷ ଭାବେ ଆୟୋଜିତ ହେଉଛି ରାତ୍ରକାଳୀନ ବଜାର 'ଏକାମ୍ର ହାଟ'। ଏକାମ୍ର ହାଟରେ ଅନୁଷ୍ଠିତ ହେଉଥିବା ଏହି ବଜାରରେ ଓଡ଼ିଶାର ବିଭିନ୍ନ ସ୍ଥାନର ଆଞ୍ଚଳିକ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ଧାତୁରେ ତିଆରି ଗହଣା, ଖେଳଣା, ଘରସଜା ସାମଗ୍ରୀ, ଡ୍ରେସ୍, ମିଲେଟ୍ ସ୍ନାକ୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେଉଛି। ଏଥିରେ ବିକ୍ରି ହେଉଥିବା ରେଜିନ୍‌ରେ ତିଆରି ବିଭିନ୍ନ ସାମଗ୍ରୀ ଲୋକଙ୍କ ଦ୍ୱାରା ବେଶ୍ ଆଦୃତ ହେଉଥିଲା। ରେଜିନ୍‌ରେ ତିଆରି ଚାବିରିଂ ଠାରୁ ଆରମ୍ଭ କରି କପ୍, ବିଭିନ୍ନ ପାତ୍ର, ଘଣ୍ଟା ଏବଂ ଅନ୍ୟାନ୍ୟ ଗୃହସଜ୍ଜା ସାମଗ୍ରୀ ଦେଖିବାକୁ ଖୁବ୍ ସୁନ୍ଦର ଥିଲା। ଏହାର ଦାମ୍ ୧ଶହ ଟଙ୍କାରୁ ଆରମ୍ଭ ହୋଇ ୭ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବରଗଡ଼ରୁ ଆସିଥିବା ବିନାଲ୍ ଦେଶାଇଙ୍କ 'ମୁଇ ତୋଇ' ସାମଗ୍ରୀ ମଧ୍ୟ ଖୁବ୍ ଆଦୃତ ହୋଇଥିଲା। 'ମୁଇ ତୋଇ' ଏକ ଡଚ୍ ଭାଷା ହୋଇଥିବାବେଳେ ଏହାର ଅର୍ଥ ହେଉଛି ସୁନ୍ଦର କ୍ରାଫ୍ଟ। ଯାହାର ଦାମ୍ ୫୦ଟଙ୍କାରୁ ୩୫ଶହ ପର୍ଯ୍ୟନ୍ତ ରହିଛି। ଲୋକଙ୍କ ମନୋରଞ୍ଜନ ପାଇଁ ଖୋଲା ମଞ୍ଚରେ ରଣପା, ସମ୍ବଲପୁରୀ ଲୋକନୃତ୍ୟ ସାଙ୍ଗକୁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଆମ ବ୍ୟଞ୍ଜନରେ ପ୍ରଭୁଲାଲଙ୍କ ସରସତିଆ

ଆମ ବ୍ୟଞ୍ଜନରେ ଭଳିକି ଭଳି ସୁଆଦିଆ ଖାଦ୍ୟର ପସରା ଲାଗିଥିବାବେଳେ ଏଥିରେ ଆକର୍ଷଣ ପାଲଟିଛି ସମ୍ବଲପୁର ସୁଆଦିଆ ମିଠା ସରସତିଆ। ଏହା ଗଞ୍ଜେର ନାମକ ଏକ ଗଛରୁ ପ୍ରସ୍ତୁତ ହୁଏ। ମିଠାର ପ୍ରସ୍ତୁତିକୁ ନେଇ ପ୍ରଭୁଲାଲ୍ କହିଛନ୍ତି, ଗଛର ଛୋଟଛୋଟ ଡାଳକୁ ରାତି ସାରା ପାଣିରେ ବୁଡାଇ ରଖାଯାଏ। ପାଣିରେ ଭିଜିବା ପରେ ସେଥିରୁ ହାତକୁ ଲାଳ ଭଳି ଲାଗୁଥିବା ମୋଟା ବହଳ ବାହାରେ। ସେଇ ବହଳକୁ ବଟା ହୋଇଥିବା ଚାଉଳ ଓ ଚିନି ସହ ମିଶାଯାଏ। ଏହାକୁ ଗରମ ତେଲରେ ହାତରେ ସରୁସରୁ କରି ପକାଯାଏ। ଏହାପରେ କଡ଼େଇରୁ ବାହାରେ ଗରମ ଗରମ ସରସତିଆ।

## ରବିଭାଇଙ୍କୁ ଚିଠି ଲେଖିଲେ ଗାଈ, କୁକୁଡ଼ା

ଜୋର୍‌ରେ ଶୀତ ହଉଛି, ଆଉ ଏ ଥଣ୍ଡାରେ ଖୋଲା ଦେହରେ ରହି ହେବନି। ତେଣୁ ଆମକୁ କମ୍ବଳ ଦରକାର। ଏମିତି କିଛି ଦାବି କରି ଟାଇପ୍‌ରାଇଟର୍‌ରେ ଚିଠି ଲେଖିଛନ୍ତି ଗାଈମାନେ। ଗାଈମାଲିକ ରବି ଭାଇଙ୍କ ଟାଇପ୍‌ରାଇଟର ଚୋରି କରି ଗାଈମାନେ ଏଭଳି କାରସାଦି କରିଛନ୍ତି। ଯଦି ସେମାନଙ୍କୁ ଯଥାଶୀଘ୍ର କମ୍ବଳ ନ ମିଳେ ତାହାଲେ ସେମାନେ ଆଉ କ୍ଷୀର ଦେବେନି, କି ମାଲିକଙ୍କ ସହ କୋଅପରେଟ୍ ମଧ୍ୟ କରିବେ ନାହିଁ। ସକାଳୁ ସକାଳୁ ଏମିତି ଏକ ଧମକ୍ ଭରା ଚିଠି ପାଇ ରବି ଭାଇଙ୍କ ମୁଣ୍ଡ ଖରାପ୍। ତାଙ୍କ ଦେଖାଦେଖି କୁକୁଡ଼ାମାନେ ମଧ୍ୟ କମ୍ବଳ ପାଇବା ପାଇଁ ଚିଠି ଲେଖିଲେ। ନହେଲେ ଅଣ୍ଡା ଦବା ବନ୍ଦ୍। ତେଣୁ ଗାଈ ଆଉ କୁକୁଡ଼ାଙ୍କ ଦାବି ପୂରଣ କରିବାକୁ ଯାଇ ରବି ଭାଇନା ସେମାନଙ୍କୁ ଆଣି କମ୍ବଳ ବାଣ୍ଟିଲେ। ଭାବିଲେ ଏହାପରେ ସବୁକିଛି ଠିକ୍ ହୋଇଯିବ ଏବଂ ତାଙ୍କର ଚୋରି ହୋଇଥିବା ଟାଇପ୍‌ରାଇଟର ମଧ୍ୟ ତାଙ୍କୁ ମିଳିଯିବ। ହେଲେ ଟାଇପ୍‌ରାଇଟର ତ ମିଳିଲାନି ବରଂ ଗାଈ ଆଉ କୁକୁଡ଼ାଙ୍କୁ ଦେଖି ବତକମାନେ ତାଙ୍କୁ ଚିଠି ଲେଖିଲେ। ସେଥିରେ ଲେଖାଥିଲା ଆମକୁ ଏ ପୋଖରୀ ଭଲ ଲାଗୁନି ନୂଆ ପୋଖରୀକୁ ନିଅ ନହେଲେ ଆମେ ବି ଆନ୍ଦୋଳନ କରିବୁ। ଆଉ ଏ ଚିଠି ପଢିଲା ପରେ ରବିଭାଇ ପୂରା ବେହୋସ୍ ହୋଇଗଲେ। ରବିବାର ଭୁବେଷ୍ଟୋରେ ଆଇଜି ପାର୍କଠାରେ ଏଭଳି ଏକ ମଜାଦାର କାହାଣୀ ଶୁଣାଇଥିଲେ ବକୁଳ ଫାଉଣ୍ଡେଶନ୍‌ର ମୁଖ୍ୟ ସୁଜିତ୍ ମହାପାତ୍ର। ଯାହାକୁ ଶୁଣୁ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ହସି ହସି ବେଦମ୍ ହୋଇଯାଇଥିଲେ। ତାଙ୍କପରି ହୃଦୟ ରଞ୍ଜନ, ରିତେନ୍ ପଟ୍ଟନାୟକ, ସତ୍ୟବ୍ରତ ମହାପାତ୍ର, ବର୍ଷା ମିଶ୍ର ସମସ୍ତେ ମଜାଦାର କାହାଣୀ ଶୁଣାଇଥିଲେ। ଏହାବାଦ୍ କଳାଭୂମି, ଅବଦୁଲ୍ କାଲାମ୍ ପାର୍କ ଏବଂ ବୁଦ୍ଧଜୟନ୍ତୀ ପାର୍କରେ କାହାଣୀକାରମାନେ ବିଭିନ୍ନ ଶିକ୍ଷଣୀୟ ତଥା ମଜା କାହାଣୀ ଶୁଣାଇଥିଲେ।





ଏକାମ୍ର ଉତ୍ସବର ଏକ ଷ୍ଟଲ୍‌ରେ ଆକର୍ଷଣୀୟ ରେଜିନ୍ କଳାକୃତି। ଆମ ବ୍ୟଞ୍ଜନରେ ଲୋକଙ୍କ ଭିଡ଼। କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଭଜନ ଗାଉଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜେଏନ୍‌ୟୁ କୁଳପତି

ଭୁବନେଶ୍ୱର, ୪।୨ (ଅସମାପିକା ସାହୁ)

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) କୁଳପତି ଶାନ୍ତିଶ୍ରୀ ଧୁଲିପୁଡି ପଣ୍ଡିତ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଆଲୋଚନା ସମୟରେ ପ୍ରଫେସର ପଣ୍ଡିତ ଓଡ଼ିଶାର ପ୍ରତ୍ୟକ କ୍ଷେତ୍ରରେ ଦୃଶ୍ୟମାନ ହେଉଥିବା ପରିବର୍ତ୍ତନ କଥା କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଏହି ପରିବର୍ତ୍ତନଶୀଳ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିସହ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମବାୟ ସଂଘୀୟତାର ସର୍ବୋତ୍ତମ ଉଦାହରଣ ବୋଲି ବର୍ଣ୍ଣନା କରିଛନ୍ତି। ଆହୁରି ମଧ୍ୟ ଓଡ଼ିଆ ଭାଷା ଏବଂ ସଂସ୍କୃତିର ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସକୁ ସେ ପ୍ରଶଂସା କରିବା ସହ ଏଥିପାଇଁ ଜେଏନ୍‌ୟୁରେ ହେବାକୁ ଥିବା ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ ବୋଲି କୁଳପତି କହିଛନ୍ତି। ଏହି ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଏକକାଳୀନ ୧୦କୋଟି ଟଙ୍କା ସହାୟତା ପ୍ରଦାନ କରିବେ। ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ପ୍ରଶଂସା କରି ବିଜୁ ବାବୁ ଏକାକୀ ଓଡ଼ିଶାର ଗୌରବକୁ ବିଶ୍ୱ ସ୍ତରରେ ବୃଦ୍ଧି କରିଥିଲେ ବୋଲି ପଣ୍ଡିତ କହିଛନ୍ତି। ଆଲୋଚନା ସମୟରେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଉପସ୍ଥିତ ଥିଲେ।

# ରୋଗ ଯନ୍ତ୍ରଣା ସହି ନ ପାରି ଜଣେ ମୃତ

ବାରଙ୍ଗ, ୪।୨ (ଲିଙ୍ଗରାଜ ରାଉତ)

ଗୋଟେ ପଟେ ଅର୍ଥ ବାଧକ, ଅନ୍ୟପଟେ କିଡ୍‌ନୀ ରୋଗର ଯନ୍ତ୍ରଣାକୁ ସହ୍ୟ ନ କରି ପାରି ଘର ଭିତରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଘଟଣା ଗୋଡ଼ିସାହି ଫାଣ୍ଡି ଅଧୀନ ବଡ଼ମୁଣ୍ଡଳୀ ଗ୍ରାମରେ ରବିବାର ସକାଳେ ଦେଖିବାକୁ ମିଳିଛି। ମୃତକ ହେଲେ ସଚିଦାନନ୍ଦ ଜେନା (୫୯)। ପୋଲିସ ଏନେଇ ୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି।
ପ୍ରକାଶ ଯେ, ସଚିଦାନନ୍ଦ ଦୀର୍ଘ ୨ବର୍ଷ ହେବ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ହେଲେ ସେଥିପାଇଁ ଆବଶ୍ୟକ ଥିବା ଅର୍ଥ ଯୋଗାଡ଼ କରିବାରେ ଅସମର୍ଥ ହେବାରୁ ଚିକିତ୍ସାରେ ବାଧକ ସାଜିଥିଲା। ଫଳରେ ରୋଗ ଯନ୍ତ୍ରଣା ଧୀରେ ଧୀରେ ବଢ଼ିବାରେ ଲାଗିଥିଲା। ସବୁଦିନ ଭଳି ଶନିବାର ରାତିରେ ଜେନା ଖାଇ ଘରେ ଶୋଇଥିଲେ। ରବିବାର ସକାଳେ ପରିବାର ଲୋକେ ସଚିଦାନନ୍ଦଙ୍କୁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ଝରକା ଦେଇ ଦେଖିବା ବେଳକୁ ସେ ଫ୍ୟାନରେ ରଶିରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ତାଙ୍କ ପୁଅ ଅନିଲ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ କରିଛନ୍ତି।

# ଦର୍ଶକଙ୍କୁ ମତୁଆଲା କଲେ କଣ୍ଠଶିଳ୍ପୀ

## ଯଶୁଆପୁର ମହୋତ୍ସବ ଉଦ୍‌ଯାପିତ

ବାଲକାଟୀ, ୪।୨ (ମନୋଜ ମଣ୍ଡଳ)

ଯଶୁଆପୁର ବିକାଶ ପରିଷଦ ଆନୁକୂଲ୍ୟରେ ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତ ଅଧୀନ ଯଶୁଆପୁର ଗ୍ରାମରେ ୨ ଦିନ ଧରି ଚାଲିଥିବା ସପ୍ତମ ଯଶୁଆପୁର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିକାଶ ପରିଷଦ ପ୍ରତିଷ୍ଠାତା ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ଚାରିଟେବଲ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ରାଜଧାନୀ ଉପକଣ୍ଠ ଏକ ଗ୍ରାମରେ ଓଡ଼ିଶାର କଳା ସଂସ୍କୃତିକୁ ବଞ୍ଚାଇବା ଓ କଳାକାରଙ୍କୁ ପ୍ରୋତ୍ସାହିତ କରିବାକୁ ଏହି ମହନୀୟ ଉଦ୍ୟମକୁ ବେହେରା ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ପ୍ରମୋଦ ପାଢ଼ୀ, ସରପଞ୍ଚ ରମାଲତା ନାୟକ, ମଧୁଲିତା ପରିଡ଼ା, ଅମିୟବାଳା ପରିଡ଼ା ଓ ଯୁବନେତା ପ୍ରଦୀପ୍ତ ମହାନ୍ତି, ସାଗରିକା ପଟ୍ଟନାୟକ, ସତ୍ୟଭାମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ନେହା ନୀହାରିକା କର, ମାନସ କୁମାର ଓ ସୁରଜ କୁମାରଙ୍କ ସଙ୍ଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା। ସ୍ଥାନୀୟ ଶିଶୁ କଳାକାର ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନକୁ ବେଶ ଛୁଇଁଥିଲା।



ମହୋତ୍ସବରେ ଯୋଗଦେଇଥିବା ଅତିଥି।

# ବାଲ୍ୟବିବାହ, ଅନ୍ଧବିଶ୍ୱାସକୁ ନେଇ ନାଟକରେ ସଚେତନ କଲେ ଆଦିବାସୀ




ବହୁଭାଷୀ ନାଟକ ଉତ୍ସବରେ ଅତିଥିମାନେ କଳାକାରଙ୍କୁ ପୁରସ୍କୃତ କରୁଛନ୍ତି।

## ଆଦିବାସୀ ମେଳାରେ ବହୁଭାଷୀ ନାଟକ ଉତ୍ସବ

ଭୁବନେଶ୍ୱର, ୪।୨ (ଶର୍ମିଷ୍ଠା ପାଣିଗ୍ରାହୀ)

'ଦେଖ ମେଟା ତୋର ଟୋକିର୍ କାତା' ବାଲ୍ୟ ବିବାହ ସମ୍ପର୍କିତ ସଚେତନତା ଉପରେ ଆଧାରିତ କୋରାପୁଟିଆ ଦେଶିଆ ଭାଷାର ଏକ ସୁନ୍ଦର ନାଟକ ରବିବାର ବହୁଭାଷୀ ନାଟକ ଉତ୍ସବରେ ମଞ୍ଚସ୍ଥ ହୋଇଯାଇଛି। ଗ୍ରାମର ଶିକ୍ଷିତ ଲୋକଙ୍କ ହସ୍ତକ୍ଷେପ ଦ୍ୱାରା କିପରି ବାଲ୍ୟ ବିବାହକୁ ବନ୍ଦ କରାଗଲା ଏବଂ ପରବର୍ତ୍ତୀ ସମୟରେ ଉଭୟ ଝିଅ ଓ ପୁଅ ଉଚ୍ଚ ଶିକ୍ଷିତ ହୋଇ ଉନ୍ନତ ଜୀବନ ଯାପନ କଲେ ତାହା ଏହି ନାଟକର ମୁଖ୍ୟ କାହାଣୀ ରହିଥିଲା। କୋରାପୁଟ ଜିଲାର ଗୁଣ୍ଡାଲ କୁନ୍ଦୁରାର ମା ମଉଳି କଳା ପରିଷଦର ନିର୍ଦ୍ଦେଶକ ସୁନ୍ଦରମାଲ ବାରିକ ଏହି ଆଦିବାସୀ ବହୁଭାଷିକ ନାଟକ ଜରିଆରେ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଦେଇଛନ୍ତି। ଯେଉଁଥିରେ ହଜାର ହଜାର ଦର୍ଶକ ଆକର୍ଷିତ ହେବା ସହ ନାଟକରେ ଭାଗ ନେଇଥିବା ସଦସ୍ୟଙ୍କୁ ଏକ ଅଦ୍ଭୁତ ଅନୁଭୂତି ଦେଇଛି। ଅନ୍ୟ ଏକ ନାଟକ ମୟୂରଭଞ୍ଜ ଜିଲା ବଡ଼ସାହି ଅଷ୍ଟଝରଣର 'ମା' ଚିନ୍ତାମଣି ମୁଣ୍ଡାରୀ ଅପେରା'ର ମୁଣ୍ଡାରୀ ଭାଷାରେ 'ହେମଲ ଉମ୍ଭୁଲ' ପରିବେଷିତ ହୋଇଥିଲା। ଡାହାଣୀମାନଙ୍କୁ ନେଇ ସମାଜରେ ଥିବା ଅନ୍ଧବିଶ୍ୱାସ ଉପରେ ଆଧାରିତ ଏହି ନାଟକରେ କିଭଳି ଗୋଟିଏ ପରିବାର ନିଜ ମା'ଙ୍କୁ ଡାହାଣୀ ଭାବି ଅଲଗା କରିଦିଅନ୍ତି ତାହା ବିରୋଧରେ ଏହି ନାଟକ ଏକ ଦୃଢ଼ ବାର୍ତ୍ତା ଦେଇଥିଲା। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ରୂପା ରୋଶନ ସାହୁ କହିଛନ୍ତି, ଆଦିବାସୀ ଭାଷାର ବିବିଧତା ଆମ ରାଜ୍ୟ ପାଇଁ ଏକ ମହାନ ସମ୍ପତ୍ତି। ଆଦିବାସୀ ମେଳା ପଡ଼ିଆରେ ଆୟୋଜିତ ବହୁଭାଷୀ ନାଟକ ମହୋତ୍ସବ ମଧ୍ୟ ଆମ ପ୍ରତିଭାବାନ କଳାକାରମାନଙ୍କ ପାଇଁ ବଡ଼ ଏକ ସୃଜନଶୀଳ ପ୍ଲାଟଫର୍ମ ପାଲଟିଛି।

## ସଂକ୍ଷେପରେ

# ଡା.ଆର୍ତ୍ତବନ୍ଧୁ ହେଲେ ନର୍ସିଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓ ଆଣ୍ଡ ପିଏଚଓ) ଭାବେ କାର୍ଯ୍ୟରତ ଡା.ଆର୍ତ୍ତବନ୍ଧୁ ନାୟକ ନୂତନଭାବେ ନର୍ସିଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ଡା.ନାୟକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ସେ ୨୦୨୧ ଡିସେମ୍ବର ୨୦ରେ ଖୋର୍ଦ୍ଧା ଜିଲାରେ ସିଡିଓ ଆଣ୍ଡ ପିଏଚଓ ଭାବେ ଯୋଗଦେଇଥିଲେ। ଜିଲାରେ କରୋନା ସଂକ୍ରମଣ ସୁପରିଚାଳନା, ନିୟନ୍ତ୍ରଣ ଦିଗରେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ ଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ) ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତିଭୂମି ସୁଦୃଢ଼, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା, ଉତ୍ତମ ସ୍ୱାସ୍ଥ୍ୟସେବା, ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ରତା, ଲକ୍ଷ୍ମୀ ସାର୍ଟିଫିକେଟ, ପାଚେରି ନିର୍ମାଣ ସହ ଅଲଟ୍ରାସାଉଣ୍ଡ, ଆଇସିୟୁ, ଡାଏଲେସିସି କେନ୍ଦ୍ର ସ୍ଥାପନ ଆଦି କ୍ଷେତ୍ରରେ ଡା. ନାୟକଙ୍କ କାର୍ଯ୍ୟ ପ୍ରଂଶସନୀୟ। ଜିଲାରେ ସ୍ୱାସ୍ଥ୍ୟବସ୍ଥାରେ ଉଲ୍ଲେଖନୀୟ ଅବଦାନ ଲାଗି ଗତବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପୁରସ୍କୃତ ହୋଇଥିଲେ। ନିକଟରେ ଅନ୍ତର୍ଜାତୀୟସ୍ତରରେ ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେଇ ପ୍ରଂଶସା ସାଉଁଟିଛନ୍ତି। ଜିଲାରେ ସ୍ୱାସ୍ଥ୍ୟ ଭିତିଭୂମିରେ ଉନ୍ନତି ଆଣିବାରେ ଡା.ନାୟକଙ୍କ କାର୍ଯ୍ୟଶୈଳୀକୁ ଜିଲାବାସୀ ପ୍ରଂଶସା କରିଛନ୍ତି।

# ‘ଓଡ଼ିଆ ଶିଳାଲେଖ, ଲିପି ସଂରକ୍ଷଣ ଆବଶ୍ୟକ’

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)



ସାରସ୍ୱତ ପ୍ରତିଭା ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେଉଛି ସଚେତନତାର ପର୍ବ। ୧୯୦୩ର ଉତ୍କଳ ସମ୍ମିଳନୀ, ଚାଇନା ପରିବ୍ରାଜକ ହୁଏନସାଂ ଭାରତ ଯାତ୍ରା ସମୟରେ ଏହି ଭାଷାର ମହନୀୟତାକୁ ହୃଦୟଙ୍ଗମ କରିଥିଲେ। ଭାରତୀୟ ଭାଷା ମଧ୍ୟରେ ଓଡ଼ିଆ ଭାଷା ପ୍ରାଚୀନତା, ମୌଳିକତାଭରି ରହିଛି। ଶାରଳାଦାସଙ୍କ ଓଡ଼ିଆ ରଚିତ ମହାଭାରତ, କପିଳେନ୍ଦ୍ରଦେବଙ୍କ ସାରସ୍ୱତ ପର୍ଶୁରାମଙ୍କ ସମ୍ପର୍କରେ ଓଡ଼ିଆରେ ରଚନା କରିଛନ୍ତି। ଖଣ୍ଡଗିରି ଉଦୟଗିରିରେ ଐର ଖାରବେଳ ଏବଂ ଜଉଗଡ ଓ ଧଉଳିରେ ସମ୍ରାଟ ଅଶୋକଙ୍କ ଓଡ଼ିଆ ଭାଷାରେ ଶିଳାଲେଖ ଏହାର ପ୍ରାଚୀନତାର ସଙ୍କେତ ଦିଏ। ଶାସ୍ତ୍ରୀୟ ଭାଷା ମାନ୍ୟତା ପରେ ଏହାର ଗୌରବ ବୃଦ୍ଧି ପାଇଛି। ଶାସ୍ତ୍ରୀୟ ମାନ୍ୟତା ଲାଭ କରିଥିବା ପ୍ରଥମ ୪ଟି ଭାଷା, ତାମିଲ, ତେଲୁଗୁ, ମାଲାୟାଲାମ ଓ କନ୍ନଡ ଆଦି ଗୋଟିଏ ଭାଷାର ଉତ୍ପତି। ସଂସ୍କୃତ ଦ୍ୱିତୀୟ ହେଲେ ଶାସ୍ତ୍ରୀୟ ମାନ୍ୟତାରେ ଓଡ଼ିଆ ୩ୟ ସ୍ଥାନରେ ରହିଛି କହିଲେ ଅତ୍ୟୁକ୍ତି ହେବନି। ଦକ୍ଷିଣ ଭାରତ ଭାଷା ତାମିଲ ସହ ଓଡ଼ିଆ ଭାଷା ନିବିଡତା ରହିଛି। ଗୋଟିଏ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ପାଇଁ ୧୫ଶହ ବର୍ଷ ପୁରୁଣା ହୋଇଥିବା ବେଳେ ଆବଶ୍ୟକ ସ୍ଥଳେ ଓଡ଼ିଆ ଭାଷାର ପ୍ରାଚୀନ ଶିଳାଲେଖ, ଲିପି ଅଢେଇ ହଜାର ବର୍ଷ ତଳର ବୋଲି ପରିଚୟ ଦିଏ। ଅର୍ଥାତ ବହୁ ଆଗରୁ ଏହା ଉପରେ ବିଚାର କରାଯାଇଥିଲେ ଓଡ଼ିଆ ଭାଷା ବହୁ ପୂର୍ବରୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଲାଭ କରିଥାନ୍ତା ବୋଲି ବିଶିଷ୍ଟ ଭାଷାବିତ୍ ପ୍ରାଧ୍ୟାପକ ଶଶାଙ୍କ ଶେଖର ରଥ କହିଛନ୍ତି।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ରବିବାର ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଜୟୀରାଜଗୁରୁ ଭବନ ପରିସରରେ ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବଙ୍କ ସଭାପତିତ୍ୱରେ ଆୟୋଜିତ ସାରସ୍ୱତ ପ୍ରତିଭା ସମ୍ମାନ ଓ ଆଲୋଚନାଚକ୍ର ହୋଇଥିଲା। ସମ୍ମାନିତ ବକ୍ତାଭାବେ ପ୍ରାଧ୍ୟାପକ ରଥ ଉପରୋକ୍ତ ମନ୍ତବ୍ୟ ଦେବା ସହ ଆହୁରି କହିଥିଲେ, ବୈଦିକ ସାହିତ୍ୟ, ସଂସ୍କୃତି ପରମ୍ପରାରେ ଆଦ୍ୟ

## ସାରସ୍ୱତ ପ୍ରତିଭା ସମ୍ବର୍ଦ୍ଧନା ସଭା

ହେଉଛି ଓମ୍‌କାର। ଓ’ରୁ ଓଡ଼ିଶା ଶବ୍ଦର ଆଖ୍ୟାନିକତା ସମ୍ପର୍କରେ ତଥ୍ୟ ସମ୍ବଳିତ ମନ୍ତବ୍ୟ ପ୍ରଦାନ କରି କହିଲେ, ଓଡ଼ିଆ ସାଧବ ପୁଅ ସାତ ସମୁଦ୍ର ଦରିଆ ପାର କରି ଜାଭା, ସୁମାତ୍ରା, ଇରାକ, ଇରାନ ପର୍ଯ୍ୟନ୍ତ ବେପାର କରିବାକୁ ଯାଉଥିଲେ। ମେସୋପଟାମିଆ ଏବର ଇରାନରେ ଆଜି ବି ଓଡ଼ିଆର ଛାପ ରହିଛି। ଅର୍ଥାତ ପୂର୍ବ ଦ୍ୱୀପାଞ୍ଚଳରେ ବେପାର ବଣିଜ ମାଧ୍ୟମରେ ଓଡ଼ିଆ ପୁଅ ଭାଷାର ଭାବର ଆଦାନପ୍ରଦାନ ହେଉଥିଲା। ତେଣୁ ଓଡ଼ିଆ ଭାଷାର ପ୍ରାଚୀନତା କଥା ଉଠିଲେ, ଏହାର ଗୌରବମୟ ଇତିହାସ, ପ୍ରାଚୀନ ଶିଳାଲେଖ ଏହାର ବଳିଷ୍ଠ ପ୍ରମାଣ ଭାବେ ଆଜି ବି ଦଣ୍ଡାୟମାନ ହୋଇ ରହିଛି। ମୁଖ୍ୟ ବକ୍ତା ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କହିଥିଲେ, ବରୁଣେଇ ପାହାଡ ଶିଖରରେ ୨ହାଜର ବର୍ଷ ତଳ ବୌଦ୍ଧ କୀର୍ତ୍ତି, ତାପଙ୍ଗ ପାହାଡ ଗୁମ୍ଫା, ବାଣପୁର ବଙ୍କଡାଗଡ ସମେତ ଖଣ୍ଡଗିରି, ଉଦୟଗିରି ଧଉଳିଗିରିରେ ରହିଥିବା ଶିଳାଲେଖ ଏହାର ପ୍ରାଚୀନତା ପ୍ରମାଣ ଦିଏ। ଆଗାମୀ ପିଢି ପାଇଁ ଏହି ଶିଳାଲେଖର ସଂରକ୍ଷଣ ଜରୁରୀ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଖୋର୍ଦ୍ଧାର ଐତିହାସିକ ଘଟଣାବଳୀ, ସାରସ୍ୱତ ସାଧକ ସମ୍ପର୍କରେ ଆଲୋକପାତ କରି ଓଡ଼ିଆ ଭାଷାର ବିକାଶ ଦିଗରେ ଯୁବପିଢି ଆଗକୁ ଆସିବାକୁ କହିଥିଲେ। ଗୋଟିଏ ଜାତି ତାର ଭାଷାକୁ ନେଇ ଗର୍ବ କରେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଜାତୀୟସ୍ତରରେ ଏହାର ଗୌରବ ବଢିଛି। ଏହାକୁ ବଜାୟ ରଖିବାକୁ ହେଲେ ପ୍ରତ୍ୟେକ ସ୍ତରରେ ଉଦ୍ୟମ ଜରୁରୀ। ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ ସଭାପତି ଭାଷଣରେ କହିଥିଲେ, ମହାବିଦ୍ୟାଳୟ ତଥା ସରକାରୀ ନଥିପତ୍ର ଓଡ଼ିଆରେ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଭାଷା ହିଁ ପରିଚୟ ଦେଇଥାଏ। ଓଡିଆ ଜାତିର ଅସ୍ମିତା, ସ୍ୱାଭିମାନ ପ୍ରତୀକ ହେଉଛି ଓଡ଼ିଆ ଭାଷା। ଆଗାମୀ ଦିନରେ ପୌରାଞ୍ଚଳରେ ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ଯେପରି ଓଡ଼ିଆରେ ଲେଖାହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଶିକ୍ଷକ ଶ୍ରୀକାନ୍ତ ନାୟକ ସଂଯୋଜନା କରିଥିବା ବେଳେ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଖୋର୍ଦ୍ଧାର ସାରସ୍ୱତ ସାଧକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ସମୂହ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାରସ୍ୱତ ସାଧକ ପ୍ରମୁଖ ଓଡ଼ିଆ ଭାଷା ସମ୍ପର୍କରେ ମତ ରଖିଥିଲେ।

# ସାହିତ୍ୟ, ଭାଷା ଓ ସୃଜନଶୀଳତା ସମାରୋହ

ବେଗୁନିଆ,୪।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଗଁପୁର-କଣ୍ଟାମଲିମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଶିକ୍ଷାବିତ୍ ଭାଗୀରଥି ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ଯୋଗୀନାଥ ସାହୁ ବକ୍ତା, ସିଆରସିସି ଦାଶରଥି ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ମିଶ୍ର, ଶିକ୍ଷୟିତ୍ରୀ ସୁରେଖା ରଣା, ପରିଚାଳନା କମିଟିର ସଭାପତି ମୀରା ବେହେରା, ଆଲୁମିନ କମିଟି ସଭାପତି ବିଭୂତି ଭୂଷଣ ପଣ୍ଡା, ନୀଳମଣି ପ୍ରଧାନ, ସନ୍ତୋଷ ବଳିୟାରସିଂହ ଏବଂ ଦିବ୍ୟସିଂହ ରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଓଡିଶାର ଭାଷା ଓଡ଼ିଆ ବିଶ୍ୱ ଦରବାରରେ ଆଦୃତ ହୋଇଛି। ସାହିତ୍ୟ ଭାଷାକୋଷରୁ ଓଡିଆଙ୍କ ସଂସ୍କୃତି, କଳା ଓ ପରମ୍ପରା ସମୃଦ୍ଧ ହୋଇଛି ବୋଲି ଅତିଥିମାନେ କହିଥିଲେ। ବିଭିନ୍ନ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରଣାମ ମା’ରମାଦେବୀ କାର୍ଯ୍ୟକ୍ରମ

ଜଟଣୀ,୪।୨(ରବୀନ୍ଦ୍ରନାଥ ମହାକୁଡ଼)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରଠାରେ ପ୍ରଣାମ ମା’ରମାଦେବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ମ ମନ୍ଦିର ପକ୍ଷରୁ ସବିତା ରାୟ ମଞ୍ଚ ପରିଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ଶିକ୍ଷାନୁଷ୍ଠାନ ସ୍ୱସ୍ତିଜ୍ୟୋତି ପରିସରରେ କର୍ମ ମନ୍ଦିର ପକ୍ଷରୁ ଆୟୋଜିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ.ସବିତା ଆଚାର୍ଯ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ସୁଚେତା ପ୍ରିୟବାଦିନୀ, କବିତା ପରିଡା, ଚନ୍ଦନା ଦାସ ପ୍ରମୁଖ ଯୋଗଦେଇଥିଲେ। ସଭା ଆରମ୍ଭରେ ଅତିଥିଭାବେ ଉତ୍କଳ ଗୌରବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପରେ ଅତିଥିମାନେ ରମାଦେବୀଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରି ରମାଦେବୀଙ୍କୁ ମା’ ବୋଲି ସମ୍ବୋଧନ କରିବାର ଯାଥାର୍ଥତା ଉପସ୍ଥାପନ କରିଥିଲେ। ପୁଷ୍ପଲତା ଦାସ, ଜ୍ୟୋତ୍ସ୍ନାମୟୀ ଶତପଥୀ, ରାଜସ୍ୱ ନିରୀକ୍ଷକ ସରୋଜିନୀ ପରିଡା, ନିବେଦିତା ବରାଳ, ପ୍ରିୟଦର୍ଶିନୀ ସାହୁ, ଗଙ୍ଗାଧର ବରାଳ, ପ୍ରୀତିମଞ୍ଜରୀ ମହାପାତ୍ର, ଅଭିଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ଏହି କାର୍ଯ୍ୟକ୍ରମକୁ ମନୋଜ ମିଶ୍ର, ତିରୁପତି ଶତପଥୀ, ପ୍ରଶାନ୍ତ ପ୍ରଧାନ, ଆର.ପି. ନାୟକ, ପ୍ରଦୀପ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚଳାଳନାରେ ସହଯୋଗ କରିଥିଲେ।

# ଡାଲଖାଇ ନୃତ୍ୟରେ ଦର୍ଶକ ବିଭୋର



ଟାଙ୍ଗୀ,୪।୨(ରଘୁନାଥ ସାହୁ)

## ନୀଳାମ୍ବୁ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସମ୍ବଲପୁରର ଡାଲଖାଇ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଆସିଥିବା ନୃତ୍ୟ ଅନୁଷ୍ଠାନର ନୃତ୍ୟ ଓ ସଙ୍ଗୀତ ବିଭୋର କରିଥିଲା। ପଶ୍ଚିମ ଓଡ଼ିଶାର ଢୋଲିଆ ଖୋସା କଳାପରିଷଦ ବରଗଡ, ରିଦିମ ଡ୍ୟାନ୍ସ ଏକାଡେମୀର ଆଦିବାସୀ ନୃତ୍ୟ ମନ୍ତ୍ରମୁଗ୍ଧ କରିଥିଲା। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଜିଲା ବିଜେଡି ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ପ୍ରଦୋଷ ଦାସ, ମନୋଜ କୁମାର ପଟ୍ଟନାୟକ, ଜଗନ୍ନାଥ ସଂସ୍କୃତି ଗବେଷକ ଚନ୍ଦ୍ରଶେଖର ଦାସ, ପ୍ରବକ୍ତା ସରୋଜ ପାଇକରାୟ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଉଦ୍‌ଘୋଷକ ଭାବେ ସତ୍ୟନାରାୟଣ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ।

# ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ଟାଙ୍ଗୀ,୪।୨(ରଘୁନାଥ ସାହୁ)

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ପକ୍ଷରୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ୨୦୨୨-୨୩ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥିସହ ନିରାକାରପୁର, ରାମେଶ୍ୱର, ବଡପୋଖରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ କୁହୁଡି, କମାଗୁରୁ, ଲଳିତପାଟପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ କାୟାକଳ୍ପ ପୁରସ୍କାର ମିଳିଛି। ମେଡିକାଲରେ ସ୍ୱଚ୍ଛତା ପରିବେଶ, ଉନ୍ନତ ରୋଗୀ ସେବା ପାଇଁ ଏହି ପୁରସ୍କାର ମିଳିଛି। ଖୋର୍ଦ୍ଧା ଟାଉନ ହଲଠାରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକ ସମ୍ମାନିତ କରିଥିଲେ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧ ଲକ୍ଷ ଟଙ୍କା, ନିରାକାରପୁର, ରାମେଶ୍ୱର, ବଡପୋଖରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ ହଜାର ଟଙ୍କା ଲେଖାଏ ଏବଂ କୁହୁଡି, କମାଗୁରୁ, ଲଳିତପାଟପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା.ସତ୍ୟ ରଞ୍ଜନ ନନ୍ଦ, ବ୍ଲକ ପ୍ରୋଗ୍ରାମ ଅଧିକାରୀ ତପନ ମଣ୍ଟୁ, ନିରାକାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା.ଅଶ୍ୱିନୀ ସ୍ୱାଇଁ, ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ମନୋରଞ୍ଜନ ସାହୁ, ବଡପୋଖରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ପ୍ରିୟରଞ୍ଜନ ଷଡ଼ଙ୍ଗୀ, କୁହୁଡି ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମଧୁସ୍ମିତା ରଣବିଜୁଳି, କମାଗୁରୁ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହେମଲତା ମୁଣ୍ଡୁ, ଲଳିତପାଟପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମାନସୀ ବେହେରା ପୁରସ୍କାର ଗ୍ରହଣ କରିଥିଲେ।

# ମନ୍ଦିରରେ ତାଲା, ଉପବାସରେ ମହାପ୍ରଭୁ

ଜଟଣୀ,୪।୨(ରବୀନ୍ଦ୍ରନାଥ ମହାକୁଡ଼)

## ମାଲିକାନା ସ୍ୱତ୍ୱକୁ ନେଇ ବିବାଦ



ଜଟଣୀ ଥାନା ଅଧୀନ ବାଛରାପାଟଣା ଅଞ୍ଚଳରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଦୁଇଦିନ ହେବ ତାଲା ପଡ଼ିଛି। ଫଳରେ ଦୈନନ୍ଦିନ ନୀତିକାନ୍ତି ବନ୍ଦ ହେବା ସହ ମହାପ୍ରଭୁ ଉପବାସରେ ରହିଛନ୍ତି। ଏନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ମନ୍ଦିର ମାଲିକାନା ସ୍ୱତ୍ୱକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିବାରୁ ତାଲା ପକାଯାଇଛି ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଗତ ବର୍ଷ ୫-ଟି ଅଧ୍ୟକ୍ଷ ଜଟଣୀ ଗସ୍ତ କରିଥିବା ସମୟରେ ବିଭିନ୍ନ ମଠ, ମନ୍ଦିର, ଚର୍ଚ୍ଚ ଏବଂ ମସଜିଦର ଉନ୍ନତିକରଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ଲାଗି ଘୋଷଣା କରିଥିଲେ। ଏହିକ୍ରମରେ ଉକ୍ତ ଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ଆର୍ଥିକ ଅନୁଦାନ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିଲା। ଉକ୍ତ ଅନୁଦାନ ଅର୍ଥକୁ ନେଇ କାର୍ଯ୍ୟକାରୀ କରିବା ବିବାଦର ମୁଖ୍ୟ କାରଣ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏପରିକି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହେବାରୁ ମାମଲା ଥାନାକୁ ଯାଇଥିଲା ବୋଲି ଜଣାପଡ଼ିଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଭକ୍ତଙ୍କ ମହଲରେ ଦାବି ହୋଇଛି।

# ମା’, ମାଟି ଓ ମାତୃଭୂମିକୁ ସମ୍ମାନ ଦିଅ

ଖୋର୍ଦ୍ଧା,୪।୨ (ପ୍ରଭାତ ପାଣିଗ୍ରାହୀ)

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଳିପଡାଠାରେ ଖୋର୍ଦ୍ଧା ବ୍ଲକସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ତତ୍ତ୍ୱାବଧାନରେ ୧୩ଟି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ କୃତୀ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନରେ ସମ୍ମାନିତ ଅତିଥିଭାବେ ମଳିପଡ଼ାର ସମିତିସଭ୍ୟା ସଞ୍ଜୁକ୍ତା ମହାପାତ୍ର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କନ୍ୟା କୁମାରୀ ରାଉତରାୟ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଭାଷା ସମ୍ପର୍କିତ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଡ.ବୃନ୍ଦାବନ ପଣ୍ଡା, ଆଶିଷ କୁମାର ଗଡ଼, ବିଭୁ ପ୍ରସାଦ ହରିଚନ୍ଦନ ଅତିଥିଭାବେ ଯୋଗଦେଇ ମା, ମାଟି ଓ ମାତୃଭାଷାକୁ ସମ୍ମାନ ଦେବାକୁ କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ନାୟକ ଅଧ୍ୟକ୍ଷତା କରିଥିଲେ। କୃଷ୍ଣଚନ୍ଦ୍ର ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାବତୀ ଲେଙ୍କା, ଯୁଧିଷ୍ଠିର ସାହୁ, ରବିନାରାୟଣ ପଣ୍ଡା, ଅମୀୟ ପରିଡ଼ା, ଧ୍ରୁବଚରଣ ରଣା, ଅମୀୟ ଜେନା, ବିକାଶ ମୁଦୁଲି, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା ଯୋଗ ଦେଇଥିଲେ। ସିଆର୍‌ସିସି ରବି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

# ନିରାକାରପୁର ୟଙ୍ଗଷ୍ଟାର କ୍ଲବ ବିଜୟୀ

ନିରାକାରପୁର,୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଲେଣ୍ଡୋ ପଞ୍ଚାୟତ ହାଇସ୍କୁଲ ନିକଟରେ ଥିବା ଖେଳପଡ଼ିଆରେ ଲେଣ୍ଡୋ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସଞ୍ଜୀବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ନିରାକାରପୁର ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଓ ସାନରାଉତପଡା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ନିରାକାରପୁର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଜବାବରେ ସାନରାଉତପଡା ଟିମ୍ ୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶ, ଜିଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ, ସ୍ଥାନୀୟ ସମିତି ସଭ୍ୟ ବିକାଶ କୁମାର ନାୟକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପର୍ଶୁରାମ ଛୋଟରାୟ, ପ୍ରକାଶ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ମହି ମଙ୍ଗରାଜ, ଶକ୍ତିମାନ ମହାନ୍ତି, ଆକାଶ ସାହୁ, ରୋଶନ ମଙ୍ଗରାଜ, ସୋନୁ ହରିଚନ୍ଦରାୟ, ବାବୁଲି ଖୁଣ୍ଟିଆ, ସାନୁ ସିଂ, ଜିତୁ ଭୁଜବଳ, ସୁଶା ବିଶ୍ୱାଳ ଓ ସାରଦା ପ୍ରଧାନ ସହଯୋଗ କରିଥିଲେ।

# ମା’ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୋଲଗଡ଼,୪।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ କୋଦୁଅବେରେଣୀ ଖେଳପଡ଼ିଆରେ ରବିବାର ଦ୍ୱାଦଶତମ ମା’ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଅତ୍ରି କ୍ରିକେଟ ଟିମ୍ ଏବଂ ଭାଲିଆବାଡ଼ି କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୦୦ରନ ସଂଗ୍ରହ କରିଥିଲା। ଜବାବରେ ଅତ୍ରି ଟିମ୍ ୧୧.୩ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୨୦୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତ୍ରି ଟିମ୍‌ର ସଂଗ୍ରାମ ମାଝୀ ୪୨ ବଲରେ ୧୧୦ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ପୌରପରିଷଦର ପୂର୍ବତନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁ, ବୋଲଗଡ଼ ବ୍ଲକ ବିଜୁ ଜନତା ଦଳର ପ୍ରଭାତୀ ରାଉତରାୟ, ସାରୁଅ ସରପଞ୍ଚ ରଞ୍ଜିତା ମହାଭୋଇ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## କାଶୀପୁର ଫୁଟ୍‌ବଲ ଟୁର୍ନାମେଣ୍ଟ

# ରଘୁନାଥ କ୍ଲବ ଟାଙ୍ଗୀ ଚାମ୍ପିୟନ

ନିରାକାରପୁର,୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ଗ୍ରାମସ୍ଥିତ ଖେଳପଡିଆରେ ମା’ଭୈରବୀ ଯୁବସଂସଦ ଆନୁକୂଲ୍ୟରେ ଚାଲିଥିବା ୪୧ତମ ରାଜ୍ୟସ୍ତରୀୟ କାଶୀପୁର ଫୁଟ୍‌ବଲ ଟୁର୍ନାମେଣ୍ଟରେ ରଘୁନାଥ କ୍ଲବ ଟାଙ୍ଗୀ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ରଘୁନାଥ କ୍ଲବ ଟାଙ୍ଗୀ ଓ ଏଫ୍‌ସି କ୍ଲବ ଖଣ୍ଡପଡା ମଧ୍ୟରେ ହୋଇଥିଲା। ୨-୦ ଗୋଲରେ ରଘୁନାଥ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ପ୍ରମୋଦ ଦାସ, ଅବିନାଶ ପଟ୍ଟନାୟକ, ସୁକାନ୍ତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ହୃଦାନନ୍ଦ ମହତରାୟ ମ୍ୟାଚ କମିଶନର ଥିଲେ। ଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ରୁଦ୍ରପ୍ରସାଦ ନାଥ ଶର୍ମା, ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶ, ଶିକ୍ଷାବିତ୍ ଅଜୟ ପ୍ରଧାନ, ମାନସ ରଞ୍ଜନ ମହାପାତ୍ର, କ୍ରୀଡାବିତ୍ ଦିଲ୍ଲୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ କମଳଲୋଚନ ପ୍ରଧାନ ମଞ୍ଚ ପରିଚାଳନା ଓ ସମ୍ପାଦକ ନୃସିଂହ ଦଳେଇ ବିବରଣୀ ପାଠ କରିଥିଲେ। ଚାମ୍ପିୟନ ଓ ରନର୍ସଅପ ଟିମକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ମନୋଜ ସ୍ୱାଇଁ ଓ ମଳୟ ସ୍ୱାଇଁଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ଟ୍ରଫି ପ୍ରଦାନ କରାଯାଇଥିଲା। ସାମାଜିକକର୍ମୀ ସନ୍ତୋଷ ଦଳେଇ, ସୁକାନ୍ତ ବେହେରା, ଇଂପ୍ରଭାତ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ବେହେରା, ଗଙ୍ଗାଧର ପଟ୍ଟନାୟକ, ଖେଳ ପରିଚାଳକ ଓ ସ୍ଥାନୀୟ ଅଞ୍ଚଳର ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ ଷଡ଼ଙ୍ଗୀ, ସୋମନାଥ ବିଶ୍ୱାଳ, ନବକିଶୋର ବରାଳଙ୍କ ସମେତ ଭୈରବୀ କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# କୁରାଢ଼ମଲ୍ଲ କ୍ରିକେଟ ଟୁର୍ନାମେଣ୍ଟ ଜିତିଲା ବାଲିଆପଡ଼ା

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)

କୁରାଢମଲ୍ଲଠାରେ ମା’ବାଉତୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ବାଲିଆପଡ଼ା ଟିମ୍ ଚମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମା’ବଘେଇ କ୍ରିକେଟ ଆସୋସିଏଶନ ଦେଉଳଟାଙ୍ଗୀ ଓ ବାଲିଆପଡା ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ବାଲିଆପଡ଼ା ଟିମ୍ ୨୦ ଓଭରରେ ୯ ଉଇକେଟ ବିନିମୟରେ ୨୬୬ରନ ସଂଗ୍ରହ କରିଥିଲା। ଜବାବରେ ଦେଉଳଟାଙ୍ଗୀ ଟିମ୍ ୧୯.୨ଓଭରରେ ୧୬୫ ରନ ସଂଗ୍ରହ କରିଥିଲା। ଫଳରେ ବାଲିଆପଡ଼ା ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଦିପକ ହରିଚନ୍ଦନ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିବା ବେଳେ ଦେଉଳଟାଙ୍ଗୀର ବିକାଶ ଦଳାଇଙ୍କୁ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଛି। ଝଜ ସାମନ୍ତରାୟ ଓ ଶରତ ମଙ୍ଗରାଜ ମ୍ୟାଚ୍ ପରିଚାଳନା କରିଥିଲେ। ପୂର୍ବତନ ଖୋର୍ଦ୍ଧା ପୌରାଧ୍ୟକ୍ଷା ସଞ୍ଜୁକ୍ତା ସାହୁ ମୁଖ୍ୟ ଅତିଥି, ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ସମିତିସଭ୍ୟା ପୁଷ୍ପାଞ୍ଜଳି ଜଗଦ୍ଦେବ, ଗୋପୀନାଥ ମହାରଥୀ, ବୈକୁଣ୍ଠନାଥ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୨।୨୦୨୪

| | |
|---|---|
| ୬,୧୦,୧୭୬ ଟଙ୍କା | |
| ସୁନା | ୧୫୦ ଗ୍ରାମ୍ |
| ରୁପା | ୩୩.୧୦୦ ଗ୍ରାମ୍ |

# ପରିତ୍ୟକ୍ତ ଅବସ୍ଥାରେ ଗ୍ରାମୀଣ ପାର୍କ

ନିମାପଡ଼ା,୪।୨ (ରଞ୍ଜନ କୁମାର ପଟ୍ଟନାୟକ):

ଗ୍ରାମାଞ୍ଚଳ ଜନସାଧାରଣଙ୍କ ଚିତ୍ତବିନୋଦନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟରେ ପଞ୍ଚାୟତ ଗ୍ରାମୀଣ ପାର୍କ ନିର୍ମାଣ କରାଯାଇଥିଲା। ୨୦୨୦ ମସିହାରେ ସରକାର ଏହି ଗ୍ରାମୀଣ ପାର୍କ ଯୋଜନା କରିଥିଲେ। ଏହି ଯୋଜନାରେ ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତରୁ ହାତ ଗଣତି ଗୋଟିଏ ଦୁଇଟିକୁ ଛାଡ଼ିଦେଲେ ଅନ୍ୟ ସବୁ ପଞ୍ଚାୟତରେ ପାର୍କ ନିର୍ମାଣ କରାଯାଇଥିଲା। ଅବସର ବିନୋଦନ ପାଇଁ ପାର୍କରେ ବିଭିନ୍ନ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ହୋଇଥିଲା। କେତେକ ପଞ୍ଚାୟତର ପାର୍କରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ପାଦଚଲା ରାସ୍ତା, ଯୁବବର୍ଗଙ୍କ ପାଇଁ ଜିମ୍ ସୁବିଧା ସହିତ ଶିଶୁଙ୍କ ସକାଶେ ଦୋଳି ଓ ଖସଡ଼ା ଉପକରଣ ବ୍ୟବସ୍ଥା ରହିଥିଲା। ପାର୍କକୁ ଅଧିକ ଆକର୍ଷଣୀୟ କରିବା ଲାଗି ପାନୀୟଜଳ, ରଙ୍ଗବେରଙ୍ଗ ଆଲୋକ ବ୍ୟବସ୍ଥା ସହିତ ହରିଣ, ବାଘ, ଘୋଡ଼ା ଆଦି ପଶୁ ଓ ବିଭିନ୍ନ



ପ୍ରକାର ପକ୍ଷୀ ମୂର୍ତ୍ତି ରଖାଯାଇଥିଲା। ପାର୍କରେ ପ୍ରତ୍ୟହ ସକାଳ ଓ ଅପରାହ୍ନରେ ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ଯୁବବର୍ଗ ଓ ଶିଶୁଙ୍କ ଗହଳି ଲାଗିରହୁଥିଲା। ତେବେ ସମ୍ପ୍ରତି ପାର୍କରେ ବିଭିନ୍ନ ପ୍ରକାର ଗଛ ଓ ଘାସ ନଷ୍ଟ ହୋଇଗଲାଣି। ଅନୁରୂପ ଭାବେ ଲାଇଟ୍, ପାଣିଟ୍ୟାପ ସବୁ ଭାଙ୍ଗିରୁଜି ଗଲାଣି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ଏବେ ଜଙ୍ଗଲରେ ପରିଣତ ହୋଇ ସରୀସୃପଙ୍କ ଚରାଭୂଇଁ ପାଲଟିଛି। କେତେକ ପାର୍କ ଅଧାପନ୍ତରିଆ ଅବସ୍ଥାରେ ଥାଇ ମଧ୍ୟ ସମ୍ପୂର୍ଣ୍ଣ ବିଲ୍ କରାଯାଇ ଅର୍ଥ ହରିଲୁଟ ହୋଇଛି। ଜଗୁଆଳି ନ ଥିବାରୁ ଅନେକ ପାର୍କ ରାତିରେ ଦୁର୍ବୃତ୍ତ ଓ ମଦ୍ୟପଙ୍କ ଆଡ଼ାସ୍ଥଳୀ ପାଲଟିଛି। ପାର୍କ ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତର। ପଞ୍ଚାୟତ ପରିମଳ ବ୍ୟବସ୍ଥା ପାଇଁ ସରକାର ଚତୁର୍ଦ୍ଦଶ ଅର୍ଥ କମିଶନ ମାଧ୍ୟମରେ ପ୍ରତି ଆର୍ଥିକ ବର୍ଷରେ ପ୍ରତ୍ୟେକ ପଞ୍ଚାୟତକୁ ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ସେହି ଅର୍ଥରେ ପଞ୍ଚାୟତ ପାର୍କର ରକ୍ଷଣାବେକ୍ଷଣ କରାଯିବା କଥା। ଆନ୍ତରିକତା ଅଭାବରୁ ଅନୁଦାନ ଅର୍ଥ ଚଳୁ କରିବା ଉଦ୍ଦେଶ୍ୟ ରଖି ପାର୍କ ରକ୍ଷଣାବେକ୍ଷଣ କରାଯାଉନି ବୋଲି ସାମାଜିକ କର୍ମୀ ନିରୋଦ ବରଣ ଖୁଣ୍ଟିଆ ଅଭିଯୋଗ କରିବା ସହିତ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଗ୍ରାମୀଣ ପାର୍କ ଯୋଜନାକୁ ସରପଞ୍ଚ

### ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା

ଦେବାଶିଷ ଆଚାର୍ଯ୍ୟ, ରାଜେଶ ବାରିକ, ତପନ କୁମାର ମଲ୍ଲିକ ସ୍ୱାଗତ କରିଥିବା ବେଳେ ରକ୍ଷଣାବେକ୍ଷଣ ପାଇଁ ଅର୍ଥ ମଞ୍ଜୁର ହେଉ ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା ବୋଲି ଚର୍ଚ୍ଚା ହେଉଛି। ଗ୍ରାମୀଣ ପାର୍କ ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତର। ପଞ୍ଚାୟତକୁ ଆସୁଥିବା ବିଭିନ୍ନ ଫଣ୍ଡରୁ ଏହା କରିବାର ବ୍ୟବସ୍ଥା ରହିଛି। ଅନୁଦାନ ଅର୍ଥ ଖର୍ଚ୍ଚ କରିବାରେ କେଉଁଠି ଅସୁବିଧା ରହିଛି ତଦନ୍ତ ପରେ ଜଣାପଡ଼ିବ। ଖୁବ୍ ଶୀଘ୍ର ପାର୍କ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରିବି ବୋଲି ନୂତନ ଭାବେ ଯୋଗଦେଇଥିବା ବିଡିଓ ଭୁବନାନନ୍ଦ ପଟ୍ଟନାୟକ କହିଛନ୍ତି । ପାର୍କକୁ ପୁନର୍ବାର ବ୍ୟବହାର ଉପଯୋଗୀ କରିବା ପାଇଁ ସାମାଜିକ କର୍ମୀ ତଥା ନନ୍ଦିଘୋଷ ଫାଉଣ୍ଡେଶନ ମୁଖ୍ୟ ସୁଶ୍ରୀ ରୋଜାଲିନ ନାୟକ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ସତ୍ୟବାଦୀରୁ ସିଲ୍‌ଭର ଗାନ୍ଧୀଙ୍କ ପଦଯାତ୍ରା




ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗଦେବାକୁ ସିଲ୍‌ଭର ଗାନ୍ଧୀଙ୍କ ପଦଯାତ୍ରା।

ସାକ୍ଷୀଗୋପାଳ,୪।୨(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ):

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗଦେବାକୁ ସିଲ୍‌ଭର ଗାନ୍ଧୀ ତଥା ଅଭିନେତା ମୋହନ ମହାପାତ୍ର ରବିବାର ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟଠାରୁ ଭୁବନେଶ୍ୱର ଜନତା ମଇଦାନକୁ ପଦଯାତ୍ରା କରିଛନ୍ତି। ବିଗତ ଦିନରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ପୁରୀରୁ ଦିଲ୍ଲୀ ପଦଯାତ୍ରା କରି ଚର୍ଚ୍ଚିତ ହେବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଗ୍ରାମାଞ୍ଚଳରେ ଗାନ୍ଧୀ ବେଶରେ ବୁଲି ପ୍ରଚାର କରି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ସ୍ଥାନୀୟ ପଞ୍ଚସଖାଙ୍କ ସ୍ମୃତି ପୀଠରେ ପହଞ୍ଚି ପଞ୍ଚସଖାଙ୍କ ସମାଧିରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ପଞ୍ଚସଖାଙ୍କ ଓଡ଼ିଆ ଭାଷା ପାଇଁ ଅବଦାନ ଅତୁଳନୀୟ ଏବଂ ଉତ୍କଳମଣି

### ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗ ଦେବେ

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମତବ୍ୟକ୍ତ କରିଥିଲେ। ନବନିର୍ମିତ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ରାଜ୍ୟ ସରକାରଙ୍କ ଉଚ୍ଚକୋଟୀର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସତ୍ୟବାଦୀ ଅଞ୍ଚଳର ମହିଳା, ଯୁବକ ଏବଂ ସ୍ୱେଚ୍ଛାସେବୀଙ୍କ ସହିତ ମିଶି 'ଆମେ ଓଡ଼ିଆ ଆମ ଭାଷା ବଡ଼ିଆ' ନାରା ଦେଇ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ଆସି ସାକ୍ଷୀଗୋପାଳଙ୍କୁ ଦର୍ଶନ କରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଅନ୍ୟ ରାଜ୍ୟରୁ ଆସିଥିବା ଦର୍ଶନାର୍ଥୀ ଗାନ୍ଧୀ ବେଶରେ ମୋହନ ମହାପାତ୍ରଙ୍କୁ ଦେଖି ଫୁଲମାଳ ଦେଇ ପ୍ରଣାମ କରିବା ସହିତ ଭାରତ ମାତା କି ଜୟ ନାରା ଦେଇଥିଲେ।

## ସଂକ୍ଷେପରେ

### ପେଟ୍ରୋଲ ପମ୍ପ ଅଫିସ୍ ଗୃହରେ ଅଗ୍ନିକାଣ୍ଡ

ବଲଙ୍ଗା,୪।୨(କେଦାରେଶ୍ୱର ନନ୍ଦ):

ବଲଙ୍ଗା ଥାନା ରୂପଦେଇପୁରଠାରେ ଥିବା ପେଟ୍ରୋଲ ପମ୍ପ ଅଫିସ ଘରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଟିଏ କମ୍ପ୍ୟୁଟର, ଏସି ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ପିପିଲି ଦମକଳ ବାହିନୀ ପହଞ୍ଚିବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ଏନେଇ ପେଟ୍ରୋଲ ପମ୍ପ ମ୍ୟାନେଜର ପ୍ରସନ୍ନ ମିଶ୍ର ବଲଙ୍ଗା ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣା ପଡ଼ି ନ ଥିବାବେଳେ ବିଦ୍ୟୁତ୍ ଶର୍ଟ ସର୍କିଟକୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

### ଯୁବକଙ୍କ ସହ ପିଟିହେଲା ହରିଣ

ଗୋପ,୪।୨(ଭାରତୀ ଭୂଷଣ ଉପାଧ୍ୟାୟ):

ପୁରୀ– କୋଣାର୍କ ରାସ୍ତାରେ ରବିବାର ଅପରାହ୍ନରେ ଗୋଟିଏ ହରିଣ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଥିବା ଗୋପ ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ଗୁରୁତର ଯୁବକ ଜଣଙ୍କ ହେଲେ କୋଣାର୍କ ଅଞ୍ଚଳର ବଳରାମ ଭୋଇ (୩୫)। ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ପ୍ରକାଶ ଯେ, ବଳରାମ କୌଣସି କାମରେ ବାଇକ୍ ଯୋଗେ ଯାଉଥିଲେ। କୋଣାର୍କ– ପୁରୀ ବେଳାଭୂମି ମାର୍ଗରେ ଉକ୍ତ ହରିଣଟି ରାସ୍ତା ପାର ହେବାକୁ ଯାଇ ଯୁବକଙ୍କ ବାଇକ୍‌ରେ ମାଡ଼ ହୋଇଥିଲା। ଫଳରେ ବଳରାମ ରାସ୍ତାରେ ପଡ଼ି ଯିବାରୁ ତାଙ୍କ ମୁଣ୍ଡ, କାନ ଓ ଶରୀରର ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ କୋଣାର୍କ ଚମ୍ପାହାର ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିବାରେ ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ବଳରାମଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏଠାରେ ସୂଚନାଯୋଗ୍ୟ, କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରେ ଥିବା ହରିଣ ଖାଦ୍ୟ ଓ ପିଇବା ପାଣି ଲାଗି ଗାଁ ମୁହାଁ ହେବାରୁ ଏପରି ଅନେକ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଜଙ୍ଗଲ ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

# ବିନାୟକ ବିଦ୍ୟା ମନ୍ଦିରର ୧୩ତମ ବାର୍ଷିକ ଉତ୍ସବ



ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ ।

ପୁରୀ, ୪।୨(ଅଜିତ ମହାନ୍ତି):

ମଧୁବନ ଦ୍ୱିତୀୟ ଗଳିସ୍ଥିତ ବିନାୟକ ବିଦ୍ୟା ମନ୍ଦିରର ୧୩ତମ ବାର୍ଷିକ ଉତ୍ସବ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡ଼ା, ପୁରୀ ସଦର ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ଦାଶ, ଶିକ୍ଷା ବିକାଶ ପରିଷଦର ସମ୍ପାଦକ ସୁରେଶ ଚନ୍ଦ୍ର ସାମନ୍ତରାୟ, ରାଜ୍ୟ ଯୁବ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ମିଶ୍ର, ସିଆର୍‌ସିସି ଅନିତା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ ଏବଂ ସଂଯୁକ୍ତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ରହ୍ମାନନ୍ଦ ଦାଶ, ପ୍ରଭାତୀ ମହାପାତ୍ର, ରାଜକିଶୋର ସାହୁ, ରାଧାଶ୍ୟାମ ପଟ୍ଟନାୟକ, ପୁଷ୍ପାରାଣୀ ପଣ୍ଡା, ନୃତ୍ୟଗୁରୁ ଦୁର୍ଗାପ୍ରସାଦ ପାଣ୍ଡେ, ସଙ୍ଗୀତ ଗୁରୁ ପ୍ରଦୀପ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅତିଥିମାନେ କୃତୀ ବିଦ୍ୟାର୍ଥୀ ତନୁଶ୍ରୀ ନାୟକ, ବିଦ୍ୟାଶ୍ରୀ ସାହୁ, କ୍ରିୟାଶ୍ରୀ ସାମନ୍ତରାୟ, ବିସ୍ମିତା ସାହୁ, ଅଂଶୁମାନ ଦାଶ, ବିଶ୍ୱରୂପା ପୃଷ୍ଟି, ପ୍ରଭୁପ୍ରସାଦ ମହାନ୍ତି, ସୌମ୍ୟଜିତ ବେହେରା, ଅଂଶୁମାନ ନାୟକ, ରୁଦ୍ରପ୍ରସାଦ ମିଶ୍ର, ଓମ୍ ପ୍ରସାଦ ବେହେରା, ଓମ୍ ପ୍ରକାଶ ମହାରଣା, ବିଷ୍ଣୁ ପ୍ରସାଦ ବାଇ, ପ୍ରିୟଦର୍ଶିନୀ ସ୍ୱାଇଁ, ରାନୀ ରାଉଳ, ଶ୍ରୀୟାଶ୍ରୀ ପଣ୍ଡା, ସୂର୍ଯ୍ୟନାରାୟଣ ମୁଦୁଲି, ସୁସ୍ମିତା ରାଣୀସିଂ, ଶୁଭଲକ୍ଷ୍ମୀ ମୁଦୁଲିଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍ସବରେ ଉଦବୋଧନ ଦେଇ ଅତିଥିବୃନ୍ଦ ବିଦ୍ୟାର୍ଥୀମାନେ ଶୃଙ୍ଖଳାଜ୍ଞାନ ଶିକ୍ଷା କରିବା ସହ ନିଜକୁ ସରସ ସୁନ୍ଦର କରି ଗଢି ତୋଳିବାର ପ୍ରଚେଷ୍ଟା କରିବାକୁ କହିଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ମହାପ୍ରଭୁଙ୍କର ହେଲା ବଡ଼ମହାସ୍ନାନ

ପୁରୀ,୪।୨(ଅଜିତ୍ ମହାନ୍ତି):

ଶ୍ରୀମନ୍ଦିରରେ ରବିବାର ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ହୋଇଛି। ଦ୍ୱିତୀୟ ଭୋଗ ମଣ୍ଡପ ପରେ ଭିତରକାଠ ନିକଟରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ସଙ୍ଗେ ସଙ୍ଗେ ନୀତି ସମେତ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ବଡ଼ମହାସ୍ନାନ ପାଇଁ ପ୍ରାୟ ୨ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଏଥିସହ ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ବଡ଼ମହାସ୍ନାନ ନୀତି ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

### ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟ ଜିଲାର ଶ୍ରେଷ୍ଠ ବିଦ୍ୟାଳୟ

ସାକ୍ଷୀଗୋପାଳ,୪।୧ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):

ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ଜିଲାସ୍ତରୀୟ ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର, ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାଶ ଓ ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର କମିଟି ସଭାପତି କାଳୁ ଚରଣ ବିଶ୍ୱାଳଙ୍କୁ ମିଳିଛି। ଏଥିପାଇଁ ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ଶୁଭେଚ୍ଛା ଜଣାଇଛନ୍ତି। ଏହି ପୁରସ୍କାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଏକ ସତନ୍ତ୍ର ଉତ୍ସବରେ ଦିଆଯାଇଛି। ସେହିପରି ବିଦ୍ୟାଳୟ ଛାତ୍ରୀ ଆଲିସା ପାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ରାଜ୍ୟସ୍ତରରେ ଏକାଡେମିକ୍ ଓ ମେରିଟି କମ୍ ମିନ୍‌ସ ୨ଟି ବର୍ଗରେ ଶିକ୍ଷା ପୁରସ୍କାର ପାଇ ବିଦ୍ୟାଳୟ ଗୌରବ ବୃଦ୍ଧି କରିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପରିଶ୍ରମ ତଥା ନିଷ୍ଠାପର ଉଦ୍ୟମ ଯୋଗୁ ପ୍ରତିବର୍ଷ ଅନେକ ମେଧାବୀ ଛାତ୍ରୀଙ୍କୁ ସୃଷ୍ଟି କରିପାରିଛି ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାଶ କହିଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

କାକଟପୁର,୪।୨(ଶୁଭଦର୍ଶନ ମିଶ୍ର):

କାକଟପୁର ବ୍ଲକ କଟକଣା ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରୁକ୍ ସାନା ବିବି ଏଥିରେ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ସମିତି ସଭ୍ୟା ପ୍ରଭାତୀ ବିଶ୍ୱାଳ ପ୍ରମୁଖ ଦୀପ ଜାଳି ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ତାହାର ସୁଫଳ ଉପରେ ମନ୍ତ୍ରୀ ବିସ୍ତୃତ ବିବରଣୀ ପ୍ରଦାନ କହିଥିଲେ। ଉଦୟଭାନୁ ସାହୁ, ସାମାଜିକ କର୍ମୀ ସେଖ୍ ସିକନ୍ଦର, ଲିଙ୍ଗରାଜ ଚାନ୍ଦ, ସେକ୍ ମୁସ୍ତାହାର, ସେକ୍ ସଦୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ରାମକୃଷ୍ଣ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୋଣାର୍କ,୪।୨(ଜ୍ୟୋତିରାଜ ମହାନ୍ତି):

କୋଣାର୍କ ଥାନା ଅଧୀନ ସିମିଳି ଗ୍ରାମପଞ୍ଚାୟତ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଆଦର୍ଶ ହିନ୍ଦୀ ଶିକ୍ଷକ ରାମକୃଷ୍ଣ ମହାନ୍ତି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ସମାରୋହରେ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଏଥିପାଇଁ ତାଙ୍କୁ କୋଣାର୍କ ଅଞ୍ଚଳରେ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏଥିସହ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାପୀଠର ଛାତ୍ରୀ ଭାଗ୍ୟ ଲକ୍ଷ୍ମୀ ଆଚାର୍ଯ୍ୟ ଓ ଛାତ୍ର ଏମ୍ ସ୍ୱୟାଂଶ



ସାସମଲ ଚଳିତବର୍ଷ ରାଜ୍ୟସ୍ତରୀୟ ଶିକ୍ଷା ପୁରସ୍କାର ପାଇଛନ୍ତି। ଶିକ୍ଷକ ମହାନ୍ତିଙ୍କୁ ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ, ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ ବ୍ରହ୍ମା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାଲୁଙ୍କେଶ୍ୱର ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କାଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ନେଇ ସଚେତନତା

ପିପିଲି,୪।୨(ଦୁର୍ଗାମାଧବ ମିଶ୍ର):

ଆମ ଓଡ଼ିଶା ନବୀନ ଓଡିଶାର ସଚେତନତା ଶିବିର ପିପିଲି ଏନ୍‌ଏସି ପକ୍ଷରୁରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ସେହିଭଳି ପିପିଲି ଏନ୍‌ଏସିର ସମସ୍ତ ବିକାଶ କାର୍ଯ୍ୟ ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣ ଅଧିକ ସଚେତନ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ




ଆଚାର୍ଯ୍ୟ କହିଛନ୍ତି। ଅନ୍ୟତମ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା ଓ ସମସ୍ତ କାଉନସିଲରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚନ୍ଦନ ସେଠୀଙ୍କ ସହିତ ସମସ୍ତ କାଉନସିଲର ସହଯୋଗ କରିଥିଲେ।

# ଭ୍ରଷ୍ଟାଚାର ହଟାଇବାକୁ 'ପ୍ରୟାସ'ର ପରିବର୍ତ୍ତନ ଶୋଭାଯାତ୍ରା

ସାକ୍ଷୀଗୋପାଳ,୪।୨ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ):

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ବିଭିନ୍ନ ରାଜନୈତିକ ଦଳ ଶକ୍ତି ପ୍ରଦର୍ଶନ କରିବା ଆରମ୍ଭ କରିଛି। ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭ୍ରଷ୍ଟାଚାର ହଟାଇବାକୁ 'ପ୍ରୟାସ'ର ପରିବର୍ତ୍ତନ ଶୋଭାଯାତ୍ରା ରବିବାର କଣାସରୁ ଆରମ୍ଭ ହୋଇଥିଲା। କଣାସ ବ୍ଲକ ଗଡଖରଦ ପଞ୍ଚାୟତରୁ ସତ୍ୟବାଦୀରେ କେତକୀ ପାଟଣା ପଞ୍ଚାୟତ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ମୋଟର ସାଇକେଲ, ଅଟୋ ରିକ୍ସା ଏବଂ ଚାରି ଚକିଆ ଗାଡ଼ି ସାମିଲ ହୋଇଥିଲା। ସଂଗଠନ ସଭାପତି କୃଷ୍ଣ ଜଗଦେବ, ସମ୍ପାଦକ ଯୁବନେତା କାମାକ୍ଷା ପ୍ରଧାନଙ୍କ ସହିତ ପଞ୍ଚାୟତର ପ୍ରମୁଖ କର୍ମକର୍ତ୍ତା ଏକ ଖୋଲା ଜିପ୍‌ରେ ଶୋଭାଯାତ୍ରାରେ ଯୋଗଦେଇ ଜନସାଧାରଣଙ୍କ ହକ୍ ପାଇଁ ଲଢେଇ କରିବେ ବୋଲି କହିଥିଲେ। ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ମହିଳା, କୃଷକ ଓ ଯୁବକ ଭାରତମାତାର ଜୟଗାନ କରି ସତ୍ୟବାଦୀରେ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ। ଗୈରିକ ପତାକା ଧରି ଦୁର୍ଗା ବାହିନୀର ଶତାଧିକ ମହିଳା ସତ୍ୟବାଦୀରେ ସତ୍ୟ, ଧର୍ମ, ନ୍ୟାୟ ପ୍ରତିଷ୍ଠା ପାଇଁ ସଂଗ୍ରାମ କରିବାକୁ ଡାକରା ଦେଇଥିଲେ। ଏହି ଅବସରରେ ପୂର୍ବ ସତ୍ୟବାଦୀର ପାଣିଛତ୍ର ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ ଲକ୍ଷ୍ମଣ ବେହେରା, ପ୍ରକାଶ ଆଚାର୍ଯ୍ୟ, ଗଙ୍ଗାଧର ଛାଟୋଇ, ସୁରଥ ବେହେରା, ସତ୍ୟଭାମା ବେହେରା, ସରପଞ୍ଚ ଜ୍ୟୋତି ରଥ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସତ୍ୟବାଦୀରେ ପରିବର୍ତ୍ତନ ଶୋଭାଯାତ୍ରା ।

# ଯଦୁପୁର ଭୁବନେଶ୍ୱରକୁ ହରାଇ କୁମାରବସ୍ତ ଖୋର୍ଦ୍ଧା ଚାମ୍ପିୟନ

### ୩୧ତମ ରାଜ୍ୟସ୍ତରୀୟ ଶାରଳା କପ

ଅସ୍ତରଙ୍ଗ,୪।୨(ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା):

ଅସ୍ତରଙ୍ଗ ବ୍ଲକ ପଛ ନରେନ୍ଦ୍ର ଷ୍ଟାଡିୟମରେ ୩୧ତମ ଶାରଳା କପ୍ ମେଗା ଫାଇନାଲ ମ୍ୟାଚ୍‌ରେ ଯଦୁପୁର ଭୁବନେଶ୍ୱରକୁ ହରାଇ କୁମାରବସ୍ତ ଖୋର୍ଦ୍ଧା ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି କୁମାରବସ୍ତ ଖୋର୍ଦ୍ଧା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୯୨ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବିକାଶ ରାଉତ ୭୧ରନ୍ ସଂଗ୍ରହ କରିଥିଲେ। ଯଦୁପୁରର ଏସ୍. କେ. ସଲମାନ ୪ ଓଭରରେ ୩ଟି ଉଇକେଟ ନେଇଥିଲେ। ଜବାବରେ ଯଦୁପୁର ଭୁବନେଶ୍ୱର ସମସ୍ତ ଉଇକେଟ ହରାଇ ୧୭୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଚାମ୍ପିୟନ କୁମାରବସ୍ତ ଖୋର୍ଦ୍ଧାକୁ ଚାମ୍ପିୟନ ଟ୍ରଫି ସହ ୩୧ ହଜାର ୧୧୧ଟଙ୍କା ଓ ରନର୍ସ ଦଳ ଯଦୁପୁରକୁ ରନର୍ସ ଅପ୍ ଟ୍ରଫି ସହ ୨୧ ହଜାର ୧୧୧ଟଙ୍କା ପ୍ରଦାନ କରାଯାଇଥିଲା। କୁମାରବସ୍ତ




ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ଖୋର୍ଦ୍ଧାର ଆଇ.ଏସ୍. ଗିରି ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ବୁଲୁ ବଳିୟାରସିଂ ଓ ଡ୍ୟାମ୍ପି ଅମ୍ପାୟାର ବବୁଲୁ ସାହୁ ଖେଳ ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ବେହେରା, କୁମାର ଚଗଲି, କୁମାର ଭବାନୀ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ଶାରଳା କ୍ଲବ ଦିଗଦର୍ଶକ ଦିବାକର ଛାଟୋଇ, ପ୍ରତିଷ୍ଠାତା ନଟକିଶୋର ମହାନ୍ତି, ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ବେହେରା, ଦୁର୍ଗା ଚରଣ ମହାରଣା, ପ୍ରଶାନ୍ତ ମୁଦୁଲି, କୁମାର ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ମରାମତି ବେଳେ ଯୁବକ ମୃତ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଥାନା ରାଧାକୃଷ୍ଣପୁର ପଞ୍ଚାୟତ ସରସ୍ୱତୀପୁର ଗ୍ରାମରେ ବିଦ୍ୟୁତ୍ ଲାଇନ ସଜାଡିବାବେଳେ ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟଲିଆ ଟୁଡ଼ି। ପୋଲିସ ଏନେଇ ୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଟଲିଆ ଶନିବାର ରାତିରେ ନିଜ ଘରେ ବିଦ୍ୟୁତ୍ ଲାଇନ ଖରାପ ଥିବାରୁ ସଜାଡୁଥିଲେ। ହଠାତ ସେ ବିଦ୍ୟୁତ୍ ଆଘାତ ପାଇ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ତାଙ୍କୁ ତାଙ୍କ ଘରଲୋକ ତୁରନ୍ତ ଆଠଗଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ଟଲିଆଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଘରଲୋକଙ୍କୁ ଦିଆଯାଇଥିଲା।

**ସଂକ୍ଷେପରେ**

## ସମବାୟବିତ୍‌ଙ୍କ ପରଲୋକ

ଆଠଗଡ଼,୪।୨(ସତ୍ୟ ପ୍ରସାଦ ରଥ)

ଆଠଗଡ ଏନ୍ଏସି ଅନ୍ତର୍ଗତ ଓାର୍ଡ ନଂ-୮ ବାଉତୀ ସାହି ଅଞ୍ଚଳର ବିଶିଷ୍ଟ ସମବାୟବିତ୍ ରମେଶ ଚନ୍ଦ୍ର ଦାସ(୭୨)ଙ୍କ



ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ଭର୍ତ୍ତି କରାଯାଇଥିଲା। ସେଠାରେ ରମେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସଞ୍ଜୟ କୁମାର ଦାସ, ଅଜୟଙ୍କ ସମେତ କନ୍ୟା, ଜାମାତା ଓ ପୁତୁରା ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ସଞ୍ଜୟ ମୁଖାଗ୍ନି ଦେଇଥିଲେ। ଖବର ପାଇ ଆଠଗଡ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ, କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

# 'ବୈଜ୍ଞାନିକ ପଦ୍ଧତି ତଦନ୍ତରେ ମିଳିବ ସଫଳତା'

**ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ**

କଟକ,୪।୨(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସ ମୁଖ୍ୟାଳୟ ପକ୍ଷରୁ ଓଏମ୍‌ପିସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ୩ଦିନ ଧରି ଚାଲିଥିବା ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଲେକଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଛନ୍ତି।

ମୁଖ୍ୟ ଅତିଥି ମନ୍ତ୍ରୀ ବେହେରା କହିଲେ, ପୋଲିସ ବିଭାଗରେ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସାହିତ କରିବାକୁ ବୃତ୍ତିଗତ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଆପରାଧିକ ମାମଲାର ବୈଜ୍ଞାନିକ ପଦ୍ଧତି ତଦନ୍ତରେ ପୋଲିସକୁ ସଫଳତା ମିଳିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହାଦ୍ୱାରା ପୋଲିସର ଆତ୍ମବିଶ୍ୱାସ ବୃଦ୍ଧି ହେବା ସହିତ ଜନସାଧାରଣଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସାର ପାତ୍ର ହେବ



ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କୃତ କରୁଛନ୍ତି।

ବୋଲି ସେ କହିଛନ୍ତି। ପୋଲିସ ବିଭାଗର ଆଧୁନୀକିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ୫-ଟିରେ ବୈଷୟିକ ବିଜ୍ଞାନକୁ ପ୍ରାଥମିକତା ଦିଆଯାଉଛି। ନୂତନ ଭାବେ ଲାଗୁ ହୋଇଥିବା କ୍ରିମିନାଲ ଆଇନ ନିମନ୍ତେ ଏହାର ପ୍ରୟୋଗ ଭଲ ଭାବେ ପ୍ରସ୍ତୁତ ହୋଇପାରିବ ବୋଲି ମନ୍ତ୍ରୀ ବେହେରା କହିଥିଲେ। ଆଗାମୀ ଦିନରେ ରାଜ୍ୟ ପୋଲିସ ଅଧିକ ଲୋକାଭିମୁଖୀ ହୋଇ ରାଜ୍ୟବାସୀଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଭଲଭାବେ କାମ କରିବ ବୋଲି ସେ କହିଥିଲେ। ଏଥିସହ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ହେବାକୁ ଥିବା ସର୍ବଭାରତୀୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଓଡ଼ିଶା ପୋଲିସ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ବୃତ୍ତିଗତ ଦକ୍ଷତାକୁ ଉଚ୍ଚକୋଟିର କରିବାକୁ ହେଲେ ମନୋଭାବରେ ପରିବର୍ତ୍ତନ, ଜ୍ଞାନ ଆହରଣ କରିବା ନିତାନ୍ତ ଜରୁରୀ ବୋଲି କହିଥିଲେ। କ୍ରାଇମବ୍ରାଞ୍ଚର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା ଧନ୍ୟବାଦ ଦେଇଥିଲେ। ଆଇ.ଜି. (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ ଉପସ୍ଥିତ ଥିଲେ। ବୃତ୍ତିଗତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷା,ଜାତିର ସୁରକ୍ଷା ପାଇଁ ମଧୁସୂଦନଙ୍କ ଜୀବନ ଉତ୍ସର୍ଗୀକୃତ

ଚୌଦ୍ୱାର,୪।୨(ଆଶୁତୋଷ ଦାସ)

କୁଳବୃଦ୍ଧ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ଚୌଦ୍ୱାରରେ ରବିବାର ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସଦ ସଭାପତି ବିଶ୍ୱ କଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ମାନସ ରଞ୍ଜନ ସାମଲ, ବୈଷ୍ଣବ ଚରଣ ପ୍ରଧାନ, ଅକ୍ଷୟ ମିଶ୍ର, ଶ୍ରୀନିବାସ ବେହେରା, ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରମୁଖ ଚୌଦ୍ୱାର ମହିଳା ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଓଡ଼ିଆ ଭାଷା ଓ ଜାତିର ସୁରକ୍ଷା ପାଇଁ ମଧୁସୂଦନ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ ବୋଲି ପ୍ରକାଶ ପାଇଥିଲା। ଖବରଦାତା ଗଙ୍ଗାଧର ସାହୁ, ସତ୍ୟବ୍ରତ ଦାସ, କେ.ସି. ପ୍ରତାପସିଂ, ଅଶୋକ ନାୟକ, ରାଜକିଶୋର ସାମନ୍ତରାୟ, ବିମଳ ବେଉରା, ଭାଗୀରଥି ସାହୁ, ଅନିରୁଦ୍ଧ ସାହୁ, ଅରୁଣ ରାଉତ, ତପନ ସାହୁ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ବିଜୟ ନନ୍ଦ ପ୍ରମୁଖ କୁଳବୃଦ୍ଧଙ୍କ ଜୀବନୀ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରିତା ଦାସ, ଭାସ୍କର ପ୍ରସାଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର କ୍ୟାଣ୍ଟନମେଣ୍ଟ ରୋଡ୍‌ଠାରେ ଥିବା ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ବିବେକ, ଜ୍ଞାନର ବାର୍ତ୍ତା ମାନିଲେ ସମାଜର ମଙ୍ଗଳ ହେବ

କଟକ ସଦର,୪।୨(ସୁଶାନ୍ତ ଜେନା)

ମସ୍ତିଷ୍କରେ ବୁଦ୍ଧି ରୂପିଣୀ ମା' ଓ ତାଙ୍କର ୨ ପୁତ୍ର ବିବେକ, ଜ୍ଞାନର ବାର୍ତ୍ତାକୁ ଖଣ୍ଡନ ନ କରି ଗ୍ରହଣ କଲେ ନିଜର ଓ ସମାଜର ମଙ୍ଗଳ ହେବ। କଟକ ସଦର ବ୍ଲକ ଅଧୀନ କନ୍ଦରପୁର ପଞ୍ଚାୟତ ବମ୍ଫୁରି ଗ୍ରାମର ଶାରଳା ଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ମୁଖ୍ୟ ଅତିଥି ଭାବେ ବାବା ବଳିଆ ନିଶାମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରି ଏହା କହିଥିଲେ। ନିଶା ପାନ ଦ୍ୱାରା ଶରୀରର କି ପ୍ରକାରର କ୍ଷତି ଘଟେ ସେ କଥା ପାନକାରୀ ଜାଣିପାରନ୍ତି ନାହିଁ। ହେଲେ ରୋଗାକ୍ରାନ୍ତ ହୋଇ ଅକାଳରେ ଜୀବନ ଗଲାବେଳେ ସବୁକଥା ଜଣାପଡ଼େ ବୋଲି ବାବା ଶ୍ରୋତାମଣ୍ଡଳୀଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ସୋମବାର ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ସୂଚନା ରହିଛି।

# ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମ ଲୋକାର୍ପିତ



ମିନିଷ୍ଟାଡିୟମ ଲୋକାର୍ପଣ ଉତ୍ସବରେ ବିଧାୟକ ଚନ୍ଦ୍ର ସାରଥି ବେହେରା ଓ ଅନ୍ୟମାନେ।

ନିଶ୍ଚିନ୍ତକୋଇଲି/ନେମାଳୋ, ୪।୨ (ଅଶୋକ କୁମାର ମହାପାତ୍ର/କିରଣ ଶଙ୍କର ନାୟକ)

ରାଜ୍ୟ ସରକାର କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ଯୁବଶକ୍ତିମାନଙ୍କୁ କ୍ରୀଡ଼ା ମାଧ୍ୟମରେ ଜାଗରଣ କରାଇବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ମିନିଷ୍ଟାଡିୟମର ଲୋକାର୍ପଣ ଉତ୍ସବରେ ଅଚ୍ୟୁତାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଅନନ୍ତ କର, ମିଳନ ଭୂୟାଁ, ସସ୍ମିତା ମହାନ୍ତି, ଜିଲା ପରିଷଦ ସଭ୍ୟ ବିଳାସ ଭୋଇ, ସୁଶାନ୍ତ ସେଠୀ, ସେକ୍ ରୁସ୍ତମ ଓ ସରୋଜ ବେହେରା ଯୋଗଦେଇଥିଲେ। ପ୍ରାରମ୍ଭରେ ଯୁବନେତା ନୃସିଂହ ଚରଣ ମୁଦୁଲି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଏକ ମୋଟର ସାଇକେଲ ଶୋଭାଯାତ୍ରା କଳମିଶ୍ରୀରୁ ବାହାରି ସାନ୍ତପୁର, ବନ୍ଧୁପୁର,ନେମାଳ ଦେଇ ମହାପୁରୁଷଙ୍କ ନିକଟରେ ପହଞ୍ଚିଥିଲା। ସେଠାରେ ବିଧାୟକ ବେହେରା ପୂଜାର୍ଚ୍ଚନା କରି ନେମାଳ ଷ୍ଟାଡିୟମକୁ ଉଦ୍‌ଘାଟନ କରିଥିଲେ।

## ମର୍କତନଗର ଉଠାଦୋକାନୀ ସଂଘର ନୂତନ କର୍ମକର୍ତ୍ତା

କଟକ,୪।୨ (କାର୍ତ୍ତିକ ସାହୁ)

ମର୍କତନଗର ଉଠାଦୋକାନୀ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ନରାଜ-ମାର୍ଥାପୁରସ୍ଥିତ ଶ୍ରୀ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜୁଡିସିଆଲ ଏକାଡେମୀଠାରୁ ନରାଜ ପୋଲ ପର୍ଯ୍ୟନ୍ତ ଜାଗାରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିର୍ବାଚନରେ ଭାଗନେଇଥିଲେ। ସଭାପତି ଭାବେ ଅକ୍ଷୟ କୁମାର ଦାସ, ଯୁଗ୍ମଉପସଭାପତି ଅତିଥି ମହାପାତ୍ର ଓ ବିଜୟ କୁମାର ସାମଲ, ସାଧାରଣ ସମ୍ପାଦକ ତପନ ମିଶ୍ର, ଯୁଗ୍ମସଙ୍ଗଠନ ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର ଓ ପ୍ରତାପ କୁମାର ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ନିରାକାର ପଣ୍ଡା ନିର୍ବାଚିତ ହୋଇଥିଲେ। ଏଥିସହ ପ୍ରତି ସେକ୍ଟରରୁ ଦୁଇଜଣ ଲେଖାଏ ପ୍ରତିନିଧିଙ୍କୁ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ କରିବା ପାଇଁ ନୂତନ ସଭାପତିଙ୍କୁ କ୍ଷମତା ଅର୍ପଣ କରାଯାଇଥିଲା। ଉପଦେଷ୍ଟା ଭାବେ ଓଡ଼ିଶା ନବନିର୍ମାଣ ବିକାଶ ମଞ୍ଚର କେନ୍ଦ୍ରୀୟ ସଭାପତି ପ୍ରଫେସର ଡ. ଜ୍ଞାନଗୁରୁ ଦାସ, କଟକ ଉଠାଦୋକାନୀ ମହାସଂଘ ସଭାପତି ଅମରେନ୍ଦୁ ମହାନ୍ତି, ବସ୍ତି ଉନ୍ନୟନ ନେତା ଆଜାଦ ବୃନ୍ଦାବନ ଦାସ, ରୋଟାରିଆନ ବିକ୍ରମ ଦାଶ ଏବଂ ସାମାଜକ କର୍ମୀ ବିଶ୍ୱପ୍ରକାଶ ଦାଶଙ୍କୁ ମନୋନୀତ କରାଯାଇଛି। ବିଜୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

# ଶିକ୍ଷିତ ଅଞ୍ଚଳ ଅଧିକ ବିକଶିତ



ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ସାଲେପୁର ହାଇସ୍କୁଲ ବାର୍ଷିକ ଉତ୍ସବ**

ସାଲେପୁର,୪।୨(ଅରବିନ୍ଦ ଭୂୟାଁ)

ସାଲେପୁର ହାଇସ୍କୁଲ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧନ ଶିକ୍ଷକ ମନୋରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଯେଉଁ ଅଞ୍ଚଳ ଯେତେ ଶିକ୍ଷିତ ସେ ଅଞ୍ଚଳ ସେତେ ବିକଶିତ ବୋଲି କହିଥିଲେ। ଶିକ୍ଷାର ବିକାଶରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥିଭାବେ ସାଲେପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ, ଆଲୁମନି ସଭାପତି ମିହିର ଜେନା, ପୁରାତନଛାତ୍ର ତଥା ଯୁବ ସାମାଜିକ କର୍ମୀ ନନ୍ଦକିଶୋର ଭୂୟାଁ ଓ ଟେଲିଭିଜନ ଅଭିନେତ୍ରୀ ସୁଭଦ୍ରା ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅସରରେ ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

## ବଦଳିବ ଜେକେବିକେ ମହାବିଦ୍ୟାଳୟ ରୂପରେଖ

ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)

କଟକସ୍ଥିତ ଜେକେବିକେ ସରକାରୀ ମହାବିଦ୍ୟାଳୟର ରୂପରେଖ ବଦଳିବ। ମହାବିଦ୍ୟାଳୟରେ ଜି+୪ ବିଲଡିଂ ନିର୍ମାଣ ହେବ। ଏଥିପାଇଁ ୧୭ କୋଟି ୪୦ ଲକ୍ଷ ୩୩ ହଜାର ଟଙ୍କାର ପ୍ରଶାସନିକ ଅନୁମତି ମିଳିଛି। ଉଚ୍ଚ ଉଚ୍ଚଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗତ ଡିସେମ୍ବର ମାସରେ କଲେଜର ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ମହାବିଦ୍ୟାଳୟର ଉନ୍ନତୀକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କ୍ରମରେ ୧ ତାରିଖ ପରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା। ଆସନ୍ତା ୬ ତାରିଖ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ମହାବିଦ୍ୟାଳୟରେ ସ୍ଥାୟୀ ଗୃହ ସହ କଳା ବିଭାଗ, ବିଜ୍ଞାନ ବିଭାଗ, ବାଣିଜ୍ୟ ବିଭାଗ, ଲାବୋରଟୋରି, ଅଡିଟୋରିୟମ ଆଦି ସମସ୍ତ ବ୍ୟବସ୍ଥା ରହିବ। ସୂଚନା ଥାଉ କି, ମହାବିଦ୍ୟାଳୟକୁ କଟକ, ଜଗତସିଂହପୁର, କେନ୍ଦ୍ରାପଡା ଜିଲାରୁ ଛାତ୍ରୀଛାତ୍ର ପଢ଼ିବାକୁ ଆସନ୍ତି। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ୨୦୦୧-୨୦୦୨ ବେଳେ ତତ୍କାଳୀନ ଛାତ୍ର ସଂସଦ ସଭାପତି ତଥା ବର୍ତ୍ତମାନ ଗଣଶିକ୍ଷା ବିଭାଗ ଉପଦେଷ୍ଟା ଶିଶିର ପରିଡାଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ତତ୍କାଳୀନ ଜିଲାପାଳ ରାଜ୍ୟ ସରକାରଙ୍କୁ କଲେଜକୁ ଲାଗିଥିବା ଜାଗାକୁ ମହାବିଦ୍ୟାଳୟକୁ ହସ୍ତାନ୍ତରିତ କରିବା ପାଇଁ ସୁପାରିସ କରିଥିଲେ । ତତ୍କାଳୀନ ଉଚ୍ଚଶିକ୍ଷା ସଚିବ ରଙ୍ଗଲାଲ ଜାମୁଡ଼ା ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜମି ହସ୍ତାନ୍ତର ପାଇଁ ଅନୁରୋଧ କରିଥିଲେ। ମାତ୍ର ଘଟଣାର ଦୀର୍ଘ ବର୍ଷ ପରେ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀଙ୍କ ମନରେ ଆନନ୍ଦ ଖେଳିଯାଇଛି।

# ଗୋପାଳଚନ୍ଦ୍ର ପ୍ରହରାଜ, ଗୋପବନ୍ଧୁଙ୍କୁ ମନେପକାଇଲେ ଛାତ୍ରୀଛାତ୍ର

କଟକ ସଦର,୪।୨(ସୁଶାନ୍ତ ଜେନା)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ କଟକ ସଦର ବ୍ଲକ ଅଧୀନ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କୁ ଛାତ୍ରୀଛାତ୍ରମାନେ ପକାଇଥିଲେ। ପରେ ପଣ୍ଡିତ ଗୋପବନ୍ଧୁ ଦାସ ଓ ତାଙ୍କ ଜାମାତା ସ୍ୱର୍ଗତ ପ୍ରଫେସର ରତ୍ନାକର ପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରଥମ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷା କୋଷ, ପ୍ରକାଶିତ କରି ସ୍ୱର୍ଗତ ପ୍ରହରାଜ ସବୁଦିନ ପାଇଁ ଏହି ଓଡ଼ିଆ ଜାତି ପାଖରେ ଅମର ହୋଇଯାଇଛନ୍ତି ବୋଲି ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ପାଣିଗ୍ରାହୀ କହିଥିଲେ। ଏହି ଅବସରରେ ଅନ୍ୟତମ ସାହିତ୍ୟ ପ୍ରତିଭା ପଣ୍ଡିତ ଦାସ ଓ ତାଙ୍କର ଏକମାତ୍ର ଉତ୍ତରାଧିକାରୀ ଜାମାତା ପ୍ରଫେସର ପତିଙ୍କ ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ, ମମତାମୟୀ ବାରିକ, ମମତା ବେହେରା, ପର୍ବିନ ସୁଲତାନା ଓ ଜଳନ୍ଧର ବାତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଅନନ୍ତପୁରକୁ ହରାଇ ଡାଳଭାଗ ଚାମ୍ପିୟନ

ଖୁଣ୍ଟୁଣୀ,୪।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା କଣ୍ଡରେଇ ପଞ୍ଚାୟତ ସତ୍ୟନାରାୟଣପୁର ଗ୍ରାମର ସତ୍ୟସାଇ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ ବାର୍ଷିକ ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ମା'ମଙ୍ଗଳା କ୍ଲବ ଅନନ୍ତପୁରକୁ ପରାସ୍ତ କରି ଜୟଦୁର୍ଗା କ୍ରିକେଟ ଏକାଦଶ ଡାଳଭାଗ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ ଆଠଗଡ଼ ବିଜେଡି ଯୁବ ସଂଗଠକ ତଥା ସୁପ୍ରିମକୋର୍ଟ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କୃତ କରିଥିଲେ। କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ସମିତିସଭ୍ୟ ବିଶ୍ୱନାଥ ପୂର୍ତ୍ତି, ଅଜୟ ବେହେରା, ପଞ୍ଚାୟତ ବିଜେଡି ସଭାପତି ହୃଷୀକେଶ ପରିଡ଼ା, ସମବାୟ ସମିତି ସଭାପତି ସତ୍ୟାନନ୍ଦ ସାହୁ, ପରମାନନ୍ଦ ମନ୍ତ୍ରୀ, ଜ୍ଞାନରଞ୍ଜନ ଦାସ, ଅଭୟ ଭଦ୍ର ଓ ନଗେନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଜୟ ରାଉତ ଓ ଦିବାକର ନାଥ ଖେଳ ପରିଚାଳନା କରିଥିଲେ। ଆୟୋଜକ ସତ୍ୟସାଇ କ୍ରିକେଟ୍ କ୍ଲବ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

# 'ରାଜ୍ୟ ସରକାରଙ୍କ ପ୍ରୟାସରେ ପଞ୍ଚାୟତର ବିକାଶ'

ନିଶ୍ଚିନ୍ତକୋଇଲି,୪।୨(ଅଶୋକ କୁମାର ମହାପାତ୍ର)

ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ଓ ଏହାର ସଫଳ ରୂପାୟନ ହୋଇଥିବାରୁ ପଞ୍ଚାୟତରେ ଭିତ୍ତିଭୂମିର ବିକାଶ ହୋଇଛି। ଗ୍ରାମାଞ୍ଚଳର ଲୋକମାନେ ଏବେ ସହଜ ଓ ସୁବିଧାରେ ସ୍ୱାସ୍ଥ୍ୟ ଶିକ୍ଷା ଓ ଗମନାଗମନ ଭଳି ମୌଳିକ ସୁବିଧା ହାତପାହାନ୍ତାରେ ପାଉଛନ୍ତି। ଚାଷୀ ଯୁବବର୍ଗ ଓ ଶ୍ରମିକମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ମିଳୁଛି। ଶିକ୍ଷାର ଭିତ୍ତିଭୂମିର ବିକାଶ ସାଙ୍ଗକୁ ଲୁଣା-ଚିତ୍ରୋତ୍ପଳା ଦ୍ୱିପାଞ୍ଚଳରେ ଗମନାଗମନର ସୁବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳ ଲୋକ ରାଜ୍ୟ ସରକାରଙ୍କର ଜନ କଲ୍ୟାଣ ଯୋଜନା ପାଇବାରେ ସକ୍ଷମ ହୋଇଛନ୍ତି। ଫଳରେ ପଞ୍ଚାୟତରେ ଭିତ୍ତିଭୂମିର ବିକାଶ ମଧ୍ୟ ହୋଇଛି ବୋଲି ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ଓରତି ଓ ଜମରା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବିଡିଓ ଧର୍ମରଞ୍ଜନ ପଣ୍ଡା, ଜିଲା ପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗିରିଶ ମହାପାତ୍ର, ଯୁବନେତା ମିହିର ମିଶ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଓରତି ପଞ୍ଚାୟତରେ ସରପଞ୍ଚ ସରୋଜିନୀ ବେହେରା ସଭାପତିତ୍ୱ କରିଥିଲେ। ଏହି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୫୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୧୩ଟି ପ୍ରକଳ୍ପ କରାଯାଇଥିବା ବେଳେ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ୯୫୦ ପରିବାରଙ୍କୁ ସାମିଲ କରାଯାଇଛି। କାଳିଆ ଯୋଜନାରେ ୭୬୭ ଜଣ କୃଷକଙ୍କୁ ସାମିଲ କରାଯାଇଛି। ସାମାଜିକ ସୁରକ୍ଷା ଯୋଜନାରେ ୬୦୬ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ମିଶନ ଶକ୍ତି ଯୋଜନାରେ ୫୩ଟି ଗୋଷ୍ଠୀକୁ ୧କୋଟି ୩୧କ୍ଷ ଟଙ୍କା ବିନାସୁଧରେ ଋଣ ଦିଆଯାଇଛି। ୯୭୦ ପରିବାରକୁ ରାଶନ କାର୍ଡ ଓ ୪୪୪ ଗର୍ଭବତୀ ମହିଳାଙ୍କୁ ମମତା ଯୋଜନାରେ ସାମିଲ କରାଯାଇଥିବା ସରପଞ୍ଚ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସର୍ବେଶ୍ୱର ସିଂ, ବ୍ରଜମୋହନ ପଣ୍ଡା ଯୋଗଦେଇଥିଲେ। ସେହିଭଳି ଭାବେ ଜମରା ପଞ୍ଚାୟତରେ ସରପଞ୍ଚ ବନ୍ଦନାମୟୀ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସମିତି ସଭ୍ୟ ମେନକା ବଳ,ସୁଦାମ ବଳ,ଆଶୁତୋଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏହି ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ୫୦ ଲକ୍ଷ ଟଙ୍କା ବିନିମୟରେ ୯ଟି ପ୍ରକଳ୍ପ କରାଯାଇଛି। ୮୨୬ ପରିବାରକୁ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରାଯିବା ସହ ୬୭୯ ହିତାଧିକାରୀଙ୍କୁ ସମାଜ ସୁରକ୍ଷା ଯୋଜନାରେ ଭତ୍ତା, ୮୩୬ ପରିବାରକୁ ରାଶନ କାର୍ଡ, ୩୪୮ ଗର୍ଭବତୀଙ୍କୁ ମମତା ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। ଏହି ପଞ୍ଚାୟତରେ ୬୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧କୋଟି ୫୮ ଲକ୍ଷ ୩ ହଜାର ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ।



ପଞ୍ଚାୟତସ୍ତରୀୟ ସଚେତନତା କର୍ମଶାଳାରେ ବିଧାୟକ ପ୍ରତାପ ଜେନାଙ୍କୁ ସ୍ୱାଗତ କରାଯାଉଛି।

**ପଞ୍ଚାୟତସ୍ତରୀୟ ସଚେତନତା କର୍ମଶାଳା**

## ସଂକ୍ଷେପରେ

### କାର୍‌କୁ ପଛପଟୁ ଧକ୍କା ଦେଲା ମୋ ବସ୍



ବାରଙ୍ଗ,୪।୨(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଛକରେ ରବିବାର ମୋ ବସ୍ ଏକ କାର୍ ପଛକୁ ଧକ୍କା ଦେଇଛି। ଫଳରେ କାର୍‌ରେ ଥିବା ୨ ଜଣ ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ସେଠାରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇବାରେ ନୟାନ୍ତ ହେବାକୁ ପଡ଼ିଛି। ପରେ ଉଭୟ ଗାଡ଼ିକୁ ଥାନାକୁ ଆଣିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପରେ କାର୍ ମାଲିକ ଲିଖିତ ଅଭିଯୋଗକ୍ରମେ ପୋଲିସ ମୋ ବସ୍ ଚାଳକକୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ପ୍ରକାଶ ଯେ, ୧୮ନଂ. ମୋ ବସ୍‌ଟି ଅପରାହ୍ନ ସାଢ଼େ ୩ଟା ସମୟରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିଲା। ବାରଙ୍ଗ ବ୍ଲକ ଛକ ନିକଟରେ ମୋ ବସ୍ ଆଗରେ ଯାଉଥିବା ଏକ କାର୍‌କୁ ଧକ୍କା ଦେଇଥିଲା। ମୋ ବସ୍ ଚାଳକଙ୍କ ମନମୁଖି ଗାଡ଼ିଚାଳନା ଓ ମନଇଚ୍ଛା ରାସ୍ତା ଉପରେ ପାର୍କିଂକୁ ନେଇ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଦାବି କରି ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇଥିଲେ।

### ପୂର୍ବତନ ଡିଜିପି ଗୋବିନ୍ଦଚନ୍ଦ୍ର ସେନାପତିଙ୍କ ପତ୍ନୀଙ୍କ ପରଲୋକ

ଭୁବନେଶ୍ୱର,୪।୨(ସତ୍ୟଜିତ୍ ରାଉତ)

ଓଡ଼ିଶାର ପୂର୍ବତନ ଡିଜିପି ସ୍ୱର୍ଗତ ଗୋବିନ୍ଦଚନ୍ଦ୍ର ସେନାପତିଙ୍କ ପତ୍ନୀ ଗୀତା ସେନାପତିଙ୍କ ଶନିବାର ପରଲୋକ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ରାତି ପ୍ରାୟ ୪ଟା ୪୨ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୯ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ବିକ୍ରମ, ବୋହୂ ଜୟନ୍ତି, ଝିଅ ଜ୍ୟୋତି ରାଉତରାୟ, ନାତି ବିଷ୍ଣୁବ୍ରତ ରାଉତରାୟ, ଦୁର୍ଗାଦତ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ କିଟ୍ ଛକସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନ ପୁଅ ବିକ୍ରମ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଗୀତା ଜଣେ ସରଳ, ଉଦାର, ନୀତିନିଷ୍ଠ ତଥା ଅନୁଷ୍ଠାନ ପ୍ରେମୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।



# ମୋ ବସ୍ ଧକ୍କାରେ ଯୁବକ ଗୁରୁତର, ରାସ୍ତାରୋକୋ

ଭୁବନେଶ୍ୱର,୪।୨(ସତ୍ୟଜିତ ରାଉତ)

ମୋ ବସ୍ ଚଳକଙ୍କ ବେପରୁଆ ଚାଳନା ପାଇଁ ରାଜଧାନୀରେ ବାରମ୍ବାର ଦୁର୍ଘଟଣା ଘଟୁଛି। ପଟିଆ ଶିଖରଚଣ୍ଡୀ ବିହାର ଅଞ୍ଚଳରେ ରବିବାର ରାତିରେ ମୋ ବସ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଶିଖରଚଣ୍ଡୀ ବସ୍ତି ଅଞ୍ଚଳର ଏ.ଦଣ୍ଡପାଣି ରେଡ଼ି। ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ରାସ୍ତାରୋକା କରିଥିଲେ।

### ଉତ୍ତ୍ୟକ୍ତ ଲୋକେ ଭାଙ୍ଗିଲେ ବସ୍



ଏପରିକି ମୋ ବସ୍‌କୁ ଭଙ୍ଗାରୁଜା କରିଥିଲେ। ପରେ ପୋଲିସ ପ୍ରଶାସନର ପ୍ରତିଶ୍ରୁତି ପରେ ରାସ୍ତାରୋକା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, ରାତି ପ୍ରାୟ ୮ଟା ୩୦ରେ ଏହି ମୋ ବସ୍‌ଟି କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଆରଟିଓ-୨ ଅଫିସ ନିକଟରେ ଦଣ୍ଡପାଣି ଓ ଅନ୍ୟ କେତେଜଣ ରାସ୍ତା ପାର ହେଉଥିଲେ। ଏହି ସମୟରେ ହଠାତ୍ ମୋ ବସ ଧକ୍କାରେ ଦଣ୍ଡପାଣି ଚକତଳେ ଚାପି ହୋଇଯାଇଥଲେ। ସ୍ଥାନୀୟଲୋକ ବସକୁ ଅଟକାଇ ଭଙ୍ଗାରୁଜା କରିବା ସହିତ ରାସ୍ତାରୋକୋ କରିଥିଲେ। ପ୍ରାୟ ୩୦ ମିନିଟ ଟ୍ରାଫିକ ଜାମ ହୋଇଥିଲା। ଇନଫୋସିଟି ଥାନା ଅଧିକାରୀ, ଜୋନ ଏସିପି ଏବଂ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଫଳରେ ଗାଡି ଚଳାଚଳ ସ୍ୱଭାବିକ ହୋଇଥିଲା। ଏନେଇ ଥାନାରେ ଏତଲା ଦିଆଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ବସ୍ ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

# ୱାର୍ଡ ନଂ. ୩୭ରେ ୩ଟି ମୁଖ୍ୟ ରାସ୍ତାର ଭୂମି ପୂଜନ

ଭୁବନେଶ୍ୱର, ୪।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୩୭ରେ ତିନୋଟି ମୁଖ୍ୟ ରାସ୍ତାର ଭୂମି ପୂଜନ ରବିବାର ଅନୁଷ୍ଠିତ ହୋଇଯାଇଛି। ୭କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତାଗୁଡିକ କାଞ୍ଚନଭିଲ୍ଲା ଆପାର୍ଟମେଣ୍ଟଠାରୁ ବେହେରା ସାହି ଛକ ପର୍ଯ୍ୟନ୍ତ, ମହିମା ଆଶ୍ରମଠାରୁ ଇଶା ଆପାର୍ଟମେଣ୍ଟ ପର୍ଯ୍ୟନ୍ତ, ବେହେରା ସାହି ଛକଠାରୁ ଭୋଇସାହି ୧୬ନଂ. ରାଜପଥ ପର୍ଯ୍ୟନ୍ତ ଯିବ। ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ପବ୍ଲିକ ୱାର୍ଛ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଜେନା, ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ, ବିଜୁ ଜନତାଦଳର ସାଂଗଠନିକ ଜିଲା ସାଧାରଣ ସମ୍ପାଦକ (ଭୁବନେଶର) ଅର୍ଜୁନ ବେହେରା, ଏଥିସହିତ ସ୍ଥାନୀୟ ୱାର୍ଡ଼ର ମହିଳା, ବରିଷ୍ଠ ନାଗରିକ ଯଥା ରଞ୍ଜିତ ସାହୁ, ରାଜକିଶୋର ସାମନ୍ତରାୟ, ବାଙ୍କନିଧି ସାମଲ, ମୁକୁନ୍ଦ ଜେନା, ଖଗେଶ୍ୱର ସେଠି, କାହ୍ନୁ ଚରଣ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ମେୟର ସୁଲୋଚନା ଦାସ ରାସ୍ତାର ଶିଳାନ୍ୟାସ କରୁଛନ୍ତି।

# ଲକ୍ଷ୍ମୀ ବସ୍‌ରେ ନିଯୁକ୍ତି ନାଁରେ ବଢୁଛି ଠକେଇ

## ଟୋଲ୍ ଫ୍ରି ନଂ. ଜାରି କଲା ଓଏସଆରଟିସି

ଭୁବନେଶ୍ୱର,୪।୨
(ଅନୁରାଧା ମହାରଣା)

ଲକ୍ଷ୍ମୀ ବସ୍‌ରେ ନିଯୁକ୍ତି ନାଁରେ କିଛି ଅସାଧୁ ବ୍ୟକ୍ତି ଟଙ୍କା ଆଦାୟ କରୁଥିବା ଜଣାପଡ଼ିବା ପରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆରଟିସି) ପକ୍ଷରୁ ସ୍ପଷ୍ଟିକରଣ ରଖାଯାଇଛି। ନିଯୁକ୍ତି ପାଇଁ ବିଭାଗ ପକ୍ଷରୁ କୌଣସି ଟଙ୍କା ଆଦାୟ କରାଯାଉନଥିବା ବିଭାଗୀୟ ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିଯୁକ୍ତି ନାଁରେ କେହି ଟଙ୍କା ଠକିନେଇଥିଲେ ଓଏସ୍‌ଆରଟିସି ହେଲ୍ପଲାଇନ୍ ନମ୍ବର ୧୮୦୦୩୫୪୧୧୨୨ରେ ଯୋଗାଯୋଗ କରି ସୂଚନା ଦେବା ପାଇଁ ସେଠୀ କହିଛନ୍ତି।କୌଣସି ବ୍ୟକ୍ତିଙ୍କର ଏପରି ଠକେଇରେ ସଂପୃକ୍ତିଥବବା ଜଣାପଡ଼ିଲେ ସଂପୃକ୍ତ ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲକ୍ଷ୍ମୀ ବସ୍‌ରେ ନିଯୁକ୍ତି ସମ୍ପୂର୍ଣ୍ଣ ସ୍ୱଚ୍ଛ ପ୍ରକ୍ରିୟାରେ କରାଯାଉଥିବା ସେ କହିଛନ୍ତି। ଏଥିପାଇଁ ୭ଟି ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ସୂଚନା ଥାଉକି, ଗତ କିଛିଦିନ ତଳେ ବଲାଙ୍ଗୀରରେ କିଛି ବ୍ୟକ୍ତି ଲକ୍ଷ୍ମୀ ବସ୍‌ରେ ଡ୍ରାଇଭର୍ ଓ କଣ୍ଡକ୍ଟର ନିଯୁକ୍ତି ଦେବା କହି ୨୫ରୁ ୫୦ ହଜାର ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଓଏସ୍‌ଆରଟିସି ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ତେବେ ବଲାଙ୍ଗୀର ଜିଲା ସହ ରାୟଗଡ଼ା, କଳାହାଣ୍ଡି, ଝାରସୁଗୁଡ଼ା, ବୌଦ୍ଧ ଓ କୋରାପୁଟ୍ ଜିଲାର ଅନେକ ଆଶାୟୀ ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଆସନ୍ତା ୧୨ ତାରିଖରେ ରାଜ୍ୟର ଆଉ ୫ ଜିଲାରେ ଲକ୍ଷ୍ମୀ ବସ୍ ଚାଲିବାକୁ ଥିବାବେଳେ କୌଣସି ପ୍ରରୋଚନାରେ ଆସି ଆଶାୟୀ କାହାକୁ ଟଙ୍କା ନଦେବା ପାଇଁ ପରାମର୍ଶ ଦିଆଯାଇଛି।

# ବିଏମ୍‌ସି ପକ୍ଷରୁ ସହରରେ ବୁଲିଲା ଅସ୍ମିତା ରଥ




ଭୁବନେଶ୍ୱର, ୪।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହର ପରିକ୍ରମା କଲା ଅସ୍ମିତା ରଥ। ରବିବାର ମେୟର ସୁଲୋଚନା ଦାସ ପତାକା ଦେଖାଇ ରଥର ଶୁଭାରମ୍ଭ କରି କହିଲେ, ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେଉଥିବା ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ମହାପର୍ବରେ ଓଡିଆ ଭାଷାକୁ ସୁଦୂର ପ୍ରସାରି କରିବା ତଥା ପ୍ରତି ଓଡିଆଙ୍କୁ ନିଜ ମାତୃଭାଷା ପ୍ରତି ସଚେତନ କରାଇବା ପାଇଁ ଏହି ଅସ୍ମିତା ରଥ ମହାନଗର ପ୍ରତି ୱାର୍ଡ ସହ ବିଭିନ୍ନ ଛକରେ ରହି ଓଡିଶାର, କଳା, ସଂସ୍କୃତି, ସାହିତ୍ୟ, ଚାଲି, ଚଳଣି, ରୀତି, ନୀତି ସଂପର୍କରେ ଜନ ଜାଗରଣ ସୃଷ୍ଟି କରିବ। ସମସ୍ତଙ୍କର ସମ୍ମିଳିତ ଉଦ୍ୟମ ରହିଲେ, ଓଡିଆ ଭାଷା ବିଶ୍ୱ ଦରବାର ନିଜର ସ୍ଥିତି କରିପାରିବ ବୋଲି ମେୟର ମତ ଦେଇଥିଲେ। ଅସ୍ମିତା ରଥ ଡମଣା ହାଟ, ଶୈଳଶ୍ରୀ ବିହାର, ଖଣ୍ଡଗିରି, ଘାଟିକିଆ, ସମ ହସପିଟାଲ, ଲିଙ୍ଗରାଜ ମନ୍ଦିର, ଗ୍ଲାରେଜ୍ ଛକ, ରବି ଟକିଜ୍, କଳ୍ପନା, ରାଜମହଲ, ଏକାମ୍ର ଉତ୍ସବ, ଜନତା ମଇଦାନ ଆଦି ଅଞ୍ଚଳ ପରିକ୍ରମା କରିଥିଲା। କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସିଟି ଇଂଜିନିୟର ବିଳାସ କୁମାର ବେହେରା, ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ, ଆସିଷ୍ଟାଣ୍ଟ କମିଶନର ଏ. ଗଣେଶ ବାବୁଙ୍କ ସହ ଟିମ୍ ବିଏମ୍‌ସି ଉପସ୍ଥିତଥିଲେ।

# ୧୬୧ ନୂତନ ଆଇନଜୀବୀଙ୍କୁ ମିଳିଲା ଲାଇସେନ୍ସ

କଟକ,୪।୨(କାର୍ତ୍ତିକ ସାହୁ)

ଆଇନ ପେସାକୁ ଭଲ ପାଉଥିବା ଆଇନଜୀବୀ ଉତ୍କର୍ଷତା ହାସଲ କରିପାରିବେ। ହାଇକୋର୍ଟର ବିଚାରପତି ଶଶୀକାନ୍ତ ମିଶ୍ର ଓଡ଼ିଶା ଆଇନଜୀବୀ ପରିଷଦ ପରିସରରେ ରବିବାର ୧୬୧ ଜଣ ନୂଆ ଆଇନଜୀବୀଙ୍କୁ ଲାଇସେନ୍ସ ପ୍ରଦାନ ଅବସରରେ ଏହି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ। ସଦସ୍ୟ ବିଭୁପ୍ରସାଦ ଦାସ ବିଚାରପତି ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଭୁପ୍ରସାଦ ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର , ପରିଷଦର ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ସଦସ୍ୟ ସଂଜିତ ପାଣିଗ୍ରାହୀ, ତପନ କୁମାର ବିଶ୍ୱାଳ, ଲକ୍ଷ୍ମୀ ନାରାୟଣ ପଟେଲ ଓ ନୃସିଂହ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୭ରେ ବିକ୍ଷୋଭ କରିବ ଓଡ଼ିଶା ଇଞ୍ଜିନିୟରିଂ ୱାର୍କଚାର୍ଜଡ୍/ ରେଗୁଲାର କର୍ମଚାରୀ ମିଳିତ ମଞ୍ଚ

ଭୁବନେଶ୍ୱର, ୪।୨ (ବନ୍ଦନା ସେଠୀ): ଇଞ୍ଜିନିୟରିଂ ବିଭାଗର ୱାର୍କଚାର୍ଜ/ନିୟମିତ କର୍ମଚାରୀ ଏବଂ ବିନା ପେନ୍‌ସନରେ ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ପେନ୍‌ସନ ଦାବି ନେଇ ଆସନ୍ତା ୭ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ। ଏନେଇ ମିଳିତ ମଞ୍ଚ ପକ୍ଷରୁ ରବିବାର କର୍ମଚାରୀ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିସହ ପୂର୍ତ୍ତ, ଜଳସମ୍ପଦ, ଗ୍ରାମ୍ୟ ନିର୍ମାଣ, ଗୃହ ଓ ନଗର ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗ ଅଧୀନରେ ୧୯୮୧ରୁ କାର୍ଯ୍ୟ କରିଆସିଥିବା ଏନ.ଏମ. ଆର. / ଡି. ଏଲ. ଆର.ରୁ ରୂପାନ୍ତରିତ ୱାର୍କଚାର୍ଜ କର୍ମଚାରୀ, ୱାର୍କଚାର୍ଜଡ୍‌ରୁ ରୂପାନ୍ତରିତ ରେଗୁଲାର କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ ପାଇଁ ମିଳିତମଞ୍ଚ ଦାବି କରିଛି। ବିନା ପେନ୍‌ସନ୍‌ରେ ଚାକିରିରୁ ଅବସର ଦେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ମିଳିତ ମଞ୍ଚର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ, ଆବାହକ କୃଷ୍ଣଚନ୍ଦ୍ର ନାୟକ, ସଭାପତି ପ୍ରଶାନ୍ତ ମହାନ୍ତି, ଅଖିଳ ବ୍ରହ୍ମ, ପ୍ରସନ୍ନ ପ୍ରଧାନ, ଯଦୁମଣି ପ୍ରଧାନ, ଅଶୋକ ମୁଦୁଲି ପ୍ରମୁଖ ଅଭିଯୋଗ କରିଛନ୍ତି।

# ଅରୁଣ ପଣ୍ଡାଙ୍କ ପରିବାରଙ୍କୁ ଅର୍ଥରାଶି ପ୍ରଦାନ

ଭୁବନେଶ୍ୱର,୪।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ପୂବାଞ୍ଚଳ ଶାଖା ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କ ଏକାଦଶାହ ଶ୍ରାଦ୍ଧ ଦିବସରେ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି । କଟକସ୍ଥିତ ୱିଣ୍ଡସର ପ୍ୟାଲେସଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱାର୍ଗତ ପଣ୍ଡାଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ।



# ଉପନ୍ୟାସ 'କାରୁବାକୀ' ଲୋକାର୍ପିତ

ଭୁବନେଶ୍ୱର,୪।୨(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟ ସମାଜର ହିତ ସାଧନା କରିବା ଆବଶ୍ୟକ। ଅନେକ ଏଭଳି ମତ ଦିଅନ୍ତି। ମୁଁ ମଧ୍ୟ ଏହି ମତ ସହ ସହମତ। ମାତ୍ର ସାହିତ୍ୟ ପାଠିକା ପାଠକମାନଙ୍କୁ ଉଲ୍ଲସିତ କରିପାରୁଥିବା ଦରକାର। ତା'ହେଲେ ଯାଇ ସାହିତ୍ୟ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି ହେବ ବୋଲି ସାହିତ୍ୟିକ ରବିନାରାୟଣ ସେନାପତି କହିଛନ୍ତି। ରବିବାର ପ୍ରେସ୍‌କ୍ଲବଠାରେ ଡ. ତାପସ କୁମାର ସାମନ୍ତରାୟଙ୍କ ଉପନ୍ୟାସ 'କାରୁବାକୀ'ର ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସେନାପତି କହିଲେ, ପରମ୍ପରା ଓ ଆଧୁନିକତାକୁ ଲେଖକ ଏହି ଉପନ୍ୟାସ ମାଧ୍ୟମରେ ଦେଖାଇଛନ୍ତି। କଥାଶିଳ୍ପୀ ଅଜୟ ସ୍ୱାଇଁ, କୈଳାସ ପଟ୍ଟନାୟକ, ଛନ୍ଦା ମିଶ୍ର, ପ୍ରକାଶକ ବିଜୟ ମହାପାତ୍ର, ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଚୌଧୁରୀ ରାଜେନ୍ଦ୍ର କୁମାର ମହାପାତ୍ର ଓ ସନ୍ଦୀପ ରଥ ପରିଚାଳନା କରିଥିଲେ। ଅତିଥିମାନେ ଉପନ୍ୟାସ 'କାରୁବାକୀ' ପୁସ୍ତକକୁ ଲୋକାର୍ପଣ କରିଥିଲେ।



ଅତିଥିମାନେ ଉପନ୍ୟାସ 'କାରୁବାକୀ' ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।


## ସର୍ବସାଧାରଣ ବିଜ୍ଞପ୍ତି

No.E-784:- ଶ୍ରୀମତୀ ମେଧାବିନି ମଲ୍ଲିକ, counselor, ICTC-II, ଜିଲ୍ଲା ମୁଖ୍ୟ ହସ୍ପିଟାଲ, ଖୋର୍ଦ୍ଧା, ସ୍ୱାମୀ- ଶ୍ରୀ ରମାକାନ୍ତ ମହାଲିକ, ସ୍ଥାନ- ରାଧାଚରଣପୁର, ପୋ- ଜାଁଆଳା, ଇନ୍‌ଫୋସିସ୍ ରୋଡ, ତୁଳସୀବିହାର ପାଖ, ମଙ୍ଗଳା ମନ୍ଦିର ପଛପଟ, ଜିଲ୍ଲା: ଖୋର୍ଦ୍ଧା – ୭୫୨୦୫୪।

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଚିଠି ନଂ. ୨୭୫୨, ତା୧୭।୦୭।୨୩ରିଖ ଅନୁଯାୟୀ ବହୁଦିନ ଧରି ବିନା ଅନୁମତିରେ କାର୍ଯ୍ୟାଳୟରେ ଅନୁପସ୍ଥିତର କାରଣ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଆପଣ ତାହାର କୌଣସି ଉତ୍ତର ଦେଇନାହାନ୍ତି କିମ୍ବା କାର୍ଯ୍ୟରେ ଯୋଗଦାନ କରିନାହାନ୍ତି, ଯାହାକି ଉକ୍ତ ଚୁକ୍ତିନାମା ପାଳନରେ ବିରୁଦ୍ଧାଚରଣ କରୁଅଛି।

ଏଣୁ, ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତିର ପତ୍ର ସଂଖ୍ୟା ୩୫୩୪, ତା୧୪।୦୯।୨୩ରିଖ ଅନୁଯାୟୀ ଆପଣଙ୍କର ଉକ୍ତ ଅଫିସ ସହିତ ଚୁକ୍ତିନାମା ତା୧୬।୧୦।୨୩ରିଖ ସୁଦ୍ଧା ଶେଷ ହୋଇଯାଇଛି ଏବଂ ଆପଣଙ୍କୁ ଉପରୋକ୍ତ କାର୍ଯ୍ୟରୁ ତା୧୬।୧୦।୨୩ରିଖ ସୁଦ୍ଧା ବହିଷ୍କୃତ କରାଗଲା।

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶିକା
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
OIPR-10009/11/0013/2324

CAD-3962
idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD, MAINTENANCE DIVISION, IDCO, FORTUNE TOWERS, BHUBANESWAR**
**Bid Identification No. IDCO/MAINT/BBSR/01/23-24**
TCN. No. 317 Dt.31.01.24
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work: **Supply & installation of double skin floor Mounted AIR Handling Unit of 15000 CFM 65 mm SP at 3rd Floor, Zone-C of IDCO, Fortune Towers, BBSR.**
1. Value of work: 9.99 lakhs (Approx.)
2. Period of completion: 01 (one) calendar month
3. Availability of tender online for bidding:
   I. Start date: 17.00 hours of dt.09.02.24.
   II. End date: 17.00 hours of dt.28.02.24.
   III. Opening date: 11.30 hours of dt.01.03.24.

Tender details can be seen from the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.
**Sd./- Divisional Head, MAINTENANCE DIVISION, IDCO, BHUBANESWAR**
OIPR-14003/11/0377/2324

**Directorate of Ports & Inland Water Transport**
**Paribahan Bhawan (2nd Floor), A.G. Square**
**Unit-II, Ashok Nagar, Bhubaneswar-9**
**Phone- 0674-2390355, Fax- 2396885, Email: portsniwt.od@nic.in**
**"e" PROCUREMENT NOTICE**
No.JJ-64:- **Bid Identification No. DPIWT-21/2023-24**

| | | | |
|---|---|---|---|
| 1 | Name of work | : | Construction of Approach road from RD road to Passenger Jetty at Nimtala in Bhadrak District |
| 2 | No. of works | : | 1 (One) No. |
| 3 | No. of covers | : | Double cover |
| 4 | Value of works | : | Rs.1.17 Crore |
| 5 | Bid cost | : | Rs.10,000.00 |
| 6 | Period of completion | : | 04 (Four) calendar months |
| 7 | Date & time of availability of bid document in the portal | : | 09.02.2024 to 19.02.2024 upto 05.00 P.M. |
| 8 | Last date & time for receipt of bids in the portal | : | 19.02.2024 upto 05.00 P.M. |
| 9 | Date of opening of bid document (Cover-I) | : | 20.02.2024 at 11.30 A.M. |
| 10 | Date of transparent lottery process (If situation arises) | : | Intimation will be given through online |
| 11 | Class of contractor | : | 'B' & 'A' class contractor |
| 12 | Name and address of officer inviting tender (OIT) | : | Director, Ports & Inland Water Transport, Paribahan Bhawan (2nd Floor), A.G. Square, Unit-II, Ashok Nagar, Bhubaneswar, Odisha, Pin-751009, Phone- 0674--2390355, Fax-2396885, e-Mail- portsnitt.od@nic.in |

Further details can be seen from the e-Procurement market place, https//tendersodisha.gov.in. The addendum / corrigendum if any will be hosted in the website only.
**Sd./- Director, Ports & IWT, Odisha**
OIPR-38035/11/0035/2324

**TPNODL**
**TP NORTHERN ODISHA DISTRIBUTION LIMITED**
**(A Tata power and Odisha Govt. Joint Venture)**
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com
**NOTICE INVITING TENDER (NIT) February 4th, 2024**
**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2023-24/2500000570 | Rate Contract for Hiring 58 numbers existing professionals engaged for various commercial activities at TPNODL. |
| 2 | TPNODL/OT/2023-24/2500000573 | Rate Contract for Supply of Transformer Oil for DTR. |
| 3 | TPNODL/OT/2023-24/2500000556 | Rate Contract for Hiring Vehicles on monthly basis for all Circle & Division at PAN TPNODL. |
| 4 | TPNODL/OT/2023-24/2500000576 | Rate Contract for Supply of 9mtr & 11mtr PSC Poles at TPNODL. |
| 5 | TPNODL/OT/2023-24/2500000580 | Rate Contract for Housekeeping and facility management services at Corporate offices & Balasore circle offices. |

* MSMEs registered in the State of Odisha shall pay tender fee of Rs. 1,180/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com.** All tenders will be available on TPNODL website.
Future communication / corrigendum to tender documents, if any, shall be available on website.
**Chief- Contracts & MM**

**GOVERNMENT OF ODISHA** No.A-1398:-
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**KHURDA IRRIGATION DIVISION, KHURDA**
**Dist.: Khurda, Odisha - 752056, Tel./Fax: 06755- 296075, Mail id: eekhurdairrigationdivision@gmail.com**
**'e' - Procurement Notice No.KHD-08 of 2023-24, Dtd.02.02.2024**
1. Name of the work: 20 (Twenty) Nos. of Civil Work. 2. Tender cost: Varies from Rs.23.19 Lakhs to Rs.46.61 Lakhs. 3. Bid document cost: Rs.6000/- for each work. 4. Bid security : Varies from Rs.23200/- to Rs.46700/-. 5. Class of contractor: C & B. 6. Period of completion: 02 (Two) to 04 (Four) calendar months. 7. Other details are as follows:

| Procurement Officer | Bid Identification No. | Availability of tender Online for bidding | | Date of opening of bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 08-01 of 2023-24 to KHD 08-20 of 2023-24 | 05.02.2024 at 11.00 A.M. | 15.02.2024 upto 5.00 P.M. | 16.02.2024 at 11.00 A.M. |

8. e-mail Id eekhurdairrigationdivision@gmail.com. 9. If required lottery may be held on 21.02.2024 at 11.00 A.M. Further detail conditions can be seen from the Govt. website www.tendersodisha.gov.in.
OIPR-32078/11/0009/2324 **Sd./- Superintending Engineer, Khurda Irrigation Division, Khurda**

**Ministry of Road Transport and Highways**
**Transport Bhawan, 1, Parliament Street, New Delhi- 110001**
**TAHASIL OFFICE, KANIHA**
**Land Acquisition Officer and Competent Authority, NH-53 Project, Kaniha, Dist.- Angul**
**PUBLIC NOTICE**
**Announcement of Award for acquisition of land for construction of a NH-53 For land owners/ persons interested therein**

Kind attention of all land owners / interest persons is invited to the notification dated 18.05.2016 and 21.12.2017 issued U/s 3A of the NH Act 1956 for acquisition of land for the building / construction of a National Highway and the Notification dated 18.04.2017 and 26.07.2018 issued U/s 3D of the NH Act, 1956 and published in the following newspapers.

| Sl. No. | Notification | Names of the Newspaper in which published | Date of Newspaper |
|---|---|---|---|
| 01 | Section 3A | Sambad, Dharitri, Samaya and Pragatibadi | 23.06.2016 |
| 02 | Section 3A (Left out) | Samaj and Bhaskar | 17.01.2018 |
| 03 | Section 3D | Prameya, Pragatibadi, Samaya, Sambada, Dharitri and Samaj | 18.04.2017 |
| 04 | Section 3D (Left out) | Dharitri and Sambada | 26.07.2018 |

It is informed that the undersigned has announced the Award in respect of the said land U/s 3G of the NH Act, 1956 vide order dated 29.05.2023 and 24.01.2024.The land acquiring agency (MoRTH) has placed the requisite amount of compensation at the disposal of the udnersigned. Notices have also been issued to the concerned landowners / interested persons as required U/s 3E of the NH Act, 1956.

Accordingly all the concerned landowners / interested persons are hereby informed / notified through this additional public notice that the claimants entitled to receive the compensation amount may collect their amount of compensation from the office of the undersigned on any working day between 10 A.M. to 5 P.M. within a period of 60 days and surrender or deliver the possession of the subject land to the undersigned, failing which the possession of subject land will be taken with police assistance on expire of the period of 60 days.
**Sd./- Tahasildar-Cum-CALA-NH-53, Kaniha**

# 'ଲୋଗାନ', 'ୱିକ୍ଟର' ଚାମ୍ପିୟନ

**ଭୁବନେଶ୍ୱର, ୪।୨(ଅସମାପିକା ସାହୁ)**

ଓଡ଼ିଶା କେନେଲ କ୍ଲବ୍(ଓକେସି) ପକ୍ଷରୁ ଓୟୁଏଟି ଭେଟରିନାରି କଲେଜ ଖେଳ ପଡ଼ିଆରେ ଚାଲୁଥିବା ଡଗ୍ ଶୋ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ୬୩ ଏବଂ ୬୪ତମ ଜାତୀୟସ୍ତରୀୟ ଅଲ୍ ବ୍ରିଡ୍‌ସ ଚମ୍ପିୟାନ୍‌ଶିପ୍ ଡଗ୍ ଶୋ' ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ଦେଶର ବଭିନ୍ନ ସ୍ଥାନରୁ କୁକୁରମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବ୍ରିଡ୍‌ର କୁକୁର ଭିନ୍ନ ଭିନ୍ନ ପୋଷାକରେ ସାଜସଜା ହୋଇ ପଡ଼ିଆରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ବିଚାରକଙ୍କ କଥା ଅନୁସାରେ ନିଜ ପାରଦର୍ଶିତା ଦେଖାଇଥିଲେ। କୁକୁର ହୋଇ ମଧ୍ୟ ନିଜର ଚାଲିଚଳନ, ସମାଜରେ ସେମାନଙ୍କ ଗୁରୁତ୍ୱ ଏବଂ ମାଲିକ ପ୍ରତି ଥିବା ବିଶ୍ୱସନୀୟତା ପ୍ରତିପାଦିତ କରୁଥିଲେ। ମାଲିକର ଆଜ୍ଞାଧୀନ ହୋଇ ବିଚାରକଙ୍କ ସବୁ କଥାକୁ ମାନୁଥିଲେ କୁକୁର। କୁକୁରଙ୍କ ଏଭଳି ଚମତ୍କାର ଖେଳ ଦେଖି ଉପସ୍ଥିତ ଦର୍ଶକ ଭରପୂର ମଜା ନେଇଥିଲେ। ଏଥିରେ ଜର୍ମାନ ସେଫର୍ଡ, ପଗ୍, ଲାବ୍ରାଡର ରେଟ୍ରିଭର, ଗୋଲଡେନ୍ ରେଟ୍ରିଭର, ବେଲଜିଆନ ମାଲିନଏସ୍, ବକ୍ସର, ରଟ୍‌ୱିଲର, ଜ୍ୟାକ୍ ରସେଲ ଟେରିଅର, ଡାସହୁଣ୍ଡ, ଆମେରିକାନ କକର ସ୍ପାନିଏଲ, ଫ୍ରେଞ୍ଚ ବୁଲ୍‌ଡଗ୍, ପଗ୍, ଡୋବରମ୍ୟାନ, ଗ୍ରେଟ୍ ଡେନ୍, ଅକିତା, କେନ୍‌କର୍ସୋ, ବୁଲ୍‌ମାଷ୍ଟିଫ, ପୋମେରିଆନ୍, ସାଇବେରିଆନ ହସ୍କି, ଶି ତ୍ସୁ, ବିଗଲ, ମିନ୍‌ପିନ୍, ଲାସା ଆପ୍ସୋ ସମେତ ୨୮ପ୍ରଜାତିର ୨୫୪ କୁକୁର ଭାଗ ନେଇଥିଲେ। ଭିନ୍ନ ଭିନ୍ନ ପ୍ରଜାତିର ବିଭିନ୍ନ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ୬୩ତମ ଅଲ ବ୍ରିଡ୍‌ସ ଶୋ'ରେ କୋଲକାତାର ପଲ୍ଲବ ସାହାଙ୍କ ଅଣ୍ଡିରା ଆମେରିକାନ କକର ସ୍ପାନିଏଲ୍ 'ଲୋଗାନ' ଚାମ୍ପିୟନ ହୋଇଥିବାବେଳେ ଜାମସେଦପୁରର ପଳାଶ କୁମାର ଘୋଷଙ୍କ ଅଣ୍ଡିରା ବିଗଲ୍ 'ପ୍ରାଇମ୍ ଟାଇମ୍' ଦ୍ୱିତୀୟ ଏବଂ ପଲ୍ଲବ ସାହାଙ୍କ ଅଣ୍ଡିରା ଡାସହାଉଣ୍ଡ୍ 'ଲେଜେଣ୍ଡ' ତୃତୀୟରେ ଥିଲେ। ସେହିଭଳି ୬୪ତମ ଅଲ ବ୍ରିଡସ ଶୋ'ରେ କୋଲକାତାର ସୁଚିସ୍ମିତା ଘୋଷଙ୍କ ଅଣ୍ଡିରା ଜର୍ମାନ ସେଫର୍ଡ 'ୱିକ୍ଟର' ଚାମ୍ପିୟନ ହୋଇଥିବାବେଳେ ପଲ୍ଲବ ସାହାଙ୍କ ଅଣ୍ଡିରା ଆମେରିକାନ କକର ସ୍ପାନିଏଲ୍ 'ଲୋଗାନ' ଦ୍ୱିତୀୟ ଏବଂ ଶୁଭର୍ଘ ଚକ୍ରବର୍ତୀଙ୍କ ଅଣ୍ଡିରା ବିଗଲ୍ 'ଜ୍ୟାକ୍' ତୃତୀୟରେ ରହିଥିଲେ। ୬୩ତମ ଅଲ ବ୍ରିଡସ ଶୋ'ରେ ବିଚାରପତି ଭାବରେ ଡା. ମାରିୟା ୱେରବିଜକି ଏବଂ ୬୪ତମ ଶୋ'ରେ ଆଲେକଜାଣ୍ଡର ସୋରୋକୋ ଯୋଗଦେଇଥିଲେ। ଉଭୟ ବିଚାରପତି ବେଲାରୁଷରୁ ଆସିଥିଲେ। ସବୁବର୍ଷ ଭଳି ଏବର୍ଷ ମଧ୍ୟ ଆମେ ସଫଳତାର ସହିତ ଡଗ୍ ଶୋ'ର ଆୟୋଜନ କରିବା ସହିତ କୁକୁର ଏବଂ ମଣିଷ ମଧ୍ୟରେ ଥିବା ବନ୍ଧୁତ୍ୱର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚେଇବାକୁ ଚେଷ୍ଟା ଥିଲା ବୋଲି ଓଡ଼ିଶା କେନେଲ କ୍ଲବର ସଭାପତି ସୁବ୍ରତ ପୃଷ୍ଟି କହିଛନ୍ତି। ଏମ୍‌ଜିଏମ୍‌ର ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି ଓ ଭେଟେରିନାରି କଲେଜ ଡିନ୍ ଡା. ସୁସେନ କୁମାର ପଣ୍ଡା ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ଶି ତ୍ସୁ



ସାଇବେରିଆନ ହସ୍କି

## ସରିଲା ଡଗ୍ ଶୋ'





ଆମେରିକାନ କକର ସ୍ପାନିଏଲ୍



ବକ୍ସର



ଗ୍ରେଟ୍ ଡେନ୍





ବୁଲ୍‌ମାଷ୍ଟିଫ



ମିନ୍‌ପିନ୍





ଚାମ୍ପିୟନ ୬୩ତମ ଅଲ ବ୍ରିଡ୍‌ସ ଶୋ'ରେ ହୋଇଥିବା ଆମେରିକାନ କକର ସ୍ପାନିଏଲ୍ 'ଲୋଗାନ' ଏବଂ ୬୪ତମ ଅଲ୍ ବ୍ରିଡସ ଶୋ'ରେ ଚାମ୍ପିୟନ ହୋଇଥିବା ଜର୍ମାନ ସେଫର୍ଡ 'ୱିକ୍ଟର'।



ନିଓମାଷ୍ଟିଫ

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଶ୍ୱିନୀ



@ ପତିତପାବନ



@ ଶିବପ୍ରସାଦ



@ ଅଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଉପର)। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କଳାକାରମାନଙ୍କୁ ଉତ୍ସାହିତ କରୁଛନ୍ତି।

## ଓଡ଼ିଆ କବି ସମ୍ମିଳନୀ ଉଦ୍‌ଘାଟିତ

# 'କବିତା ଜୀବନର ଅଂଶବିଶେଷ'

**ଭୁବନେଶ୍ୱର, ୪।୨(ଅସମାପିକା ସାହୁ)**

ସଂସାରରେ ଜନ୍ମ ନେଉଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ କବି। ଜୀବନର ପ୍ରଥମ କବିତା ହେଉଛି ଶ୍ୱାସ। କବିତା ଜୀବନର ଅଂଶବିଶେଷ। ମସ୍ତିଷ୍କ ବ୍ୟବହାର କରି ମଣିଷ ବିଭିନ୍ନ କ୍ଷେତ୍ରରେ ଅନେକ କିଛି କାମ କରିପାରିବ, କିନ୍ତୁ କବିତା ହୃଦୟରୁ ପରିସ୍ଫୁଟ ହୋଇଥାଏ ବୋଲି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ କିଟ୍‌ରେ ୨ ଦିନିଆ ଓଡ଼ିଆ କବି ସମ୍ମିଳନୀ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅପରାହ୍ଣରେ ଏହାର ସ୍ୱତନ୍ତ୍ର ଅଧିବେଶନରେ ପାଣ୍ଡିଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିତା ମାଧ୍ୟମରେ କବିତାର ସଂଜ୍ଞା ଉପସ୍ଥାପନ କରିଥିଲେ। ଏଥିସହ ସ୍ୱରଚିତ ଓଡ଼ିଆ କବିତା ପାଠ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଭାଷା ହିଁ ଆମ ଅତୀତର ସ୍ଥିତି ଓ ଆମ ଭବିଷ୍ୟତ। ନିଜ ଗୌରବ ସହ ଅନ୍ତରଙ୍ଗତା ସ୍ଥାପନ ପାଇଁ ବିଶ୍ୱ ଓଡ଼ିଆ ସମ୍ମିଳନୀ ଏକ ମହାର୍ଘ ଅବସର। ଏହି ଅବସରରେ ବର୍ଷିଆନ କବି ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ସ୍ୱରଚିତ କବିତା ପାଠ କରିଥିଲେ। ପୂର୍ବାହ୍ଣରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ଓ ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କହିଲେ, ଓଡ଼ିଆ ଭାଷା ସମ୍ମିଳନୀ ଯୁବଗୋଷ୍ଠୀଙ୍କୁ ଓଡ଼ିଆ ଭାଷାର ବିକାଶ ଦିଗରେ ପ୍ରେରଣା ଯୋଗାଇବ। ପ୍ରତ୍ୟେକ ଓଡ଼ିଆର ଆଦ୍ୟ ପରିଚୟ ଓଡ଼ିଆ ଭାଷା ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ପଦ୍ମ ବିଭୂଷଣ ସୀତାକାନ୍ତ ମହାପାତ୍ର କହିଲେ, ଓଡ଼ିଆ ଭାଷା ଅନ୍ୟାନ୍ୟ ଭାଷାଠାରୁ ଆଗରେ ରହିଆସିଛି। ମାତୃଭାଷା ପ୍ରତି ସମସ୍ତଙ୍କର ସ୍ନେହ, ଆଦର ଓ ସମ୍ମାନ ରହିବା ଆବଶ୍ୟକ ବୋଲି ସେ କହିଥିଲେ। କବି ପଦ୍ମ ଭୂଷଣ ରମାକାନ୍ତ ରଥ ଓଡ଼ିଆ ଭାଷାର ଯେଉଁ ଗ୍ରନ୍ଥାବଳୀ ଓ ରଚନାବଳୀ ବଜାରରେ ବିଲୁପ୍ତ ସେସବୁର ପୁନଃମୁଦ୍ରଣ କରିବା ନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଅନୁବାଦ ସାହିତ୍ୟ ଉପରେ ଗୁରୁତ୍ୱାରୋପ କରି ଅନୁବାଦ ସାହିତ୍ୟକୁ ପ୍ରୋତ୍ସାହନ ଦେଲେ ତାହା ଆମ ଭାଷାର ଭବିଷ୍ୟତ ହୋଇପାରିବ ବୋଲି କବି ଦେବଦାସ ଛୋଟରାୟ କହିଥିଲେ। କବିମାନେ ସବୁବେଳେ ସ୍ପଷ୍ଟବାଦୀ, ନିରବତା ହେଉଛି ସବୁଠାରୁ ବଡ଼ ଭାଷା ବୋଲି ଡ. ପ୍ରସନ୍ନ ପାଟ୍ଟଶାଣୀ ମତବ୍ୟକ୍ତ କରିଥିଲେ। କବି ରାଜେନ୍ଦ୍ର କିଶୋର ପଣ୍ଡା ତାଙ୍କ ଅଭିଭାଷଣରେ ଓଡ଼ିଆ ଭାଷାକୁ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ହେଲେ ପରସ୍ପର ଭାଷିକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ଯୁବକଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତୀକାତ୍ମକ ଭାବେ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ଦିନକୁ ଓଡ଼ିଆ ଭାଷା ଦିବସ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



କବି ସମ୍ମିଳନୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଭାଷା ଆଇନ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,୪।୨(ଅସମାପିକା ସାହୁ)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବିଧାନସଭାରେ 'ଭାଷା ଆଇନ' ପୁସ୍ତକ ଉନ୍ମୋଚନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାଷାର ଉନ୍ନତି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଆ ଭାଷାର ସୁରକ୍ଷା ତଥା ଆଗାମୀ ପିଢ଼ି ପାଇଁ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। ଏହାଦ୍ୱାରା ସମସ୍ତ ଭାଷାଭାଷୀ ଅଞ୍ଚଳ ଗୋଟିଏ ସୂତ୍ରରେ ବାନ୍ଧି ହୋଇ ଓଡ଼ିଶାର ବିକାଶରେ ଭାଗୀଦାରି ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ, ୧୯୪୮ମସିହାରେ ପ୍ରସ୍ତାବିତ ଭାଷା ଆଇନ ଆଲୋଚନାଠାରୁ ଆରମ୍ଭ କରି ୧୯୫୪ ଭାଷା ଆଇନ ପାରିତ ହେବା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଧାନସଭାରେ ଭାଷା ଆଇନ ୨୦୧୮ରେ ସଂଶୋଧନ ପର୍ଯ୍ୟନ୍ତ ବିଧାନସଭାରେ ହୋଇଥିବା ସମସ୍ତ ଆଲୋଚନା ଏବଂ ତଥ୍ୟ ଏହି ପୁସ୍ତକରେ ସ୍ଥାନିତ ହୋଇଛି। ଉଲ୍ଲେଖଯୋଗ୍ୟ, ପୁସ୍ତକଟି ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହରଥାଙ୍କ ଦ୍ୱାରା ସମ୍ପାଦିତ ଓ ଶବ୍ଦସ୍ପର୍ଶ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି।

# 'ମହିଳା ଭାଗୀଦାରି ବଢ଼ିଲେ ସମାଜ ସଶକ୍ତ ହେବ'

ସମ୍ବଲପୁର,୪।୨
(ଭବାନୀଶଙ୍କର ଭୋଇ)

ମୋଦି ସରକାର ଚାଷୀମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି। ବଜେଟରେ କୃଷକଙ୍କ ହିତ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ଅନ୍ନଦାତାଙ୍କ କଲ୍ୟାଣ ସହ ସୁରକ୍ଷାର ବଡ଼ ଗ୍ୟାରେଣ୍ଟି ଦେଇଛନ୍ତି ବୋଲି ରବିବାର ସମ୍ବଲପୁର ନାରୀ ସେବା ସଦନଠାରେ ଆୟୋଜିତ ହୋଇଥିବା ଚଷା ସମାଜର ୧୭ତମ ବାର୍ଷିକ ପାରିବାରିକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ, ଆଜି ଦେଶରେ ମହିଳା ସଶକ୍ତୀକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ହୋଇଛି। ମୋଦି ସରକାର ସମୟରେ ଶିକ୍ଷା କ୍ଷେତ୍ରରେ ଛାତ୍ରୀଙ୍କ ନାମଲେଖା ହାର କ୍ରମାଗତ ବୃଦ୍ଧି ପାଉଛି। ୪୩ ପ୍ରତିଶତ ଝିଅ ବିଜ୍ଞାନ, ଗଣିତ ଓ ଇଞ୍ଜିନିୟରିଂରେ ପାଠ ପଢ଼ୁଛନ୍ତି। ମହିଳାଙ୍କ ରାଜନୈତିକ ଅଧିକାରକୁ ଆଗକୁ ନେବା ପାଇଁ 'ନାରୀ ଶକ୍ତି ବନ୍ଦନ ଆଇନ' ମାଧ୍ୟମରେ ବିଧାନସଭା ଓ ଲୋକ ସଭା ଆସନରେ ୩୩ ପ୍ରତିଶତ ସଂରକ୍ଷଣ ଦେବାର ଯୋଜନା ହୋଇଛି। ଭାରତର ଚନ୍ଦ୍ରୟାନ-୩ ଅଭିଯାନରେ ମହିଳାଙ୍କ ଯୋଗଦାନ ଅଧିକ ଥିଲା। ସମାଜରେ ମହିଳା ଭାଗୀଦାରି ଯେତେ ବଢ଼ିବ, ସମାଜ ସେତେ ସଶକ୍ତ ହେବ ବୋଲି କହିବା ସହ ସମାଜକୁ ଅଧିକ ସମୃଦ୍ଧ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରଧାନ ଆହ୍ୱାନ କରିଥିଲେ। ସମ୍ବଲପୁର ଚଷା ସମାଜର ପାରିବାରିକ ବନ୍ଧୁମିଳନରେ ସାମିଲ ହେବା ମୋ ପାଇଁ ବିଶେଷ ଅବସର। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀ ଭାଇଙ୍କ ସମେତ ସମାଜ ପାଇଁ ଭଲ କାମ କରୁଥିବା ସ୍ଥାନୀୟ ଅଞ୍ଚଳର ବନ୍ଧୁମାନଙ୍କୁ ସମ୍ମାନିତ କରିବାର ପରମ୍ପରା ପ୍ରଶଂସନୀୟ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଚଷା ସମାଜର ସଭାପତି ଉତ୍ତମ ପ୍ରଧାନ, ଉପସଭାପତି ପ୍ରହ୍ଲାଦ ସାହୁ, ସମ୍ପାଦକ ନାରାୟଣ ଦେହୁରୀ, ସହସମ୍ପାଦକ ବସନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ କରୁଣାକର ବିଶ୍ୱାଳଙ୍କ ସହ ସମ୍ବଲପୁର ଅଞ୍ଚଳରେ ବସବାସ କରୁଥିବା ଚଷା ସମାଜର ସଦସ୍ୟମାନେ ସାମିଲ ହୋଇଥିଲେ।

**ସମ୍ବଲପୁର ଚଷା ସମାଜର ବନ୍ଧୁମିଳନରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ**



ଚଷା ସମାଜର ବନ୍ଧୁ ମିଳନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# ପୁରୀ ଜିଲା ହେବ ରାଜ୍ୟର ଅର୍ଥନୈତିକ ମେରୁଦଣ୍ଡ: ପାଣ୍ଡିଆନ୍

ଭୁବନେଶ୍ୱର,୪।୨(ସୁନିତ୍ ମିଶ୍ର)

ପୁରୀ ଜିଲା ହେବ ସାରା ରାଜ୍ୟର ଅର୍ଥନୈତିକ ମେରୁଦଣ୍ଡ। ବିଶ୍ୱର ଐତିହ୍ୟ ସହର ହେବ ପୁରୀ। ପୁରୀ ସହରକୁ ବାଦ୍ ଦେଇ ଏହି ଜିଲା ପାଇଁ ୧୨୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଲକ୍ଷ୍ୟ ପୂରଣ ଲାଗି ଆହୁରି ଲମ୍ବା ବାଟ ଯିବାର ଅଛି ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। ପୁରୀ ତାଳବଣିଆଠାରେ ସାଧାରଣ ସଭାରେ ରବିବାର ଯୋଗଦେବା ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି, ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ହେବ। ରାଜଧାନୀ ଭୁବନେଶ୍ୱର-ପୁରୀ ୮ ଲେନ୍ ରାସ୍ତା ହେବ। କଟକ-ପୁରୀ-ଭୁବନେଶ୍ୱର ମେଟ୍ରୋ ଟ୍ରେନ୍ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବ। ୫୦୦ ବର୍ଷ ଧରି ଯେଉଁ କାମ ହୋଇ ନ ଥିଲା ତାହା ୩ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ କରି ଦେଖାଇଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ପୁରୀବାସୀ ଏବଂ ଶ୍ରୀମନ୍ଦିର ସେବାୟତଙ୍କ ତ୍ୟାଗକୁ ସମ୍ମାନ କରିବା ସହ ଧନ୍ୟବାଦ ପ୍ରଦାନ କରିଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରେ ମହାପ୍ରଭୁଙ୍କ ଆଶୀର୍ବାଦ ରହିଛି। ପୁରୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଯୋଜନା ଅଛି। ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ କେମିତି ଲାଗୁଛି ବୋଲି ୫-ଟି ଅଧ୍ୟକ୍ଷ ପଚାରିଥିଲେ।

ଏହି ଅବସରରେ ସେ ଆହୁରି କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ମୁଖ୍ୟମନ୍ତ୍ରୀ ସାହସର ସହ କାମ ଆରମ୍ଭ କରିଥିଲେ। ରାଜା ମହାରାଜାଙ୍କଠାରୁ ଆରମ୍ଭ କରି ବ୍ରିଟିଶ ଅମଳରେ ଅନେକ ଜିଲାପାଳ ଏହି କାମ କରିବାକୁ ଚାହିଁଥିଲେ ମଧ୍ୟ ବିଫଳ ହୋଇଥିଲେ। ଏପରି କି ଅତୀତରେ ୨ ଜଣ ମୁଖ୍ୟମନ୍ତ୍ରୀ ଏହି କାମ କରିବାକୁ ଚେଷ୍ଟା କରି ଫେଲ୍ ମାରିଥିଲେ। ପରିକ୍ରମା ପ୍ରକଳ୍ପ ପରିକଳ୍ପନା ସମୟର କିଛି ଘଟଣାବଳୀ ସେ ଉପସ୍ଥାପନ କରିଛନ୍ତି। ଏହି କାମରେ ହାତ ମାରିବା ଲାଗି ଅନେକ ଲୋକ ବାରଣ କରିଥିଲେ। ସାମାନ୍ୟ ତ୍ରୁଟି ହେଲେ ସରକାର ଭାଙ୍ଗିଯିବାର ଆଶଙ୍କା ରହିଛି ବୋଲି ସତର୍କ କରିଦେଇଥିଲେ। ବିଜେଡି ବୁଡ଼ିଯିବ ବୋଲି ମଧ୍ୟ କହିଥିଲେ। ହେଲେ ପୁରୀରେ ଯେଉଁ କାମ ହୋଇଛି ଆଗାମୀ ୨ ହଜାର ବର୍ଷ ପର୍ଯ୍ୟନ୍ତ କାମ ଦରକାର ନାହିଁ। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟସ୍ଥଳ କରିବା ପାଇଁ ପ୍ରୟାସ ଜାରି ରହିଛି। ଏବେ ଏହି କାମ ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ମନ୍ଦିରରୁ ଏହି କାମ ଆରମ୍ଭ ହୋଇଛି। ଆହୁରି ବହୁତ ଲମ୍ବା ବାଟ ଯିବାର ଅଛି। ବହୁତ ଲୋକ ଚେଷ୍ଟା କରିଥିଲେ କାମରେ ପ୍ରତିବନ୍ଧକ ସୃଷ୍ଟି କରି ଏହାକୁ ବନ୍ଦ କରିବା ଲାଗି। ଏ କାମ ହୋଇଗଲେ ମୁଖ୍ୟମନ୍ତ୍ରୀଙ୍କ ନାଁ ଯୁଗ ଯୁଗ ଧରି ସ୍ମରଣୀୟ ହୋଇ ରହିଯିବ ବୋଲି କାମ କରାଇଦେବାକୁ ଚାହୁଁ ନ ଥିବା ଲୋକଙ୍କ ଧାରଣା। କାମକୁ କେମିତି ହେଲେ ବନ୍ଦ କରିବାକୁ ଚକ୍ରାନ୍ତ ହୋଇଥିଲା। ହେଲେ ମୁଖ୍ୟମନ୍ତ୍ରୀ ସେସବୁକୁ ଭ୍ରୂକ୍ଷେପ ନ କରି କାମ କରିଚାଲିଲେ। ପୁରୀ ଜିଲାର ୨ ନିର୍ବାଚନମଣ୍ଡଳୀ ପୁରୀ ସଦର ଓ ବ୍ରହ୍ମଗିରିବାସୀ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ପାଣ୍ଡିଆନ୍ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ସମସ୍ତେ ଏକାଠି ହୋଇ ଲଢ଼ିବା। ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ଚାହୁଁଛନ୍ତି ଆଶୀର୍ବାଦ ଦେବେ। ଏକାଠି ଲଢ଼ିଲେ ପାଖକୁ କେହି ଆସିପାରିବେନି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୁରୀ ଜିଲାରେ ଲକ୍ଷ୍ମୀ ଯୋଜନା ଆରମ୍ଭ ହେବ। ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଆରମ୍ଭ ହେବ। ସବୁ ପ୍ରକାର ଭତ୍ତା ବଢ଼ାଇବାକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ। ଗତ ଅଗଷ୍ଟ ମାସରେ ସେ ପୁରୀ ଗସ୍ତ କରିଥିଲେ। ଏହି ୬ ମାସରେ ପୁରୀ ଜିଲା ପାଇଁ ୩୧୦ କୋଟି ଟଙ୍କା ମଞ୍ଜୁର ହୋଇଛି। ପୁରୀ ସଦର, କଣାସ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଲାଗି ୨୦ କୋଟି ମଞ୍ଜୁର ହୋଇଛି। ପିପିଲିରେ ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇଛି। ସେହିପରି ଧର୍ମାନୁଷ୍ଠାନ ଓ କମ୍ୟୁନିଟି ସେଣ୍ଟର ଲାଗି ଅର୍ଥ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି।



ପୁରୀରେ ଲୋକଙ୍କ ସହ ସେଲ୍ଫି ନେଉଛନ୍ତି ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।

# ଶ୍ରୀମନ୍ଦିର ଉତ୍ତରଦ୍ୱାର ଗୁମୁଟ ପାର୍ଶ୍ୱରେ ଫାଟ



ପୁରୀ, ୪।୨(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ଉତ୍ତରଦ୍ୱାର ତଥା ହସ୍ତୀଦ୍ୱାର ଗୁମୁଟରେ ଫାଟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଉତ୍ତରଦ୍ୱାର ଗୁମୁଟ ତଳପାର୍ଶ୍ୱ ନିକଟରେ ଥିବା ପଦ୍ମପାଖୁଡାରେ ଅନେକ ଫାଟ ପରିଲକ୍ଷିତ ହୋଇଛି। ଏକାଧିକ ସ୍ଥାନରେ ଫାଟ ଥିବା ବେଳେ ପଥର ସନ୍ଧି ତଥା କାନ୍ଥରେ ଥିବା ଅନେକ କଳାକୃତିରୁ ପଥର ଖଣ୍ଡ ଖସି ତଳେ ପଡ଼ିଛି। ଗୁମୁଟ ପାଦଦେଶରୁ ପ୍ରାୟ ଦୁଇଫୁଟ ଉଚ୍ଚରେ ସୃଷ୍ଟି ହୋଇଛି ସାଂଘାତିକ ଫାଟ। ଏପରି କି ଗୋଟିଏ ଟନ୍ ପଥରର ଡିଜାଇନରେ ପ୍ରାୟ ଦେଢ ମିଟର ଲମ୍ବର ଫାଟ ସୃଷ୍ଟି ହୋଇଛି। ତେବେ ଏଭଳି ଫାଟ ଉତ୍ତର ଦ୍ୱାର ଗୁମୁଟ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ତୁରନ୍ତ ମରାମତି କରା ନ ଗଲେ ଏହା ଭୁଶୁଡ଼ିପଡ଼ିବାର ଆଶଙ୍କା ରହିଛି।

ଶ୍ରୀମନ୍ଦିର କାନ୍ଥରେ ଅତୀତରେ ବିଭିନ୍ନ କାରୁକାର୍ଯ୍ୟପୂର୍ଣ୍ଣ ସ୍ଥାପତ୍ୟ ସ୍ଥାନିତ କରାଯାଇଥିଲା। ମାତ୍ର ଅନେକ ସମୟରେ ଦେଖିବାକୁ ମିଳିଛି, ମରାମତି ସମୟରେ ଉକ୍ତ କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢ଼ି ଉକ୍ତ ସ୍ଥାନରେ ପ୍ଲେନ୍ ପଥର ଲଗାଇଦିଆଯାଉଛି। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅପରପକ୍ଷରେ ଗୁମୁଟରେ ଫାଟ ସମ୍ପର୍କରେ ସୂଚନା ପାଇବା ପରେ ଏଏସ୍ଆଇ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟକୁ ଯାଇ ଫାଟଗୁଡ଼ିକ ଅନୁଧ୍ୟାନ କରିଥିଲେ। ଏ ନେଇ ପ୍ରଧାନ କହିଛନ୍ତି, ଯେଉଁ ସ୍ଥାନରେ ଫାଟ ସୃଷ୍ଟି ହୋଇଛି କି ଗର୍ତ୍ତ ହୋଇଛି ଉକ୍ତ ଅଞ୍ଚଳ ଅବରୋଧ ହୋଇରହିଥିଲା। ମୁଖ୍ୟତଃ ମାଟି ଭର୍ତ୍ତି ହୋଇରହିଥିଲା। ତେବେ ପରିକ୍ରମା ପ୍ରକଳ୍ପ ମାର୍ଗ ନିର୍ମାଣ ସମୟରେ ମାଟି କଢା ହେବା ପରେ ଏହା ସାମ୍ନାକୁ ଆସିଛି। ଭିତର ପାର୍ଶ୍ୱ କାର୍ଯ୍ୟ ଚାଲିଛି। ଖୁବଶୀଘ୍ର ଫାଟଗୁଡ଼ିକୁ ମରାମତି କରାଯିବ। ମୁଖ୍ୟତଃ ଅଞ୍ଚଳଗୁଡ଼ିକ ଅବରୋଧ ରହିଥିଲା। ଯେଉଁ ସବୁ ସ୍ଥାନ ଅବରୋଧମୁକ୍ତ ହେଉଛି ସେସବୁ ସ୍ଥାନ ଅନୁଧ୍ୟାନ କରାଯାଇ କାର୍ଯ୍ୟ କରାଯାଉଛି। ଏଏସ୍ଆଇ ପକ୍ଷରୁ କାର୍ଯ୍ୟ କରାଯିବ। ଶ୍ରୀମନ୍ଦିର ଭିତରପାର୍ଶ୍ୱରୁ କାର୍ଯ୍ୟ କରାଯାଉଛି। ଭିତର କାର୍ଯ୍ୟ ହେବା ପରେ ବାହାର କାର୍ଯ୍ୟ ଆରମ୍ଭ ହେବ। ଆସନ୍ତା ୧୦ ଦିନ ଭିତରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଧାନ ସୂଚନା ଦେଇ କହିଛନ୍ତି। ତେବେ ପୂର୍ବରୁ ଅନ୍ୟ ତିନି ଦ୍ୱାର ଗୁମୁଟ କାର୍ଯ୍ୟ କରାଯାଇଥିବା ବେଳେ ଲୋକ ଗହଳି ଓ ଅବରୋଧ ପାଇଁ ଉତ୍ତର ଦ୍ୱାର କାର୍ଯ୍ୟ କରାଯାଇ ପାରି ନ ଥିଲା। ତେବେ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଧାନ କହିଛନ୍ତି। ଉତ୍ତରପ୍ରଦେଶରୁ ଆସିଥିବା ଭକ୍ତ ଅଭିଷେକ କହିଛନ୍ତି, ଐତିହ୍ୟପୂର୍ଣ୍ଣ ଶ୍ରୀଜଗନ୍ନାଥ ମନ୍ଦିର ଚାରିଧାମ ମଧ୍ୟରୁ ଅନ୍ୟତମ। ତେଣୁ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଶ୍ରୀମନ୍ଦିର ସହ ଭକ୍ତଙ୍କ ଆସ୍ଥା ଜଡ଼ିତ। ତେଣୁ ଭଲ ଭାବେ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ କରାଯିବାକୁ ଅଭିଷେକଙ୍କ ସମେତ ଅନେକ ଭକ୍ତ ମତ ପ୍ରକାଶ କରିଛନ୍ତି।

## ଅନୁଧ୍ୟାନ କଲେ ଏଏସ୍ଆଇ ଅଧିକାରୀ

# ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର

ରାୟଗଡ଼ା,୪।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ନଦୀ ସାହିରେ ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର ହେବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରବିବାର କୌଣସି କାରଣବଶତଃ ଘରେ ସ୍ୱାମୀ ପ୍ରଦୀପ ବେହେରା ଓ ସ୍ତ୍ରୀ ବାସନ୍ତୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଉଭୟ ଦାଣ୍ଡ ବାହାରକୁ ଆସି ପୁଣି ପାଟିତୁଣ୍ଡ କରିଥିଲେ। ଏହି ସମୟରେ ସ୍ୱାମୀ ପ୍ରଦୀପ ଉତ୍ୟକ୍ତ ହୋଇ ପାଖରେ ଥିବା ଛୁରା ବାହାର କରି ସ୍ତ୍ରୀ ବାସନ୍ତୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ବାସନ୍ତୀଙ୍କ ପେଟ ଓ ଦୁଇଟି ହାତରେ ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଆକ୍ରମଣ ପରେ ପ୍ରଦୀପ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବାସନ୍ତୀ ଗୁରୁତର ଅବସ୍ଥାର ଚିତ୍କାର କରୁଥିବା ବେଳେ ସାହି ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଖବରପାଇ ରାୟଗଡ଼ା ଥାନା ପୋଲିସ ମେଡ଼ିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ଆକ୍ରମଣ କରିଥିବା ପ୍ରଦୀପଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଆଇଆଇସି କେକେବିକେ କହଁର କହିଛନ୍ତି। ତେବେ କେଉଁ କାରଣରୁ ଏହା ଘଟିଛି ସେ ନେଇ କୌଣସି ସୂଚନା ମିଳିନାହିଁ।

# ଭକ୍ତ ପାଇଲେ ଅର୍ପଣ ଚାଉଳ 'ମହାପ୍ରସାଦ'

ପୁରୀ,୪।୨(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ନିକଟରେ ସମର୍ପଣ ହେଲା ଅର୍ପଣ ରଥରେ ସଂଗୃହୀତ ଚାଉଳ। ସେହି ଚାଉଳରେ ମହାପ୍ରସାଦ ପ୍ରସ୍ତୁତ ପରେ ରବିବାର ମହାପ୍ରଭୁଙ୍କଠାରେ ଭୋଗ କରାଯାଇ ମାଗଣାରେ ଭକ୍ତଙ୍କୁ ବଣ୍ଟାଯାଇଛି। ଏହି ମହାପ୍ରସାଦ ପାଇ ଭକ୍ତଙ୍କ ମନ ପ୍ରଫୁଲ୍ଲିତ ହୋଇଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉପଲକ୍ଷେ ରାଜ୍ୟରେ ଅର୍ପଣ ରଥ ପରିକ୍ରମା କରିଥିଲା। ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ତେବେ ନିର୍ଦ୍ଧାରିତ ସମୟରେ ଚାଉଳ ଓ ଗୁଆ ଶ୍ରୀକ୍ଷେତ୍ରରେ ପହଞ୍ଚି ନ ଥିଲା। ଫଳରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ସଂଗୃହୀତ ଚାଉଳରେ ଖେଚୁଡ଼ି ଓ କାନିକା ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯିବ। ଗତ ଶୁକ୍ରବାର ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ସବ୍‌କମିଟି ବୈଠକ ବସିଥିଲା। ଚାଉଳର ମାନ ନିରୀକ୍ଷଣ ପାଇଁ ଏକ କମିଟି ଗଠନ ହୋଇଥିଲା। ମାନ ନିରୀକ୍ଷଣ ପରେ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ରବିବାରଠାରୁ ଅର୍ପଣ ଚାଉଳରେ ଖେଚୁଡ଼ି ଓ କାନିକା ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଅର୍ପଣ ରଥରେ ସଂଗୃହୀତ ଚାଉଳକୁ ନେଇ ଯେଉଁ ଆଶା ଆଶଙ୍କା ଦେଖାଯାଇଥିଲା, ତାହାର ପରିସମାପ୍ତି ଘଟିଛି। ରବିବାର ଶ୍ରୀମନ୍ଦିର ପଶ୍ଚିମଦ୍ୱାର, ଉତ୍ତରଦ୍ୱାର ଓ ଦକ୍ଷିଣ ଦ୍ୱାରରେ ଦର୍ଶନ ସାରି ବାହାରୁଥିବା ଭକ୍ତଙ୍କୁ ଏହି ମହାପ୍ରସାଦ ବଣ୍ଟାଯାଇଛି। ଅର୍ପଣ ଚାଉଳରେ ପ୍ରତ୍ୟେକ ଦିନ ପ୍ରାୟ ୧୦ ହଜାର ଭକ୍ତଙ୍କ ପାଇଁ ଖେଚୁଡ଼ି ଓ କାନିକା ପ୍ରସ୍ତୁତ କରାଯାଇ ବଣ୍ଟାଯିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ଦିନରେ ପ୍ରାୟ ୧୦୦ ଦାସିଆ ହାଣ୍ଡି ବଣ୍ଟାଯାଇଛି। ସକାଳଧୂପ କୋଠଭୋଗ ସହ ପ୍ରଥମ ଭୋଗମଣ୍ଡପ, ମଧ୍ୟାହ୍ନଧୂପ ଓ ଦ୍ୱିତୀୟ ଭୋଗମଣ୍ଡପ ଏବଂ ଆବଶ୍ୟକ ପଡ଼ିଲେ ସନ୍ଧ୍ୟାଧୂପରେ ମହାପ୍ରସାଦ ବିତରଣ କରାଯିବ ବୋଲି ସେ କହିଛନ୍ତି। ପ୍ରଥମ ଦିନ ଗଞ୍ଜାମରୁ ଆସିଥିବା ଅର୍ପଣ ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ ହୋଇ ବଣ୍ଟାଯାଇଛି। ଏହି ମହାପ୍ରସାଦ ବଣ୍ଟନ ଓ ତତ୍ତ୍ୱାବଧାନ ପାଇଁ ଏକ ସବ୍‌କମିଟି ଗଠନ ହୋଇଛି। ଏଥିରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସୁଆରମହାସୁଆର ନିଯୋଗ ସଭାପତି, ସମ୍ପାଦକ, ପୂର୍ବତନ ନିଯୋଗର ସଭାପତି, ସମ୍ପାଦକ ପ୍ରମୁଖ ରହିଛନ୍ତି। ସେହିପରି ଚାଉଳର ମାନ ନିର୍ଦ୍ଧାରଣ କରିବା ପାଇଁ ଭିତରଚ୍ଛ, ତଲୁଚ୍ଛ ଓ ଚାଉଳବଛା ପରିଚ୍ଛାଙ୍କୁ ଦାୟିତ୍ୱ ଦିଆଯାଇଛି। ଅର୍ପଣ ରଥରୁ ସଂଗୃହୀତ ଚାଉଳକୁ ସୁରକ୍ଷିତ ଭାବେ ଗୁଣ୍ଡିଚା ମନ୍ଦିରରେ ରଖାଯାଇଛି। ମହାପ୍ରଭୁଙ୍କଠାରେ ଭୋଗ ଲାଗିହେବା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟିର ସଦସ୍ୟମାନେ ପ୍ରଥମେ ଚାଉଳର ମାନ ଯାଞ୍ଚ କରି ରୋଷଶାଳାକୁ ଯୋଗାଉଛନ୍ତି। ସେଠାରେ ମହାପ୍ରସାଦ ପ୍ରସ୍ତୁତ କରାଯିବା ପରେ ଭକ୍ତଙ୍କୁ ବଣ୍ଟାଯାଉଛି। ଚାଉଳ ସବୁ ଭଲ ରହିଛି ବୋଲି ମହାସୁଆର କହିଛନ୍ତି। ଅନେକ ଭକ୍ତ କହିଛନ୍ତି, ଅର୍ପଣ ରଥ ବୁଲିବାବେଳେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚାଉଳ ଦେଇଥିଲୁ। ସେହି ଚାଉଳ ମହାପ୍ରଭୁଙ୍କ ନିକଟରେ ଲାଗିହେବା ପରେ ମହାପ୍ରସାଦ ହୋଇ ବଣ୍ଟନ କରାଯାଉଛି। ଏହାଠାରୁ ଖୁସିର କଥା ଆଉ କିଛି ନାହିଁ। ସେହି ମହାପ୍ରସାଦ ପାଇ ନିଜକୁ ସୌଭାଗ୍ୟବାନ ମନେକରୁଛୁ। ଗରିବ ଭକ୍ତଙ୍କ ପାଇଁ ପ୍ରଶାସନ ପକ୍ଷରୁ ସବୁଦିନ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବାକୁ ଅନେକ ଭକ୍ତ ମତ ପ୍ରକାଶ କରିଛନ୍ତି।

**ପ୍ରତିଦିନ ୧୦ ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟନ ଲକ୍ଷ୍ୟ**



# ଫିରିଙ୍ଗିଆ ଥାନାଧିକାରୀଙ୍କ ନାଁରେ ବଳାତ୍କାର ମାମଲା

ଭୁବନେଶ୍ୱର,୪।୨(ସତ୍ୟଜିତ୍ ରାଉତ)

ଗଞ୍ଜାମ ଜିଲା ପାଟପୁର ଥାନାର ପୂର୍ବତନ ଥାନାଧିକାରୀ ରମେଶ ପ୍ରଧାନଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଜଣେ ମହିଳା ଏସ୍ଆଇଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ରମେଶ ବର୍ତ୍ତମାନ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଧିକାରୀ ଅଛନ୍ତି। ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି)ଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ଶୁକ୍ରବାର ରମେଶଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ କରିଛି। ୨୦୧୯ରେ ପୀଡିତା ଏସ୍ଆଇ ଜଣକ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ନ ଥିଲା। ଏହାକୁ ନେଇ ସେ ଏନ୍ଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା ରୁଜୁ କରାଯାଇଥିବା ଡିଜିପି ଅରୁଣ ଷଡ଼ଙ୍ଗୀ ସୋମବାର ସୂଚନା ଦେଇଛନ୍ତି। ଥାନାଧିକାରୀ ରମେଶ ପ୍ରଧାନ ପାଟପୁରରେ ଥିବାବେଳେ ତାଙ୍କ ବିରୋଧରେ ଅଧସ୍ତନ ଜଣେ ମହିଳା ଏସ୍ଆଇ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ଜଣେ ମହିଳା ଡିଏସ୍‌ପିଙ୍କୁ ତଦନ୍ତ ଭାର ଦିଆଯାଇଥିବା ଡିଜିପି କହିଛନ୍ତି।

ଏନ୍ଏଚ୍ଆର୍‌ସିରେ ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲା ପାଟପୁର ଥାନାରେ କାମ କରୁଥିବାବେଳେ ମହିଳା ଏସ୍ଆଇ ଜଣକ ଥାନାଧିକାରୀ ରମେଶଙ୍କ ନିର୍ଯାତନାର ଶିକାର ହୋଇଥିଲେ। ରମେଶ ତାଙ୍କ କ୍ୱାର୍ଟର୍ସରେ ବଳପୂର୍ବକ ଶାରୀରିକ ସମ୍ପର୍କ ରଖୁଥିଲେ। ଏନେଇ ମହିଳା ଏସ୍ଆଇ ଜଣକ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ସେ ତାଙ୍କୁ ଚୁପ୍ ରହିବାକୁ କହିଥିଲେ। ଏ ସଂକ୍ରାନ୍ତରେ ୨୦୧୯ ନଭେମ୍ବର ୯ରେ ଗଞ୍ଜାମ ପାଟପୁର ଥାନାରେ ସେ ଏତଲା ଦେଇଥିଲେ। ହେଲେ ଏନେଇ ପୋଲିସ ମାମଲା ରୁଜୁ ହୋଇ ନ ଥିଲା। ତେଣୁ ମହିଳା ଜଣକ ଶେଷରେ ଏନ୍ଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ।



ରମେଶ ପ୍ରଧାନ

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସୁବାସ ସିଂ, ଅରିନ୍ଦମଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

କଟକ,୪।୨(ଶିଳ୍ପା ପ୍ରିୟଦର୍ଶିନୀ)

- ବାରବାଟୀ -କଟକ ନିର୍ବାଚନମଣ୍ଡଳୀ ବୈଠକ
- ଡକାଯାଇ ନ ଥିବା କହିଲେ ଅରିନ୍ଦମ

ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ନେଇ ରବିବାର ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ପକ୍ଷରୁ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଜେଡି ନେତା, ବିଜୁ ଯୁବ ଛାତ୍ର ନେତା, ସମସ୍ତ ବିଜେଡି କର୍ପୋରେଟର ଓ ଶତାଧିକ କର୍ମୀ ଯୋଗ ଦେଇଥିଲେ। ହେଲେ ପ୍ରସ୍ତୁତି ବୈଠକରେ ଅନୁପସ୍ଥିତ ଥିଲେ ମେୟର ତଥା ବିଜେଡି ନେତା ସୁବାସ ସିଂ ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାୟ। ଏହି ଦୁଇ ଜଣଙ୍କୁ ବାଦ ଦେଇ ଏପରି ଭାବେ ଜିଲା ସଭାପତି ଦେବାଶିଷଙ୍କ


ରାଜାବଗିଚାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଜିଲା ସଭାପତି ଏବଂ ନେତୃବୃନ୍ଦ।

ଦଳୀୟ କାର୍ଯ୍ୟକ୍ରମ କରିବା ଯେପରି ଦଳରେ ଏକ ପ୍ରକାର ବିବାଦ ଥିବା ନେଇ ସୂଚନା ମିଳୁଛି, ଯାହାକି କଟକ ରାଜନୀତିକୁ ନେଇ ସାଧାରଣ ଲୋକଙ୍କ ଚର୍ଚ୍ଚାକୁ ବେଶ ଖୋରାକ ଯୋଗାଇଛି। ତେବେ ଦେବାଶିଷ ଓ ଅରିନ୍ଦମ ଗତ କିଛିଦିନ ପୂର୍ବରୁ ଏକ କାର୍ଯ୍ୟକ୍ରମରେ ପରସ୍ପରକୁ ଆଲିଙ୍ଗନ କରି ହାତ ମିଳାଇ କଥାବାର୍ତ୍ତା ହୋଇଥିଲେ। ଏନେଇ ଦେବାଶିଷ ମନ୍ତବ୍ୟ ଦେଇ କହିଥିଲେ ଯେ, ରାଜନୈତିକ ସମ୍ପର୍କ ଅଲଗା ଓ ବ୍ୟକ୍ତିଗତ ସମ୍ପର୍କ ଅଲଗା ଥାଏ। ଅରିନ୍ଦମ ମୋ ସାନ ଭାଇ, ତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଅଲଗା ରହିଛି। ଅନ୍ୟପକ୍ଷରେ ଆଜିର ବୈଠକ ସ୍ପଷ୍ଟ କରି ଦେଉଛି ଯେ, ଦଳୀୟ କାର୍ଯ୍ୟକ୍ରମରେ ଉକ୍ତ ନିର୍ବାଚନମଣ୍ଡଳୀରେ ଥାଇ ମଧ୍ୟ ଅରିନ୍ଦମଙ୍କୁ ଦେବାଶିଷ ଅଣଦେଖା କରୁଥିବା ଏବେ ଲୋକେ ଚର୍ଚ୍ଚା କରୁଛନ୍ତି। ତେବେ ମେୟର ସୁବାସ ଓ ଅରିନ୍ଦମ କଣ ଦଳରେ ଥାଇ ମଧ୍ୟ ଅଲୋଡ଼ା ବୋଲି ଏପରି କିଛି ପ୍ରଶ୍ନ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରିଛି। ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପ୍ରସଙ୍ଗ ନେଇ ମେୟର ସୁବାସ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଦଳରେ କୌଣସି କନ୍ଦଳ ନାହିଁ। ବୈଠକ ନେଇ ସମସ୍ତ ଆଲୋଚନା ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ସହ କରିଛି। ବ୍ରହ୍ମପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକରେ ଯୋଗଦେଇପାରିନାହିଁ। ଅନ୍ୟପଟେ ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାୟ କହିଛନ୍ତି, କୌଣସି ବୈଠକ ସମ୍ପର୍କରେ ମୋତେ ସୂଚନା ମିଳିନାହିଁ କି ମୁଁ ଅଗବତ ନ ଥିଲି। ଉକ୍ତ ନିର୍ବାଚନମଣ୍ଡଳୀରେ ଥାଇ ମଧ୍ୟ ହୁଏତ ଜିଲା ସଭାପତି ମୋତେ ରାଜ୍ୟ ସାଧାରଣ ସମ୍ପାଦକ ଭାବି ବୈଠକକୁ ଡାକି ନ ଥିବେ ବୋଲି ସେ କହିଛନ୍ତି।

# ପ୍ରଥମେ କଂଗ୍ରେସ, ପରେ ଭାଜପା ସହ ଲଢ଼େଇ ହେବ: ଦେବାଶିଷ

କଟକ,୪।୨(ଶିଳ୍ପା ପ୍ରିୟଦର୍ଶିନୀ)

**ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ବିଜେଡିର ବିଜୟ ନିଶ୍ଚିତ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସମ୍ବଲପୁର ଗସ୍ତ କରିଥିଲେ। ତେବେ ଓଡ଼ିଶାରେ ଭାଜପା ସରକାର ଗଢ଼ିବାକୁ ମୋଦି ଗ୍ୟାରେଣ୍ଟି ପରି ଭାଜପା ନୂଆ ସ୍ଲୋଗାନ ଦେଇଥିବାବେଳେ ମଞ୍ଚ ଉପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହାତ ମିଳାଇଥିଲେ। ଏହି ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା। ଅନ୍ୟପଟେ କଂଗ୍ରେସ ରାଜ୍ୟ ପ୍ରଭାରୀ ଡ. ଅଜୟ କୁମାର ଶନିବାର ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ବିଜେଡି ଓ ଭାଜପାର ସମ୍ପର୍କ ନେଇ ପ୍ରଶ୍ନ ଉଠାଇଥିଲେ। ବିଜେଡି ଓ ଭାଜପା ଉଭୟ ଦଳ କେବଳ ସାମ୍ନାରୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ପରସ୍ପରକୁ ଆକ୍ଷେପ କରୁଛନ୍ତି ନାଁ ବାସ୍ତବରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏପରିକି ଉଭୟ ଦଳର ସମ୍ପର୍କ କଂଗ୍ରେସକୁ ବିଜୟୀ କରାଇବ ଓ ଖାସ୍ କରି କଟକରେ କଂଗ୍ରେସର ପ୍ରଦର୍ଶନ ପୂର୍ବପରି ରହିବ ବୋଲି ପ୍ରଭାରୀ ଅଜୟ କୁମାର କହିଥିଲେ।

ଏନେଇ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ଭାଜପା ଯେକୌଣସି ପ୍ରକାରର ସ୍ଲୋଗାନ ଦେଲେ ଓଡ଼ିଶାବାସୀ ତାହାକୁ ସ୍ୱୀକାର କରି ନାହାଁନ୍ତି, କି କରିବେ ନାହିଁ। ଗତ ନିର୍ବଚନ ସମୟରେ ମିଶନ ୧୨୦ କହିଥିଲେ, ହେଲେ ତାହା ୨୦ ଭଳିଆ ରହିଗଲେ। ଓଡ଼ିଶାବାସୀ କେବଳ ଗୋଟିଏ ସ୍ଲୋଗାନ ଜାଣିଛନ୍ତି, ତାହା ହେଉଛି ନବୀନ ମନ୍ତ୍ର, ଯାହାର ସୁବିଧା ଘରେ ଘରେ ଓଡ଼ିଶାବାସୀ ପାଉଛନ୍ତି ଏବଂ ସେଥିପାଇଁ ଆଜି ନବୀନ ଓଡ଼ିଶାରେ ପରିଣତ ହୋଇଛି। ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ଏବଂ ବିଜେଡି ୧୩୦ ବିଧାୟକ ସିଟ୍ ଜିତିବା ସୁନିଶ୍ଚିତ। ଅନ୍ୟପଟେ କଂଗ୍ରେସର ଯେଉଁ ଅଭିଯୋଗ ରହିଛି ତାହା ଭିତ୍ତିହୀନ। ଗୋଟିଏ ସରକାରୀ କାର୍ଯ୍ୟକ୍ରମରେ ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ସେଠାରେ କୌଣସି ରାଜନୈତିକ ଟିପ୍ପଣୀ ଦେବା ଉଚିତ ନ ଥିଲା, ଯାହାକି ଉଭୟ କରି ଦେଖାଇଛନ୍ତି। ଯେବେ ରାଜନୈତିକ ମଞ୍ଚରେ ଉଭୟ ରହିବେ ସେବେ ନିଜ ନିଜ ଶକ୍ତି ପ୍ରଦର୍ଶନ କରିବେ। ସରକାରୀ କାର୍ଯ୍ୟକ୍ରମକୁ ରାଜନୈତିକ ରୂପ ଦେବା କଂଗ୍ରେସ ପ୍ରତି ଶୋଭା ପାଉନି। ଏସବୁ ଯୋଗୁ କଂଗ୍ରେସର ସ୍ଥିତି ଓଡ଼ିଶାରେ ନାହିଁ ବୋଲି ସ୍ପଷ୍ଟ କରାଉଛି। ଅନ୍ୟପଟେ ନିର୍ବାଚନ ନେଇ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଏବଂ କଟକରେ ବିଜେଡି ଖୁବ ଭଲ ପ୍ରଦର୍ଶନ କରିବ ବୋଲି ଆଶା ଓ ବିଶ୍ୱାସ ରହିଛି ବୋଲି ଦେବାଶିଷ କହିଛନ୍ତି। ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଥମେ କଂଗ୍ରେସ ଓ ପରେ ଭାଜପା ସହ ଲଢ଼େଇ ହେବ ବୋଲି ଦେବାଶିଷ ପ୍ରକାଶ କରିଛନ୍ତି।

# ସଭା ସ୍ଥଳ ଛାଡ଼ି ପଳାଇଲେ ଲୋକେ

କୁଜଙ୍ଗ,୪।୨(ମନୋଜ ପ୍ରଧାନ)

ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉପସ୍ଥିତ ଲୋକେ କାର୍ଯ୍ୟକ୍ରମ ଛାଡି ପଳାଇଥିଲେ। ଏଭଳି ଅଭାବନୀୟ ଦୃଶ୍ୟ ରବିବାର ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକର ପୋତାନଇ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଆନୁକୂଲ୍ୟରେ ସରକାରୀସ୍ତରରେ ରବିବାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଆୟୋଜିତ ହୋଇଥିଲା। ଜନସାଧାରଣଙ୍କୁ ସରକାରଙ୍କ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନତା କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ସରପଞ୍ଚ ବ୍ରଜକିଶୋର ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣି ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ ଓ ସମିତି ସଭ୍ୟ ସତ୍ୟବାନ ମୁଦୁଲି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସାଧାରଣ ସମ୍ପାଦକ ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସ୍ୱାମୀ ଅରୁଣ କୁମାର ବେହେରା, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି, ନଳିନୀ ବିଶ୍ୱାଳ, ସୁକାନ୍ତ ଲେଙ୍କା ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତାମାନେ ମଞ୍ଚରେ ବସିଥିଲେ। କିନ୍ତୁ ଉକ୍ତ ସରକାରୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଆଉ କେତେଜଣ ଲୋକ ପ୍ରତିନିଧି ରାଜନୈତିକ ଭାଷଣ ଦେଇ ଆଗାମୀ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ କରିବାରୁ ମହିଳା ଓ ଜନସାଧାରଣ ସଭାସ୍ଥଳ ଛାଡ଼ି ଚାଲିଯାଇଥିଲେ। ସରକାରୀ କାର୍ଯ୍ୟକ୍ରମରେ ରାଜନୈତିକ ଦଳର ପଦାଧିକାରୀ ବସିବା ସମ୍ପର୍କରେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ପଚାରିବାରେ, ଦଳୀୟ କାର୍ଯ୍ୟକର୍ତ୍ତା ବସିବାର ନିୟମ ନାହିଁ। ସେ ଟିକେ ବିଳମ୍ବରେ ପହଞ୍ଚି ଦେଖିଲେ କେତେଜଣ ଦଳୀୟ କାର୍ଯ୍ୟକର୍ତ୍ତା ବସିଛନ୍ତି। ସେଠାରେ ଅନ୍ୟ ଲୋକ ମଧ୍ୟ ଉପସ୍ଥିତ ଥିବାରୁ ସେ ସେମାନଙ୍କୁ କିଛି କହିପାରିଲେ ନାହିଁ ବୋଲି ସ୍ୱାଇଁ ପ୍ରତିକ୍ରିୟାରେ କହିଛନ୍ତି।


ସଭାସ୍ଥଳ ଛାଡ଼ି ଲୋକେ ପଳାଇବା ପରେ ଖାଲି ପଡ଼ିଥିବା ଚେୟାର।

**CLASSIFIED DISPLAY**

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEW DUPLEX SALE**
Ready to move new 4BHK duplex with Garage near Patia RTO Office, Nandanbihar
Land- 1600 sqft,
Construction- 2830 sqft,
Fixed Price- 1.25Crore
7978450312
9439585947

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଜେଡି-ଭାଜପାକୁ କଂଗ୍ରେସର ଟାର୍ଗେଟ

ଭୁବନେଶ୍ୱର,୪।୨(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସମ୍ବଲପୁର ଆଇଆଇଏମ୍‌ର ନୂତନ ବିଲ୍ଡିଂର ଲୋକାର୍ପଣ ଉତ୍ସବରେ ଯୋଗଦେବା ସହ ରେମେଡ ପଡ଼ିଆଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ହେଲେ ମୋଦିଙ୍କ ଓଡ଼ିଶା ଗସ୍ତ ସମୟରେ ସେ ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେଡି ବିରୋଧରେ ତାଙ୍କ ଭାଷଣରେ ସେଭଳି କିଛି କଡ଼ା ଆଭିମୁଖ୍ୟ ନ ରଖିବା ନେଇ ବର୍ଷିଛି କଂଗ୍ରେସ। ଉଭୟ ବିଜେଡି ଏବଂ ଭାଜପା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ପ୍ରମାଣ କରିଦେଇ ଗଲେ ବୋଲି କଂଗ୍ରେସ ଅଭିଯୋଗ କରିଛି। ହେଲେ ବିଜେଡି ଏବଂ ଭାଜପା ନେତା ପାଲଟା କଂଗ୍ରେସକୁ ଟାର୍ଗେଟ କରିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ବିଜେଡି ଓ ଭାଜପା ଉଭୟ ଦଳ ଏକାଠି ଅଛନ୍ତି। କେବଳ ଲୋକଦେଖାଣିଆ ଭାବେ ପରସ୍ପର ବିରୋଧରେ ଦୋଷ ଲଦାଲଦି ହେଉଛନ୍ତି। ସମ୍ବଲପୁର କାର୍ଯ୍ୟକ୍ରମ ପରେ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ ଏମାନେ ଆଗକୁ ରାଜ୍ୟରେ ଆବଶ୍ୟକ ପଡ଼ିଲେ ଏକାଠି ସରକାର କରିବେ।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଆସି ତାଙ୍କ ସରକାର ଗତ ସାଢ଼େ ୯ ବର୍ଷରେ କ'ଣ ବିକାଶମୂଳକ କାର୍ଯ୍ୟ କରିଛି ତା'ର ହିସାବ ଦେଇକି ଗଲେ। କଂଗ୍ରେସ ପ୍ରଥମେ ନିଜ ଆଭ୍ୟନ୍ତରୀଣ କଥା ବୁଝୁ ତା'ପରେ ରାଜନୀତି କରିବ ବୋଲି ମୋହନ କହିଛନ୍ତି।

ବିଜେଡି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଓଡ଼ିଶାର ବିକାଶ ହେଉଛି ବିଜେଡିର ମୁଖ୍ୟ ଲକ୍ଷ୍ୟ। ସେଇ ଲକ୍ଷ୍ୟ ନେଇ ବିଜେଡି ଚାଲିଛି। ରାଜ୍ୟରେ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡିସରକାର ଗଢ଼ିବ ବୋଲି ପ୍ରସନ୍ନ କହିଛନ୍ତି।

# ସୋନିଆ ରାଜ୍ୟ ସଭା ଯିବା ଚର୍ଚ୍ଚା

ବାଲିଆ,୪।୨



୧୫ ରାଜ୍ୟର ୫୬ ରାଜ୍ୟ ସଭା ଆସନ ପାଇଁ ୨୭ରେ ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାଜ ରାଜନ ପାର୍ଲାମେଣ୍ଟର ଉଚ୍ଚ ସଦନକୁ ଯିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସୋନିଆ ଲୋକ ସଭା ନିର୍ବାଚନ ନ ଲଢ଼ି ସଦସ୍ୟତା ଜାରି ରଖିବା ପାଇଁ ରାଜ୍ୟ ସଭାକୁ ଯାଇପାରନ୍ତି ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। ତେବେ ସେ ଉତ୍ତରପ୍ରଦେଶର ରାଏବରେଲୀ ଆସନରୁ ଏଥର ଲୋକ ସଭା ନିର୍ବାଚନ ଲଢ଼ିବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ସୋନିଆଙ୍କୁ ରାଜ୍ୟ ସଭାକୁ ପଠାଇବା ପାଇଁ ରାଜସ୍ଥାନ, ହିମାଚଳପ୍ରଦେଶ ଏବଂ ତେଲଙ୍ଗାନା ରାଜ୍ୟ କଂଗ୍ରେସ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ରାଜସ୍ଥାନର ୩ ଆସନ ମଧ୍ୟରୁ କଂଗ୍ରେସ ଗୋଟିଏ ଆସନ ଉପରେ ନଜର ରଖିଛି। ହିମାଚଳପ୍ରଦେଶର ରାଜ୍ୟ ସଭା ଆସନ ସୋନିଆ କିମ୍ବା ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପାଇଁ ରହିବ ବୋଲି ପ୍ରଦେଶ କଂଗ୍ରେସ ସଭାପତି ପ୍ରତିଭା ସିଂ କହିଛନ୍ତି। ସେହିପରି ମହାବିକାଶ ଅଘାଡ଼ି ମେଣ୍ଟ ପୂର୍ବତନ ଆର୍‌ବିଆଇ ଗଭର୍ନର ରଘୁରାମଙ୍କୁ ମହାରାଷ୍ଟ୍ରରୁ ରାଜ୍ୟ ସଭାକୁ ପଠାଇପାରେ ବୋଲି ଆଲୋଚନା ହେଉଛି। ନିକଟରେ ରଘୁରାମ ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ।

# ୩ ସନ୍ତାନ ଥିବାରୁ ୱାର୍ଡ ସଦସ୍ୟଙ୍କ ପଦ ଅସିଦ୍ଧ ଘୋଷଣା

ବୈଶିଙ୍ଗା,୪।୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ୍ ଅନ୍ତର୍ଗତ ଆଗ୍ରିଆ ପଞ୍ଚାୟତର ୧୫ ନଂ. ୱାର୍ଡ ମେମ୍ବର ଅପୂର୍ବ ମଣି ମହାନ୍ତଙ୍କ ପଦ ଅସିଦ୍ଧ ଘୋଷଣା ହୋଇଛି। ଅପୂର୍ବ ମଣି ୩ ସନ୍ତାନର ମା' ହୋଇଥିବା ନେଇ କୋର୍ଟରେ ଅଭିଯୋଗ ହୋଇଥିଲା। ସୂଚନା ଅନୁଯାୟୀ, ୨୦୨୨ ଫେବୃଆରୀରେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ୬୧ ଖଣ୍ଡ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ପରାସ୍ତ କରିଥିଲେ। ନିର୍ବାଚନରେ ହରିଶ୍ଚନ୍ଦ୍ରଙ୍କୁ ୬୦ ଖଣ୍ଡ ଭୋଟ ମିଳିଥିଲା। ତେବେ ଅପୂର୍ବମଣି ୩ ସନ୍ତାନର ମା' ହୋଇଥିବା ଯୋଗୁ ତାଙ୍କ ପ୍ରାର୍ଥିପତ୍ରକୁ ବେଆଇନ ଦର୍ଶାଇ ଏହାକୁ ଖାରଜ କରିବାକୁ ବେତନଟୀ ଜେଏମ୍‌ଏଫସିଙ୍କ କୋର୍ଟରେ ହରିଶ୍ଚନ୍ଦ୍ର ମାମଲା ରୁଜୁ କରିଥିଲେ। ଏଥିରେ ବିଡିଓ, ଜିଲାପାଳ ଓ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପକ୍ଷଭୁକ୍ତ କରିଥିଲେ। ଏ ସଂକ୍ରାନ୍ତରେ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ଶନିବାର ବିଚାରପତି ଏ. ଅବିନାଶ ନାଇଡୁ ରାୟ ପ୍ରଦାନ କରିଥିଲେ।

# ବିଜେଡିରେ ସାମିଲ ହେଲେ ଅନ୍ୟଦଳର କର୍ମୀ

ଲଙ୍ଗଳେଶ୍ୱର,୪।୨(କମଳାକାନ୍ତ ଦାସ)

ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତର ସମିତି ସଭ୍ୟ ଚନ୍ଦ୍ର ମୋହନ ଦାସଙ୍କ ସମେତ ବହୁ କଂଗ୍ରେସ କର୍ମୀ ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଲଙ୍ଗଳେଶ୍ୱର ସ୍ଥିତ ଜେନା ଭବନରେ ଅନୁଷ୍ଠିତ ମିଶ୍ରଣ ସଭାରେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା ଓ ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ସମସ୍ତଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ବ୍ଲକ ସଭାପତି ଗୋବିନ୍ଦ ଦାସ ସଭା ପରିଚାଳନା କରିଥିଲେ। ବିଜେଡିରେ ସାମିଲ କଗ୍ରେସ କର୍ମୀମାନେ ହେଲେ ପ୍ରମୋଦ ମଣ୍ଡଳ, ଅଶ୍ୱିନୀ ଖଣ୍ଡା, ଶମ୍ଭୁନାଥ ଗଙ୍ଗାଇ, ସୁଶାନ୍ତ ଗଙ୍ଗାଇ, ଜୟନ୍ତ ଖଣ୍ଡା, ପଞ୍ଚୁପାଳି ପଞ୍ଚାୟତର ନରେଶ ଚନ୍ଦ୍ର ମାଇତି, ଦେବବ୍ରତ ମାଇତି। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଜେନା ପରିବାରର ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ରଖି ବିଜେଡ଼ିରେ ଯୋଗ ଦେଇଥିବା ସେମାନେ କହିଛନ୍ତି।

**Classified Everyday**
0674-2580101, 2549949


REAL ESTATE

**SALE**

ଝିଅ ବିଭାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ଘରବାଡ଼ି ପ୍ଲଟ୍ ବିକିବି, sqft.699/-. 9439493164. D-75903

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker. 9437765989. D-75902

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

Duplex sale at Bhubaneswar @ 57 lakhs only. Contact: 9777433701. D-75300


FOR RENT

400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Positively health benefited SPA expert therapist at Nayapalli. Contact: 7846814019. D-75196

Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, Bhubaneswar, 8926173473. D-67128

Newly open SPA positively health benefits (Expert therapist). Contact: 9124527170. D-75197

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

**LOST**

I, Aliva Patel, D/o- Prahallad Chandra Patel, R/o-Village- Tasaladihi Kolabahal, Dist.- Sundargarh was a student of MCA at Dr. Ambedkar Memorial Institute of IT & Management, Rourkela vide Registration No.- 1005263002 under BPUT, Rourkela. That above Institute issued a Certificate of MCA has been misplaced/lost at Sundargarh Town. I could not trace it out by my through search. D-2431

I, Alisha Patel, D/o- Prahallad Chandra Patel, R/o-Village- Tasaladihi Kolabahal, Dist.- Sundargarh was a student of MCA at Dr. Ambedkar Memorial Institute of IT & Management, Rourkela vide Registration No.- 1005263001 under BPUT, Rourkela. That above Institute issued a Certificate of MCA has been misplaced/lost at Sundargarh Town. I could not trace it out by my through search. D-2432

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ବିମଳା ବଡ଼ଜେନା
ଖଣ୍ଡହତା (ଅରାଞ୍ଚଳ), ନିରାକାରପୁର, ଖୋର୍ଦ୍ଧା
ଆବିର୍ଭାବ : ୦୬.୦୫.୧୯୩୨
ତିରୋଧାନ : ୨୬.୦୧.୨୦୨୪
ଚାହିଁ ଚାହିଁ ଏଗାର ଦିନ ବିତିଗଲା। କିନ୍ତୁ ତୁମର ସ୍ମୃତି ଆଜି ବି ଆମ ପାଖରେ ଉଜ୍ଜୀବିତ ହୋଇରହିଛି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପୁତ୍ର - ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ବୋହୂ - ସବିତା
ନାତୁଣୀ - ସୁଜାତା, ଇପସିତା, ଶୁଭଲକ୍ଷ୍ମୀ
ବନ୍ଧୁ ଓ ପରିବାରବର୍ଗ
ଧ-୭୫୫୧୫

# ୫ ତାରିଖ ଯାଏ ସେବା ଦେବନି ଆୟକର ପୋର୍ଟାଲ

ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)

ଆୟକର ବିଭାଗର ଇ-ଫାଇଲ ପୋର୍ଟାଲରେ ୩ ଦିନ ପର୍ଯ୍ୟନ୍ତ ସେବା ଯୋଗାଇ ଦିଆଯିବ ନାହିଁ। ରକ୍ଷଣାବେକ୍ଷଣ ଯୋଗୁ ପୋର୍ଟାଲ ଫେବୃଆରୀ ୩ ବନ୍ଦ ରହିଥିବାବେଳେ ୫ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିବ। ଏହି କାରଣରୁ ଇ-ଫାଇଲ ପୋର୍ଟାଲରେ କରଦାତାମାନଙ୍କ ପାଇଁ କୌଣସି ସେବା ଉପଲବ୍ଧ ହେବ ନାହିଁ। ଏନେଇ ଆୟକର ବିଭାଗ 'ଏକ୍ସ ହ୍ୟାଣ୍ଡେଲ'ରେ ସୂଚନା ଦେଇଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ନ ଦାଖଲ ଲାଗି ଆୟକର ବିଭାଗ ରିଟର୍ନ ଫର୍ମ ୨, ୩ ଏବଂ ୫କୁ ଅଧିସୂଚିତ କରାଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ଜାନୁୟାରୀ ୩୧ରେ ଏହି ଫର୍ମଗୁଡ଼ିକର ବିଜ୍ଞପ୍ତି ଜାରି କରିଛି। ସେହିପରି ଆଇଟିଆର୍ ଫର୍ମ ୧ ଏବଂ ୬ ବିଭାଗ ଦ୍ୱାରା ପୂର୍ବରୁ ଅଧିସୂଚିତ କରାଯାଇଛି। ୫୦ ଲକ୍ଷରୁ କମ ଆୟ ଥିବା ବ୍ୟକ୍ତିଙ୍କ ପାଇଁ ୨୦୨୩ ଡିସେମ୍ବରରେ ଆଇଟିଆର୍ ଫର୍ମ -୧ କୁ ସୂଚିତ କରାଯାଇଥିଲା। କମ୍ପାନୀଗୁଡ଼ିକ ଆୟକର ରିଟର୍ନ ଦାଖଲ ପାଇଁ ଆଇଟିଆର୍ ଫର୍ମ-୬କୁ ସୂଚିତ କରାଯାଇଥିଲା । ସୂଚନା ଥାଉ କି, ସିବିଡିଟି ପକ୍ଷରୁ ପ୍ରତିବର୍ଷ ଏକ ନୂତନ ଆଇଟିଆର୍ ଫର୍ମ ଜାରି କରାଯାଇଥାଏ। ଏଥିରେ କରଦାତାମାନଙ୍କୁ ସେମାନଙ୍କର ଆୟ ଉତ୍ସଠାରୁ ରିହାତି ପର୍ଯ୍ୟନ୍ତ ଅନେକ କାରବାର ବିଷୟରେ ସୂଚନା ଦେବାକୁ ପଡ଼ିଥାଏ। ଚଳିତ ବର୍ଷ ଜାରି ହୋଇଥିବା ଆୟକର ଫର୍ମରେ ବିଭିନ୍ନ ରିହାତି ବିଷୟରେ ସୂଚନା ମଧ୍ୟ ପ୍ରଦାନ କରାଯାଇଛି। ଏହା ମାଧ୍ୟମରେ ଆୟକର ବିଭାଗ ସ୍ୱଚ୍ଛତା ଆଣିବା ଦିଗରେ ପଦକ୍ଷେପ ନେଇଛି। ଏହି ସମସ୍ତ ଫର୍ମ ୨୦୨୪ ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ।

# ଏଜିଇଏଲ୍‌ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୪।୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦାନୀ ଗ୍ରୁପର ଅଗ୍ରଣୀ କମ୍ପାନୀ ଆଦାନ ଗ୍ରିନ୍ ଏନର୍ଜି ଲିମିଟେଡ୍ (ଏଜିଇଏଲ)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାର୍ଯ୍ୟକଳାପ ଓ କାରବାର ସହିତ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସ ମଧ୍ୟରେ କମ୍ପାନୀ (ଆଦାନୀ ଗ୍ରୀନ୍ ଏନର୍ଜି) ଉଲ୍ଲେଖନୀୟ ଆର୍ଥିକ ଫଳାଫଳ ହାସଲ କରିଛି। କମ୍ପାନୀର ରାଜସ୍ୱ ପରିମାଣ ୫୭% ବୃଦ୍ଧି ପାଇ ୫୭୯୪ କୋଟି ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ ଇବିଆଇଟିଡିଏ ୫୨% ବୃଦ୍ଧି ପାଇ ୫୪୧୨ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ମାର୍ଜିନ୍ ୯୨% ରହିଛି। ସେହିଭଳି କମ୍ପାନୀର ନଗଦ ଲାଭ ପରିମାଣ ୬୧% ବୃଦ୍ଧି ପାଇ ୨୯୪୪ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏଲର ରନ୍-ରେଟ୍ ୭୮୦୬ କୋଟି ଟଙ୍କା ହୋଇଛି। ଏପରିକି ପରିଚାଳନା ଦକ୍ଷତା ପରିମାଣ ୧୬% ବୃଦ୍ଧି ପାଇ ୮୪୭୮ ମେଗାୱାଟ୍ ହୋଇଥିବା ବେଳେ ଶକ୍ତି ବିକ୍ରି ୫୯ % ବୃଦ୍ଧି ପାଇ ୧୬,୨୯୩ ମେଗାୱାଟ୍ ହୋଇଛି।

ଏ ସମ୍ପର୍କରେ ଏଜିଇଏଲର ସିଇଓ ଅମିତ ସିଂହ କହିଛନ୍ତି, ନିକଟରେ ଘୋଷିତ ଇକ୍ୱିଟି ଏବଂ ଋଣ ପୁଞ୍ଜି ସଂଗ୍ରହ ସହିତ ଆମେ ୨୦୩୦ ସୁଦ୍ଧା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ୪୫ ଗିଗାୱାଟ୍ କ୍ଷମତାକୁ ହାସଲ କରିବା ଲାଗି ଅଭିବୃଦ୍ଧି ପାଇଁ ପୁଞ୍ଜି ପରିଚାଳନା ଢାଞ୍ଚା ପ୍ରସ୍ତୁତ କରିଛୁ।

# ଉତ୍କଳରେ ୱାର୍ଲଡ କ୍ୟାନ୍‌ସର ଡେ




ଭୁବନେଶ୍ୱର,୪।୨

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ନୀଳାଦ୍ରି ବିହାରସ୍ଥିତ ଅଗ୍ରଣୀ ମଲ୍ଟି ସୁପର ସ୍ପେଶିଆଲିଟି ହସ୍ପିଟାଲ 'ଉତ୍କଳ ହସ୍ପିଟାଲ'ରେ ୱାର୍ଲଡ କ୍ୟାନ୍‌ସର ଡେ' ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ ପକ୍ଷରୁ ଏକ ସଚେତନତା ବାଇକ୍ ରାଲି ହସ୍ପିଟାଲ ପରିସରରୁ ଆରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଲିଉଡ୍ ଅଭିନେତା ସିଦ୍ଧାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍କଟ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ ସହ ବାଇକ୍ ରାଲିରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ହସ୍ପିଟାଲର ଏମ୍‌ଡି ଡ. ପ୍ରଜ୍ଞାନ ରଞ୍ଜନ ଘଡ଼େଇ, ଅଙ୍କୋଲୋଜି ବିଭାଗର ବରିଷ୍ଠ ଡା. ଚିନ୍ମୟ ପାଣି, ଡା. ସଞ୍ଜୟ ମିଶ୍ର ଏବଂ ଡା. ବ୍ରହ୍ମାନନ୍ଦ ଶତପଥୀଙ୍କ ସମେତ ବହୁ ବରିଷ୍ଠ ଚିକିତ୍ସକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୬ରୁ ନ୍ୟାଶନାଲ୍ ଗ୍ରୀନ୍ ମେଟାଲ୍ କନ୍‌ଫରେନ୍ସ

ଭୁବନେଶ୍ୱର,୪।୨ (ଅଭୟ ଦାଶ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ(ବିପିଏନ୍‌ଏସ୍‌ଆଇ)ର ମିଳିତ ସହଯୋଗରେ ଏକ ୨ଦିନିଆ ଜାତୀୟ ସମ୍ମିଳନୀ 'ନ୍ୟାଶନାଲ୍ ଗ୍ରୀନ୍ ମେଟାଲ୍ କନ୍‌ଫରେନ୍ସ-୨୦୨୪' ଭୁବନେଶ୍ୱରଠାରେ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୬ରୁ ଜୟଦେବ ବିହାରସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମରେ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଷ୍ଟେଟ୍ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ଼ର ନିର୍ଦ୍ଦେଶକ ତଥା ମେମ୍ବର ଅଫ୍ ସେକ୍ରେଟାରି ଡ. କେ.ମୁର୍ଗେସନ, ବିପିଏନ୍‌ଏସ୍‌ଆଇର ନିର୍ଦ୍ଦେଶକ ପ୍ରିତମ ଏସ.ପୂରକୟାସ୍ଥା, ଇଞ୍ଜିନିୟର ଆର.ଏନ୍.ପୃଷ୍ଟି ଏବଂ ଡ. ଏନ.ଆର.ସାହୁ ପ୍ରମୁଖ ଯୋଗଦେଇ ସମ୍ମିଳନୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଅପରପକ୍ଷରେ ଚଳିତ ବର୍ଷର ଥିମ୍ 'ସବୁଜ ସ୍ଥିରତା ପାଇଁ, ଧାତୁ ପରିସଂସ୍ଥା ସନ୍ତୁଳନ ବା ମେଟାଲ୍ ଇକୋ ସିଷ୍ଟମ୍ ବାଲାନ୍ସିଂ, ଟୁଆର୍ଡସ ଗ୍ରୀନ୍ ସଷ୍ଟେନେବିଲିଟି' ରହିଛି। ସେହିଭଳି ଏକ ଧାତୁ ପରିସଂସ୍ଥା ସନ୍ତୁଳନ କ୍ଷେତ୍ରର ପ୍ରମୁଖ ଭବିଷ୍ୟତ ଉପରେ ରଣନୀତି ପ୍ରସ୍ତୁତ କରିବା ପାଇଁ




ଶିଳ୍ପ ହିତାଧିକାରୀ, ବିଶେଷଜ୍ଞ, ଶିକ୍ଷାବିତ୍, ଅନୁଷ୍ଠାନ ଏବଂ ନୀତି ନିର୍ଦ୍ଧାରକାରୀଙ୍କ ପାଇଁ ଏହା ଏକ ବୃହତ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ। ବିଶେଷକରି ବିଶ୍ୱରେ ଭାରତ ଦ୍ୱିତୀୟ ବୃହତ୍ତମ ଇସ୍ପାତ ଏବଂ ଆଲୁମିନିୟମ ଉତ୍ପାଦକ ଭାବେ ଉଭାହୋଇଛି। ଏପରିକି ଔଦ୍ୟୋଗିକ କାର୍ଯ୍ୟକଳାପ ଓ ପରିବେଶ ଉପରେ ତା'ର ପ୍ରଭାବକୁ ସମାଧାନ କରିବା ପାଇଁ ଏଭଳି ସମ୍ମିଳନୀର ଆବଶ୍ୟକତା ରହିଛି। ଏହି ଦୁଇ ଦିନିଆ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ମନିଟରିଂ ଏବଂ ସର୍କୁଲାର୍ ଇକୋନୋମି ଆଦିରେ ସାମ୍ପ୍ରତିକ ଟେକ୍ନୋଲୋଜି ଧାରାକୁ ଆଲୋକିତ କରିବା ସହ ଏହିପରି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି, ବିକଳ୍ପ ଶକ୍ତି, ସ୍ଥାୟୀ ଖଣି, ନୂତନ ନିରାପତ୍ତା ସର୍କୁଲାର, ଅର୍ଥନୀତି ପରିଚାଳନା ଓ ସବୁଜ ପରିବେଶ ପାଇଁ ବିନା ଖର୍ଚ୍ଚରେ କ୍ଷମତା ସୃଷ୍ଟି କରିବା ସହ ଏହାକୁ ହାସଲ କରିବା ପାଇଁ ଏକ ସୁଗମ ପରିବର୍ତ୍ତନକୁ ରାସ୍ତା ଦେଖାଇବା ସହିତ ଶିଳ୍ପ ଏବଂ ଖଣି ସଂସ୍ଥାଗୁଡ଼ିକ ପାଇଁ ସର୍ବଶେଷ ଜଳବାୟୁ ପରିବର୍ତ୍ତନ ଦୃଷ୍ଟିକୋଣରୁ ନୂତନ ପ୍ରଦୂଷଣ ନିବାରଣ ପ୍ରଯୁକ୍ତିବିଦ୍ୟା,ପରିବେଶ ମନିଟରିଂ ଏବଂ ତଥ୍ୟ ହାସଲ ଓ ସଂରକ୍ଷଣ ପ୍ରଯୁକ୍ତିବିଦ୍ୟା ପାଇଁ ଏହି ସମ୍ମିଳନୀ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ। ବିଶେଷକରି ଖଣି ଏବଂ ଶିଳ୍ପ କ୍ଷେତ୍ରର ଅଗ୍ରଗତି ପାଇଁ ଏଭଳି ଏକ ସମ୍ମିଳନୀ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ସହ ଧାତୁ ଉତ୍ପାଦନ କ୍ଷେତ୍ରର ସାମଗ୍ରିକ ପ୍ରଗତିରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି।

# ଆର୍‌ବିଆଇ ପକ୍ଷରୁ ଦିନିକିଆ ୱାକାଥନ

ଭୁବନେଶ୍ୱର,୪।୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ବା ଆରବିଆଇ) ର ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ କଟକ ଜିଲାରେ ଏକ ଦିନିକିଆ ୱାକାଥନ ରବିବାର ଆୟୋଜିତ ହୋଇଯାଇଛି। ବିଶେଷକରି ଜନସାଧାରଣଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି 'ୱାକାଥନ୍' କଟକସ୍ଥିତ ରାଧାନାଥ ଟ୍ରେନିଂ କଲେଜରୁ ଆରମ୍ଭ ହୋଇ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇ ପୁନର୍ବାର ରାଧାନାଥ ଟ୍ରେନିଂ କଲେଜରେ ପହଞ୍ଚିଥିଲା। ଉଲ୍ଲେଖଯୋଗ୍ୟ, ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏହି 'ୱାକାଥନ୍' ଆରବିଆଇର ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଥିଲା। ଉକ୍ତ ୱାକାଥନରେ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ ଏବଂ ବରିଷ୍ଠ ନାଗରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିଭଳି 'ୱାକାଥନ୍' ପରେ ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆରବିଆଇର ଜେନେରାଲ ମ୍ୟାନେଜର ଅନିତା ପଟ୍ଟନାୟକଙ୍କ ସମେତ କଟକ ଜିଲା ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଏସ୍‌ପି (ଗ୍ରାମୀଣ) ମିହିର କୁମାର ପଣ୍ଡା, ଏଫ୍‌ଜିଏମ୍ ୟୁନିୟନ୍ ବ୍ୟାଙ୍କ ଅଫ ଇଣ୍ଡିଆ ସର୍ବେଶ ରଞ୍ଜନ, ଡିଜିଏମ୍ ୟୁକୋ ବ୍ୟାଙ୍କ ଚିନ୍ମୟ କୁମାର ସାହୁ, ଏଜିଏମ୍ ଏସଏଲବିସି ଲିଙ୍ଗରାଜ ନାୟକ, ଆରବିଆଇର ଜିଲା ଅଧିକାରୀ ରଶ୍ମିରଞ୍ଜନ ସାହୁ, ସନ୍ତୋଷ କୁମାର ମିଶ୍ର ଏବଂ ଆରବିଆଇ ଅଧିକାରୀ ଓମ୍ ପ୍ରକାଶ ସୂତାର, ବିଷ୍ଣୁ ପ୍ରସାଦ ଦାଶ, ସୋମେନ୍ ବାସୁ, ବ୍ୟାଙ୍କର ଜିଲା ପ୍ରବନ୍ଧକ ରାଜେଶ କୁମାର ବେହେରା, ଡିଡିଏମ୍ ନାବାର୍ଡ ଓ ବିଭିନ୍ନ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀ, ରାଧାନାଥ ଟ୍ରେନିଂ କଲେଜର ଅଧାପକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।




ୱାକାଥନର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅଧିକାରୀ ଗଣ।

## ଅନ୍ୟାନ୍ୟ ଖବର

# ଆଜିଠୁ ବିଧାନସଭା ବଜେଟ ଅଧିବେଶନ

ଭୁବନେଶ୍ୱର,୪।୨(ସୁନିତ୍ ମିଶ୍ର)

ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ସୋମବାରଠାରୁ ଆରମ୍ଭହୋଇ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ଅଧିବେଶନ ହୋଇପାରେ। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟ ଦିବସ ରହିଛି। ଆସନ୍ତା ୧୦ ଏବଂ ୧୧ ତାରିଖ ଶନିବାର ଓ ରବିବାର ପଡୁଥିବାରୁ କାର୍ଯ୍ୟ ଦିବସ ରଖାଯାଇନାହିଁ। ତେବେ ଏହି ଅଧିବେଶନ ସମୟରେ ରାଜ୍ୟ ସରକାର ୨୦୨୪-୨୫ ମସିହା ପାଇଁ ଅନ୍ତରୀଣ ବଜେଟ ଆଣିବାକୁ ଯାଉଛନ୍ତି। କାର୍ଯ୍ୟ ଦିବସ ଆରମ୍ଭ ଦିନ ରାଜ୍ୟପାଳ ଗୃହରେ ନିଜର ଅଭିଭାଷଣ ରଖିବେ। ଏହାପରେ ସେହିଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ରଖାଯିବ। ଦ୍ୱିତୀୟ ଦିନ କାର୍ଯ୍ୟଦିବସରେ ମଧ୍ୟ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା। ତୃତୀୟ କାର୍ଯ୍ୟଦିବସରେ ଗୃହରେ ବଜେଟ ଉପସ୍ଥାପନ କରାଯିବ। ବିଧାନସଭା ଆରମ୍ଭହେବା ପୂର୍ବରୁ ରବିବାର ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚନ୍ଦ୍ର ମାଝୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଗୃହକୁ ସୁରୁଖୁରୁରେ ଚଳାଇବା ଲାଗି ବାଚସ୍ପତି ସବୁ ଦଳର ସହଯୋଗ ଲୋଡ଼ିଥିଲେ। ତେବେ ବୈଠକ ଶେଷରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ବିଧାନସଭାରେ ଯେଉଁସବୁ କାର୍ଯ୍ୟଦିବସ ରହିଛି ତାହା କିପରି ଚାଲିବ ସେନେଇ ସର୍ବସମ୍ମତି ପ୍ରକାଶ ପାଇଛି। ପ୍ରଥମ ଦିନ ରାଜ୍ୟପାଳଙ୍କ ଅଭିଭାଷଣ ରହିଛି। ଦ୍ୱିତୀୟ ଦିନ ପୂର୍ବତନ ରାଜ୍ୟପାଳଙ୍କ ବିୟୋଗ ହୋଇଥିବାରୁ ଶୋକପ୍ରସ୍ତାବ ଆସି ଗୃହ ମୁଲତବୀ ରହିବ। ଏହାପରେ ଯେମିତି ସବୁ କାର୍ଯ୍ୟ ଦିବସ ରହିଛି ହେବା ଲାଗି ସେପରି ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୩ ଥାକିଆ ସୁରକ୍ଷାବଳୟ ସହ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୋଲିସ ଛାଉଣି କରାଯିବ। ଏନେଇ ଡିଜି ଇନଚାର୍ଜ ଅରୁଣ ଷଡ଼ଙ୍ଗୀ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଲାଗି ମୋଟ୍ ୨୮ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ବିଧାନସଭାଠାରୁ ଆରମ୍ଭକରି ଲୋୟର ପିଏମ୍‌ଜି, ରବୀନ୍ଦ୍ର ମଣ୍ଡପ ଛକ ଓ ସଂଲଗ୍ନ ରାସ୍ତାରେ ସିସିଟିଭି ଖଞ୍ଜାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଲାଗି ୫ଟି ସ୍ଥାନରେ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ୍ କରାଯାଇଛି।

# ଡବଲ ଇଞ୍ଜିନ ସରକାର ଆସିଲେ ରାଜ୍ୟର ଉନ୍ନତି: ଧର୍ମେନ୍ଦ୍ର

କନ୍ଧମାଳ,୪।୨(ଆଦିତେଶ୍ୱର ମିଶ୍ର)

କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୌଦ୍ଧ ଜିଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ମନମୁଣ୍ଡା ଛକଠାରେ ପହଞ୍ଚିବା ପରେ ଭାଜପା ନେତା ଓ କର୍ମୀମାନେ ତାଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସ୍ୱାଗତ କରିଥିଲେ। ପରେ ମନମୁଣ୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗ ଦେଇଥିଲେ। ଜିଲା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦାନ କରି ଦଳୀୟ ସଂଗଠନ ବିଷୟରେ ଆଲୋଚନା କରିଥିଲେ। ମୋଦିଙ୍କ ଡବଲ ଇଞ୍ଜିନ ସରକାର ହେଲେ ରାଜ୍ୟର ଉନ୍ନତି ହୋଇପାରିବ । ଏଣୁ ଦଳ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହିତ କାମ କରି ଆଗାମୀ ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ସେ କର୍ମକର୍ତ୍ତାଙ୍କୁ କହିଥିଲେ। ବୈଠକରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ର, କହ୍ନେଇ ଚରଣ ଡାଙ୍ଗ, ସରୋଜ ପ୍ରଧାନ , ପ୍ରେମାନନ୍ଦ ମିଶ୍ର, ତାପସ କୁମାର ପଟ୍ଟନାୟକ, ଶ୍ୟାମ ସୁନ୍ଦର ପୁରୋହିତ, ସୁଶାନ୍ତ କୁମାର ବାଘ, ରାକେଶ ତ୍ରିପାଠୀ, ଯିଶୁ ପ୍ରଧାନଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବୌଦ୍ଧ ଜିଲାର କନ୍ଧମାଳ ବ୍ଲକ ଅଭିମୁଖେ ଯାଉଥିବା ସମୟରେ ସୁବର୍ଣ୍ଣପୁର ଟାଉନ ହଲ୍ ସମ୍ମୁଖରେ ଭାଜପା ନେତୃବୃନ୍ଦ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ଆନନ୍ଦ କୁମାର ବାରିକ୍, ଅଶୋକ କୁମାର ପୃଷ୍ଟି, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଦେଷ୍ଣା ନେଗୀ, ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସ୍ୱରୂପ ପାତ୍ର, ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

# ଭୁଲ୍ ଔଷଧରୁ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

ବାରିପଦା, ୪।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ପାନ୍ଧଡ଼ାସ୍ଥିତ ହରିଶ୍ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ ଖାରପୋଖରିଆ ଥାନା ଅଧୀନ କାଶିଆବେଡ଼ା ଗ୍ରାମର ଛୋଟରାୟ ମାରାଣ୍ଡିଙ୍କ ଝିଅ ସୌଦାମିନୀ(୮)। ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ଅସୁସ୍ଥ ଥିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ଔଷଧ ଦେଇଥିଲେ। ଉପଶମ ପରିବର୍ତ୍ତେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଯାଇଥିଲା। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଶୀର୍ଷା ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୪ ଅସୁସ୍ଥ ଛାତ୍ରୀଙ୍କୁ ମଧ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହଷ୍ଟେଲ କର୍ତ୍ତୃପକ୍ଷ ଭୁଲ୍ ଔଷଧ ଦେଇଥିବାରୁ ତାଙ୍କ ଝିଅର ମୃତ୍ୟୁ ଘଟିଥିବା ସୌଦାମିନୀଙ୍କ ବାପା ଅଭିଯୋଗ କରିଛନ୍ତି।

# ଯୁବୋଦୟ ପ୍ରତିଷ୍ଠାତା ପ୍ରିୟଲତା ଦାଶଙ୍କ ପରଲୋକ

ବଲାଙ୍ଗୀର, ୪।୨
(ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟର ଅନ୍ୟତମ ପ୍ରତିଷ୍ଠାତା ତଥା ଭୁବନେଶ୍ୱର ଟଙ୍କପାଣି ରୋଡ ନିବାସୀ ଅବସରପ୍ରାପ୍ତ ଇଞ୍ଜିନିୟର ଅଭିରାମ ଦାଶଙ୍କ ସ୍ତ୍ରୀ ପ୍ରିୟଲତା ଦାଶ ଶୁକ୍ରବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୬ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଶାରୀରିକ ଅସୁସ୍ଥତା ଦେଇ ଗତି କରୁଥିଲେ। ମୃତ୍ୟୁବେଳକୁ ଏକମାତ୍ର ପୁତ୍ର ଅମ୍ବରୀଶ, ପୁତ୍ରବଧୂ, ୩ଝିଅ, ଜ୍ୱାଇଁ, ଦୁଇନାତି ଉପସ୍ଥିତ ଥିଲେ। ସ୍ୱର୍ଗତା ଦାଶଙ୍କ ଭାଗବତ ଓ ପୁରାଣ ଶାସ୍ତ୍ର ଉପରେ ପାଣ୍ଡିତ୍ୱ ରହିଥିଲା। ଅବିଭକ୍ତ ବଲାଙ୍ଗୀର ଜିଲାରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତା ଦାଶ ପଶ୍ଚିମ ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ଯୁବୋଦୟର ଅନ୍ୟତମ ପ୍ରତିଷ୍ଠାତାଭାବେ କାର୍ଯ୍ୟ କରିଥିଲେ।



ପ୍ରିୟଲତା ଦାଶ

ତାଙ୍କରି ପ୍ରେରଣାରେ ଯୁବୋଦୟ ଯୁକ୍ତ ୨ ବିଜ୍ଞାନ କଲେଜ, ଯୁକ୍ତ ୩ ବିଜ୍ଞାନ କଲେଜ, ଇଂଲିଶ ମିଡିୟମ ସ୍କୁଲ ଏବଂ ବୈଷୟିକ କଲେଜ ପ୍ରତିଷ୍ଠା ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଅମ୍ବରୀଶ ମୁଖାଗ୍ନି ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ତେଲଙ୍ଗାନାରେ ...

ଧରି ଗାଁରେ ପହଞ୍ଚିଥିଲେ। ରବିବାର କାହ୍ନୁଙ୍କୁ ଚିକିତ୍ସା ପାଇଁ ପାଟଣାଗଡ ନେଇଥିଲେ। ତେବେ ସେଠାରୁ ଘରକୁ ଫେରିବା ପରେ ଅପରାହ୍ନ ୪ଟାରେ କାହ୍ନୁଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ କାହ୍ନୁଙ୍କ ସ୍ତ୍ରୀ କହିଛନ୍ତି ଯେ, ବନ୍ଧକ ଝିଅ ସହ ଇଟାଭାଟି ମାଲିକ କଥା ମଧ୍ୟ କରାଇ ଦେଉନାହାନ୍ତି। ଝିଅକୁ ଛାଡି ଦେବା ପାଇଁ ନିଜର ଏକ ଜମି ବନ୍ଧକ ରଖି କାହ୍ନୁ ଶନିବାର ଫୋନ୍ ପେ ଯୋଗେ ଇଟାଭାଟି ମାଲିକଙ୍କୁ ୫୦ ହଜାର ଟଙ୍କା ମଧ୍ୟ ପଠାଇଛନ୍ତି। ଏହା ସତ୍ତ୍ୱେ ଝିଅକୁ ସେ ଛାଡିନାହାନ୍ତି। କାହ୍ନୁଙ୍କ ମୃତ୍ୟୁ ଖବର ଓ ଝିଅ ବନ୍ଧକ ଖବର ଜଣାପଡିବା ପରେ ତହସିଲଦାର ବିପିନ ବିହାରୀ ହରପାଲ, ଥାନା ଆଇଆଇସି ସୁଶାନ୍ତ ଦାସ, ରାଜସ୍ୱ ନିରୀକ୍ଷକ ସୁଧାଂଶୁ ପଧାନ, ସରପଞ୍ଚ ଶ୍ୟାମ ସୁନ୍ଦର ଚିରାଙ୍ଗୁଲ, ଜିଲା ପରିଷଦ ସଭ୍ୟା ଅନିମା ଦାଶ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ଦାଶ ମୃତ କାହ୍ନୁଙ୍କ ଘରେ ପହଞ୍ଚିଥିଲେ। ତହସିଲଦାର ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ଦେଇଛନ୍ତି। ଶ୍ରମ ବିଭାଗ ଏବଂ ପୋଲିସର ଏକ ଟିମ୍ ତେଲଙ୍ଗାନା ଯାଇ ବନ୍ଧକ ଝିଅକୁ ଉଦ୍ଧାର କରିବେ ବୋଲି କହିଛନ୍ତି। କୋଶଲବାଦୀ ନେତା ସିପୁନ୍ ଖମାରୀ ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବନ୍ଧକ ଝିଅ ଉଦ୍ଧାର, ପୀଡିତ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କଠାରୁ ସହାୟତା, ଫୋନ୍ ପେ'ରେ ଇଟାଭାଟି ମାଲିକ ନେଇଥିବା ୫୦ ହଜାର ଟଙ୍କା ଫେରସ୍ତ କରାଯିବା ସହ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

### ଶୂନ ବିଜୁଳି ବିଲ୍ ...

ପ୍ରଧାନମନ୍ତ୍ରୀ ଗତ ୨୨ ତାରିଖରେ ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରୁ ଫେରି ଉକ୍ତ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ପରିବାରଗୁଡ଼ିକର ଛାତରେ ସୋଲାର ପ୍ୟାନେଲ ଲାଗିବା ଦ୍ୱାରା ସେମାନେ ନିଜର ବିଦ୍ୟୁତ୍ ଚାହିଦା ପୂରଣ କରି ବଳକା ବିଦ୍ୟୁତ୍ ବିକ୍ରି କରିପାରିବେ। ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ଆରାମଦାୟକ କରିବା ଭାଜପା ସରକାରଙ୍କ ଲକ୍ଷ୍ୟ, ଯାହା ଉପରେ ବଜେଟରେ ଫୋକସ୍ କରାଯାଇଛି। ଭିତ୍ତିଭୂମି ବିକାଶ ଲାଗି ୧୧ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

### ଟଙ୍କା ପାଇଁ ବର ...

ଲୋକେ ଅଭିଯୋଗ କରିଛନ୍ତି। କେତେଜଣ ଯୁବତୀଙ୍କ ସାଙ୍ଗରେ ବର କିମ୍ବା ଆତ୍ମୀୟ ସ୍ୱଜନ ନ ଥିବାରୁ ସେମାନେ ନିଜକୁ ନିଜେ ବରଣମାଳା ପିନ୍ଧାଇଥିଲେ ବୋଲି ବିମଳ କୁମାର ପାଠକ ନାମକ ସ୍ଥାନୀୟ ଯୁବକ କହିଛନ୍ତି। ତାଙ୍କୁ ମଧ୍ୟ ବର ବେଶରେ ବସିବା ପାଇଁ ଟଙ୍କା ଯଚାଯାଇଥିଲା। ଆହୁରି କୌତୂହଳର ଘଟଣା ହେଲା ଉକ୍ତ ଗଣବିବାହ ଉତ୍ସବରେ ଭାଜପା ବିଧାୟକ କେତକୀ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଘଟଣାର ତଦନ୍ତ ହେଉଥିବା ସେ କହିଛନ୍ତି।

ୱେବ୍‌ସାଇଟ ତଥ୍ୟ ଅନୁଯାୟୀ ଗରିବ ପୁଅଝିଅଙ୍କ ମଧ୍ୟରେ ବିବହ ସମ୍ପନ୍ନ କରାଇବା ପାଇଁ ସରକାରୀ ଯୋଜନାରେ ୫୧ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ସେଥିରୁ ୩୫,୦୦୦ ଟଙ୍କା କନ୍ୟା ପାଇବାକୁ ଥିବାବେଳେ ୧୦ ହଜାର ଟଙ୍କାରେ ବିବାହ ଉପକରଣ କିଣାଯିବା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ୬ ହଜାର ଟଙ୍କା ରହିଛି। ସରକାରୀ ସହାୟତା ପହଞ୍ଚିବା ପୂର୍ବରୁ ଦୁର୍ନୀତି ଧରାପଡ଼ିଛି ଏବଂ ଏକ ୩ ଜଣିଆ କମିଟି ଘଟଣାର ତଦନ୍ତ ଚଳାଇଛି।

### ଜେଏନ୍‌ୟୁରେ ପ୍ରତିଷ୍ଠା ...

ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଜେଏନ୍‌ୟୁ ତରଫରୁ କୁଳପତି ଶାନ୍ତିଶ୍ରୀ ଧୁଲିପୁଡି ପଣ୍ଡିତ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ଓଡ଼ିଆ ଭାଷାରେ ପ୍ରଗତିଶୀଳ ଗବେଷଣା ନିମନ୍ତେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଭାଗିତା ଓ ସହଯୋଗିତା, ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ତଥା ପ୍ରୋତ୍ସାହନ ନିମନ୍ତେ ଉଲ୍ଲେଖନୀୟ ଭିତ୍ତି ନିର୍ମାଣ ହେଉଛି ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ। ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କ ସମେତ ଅନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।




ରବିବାର ଲୋକସେବା ଭବନଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଜେଏନ୍‌ୟୁ ତରଫରୁ କୁଳପତି ଶାନ୍ତିଶ୍ରୀ ଧୁଲିପୁଡି ପଣ୍ଡିତ ବୁଝାମଣା ପତ୍ର ସ୍ୱାକ୍ଷର କରୁଛନ୍ତି।

# ଧୂମ ରନ୍ଧା ମାଂସ ଓ କ୍ୟାନ୍ସର



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ନିକଟରେ ଅନୁଷ୍ଠିତ କେତେକ ଅଧ୍ୟୟନ ଅନୁସାରେ ଧୂମ ରନ୍ଧନ ସବୁପ୍ରକାର ପ୍ରକ୍ରିୟାକରଣ ହୋଇଥିବା ମାଂସରେ ଏସବୁ ବ୍ୟତୀତ ବ୍ରେଷ୍ଟ କ୍ୟାନ୍ସର ଏବଂ ପୌରୁଷ ଗ୍ରନ୍ଥି କ୍ୟାନ୍ସର ଆଶଙ୍କା ବହନ କରୁଥିବା ପଦାର୍ଥମାନ ଅଳ୍ପ ବହୁତ ଥାଏ। ବିଶେଷକରି ଲୋହିତ ମାଂସ ବା 'ରେଡ୍ ମିଟ୍' (ଗୋରୁଗାଈ, ଛେଳିମେଣ୍ଢା, ଘୁଷୁରି ଆଦିଙ୍କ ଅଧିକ ରକ୍ତଧାରଣ କରୁଥିବା ଅଙ୍ଗର ମାଂସ) ଏ ଦୃଷ୍ଟିରୁ ସବୁଠାରୁ ବିପଜ୍ଜନକ। ସେଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେଶନ) ଏହାକୁ 'ପ୍ରଥମ ଶ୍ରେଣୀର କର୍କଟ ରୋଗର କାରଣ' ତାଲିକାର ଅନ୍ତର୍ଭୁକ୍ତ କରିଛି। ପୁନଶ୍ଚ ଏହା ମଧ୍ୟ ସଂଘାତ, ହୃଦ୍‌ରୋଗ ଏବଂ ଟାଇପ-୨ ଡାଇବେଟିସ୍ କାରଣ ହୋଇପାରେ ବୋଲି ଏହା ସୂଚିତ କରିଛି।''



ଖାଦ୍ୟ ଗ୍ରହଣର ଜୈବିକ ଲକ୍ଷ୍ୟ ହେଲା ଶରୀର ପୁଷ୍ଟିସାଧନ। ତେବେ, ଅନେକ ସମୟରେ ଆମେ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ଏଥିରୁ ଦୂରେଇଯାଉ, ଯାହାର ପରିଣାମ ଘାତକ ସାବ୍ୟସ୍ତ ହୋଇଥାଏ। ବିଶେଷକରି ବର୍ତ୍ତମାନ ଆଧୁନିକ ଆଭିଜାତ୍ୟ ଖାଦ୍ୟ ରୂପେ ପରିଲକ୍ଷିତ ତଥା ବିଦେଶୀ ଢାଞ୍ଚାରେ ପ୍ରସ୍ତୁତ ଫାଷ୍ଟଫୁଡ୍ ସମେତ ଅନ୍ୟାନ୍ୟ ଖାଦ୍ୟ ପ୍ରତି ଆମର ବଢ଼ି ଚାଲିଥିବା ଆସକ୍ତି ହେତୁ ଏହା ଅଧିକରୁ ଅଧିକ ହେବାରେ ଲାଗିଛି। ଏହାର ଗୋଟିଏ ଉଦାହରଣ ହେଲା 'ଧୂମ ମଧ୍ୟେ ରନ୍ଧନ ମାଂସ' ବା ସ୍ମୋକଡ୍ ମିଟ୍' ଜାତୀୟ ଖାଦ୍ୟ। ମାଂସ, ମାଛ ଆଦିକୁ ତେଲରେ ବୁଡ଼ାଇ, ଲୁଣ, ଲଙ୍କା ଏବଂ ବିବିଧ ବଟା ମସଲାର ବୋଳ ଦେଇ ତାହାକୁ କିଛି ସମୟ ରଖି ପ୍ରତ୍ୟକ୍ଷ ଭାବରେ ନିଆଁ ଧାସ ଓ ଧୂଆଁ ଭିତରେ ଏହାକୁ ରନ୍ଧାଯାଏ। ଫଳରେ ତା' ଉପରେ କେତେକ କର୍କଟ ବା କ୍ୟାନ୍ସର ରୋଗକାରୀ ତତ୍ତ୍ୱ ସୃଷ୍ଟି ହୁଏ। ଏହା ତାହାକୁ ଧୂମପାନ ଏପରିକି ମଦ୍ୟପାନଠାରୁ ଅଧିକ ବିପଜ୍ଜନକ କରିଛି।



ଆମେରିକାର ନ୍ୟାଶନାଲ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ୍‌ର ଡାକ୍ତରମାନଙ୍କ ମତରେ ପ୍ରାୟ ୧୭-୧୮ଟି ବିଷାକ୍ତ ପଦାର୍ଥ ଏହାର ଅନ୍ତର୍ଭୁକ୍ତ ହେବାର ମନେ ହୁଏ। ତେବେ ତନ୍ମଧ୍ୟରୁ ସବୁଠାରୁ ବିପଜ୍ଜନକଗୁଡ଼ିକ ହେଲା- 'ପଲିସାଇକ୍ଲିକ୍ ଏରୋମେଟିକ୍ ହାଇଡ୍ରୋକାର୍ବନ୍ସ' ଏବଂ 'ହେଟେରୋସାଇକ୍ଲିନ୍ ଆମାଇନସ' ଜାତୀୟ ରସାୟନ : ନିଆଁ ଓ ଧୂଆଁ ଭିତରେ ମାଛ ଏବଂ ମାଂସ (ମସଲାଦିଆ ପୋଡ଼ିଲା ଅବସ୍ଥାରେ ସେଥିରୁ ନାନାଦି ତରଳ ପଦାର୍ଥ ଓ ଚର୍ବି ନିର୍ଗତ ହୋଇ ଶିଖା ଉପରେ ପଡ଼େ। ତା'ପରେ ସେଥିରୁ ଉପଜାତ ପଦାର୍ଥ ରୂପେ ଏଗୁଡ଼ିକ ଉତ୍ପନ୍ନ ହୁଅନ୍ତି। ଧୂଆଁ ତାହାକୁ ଉପରକୁ ବୋହିଆଣି ତା' ଉପରେ ବିଛାଇଦିଏ, ଯାହାକି ସେଗୁଡ଼ିକୁ ଶୋଷଣ କରିନିଅନ୍ତି। ଏହାବ୍ୟତୀତ ଧୂଆଁରେ ମଧ୍ୟ ରହିଛି ନାନାଦି ବିଷାକ୍ତ ପଦାର୍ଥ। ତାହାର କିଛି ଅଂଶ ଏଥିସହ ମିଶି ରହେ। ଡା. ସିଲିଆନ କ୍ୟୁବର୍ଟସନ କୁହନ୍ତି ଯେ, ଏହି ରସାୟନଗୁଡିକ 'ମ୍ୟୁଟାଜେନିକ' ଅର୍ଥାତ୍ ସେଗୁଡିକ ଆମ ଜୀବକୋଷରେ ଥିବା ଜିନୀୟ 'ଡିଏନ୍‌ଏ'ରେ ପରିବର୍ତ୍ତନ ଆଣିପାରନ୍ତି। ଅତଏବ ତାହା କ୍ୟାନ୍ସରର କାରଣ ହୁଏ। ବିଶେଷକରି ଏହାଦ୍ୱାରା ପ୍ରଭାବିତ ହୁଅନ୍ତି ଖାଦ୍ୟନଳୀ, କ୍ଷୁଦ୍ରାନ୍ତ୍ର, ବୃହଦନ୍ତ୍ର, ପାକସ୍ଥଳୀ ଏବଂ କୋଲୋନ୍।

ନିକଟରେ ଅନୁଷ୍ଠିତ କେତେକ ଅଧ୍ୟୟନ ଅନୁସାରେ ଧୂମ ରନ୍ଧନ ସବୁପ୍ରକାର ପ୍ରକ୍ରିୟାକରଣ ହୋଇଥିବା ମାଂସରେ ଏସବୁ ବ୍ୟତୀତ ବ୍ରେଷ୍ଟ କ୍ୟାନ୍ସର ଏବଂ ପୌରୁଷ ଗ୍ରନ୍ଥି କ୍ୟାନ୍ସର ଆଶଙ୍କା ବହନ କରୁଥିବା ପଦାର୍ଥମାନ ଅଳ୍ପ ବହୁତ ଥାଏ। ବିଶେଷକରି ଲୋହିତ ମାଂସ ବା 'ରେଡ୍ ମିଟ୍' (ଗୋରୁଗାଈ, ଛେଳିମେଣ୍ଢା, ଘୁଷୁରି ଆଦିଙ୍କ ଅଧିକ ରକ୍ତଧାରଣ କରୁଥିବା ଅଙ୍ଗର ମାଂସ) ଏ ଦୃଷ୍ଟିରୁ ସବୁଠାରୁ ବିପଜ୍ଜନକ। ସେଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେଶନ) ଏହାକୁ 'ପ୍ରଥମ ଶ୍ରେଣୀର କର୍କଟ ରୋଗର କାରଣ' ତାଲିକାର ଅନ୍ତର୍ଭୁକ୍ତ କରିଛି। ପୁନଶ୍ଚ ଏହା ମଧ୍ୟ ସଂଘାତ, ହୃଦ୍‌ରୋଗ ଏବଂ ଟାଇପ-୨ ଡାଇବେଟିସ୍ କାରଣ ହୋଇପାରେ ବୋଲି ଏହା ସୂଚିତ କରିଛି। ଏପରି ସ୍ଥଳେ ଏଭଳି ଖାଦ୍ୟକୁ କେବେ କେମିତି ଅତିବେଶିରେ ସପ୍ତାହକୁ ଥରକରୁ ଅଧିକ ନ ଖାଇବା ପାଇଁ ଉପଦେଶ ଦେଇଛି ଆମେରିକାନ୍ କ୍ୟାନ୍ସର ସୋସାଇଟି। ମାଛ, ମାଂସକୁ ବାଦ୍ ଦେଲେ ଅନ୍ୟ ଯେଉଁ ଧୂମ ରନ୍ଧନ ହେଉଥିବା ଖାଦ୍ୟରେ ଏହି କ୍ୟାନ୍ସର ତତ୍ତ୍ୱମାନ ଥିବାର ଆଶଙ୍କା ରହିଛି ତାହା ହେଲା ଛେନା। ତେବେ ଏହା କେବଳ ତାହାର ବାହ୍ୟାଂଶରେ ଦେଖାଯାଏ।

ବର୍ତ୍ତମାନ ସହରାଞ୍ଚଳମାନଙ୍କରେ କ୍ୟାନ୍ସର ବ୍ୟାପକ ହେବାରେ ଏସବୁ ଖାଦ୍ୟ ସାହାଯ୍ୟ କରୁଛି ବୋଲି କାନାଡାରେ ଅନୁଷ୍ଠିତ ଏକ ଆଲୋଚନାଚକ୍ର ଅବସରରେ ପ୍ରକାଶ କରିଛନ୍ତି ଚେନ୍ନାଇର ଜେନେରାଲ ହସ୍‌ପିଟାଲର କେତେଜଣ ଡାକ୍ତର। କିଛିବର୍ଷ ପୂର୍ବେ ଏହି ଅନୁଷ୍ଠାନର କେତେଜଣ ଗବେଷଣା ଛାତ୍ର ୧୦୧ ଜଣ କ୍ୟାନ୍ସର ରୋଗୀଙ୍କ ଉପରେ ଅଧ୍ୟୟନଟିଏ କରିଥିଲେ। ଏଥିରୁ ସେମାନଙ୍କୁ ତାଙ୍କର ଖାଦ୍ୟାଭ୍ୟାସ ଏବଂ ଜୀବନଚର୍ଯ୍ୟା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଏହାକୁ ତୁଳନା କରାଯାଇଥିଲା ସୁସ୍ଥ ଲୋକମାନଙ୍କ ସହିତ। ଫଳରେ ଜଣାପଡ଼ିଲା ଯେ, ନିୟମିତ ସ୍ମୋକଡ୍ ମିଟ୍ ଖାଉଥିବା ଲୋକଙ୍କର ଅନ୍ୟମାନଙ୍କ ତୁଳନାରେ କ୍ୟାନ୍ସର ଆଶଙ୍କା ୯ ଗୁଣ ଅଧିକ (ଧୂମପାନକାରୀଙ୍କଠାରେ ୮ ଗୁଣ ଏବଂ ମଦ୍ୟପାନକାରୀଙ୍କଠାରେ ୪ ଗୁଣ)। ଶୁଖିଲା, ପୋଡ଼ା କିମ୍ବା ଅଧିକ ପୋଡ଼ା ଜିନିଷରେ ଏପରି ଗୁଣ ଅନେକ ମାତ୍ରାରେ ଥିବାର ସେମାନେ ସିଦ୍ଧାନ୍ତରେ ପହଞ୍ଚିଥିଲେ ଅନ୍ୟ ଏକ ପରୀକ୍ଷାରୁ। ପୁନଶ୍ଚ ଆମେ ବାରମ୍ବାର ଛାଣୁଥିବା ପୋଡ଼ାତେଲରେ ମଧ୍ୟ କ୍ୟାନ୍ସର ସୃଷ୍ଟି କରୁଥିବା ଉପାଦାନଗୁଡ଼ିକର ସନ୍ଧାନ ସେମାନେ ପାଇଥିଲେ। ଏଣୁ ମୋଟାମୋଟି ଭାବେ କୌଣସି ଜିନିଷକୁ ଅତି ନିଆଁରେ ପୋଡ଼ି ଖାଇବା ଅଭ୍ୟାସକୁ ଏଡ଼ାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଆମେରିକାନ୍ କ୍ୟାନ୍ସର ସୋସାଇଟି ଧୂମ ମଧ୍ୟରେ ରନ୍ଧନ ମାଂସ ବା ସ୍ମୋକଡ଼ ମିଟ୍‌କୁ କମ୍ କ୍ଷତିକାରକ କରିବା ପାଇଁ କିଛି ମାର୍ଗଦର୍ଶିକା ଜାରି କରିଛନ୍ତି। ତନ୍ମଧ୍ୟରେ ରହିଛି ସହଜରେ ଜଳୁ ନ ଥିବା ଟାଣକାଠକୁ ଇନ୍ଧନ ରୂପେ ବ୍ୟବହାର, ଛେଳି, ମେଣ୍ଢା, ଗୋରୁଗାଈ, ଘୁଷୁରିର ଲୋହିତ ମାଂସ ବା ରେଡ୍ ମିଟ୍ ବଦଳରେ ବେଶି ରକ୍ତ କିମ୍ବା ଚର୍ବି ନ ଥିବା ଅଙ୍ଗ ବ୍ୟବହାର କରିବା ନଚେତ୍ କୁକୁଡ଼ା, ଟର୍କି, ବତକ, ହଂସ, ଠେକୁଆ ଆଦିଙ୍କ ଧବଳ ମାଂସ ବା ହ୍ୱାଇଟ୍ ମିଟ୍ ବ୍ୟବହାର କରିବା, ମାଛକୁ କଦାପି ଧୂମ ରନ୍ଧନ କରିବା ନାହିଁ ଏବଂ ଖାଦ୍ୟକୁ ଅଧିକ ଭାଜି ହେବାକୁ କିମ୍ବା ପୋଡ଼ି ହେବାକୁ ନ ଦେବା ଇତ୍ୟାଦି। ତେବେ ସବୁଠାରୁ ନିରାପଦ ରେଡ୍ ମିଟ୍ ପ୍ରକ୍ରିୟାକରଣ ହୋଇଥିବା ମାଂସ ଏବଂ ସ୍ମୋକ୍‌ଡ ମିଟ୍‌କୁ ବର୍ଜନ କରିବା।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ: ୯୯୩୭୩୦୧୪୬୦

## କିଡ୍‌ନୀ ସମସ୍ୟା



ଆମ ଶରୀରର ଅନ୍ୟତମ ପ୍ରମୁଖ ଏବଂ ଅତ୍ୟନ୍ତ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ସଞ୍ଚାଳିତ ହେଉଥିବା ରକ୍ତକୁ ଏହା ପରିଷ୍କାର ରଖେ। ତା'ସହ ଶରୀର ଭିତରେ ଥିବା ଅଦରକାରୀ ତତ୍ତ୍ୱଗୁଡ଼ିକୁ ବାହାର କରିଦିଏ। ଯଦି ଆପଣ କିଡ୍‌ନୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତେବେ କିପରି ଜାଣିବେ? ଏହାର କେତୋଟି ପ୍ରାରମ୍ଭିକ ଲକ୍ଷଣ ରହିଛି। ସେଗୁଡିକ ବିଷୟରେ ଆମେ ଜାଣିବା ନିହାତି ଦରକାର। କିଡ୍‌ନୀ କାର୍ଯ୍ୟ ଯଦି ପ୍ରଭାବିତ ହୁଏ ତେବେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ଏପରି କିଛି ସମସ୍ୟା ବିଷୟରେ ସୂଚନା ପାଇବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସେ ଯାହା ପରୀକ୍ଷା କରିବାକୁ ପ୍ରେସ୍‌କ୍ରିପ୍‌ସନ୍‌ରେ ଉଲ୍ଲେଖ କରିଛନ୍ତି ତାହା କରାଇନିଅନ୍ତୁ। କାରଣ ସେଥିରୁ ଆପଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଏପରି କି କିଡ୍‌ନୀ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ଜଣାପଡ଼ିଥାଏ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ଆମକୁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼ିବ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କିଡ୍‌ନୀଜନିତ ସମସ୍ୟା ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ (ୟୁରିୟା କ୍ରିଏଟିନାଇନ୍) ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ଲାଗି ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ପ୍ରତିଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ନିଶାଦ୍ରବ୍ୟ ସେବନ କରୁଥିଲେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ। କିଡ୍‌ନୀଜନିତ ସମସ୍ୟା ଦେଖାଦେଲେ ଅଭିଜ୍ଞ କିଡ୍‌ନୀ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ।

## ସକାରାତ୍ମକ ବିଚାରଧାରା ଅନ୍ତରାଳେ...



ନିଜର ବିଚାରଧାରାକୁ ସକାରାତ୍ମକ ରଖିବା ସହଜ କଥା ନୁହେଁ। ଏଥିଲାଗି କେତୋଟି ବିଷୟ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇଥାଉ। ଏହାଦ୍ୱାରା ଜାଣତରେ ହେଉ ଅବା ଅଜାଣତରେ ଭୁଲ୍ କାମ କରିବାକୁ ପଛାଇ ନ ଥାଉ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ତର୍ଜମା କରନ୍ତୁ। ମନକୁ ଯେପରି ଏଭଳି ଚିନ୍ତାଧାରା ନ ଆସିବ ସେନେଇ ସତର୍କ ରହିଲେ ମାନସିକତା ସକାରାତ୍ମକ ରହିବ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ, ସେମାନଙ୍କ ସହ ମିଠା ମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହା ବ୍ୟତୀତ ସବୁବେଳେ ଖୁସିର ପରିବେଶରେ ନିଜକୁ ରଖିବାକୁ ଚେଷ୍ଟାକରନ୍ତୁ। ଏହାଦ୍ୱାରା ଆମ ମସ୍ତିଷ୍କ ହାଲ୍‌କା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ଆଗେଇ ନେବାକୁ ସକ୍ଷମ ହୋଇଥାଏ। ଦେଖିବେ ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।

## ବିଳମ୍ବରେ ଉଠିବା ଓ ମସ୍ତିଷ୍କ କାର୍ଯ୍ୟଧାରା

ପ୍ରତିଦିନ ଆମେ ଠିକ୍ ସମୟରେ ଶୋଇବା ଏବଂ ଉଠିବା ଦରକାର। ଯଦି ଭଲ ନିଦ ହେଲା ତେବେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। କିନ୍ତୁ କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳେ। ବିଳମ୍ବରେ ଉଠିବା ଦ୍ୱାରା ଏହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଯଦି ଏହା ଅଭ୍ୟାସରେ ପରିଣତ ହୋଇଗଲା, ତେବେ ମସ୍ତିଷ୍କ କାର୍ଯ୍ୟରେ ତାରତମ୍ୟତା ଦେଖାଯିବାର ଅନେକାଂଶରେ ଆଶଙ୍କା ରହିଛି ବୋଲି ବର୍ଲିନ୍ ୟୁନିଭର୍ସିଟିର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି। ନିୟମିତ ବିଳମ୍ବରେ ଉଠୁଥିବା କେତେକ ବ୍ୟକ୍ତିଙ୍କ ଜୀବନଶୈଳୀକୁ ଏମାନେ ତନ୍ନ ତନ୍ନ କରି ତର୍ଜମା କରି ଏଭଳି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ବିଳମ୍ବରେ ଉଠୁଥିଲେ ମସ୍ତିଷ୍କର ସ୍ନାୟୁଗୁଡିକରେ ଆଳସ୍ୟତା ଦେଖିବାକୁ ମିଳେ। ଫଳରେ କାମ କରିବାକୁ ମନ ହୁଏନା ଏବଂ ମସ୍ତିଷ୍କର କାର୍ଯ୍ୟ ଅନେକାଂଶରେ ବାଧାପ୍ରାପ୍ତ ହୋଇଥାଏ। ତେଣୁ ଠିକ୍ ସମୟରେ



ଶୁଅନ୍ତୁ ଏବଂ ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର। ଠିକ୍ ସମୟରେ ଉଠିବାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ। ଏହାଦ୍ୱାରା ବିଳମ୍ବରେ ଉଠିବା ଅଭ୍ୟାସ ବଦଳିଯିବ।

## ଜାଣି ରଖନ୍ତୁ



- କେତେକ ବ୍ୟକ୍ତି ଖାଇବା ପରେ କୋଲ୍ଡ ଡ୍ରିଙ୍କ୍ସ ଏପରି କି ଚା' କଫି ଆଦି ପିଇବାକୁ ପସନ୍ଦ କରନ୍ତି। ଯଦି ଆପଣଙ୍କର ଏଭଳି ଅଭ୍ୟାସ ଅଛି ତେବେ ତାହାକୁ ତୁରନ୍ତ ବଦଳନ୍ତୁ। କାରଣ ଖାଇବା ପରେ ଉପରୋକ୍ତ ଜିନିଷ ଖାଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। କେବଳ ସେତିକି ନୁହେଁ, ଖାଦ୍ୟର ପ୍ରୋଟିନ୍ ଅଂଶକୁ ମଧ୍ୟ ନଷ୍ଟ କରିଦିଏ।
- ଖାଇବା ମଧ୍ୟରେ କିମ୍ବା ଠିକ୍ ଖାଇସାରିବା ପରେ ପାଣି ପିଉଛନ୍ତି କି? ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ। କାରଣ ଏହାଦ୍ୱାରା ଓଜନ ବୃଦ୍ଧି ହୋଇଥାଏ।
- କିଛି ବ୍ୟକ୍ତି ତରତର ହୋଇ ଦାନ୍ତ ଘଷନ୍ତି। ହେଲେ ଏହାର ଏକ ସର୍ବନିମ୍ନ ସମୟ ରହିଛି। ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷନ୍ତୁ। ସକାଳୁ ତ ନିଶ୍ଚୟ ଦାନ୍ତ ଘଷୁଥିବେ। ରାତ୍ରଭୋଜନ ପରେ ଏହାକୁ ଏକ ନିୟମିତ ଅଭ୍ୟାସରେ ପରିଣତ କରନ୍ତୁ।
- ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ଉପଶମ ଦେଇଥାଏ।
- ଦିନତମାମ୍ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିବ।

## ଆଜ୍‌ମା



ଆଜ୍‌ମା ହେଉଛି ଏକ ଶ୍ୱାସକ୍ରିୟାଜନିତ ସମସ୍ୟା। ଏହାଦ୍ୱାରା ଶ୍ୱାସନଳୀ ସଙ୍କୁଚିତ ହୋଇଯାଏ ଏବଂ ନିଃଶ୍ୱାସ-ପ୍ରଶ୍ୱାସ ନେବାରେ କଷ୍ଟହୁଏ। ଯଦି ଆପଣ ଏଭଳି ସମସ୍ୟା ସହ ଜଡ଼ିତ ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏଭଳି ରୋଗୀ ନିଜକୁ ସବୁବେଳେ ପ୍ରଦୂଷିତ ପରିବେଶଠାରୁ ଦୂରେଇ ରଖିବା ଦରକାର। ଧୂଳିକଣା ସଂସ୍ପର୍ଶରେ ଆସିଲେ ଏହି ସମସ୍ୟା ଆହୁରି ବଢ଼ିଯାଇଥାଏ। ବେଳେବେଳେ ଶ୍ୱାସନଳୀ ସଂକ୍ରମିତ (ଇନ୍‌ଫେକ୍‌ଶନ) ହୋଇଯିବା ଦ୍ୱାରା ଜଣେ ଆଜ୍‌ମା ରୋଗୀ ଆହୁରି କଷ୍ଟର ସମ୍ମୁଖୀନ ହୁଅନ୍ତି। ଶ୍ୱାସକ୍ରିୟା ଠିକ୍‌ଭାବେ ଚାଲି ନ ପାରିଲେ ତାହାକୁ କୃତ୍ରିମ ଶ୍ୱାସକ୍ରିୟାରେ ରଖି ଚିକିତ୍ସା କରାଯାଏ। ଏପରିକି ଗୁରୁତର ଆଜ୍‌ମା ରୋଗୀଙ୍କୁ ଆଇସିୟୁରେ ଆଡ୍‌ମିଶନ କରି ଚିକିତ୍ସା କରାଯାଇଥାଏ। ବେଳେବେଳେ ଅତର, ରଙ୍ଗିନ ପୋଷାକରୁ ସୃଷ୍ଟି ଆଲର୍ଜି ଯୋଗୁ ଆଜ୍‌ମା ସମସ୍ୟା ବଢ଼ିଯାଇଥାଏ। ଆଜ୍‌ମା ରୋଗୀ ଯଦି ବାହାରକୁ ଯାଉଛନ୍ତି ତେବେ ମାସ୍କ ପିନ୍ଧନ୍ତୁ। ଏହାଦ୍ୱାରା ବାହାରର ଧୂଳିମଳି ଶରୀର ଭିତରକୁ ଯାଇ ନ ଥାଏ। ଏଭଳି ସମସ୍ୟା ଥିଲେ ନିୟମିତ ସମୟ ଅନ୍ତରାଳରେ ଡାକ୍ତର ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ହୃଦ୍‌ଜନିତ ସମସ୍ୟା ରହିଛି ତେବେ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ। ନ ହେଲେ ଏହା ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ।

➤ବୟସ ବଢ଼ିବା ସହ ନିଜର ଓଜନ କେତେ ଅଛି ଏବଂ କେତେ ରହିବା ଦରକାର ତାହା ଜାଣିନିଅନ୍ତୁ। କାରଣ ବୟସ୍କ ବ୍ୟକ୍ତିମାନେ ନିଜର ଓଜନକୁ ସନ୍ତୁଳିତ ରଖିବା ଆବଶ୍ୟକ।



➤ଯଦି ଦିନତମାମ୍ ପରିଶ୍ରମ କରୁଛନ୍ତି ତେବେ ସେହି ଅନୁସାରେ ବିଶ୍ରାମ ନିଅନ୍ତୁ। ନ ହେଲେ ଏହାର ପ୍ରତିକୂଳ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

➤ନିଜକୁ ସୁସ୍ଥ ରଖିବା ଲାଗି ଅଧିକ ଖାଦ୍ୟ ପ୍ରତି ଲୋଭ କରନ୍ତୁ ନାହିଁ। କାରଣ ଆବଶ୍ୟକଠାରୁ ଅଧିକ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ହୋଇ ନ ଥାଏ।

➤ଅଧିକ ମସଲା, ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ଏହାଦ୍ୱାରା ଆପଣ ପରୋକ୍ଷରେ କେତେକ ରୋଗକୁ ଡାକି ଆଣିବାର ଆଶଙ୍କା ରହିଛି।

➤କୌଣସି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଲେ ମନଇଚ୍ଛା ଔଷଧ ନ ଖାଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଖାଆନ୍ତୁ।

➤ଘରେ ଯଦି ଅଦରକାରୀ ମେଡିସିନ୍ ଅଛି ତେବେ ସେଗୁଡ଼ିକୁ ଫୋପାଡ଼ିଦିଅନ୍ତୁ। ଘରେ ରଖୁଥିବା ମେଡିସିନ୍ ଏବଂ ସେଗୁଡ଼ିକର ଏକ୍ସପାୟରୀ ତାରିଖ ଡାଏରିରେ ଟିପି ରଖନ୍ତୁ।

➤ପ୍ରତିଦିନ ସକାଳେ ଖାଲିପେଟରେ ଏକ ଗ୍ଲାସ୍ ଉଷୁମପାଣି ପିଅନ୍ତୁ। ଏହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ।

## ନୀରୋଗ ଶରୀର ପାଇଁ...

ସ୍ୱାସ୍ଥ୍ୟ ହିଁ ସମ୍ପଦ-ଏ କଥା କାହିଁ କେବେଠାରୁ ପ୍ରଚଳିତ। ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବା ନିହାତି ଦରକାର। ନ ହେଲେ ଛୋଟ ଛୋଟ ସ୍ୱାସ୍ଥ୍ୟ ସମସ୍ୟା ପରବର୍ତ୍ତୀ ସମୟରେ ଗୁରୁତର ଆକାର ଧାରଣ କରିଥାଏ। ଏହାସହ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼େ ଏବଂ ବେଳେବେଳେ ତାହା ଜୀବନ ନାଶକ ସାଜିଥାଏ। ତେଣୁ ସବୁବେଳେ ନିଜର ଖାଦ୍ୟପେୟ ଏବଂ ଉନ୍ନତ ଜୀବନଶୈଳୀ ପ୍ରତି ଧ୍ୟାନ ଦିଅନ୍ତୁ। ଆବଶ୍ୟକ ପରିମାଣର ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। କାରଣ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଶକ୍ତ ରଖିବାରେ ଏଭଳି ଖାଦ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ସୁଷମ ଖାଦ୍ୟ ସବୁବେଳେ ସୁପାଚ୍ୟ ହୋଇଥାଏ ଏବଂ ଏହାକୁ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ରହିଥାଏ। ଏହାସହ ଶରୀରରେ ହେଉଥିବା ରାସାୟନିକ ପ୍ରକ୍ରିୟାକୁ ମଧ୍ୟ ସନ୍ତୁଳିତ ରଖେ। ଖାଦ୍ୟପେୟ ବ୍ୟତୀତ ନିଜକୁ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ। ସବୁବେଳେ ଠିକ୍ ସମୟ ଏବଂ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଖାଦ୍ୟ ଖାଆନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜ ଶରୀର କେତେ ନୀରୋଗ ତାହା କିପରି ଜାଣିବେ? ଏ ନେଇ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟର ରୁଟିନ୍ ଚେକ୍‌ଅପ୍ କରାଇନେବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ ସକାଳେ ଅଧଘଣ୍ଟା ଚାଲନ୍ତୁ ଏବଂ କିଛି ସମୟ ବ୍ୟାୟାମ କରନ୍ତୁ।



# ପାକିସ୍ତାନକୁ ହରାଇ ବିଶ୍ୱ ଗ୍ରୁପ୍-୧ରେ ଭାରତ

**ଇସଲାମାବାଦ, ୪।୨ (ପି.ଟି.):** ପାକିସ୍ତାନ ବପକ୍ଷ ଡେଭିସ୍ କପ୍ ପ୍ଲେ ଅଫ୍ ମୁକାବିଲାକୁ ୪-୦ରେ ଜିତିନେବା ସହ ଭାରତୀୟ ଟେନିସ୍ ଦଳ ବିଶ୍ୱ ଗ୍ରୁପ୍-୧ରେ ସାମିଲ ହୋଇଛି। ୬୦ ବର୍ଷ ପରେ ପାକିସ୍ତାନ ଗସ୍ତରେ ଯାଇଥିବା ଭାରତ ପାକିସ୍ତାନକୁ ୪-୦ରେ ମାତ ଦେଇଥିଲା। ୟୁକି ଭାମ୍ବ୍ରି ଓ ସାକେତ ମାଇନେନିଙ୍କ ଯୋଡି ବିଜୟୀ ହେବା ସହ ଭାରତ ୪-୦ରେ ଜିତି ନେଇଥିଲା। ପୂର୍ବରୁ ସିଙ୍ଗଲ୍ସରେ ପଦାର୍ପଣ କରିଥିବା ନିକି ପୁନାଚା ସହଜ ବିଜୟ ହାସଲ କରିଥିଲେ। ପ୍ରଥମ ଦିନରେ ୨-୦ରେ ଆଗୁଆ ରହିଥିବା ଭାରତ ତୃତୀୟ ମ୍ୟାଚ୍‌ରେ ନିକି ପୁନାଚାଙ୍କୁ ଖେଳାଇଥିଲା। ପଦାର୍ପଣ କରିଥିବା ୨୮ ବର୍ଷୀୟ ପୁନାଚା ୬-୩, ୬-୪ ସେଟରେ ମହମ୍ମଦ ଶୋଏବଙ୍କୁ ହରାଇ ଭାରତକୁ ୩-୦ରେ ଆଗୁଆ କରିଥିଲେ। ପରେ ଚତୁର୍ଥ ମ୍ୟାଚ୍ ବା ଡବଲ୍ସ ରବରରେ ୟୁକି ଭାମ୍ବ୍ରି ଓ ସାକେତ ମାଇନେନିଙ୍କ ଯୋଡି ଓହ୍ଲାଇଥିଲେ। ମୁଜାମିଲ ମୁର୍ତ୍ତାଜା ଓ ଅକିଲ୍ ଖାନ୍‌ଙ୍କ ଯୋଡିକୁ ୬-୨, ୭-୬(୫) ସେଟ୍‌ରେ ପରାସ୍ତ କରି ଭାରତକୁ ୪-୦ରେ ଆଗୁଆ କରିଥିଲେ। ଭାରତୀୟ ଯୋଡି ପ୍ରଥମ ସେଟରେ ସହଜ ବିଜୟ ହାସଲ କରିଥିବା ବେଳେ ଦ୍ୱିତୀୟ ସେଟ୍‌ଟି ଟାଇବ୍ରେକରରେ ଫଇସଲା ହୋଇଥିଲା।

# ଭାରତର ଦ୍ୱିତୀୟ ପରାଜୟ



ଭାରତ ଓ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

**ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍**

ଭୁବନେଶ୍ୱର, ୪।୨
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ଭାରତ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ। ଫଳରେ ଘରୋଇ ଦଳ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଶନିବାର ଚାଇନାଠାରୁ ୧-୨ରେ ହାରିଥିବା ଭାରତ ରବିବାର ବିଶ୍ୱର ନମ୍ବର ୱାନ ଦଳ ନେଦରଲାଣ୍ଡ ନିକଟରୁ ୧-୩ ଗୋଲରେ ପରାଜିତ ହୋଇଛି।

ମ୍ୟାଚର ପ୍ରଥମ କ୍ୱାର୍ଟରରୁ ଆକ୍ରମଣାତ୍ମକ ଖେଳିଥିଲା ନେଦରଲାଣ୍ଡ। ୩ୟ ମିନିଟରେ ଦଳ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା ଏବଂ ଏହାକୁ ଗୋଲରେ ପରିଣତ କରିଥିଲେ ଜାନସେନ ୟିବି। ୯ମ ମିନିଟରେ ଓଡ଼ିଶାର ସୁନେଲିତା ଟପ୍ପୋଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ ନଭନିତ କୌର। ୧୦ମ ମିନିଟରେ ଭାରତ ଓ ୧୪ଶ ମିନିଟରେ ନେଦରଲାଣ୍ଡ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୨୦ତମ ମିନିଟରେ ଏକ ଗୋଲ ଦେଇ ନେଦରଲାଣ୍ଡକୁ ପୁଣି ଅଗ୍ରଣୀ କରିଥିଲେ ଭାନ୍ ଡର୍ ଏଲିଷ୍ଟ ଫେ। ଭାରତ ୨୧ ଓ ୨୨ତମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଏହାର ସଦୁପଯୋଗ କରିପାରି ନ ଥିଲା। ୨୩ତମ ମିନିଟରେ ନେଦରଲାଣ୍ଡର କୋଲେନ ସାନିଙ୍କୁ ଗ୍ରୀନ୍ କାର୍ଡ ମିଳିଥିଲା। ସେହିପରି ବିପଜ୍ଜନକ ପ୍ରଦର୍ଶନ ପାଇଁ ୨୭ତମ ମିନିଟରେ ଭାରତର ଦୀପିକା ଓ ନେଦରଲାଣ୍ଡର ଡ୍ରୁମଣ୍ଡ ଇଭାଙ୍କୁ ଗ୍ରୀନ୍ କାର୍ଡ ପ୍ରଦର୍ଶନ କରାଯାଇଥିଲା। ପ୍ରଥମାର୍ଦ୍ଧରେ ୨-୧ରେ ଅଗ୍ରଣୀ ରହିଥିବା ନେଦରଲାଣ୍ଡ ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ୩୪ତମ ମିନିଟରେ ଜାନସେନ ୟିବିଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ବଳରେ ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିଲା। ଅନ୍ତିମ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଭାରତ ପର୍ଯ୍ୟାପ୍ତ ସୁଯୋଗ ପାଇଥିଲା। ମାତ୍ର ୪୭, ୪୮ ଓ ୫୩ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନ ପାରିବା ଦଳପାଇଁ ମହଙ୍ଗା ପଡ଼ିଥିଲା। ୫୦ତମ ମିନିଟରେ ନେଦରଲାଣ୍ଡର ସାଣ୍ଡର୍ସ ପେନ୍ ୟେଲୋ କାର୍ଡ ପାଇଥିଲେ। କଳିଙ୍ଗରେ ନେଦରଲାଣ୍ଡର ଏହାଥିଲା କ୍ରମାଗତ ଦ୍ୱିତୀୟ ବିଜୟ। ଶନିବାର ଏହି ଦଳ ଆମେରିକାକୁ ୭-୦ ଗୋଲରେ ପରାସ୍ତ କରିଥିଲା। ଓଭରଅଲ୍ ୨୦୨୩-୨୪ ସିଜନରେ ଏହାଥିଲା ଦଳର ଲଗାତର ୬ଷ୍ଠ ବିଜୟ। ଫଳରେ ଏହି ଦଳ ୧୮ ପଏଣ୍ଟ ସହ ଟେବୁଲର ଶୀର୍ଷରେ ନିଜ ସ୍ଥାନକୁ ମଜଭୁତ କରିଛି।

## ଅଷ୍ଟ୍ରେଲିଆକୁ ହରାଇଲା ଚାଇନା

ଏସିଆନ ଗେମ୍ସ ଚାମ୍ପିୟନ ଚାଇନାର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ଶନିବାର ନିଜର ପ୍ରଥମ ମ୍ୟାଚରେ ଭାରତକୁ ୨-୧ ଗୋଲରେ ହରାଇଥିବା ଚାଇନା ରବିବାର ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୩-୦ ଗୋଲରେ ପରାସ୍ତ କରିଛି। ଏଫ୍‌ଆଇଏଚ୍ ମହିଳା ର୍‌ୟାଙ୍କିଙ୍ଗର ୨ୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆକୁ ଗେମ୍‌ର ସବୁ ବିଭାଗରେ ପଛରେ ପକାଇ ଦେଇଥିଲା ୯ମ ର୍‌ୟାଙ୍କ୍‌ପ୍ରାପ୍ତ ଚାଇନା। କ୍ରମାଗତ ୨ ବିଜୟ ସହ ଏହି ଦଳ ୬ ପଏଣ୍ଟ ହାସଲ କରିଛି।

ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାରୁ ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୩୭ତମ ମିନିଟରେ ପ୍ରଥମ ଗୋଲ ଦେଇ ଚାଇନାକୁ ଅଗ୍ରଣୀ କରିଥିଲେ ୟୁନ ମେଙ୍ଗ୍। ୩୮ତମ ମିନିଟରେ ଅଷ୍ଟ୍ରେଲିଆର ୟଙ୍ଗ୍ ଗ୍ରେସ୍ ଗ୍ରୀନ୍ କାର୍ଡ ପାଇଥିବାବେଳେ ୩୯ତମ ମିନିଟରେ ୟୁ ଅନ୍‌ହୁଇ ଆଉ ଏକ ଗୋଲ ଦେଇ ଚାଇନାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପରିଣତ କରିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଦଳ ଗୋଲ ପରିଶୋଧ ପାଇଁ ଜୋରଦାର ଉଦ୍ୟମ କରିଥିଲେ ହେଁ ୫୫ତମ ମିନିଟରେ ଚାଇନା ପକ୍ଷରୁ ତୃତୀୟ ଓ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ ୟୁନ୍ ମେଙ୍ଗ୍। ଶେଷ ପର୍ଯ୍ୟାୟରେ ପେନାଲ୍ଟି କର୍ନରରୁ ଗୋଲ ପରିଶୋଧ ପାଇଁ ଅଷ୍ଟ୍ରେଲିଆ ସୁଯୋଗ ପାଇଥିଲେ ହେଁ ସଫଳ ହୋଇ ନ ଥିଲା।



ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ସାୟନ୍ତନ ଦାସ ଚାମ୍ପିୟନ

**ସୋଆ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉଦ୍‌ଯାପିତ**

ଭୁବନେଶ୍ୱର, ୪।୨
(ତପନ ସ୍ୱାଇଁ)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ରବିବାର ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ (କାଟେଗୋରୀ-ଏ) ପ୍ରତିଯୋଗିତାର ଆରଏସ୍‌ପିବିର ସାୟନ୍ତନ ଦାସ ୮ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସାୟନ୍ତନଙ୍କ ଟିମ୍‌ମେଟ୍ ଦୀପ୍ତାୟନ ଘୋଷ ରନରଅପ୍ ଓ ସମ୍ବିତ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଦୁଇ ଖେଳାଳି ୭.୫ ପଏଣ୍ଟ ଲେଖାଏ ପାଇଛନ୍ତି। ପ୍ରଥମ ୩ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କ ପୁରସ୍କାର ଆକାରରେ ଟ୍ରଫି ସହ ଯଥାକ୍ରମେ ୩ ଲକ୍ଷ, ୨ ଲକ୍ଷ ଓ ୧.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ନିଲଶ ସାହା, ଜମ୍ମୁ-କଶ୍ମୀରର ସୋହମ କୋମତ୍ରା, ଆସାମର ଶାହିଲ ଦେ, ଫିଲିପାଇନ୍ସର ଆକ୍ୱିନୋ ଜେଥ୍ରୋ ଡିନୋ, ଆଇସିଏଫ୍‌ର ଆର. ଆର. ଲକ୍ଷ୍ମଣ, ଶ୍ରୀଲଙ୍କାର ଲିୟାଙ୍ଗେ ରାନିନ୍ଦୁ ଦିଲସାନ ଓ ତେଲେଙ୍ଗାନାର ବିଗ୍ନେଶ ଅଦଭିଥ ଭେମୁଲା ଟପ୍-୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାରରେ ୪୦ ଜଣଙ୍କ ବ୍ୟତୀତ ବିଭିନ୍ନ ରେଟିଂ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାଟେଗୋରୀ-ସି ବର୍ଗରେ ହରିୟାଣାର ଭ୍ୟୋମ ମାଲହୋତ୍ରା, ପଶ୍ଚିମବଙ୍ଗର ଇଶାନ ସିହ୍ନା ଓ ଦିଲ୍ଲୀର ଅରିତ କପିଲ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନ ସଭାପତି ସଞ୍ଜୟ କପୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମତୀ ସ୍ୱେତା ସ୍ନିଗ୍ଧା ମିଶ୍ର ଓ ସୋଆ କୁଳପତି ପି.କେ. ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୋଆ ଷ୍ଟୁଡେଣ୍ଟ୍ସ ୱେଲଫେୟାର ଡିନ୍ ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି.ସି. ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଦେବବ୍ରତ ଭଞ୍ଜ ଉପସ୍ଥିତ ଥିଲେ।

# ୱିନ୍‌ଙ୍କ ଡବଲ୍‌ରେ ଓଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୪।୨ (ସରୋଜ ଜେନା):** ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ନିଜର ଅପରାଜେୟ ଧାରା ଜାରି ରଖିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ୱିନ୍‌ଙ୍କ ଡବଲ ଗୋଲ ବଳରେ ସ୍ପୋର୍ଟ୍ସ ଓଡ଼ିଶାକୁ ୩-୧ରେ ପରାସ୍ତ କରିଛି ଦଳ। ଓଏଫ୍‌ସି ପକ୍ଷରୁ ଲିଣ୍ଡା(୮ମ ମିନିଟ) ଓ ୱିନ (୪୫+୩ ଓ ୫୦ ମିନିଟ)ରେ ସ୍କୋର କରିଥିବା ବେଳେ ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ମନୀଷା(୬୭ ମିନିଟ) ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅଷ୍ଟମ ମିନିଟରେ ସଞ୍ଜୁ ଓ ଇନ୍ଦୁମତୀ କାଥିରେସନଙ୍କ ପାଶ୍‌କୁ ଗୋଲରେ ପରିଣତ କରିଥିଲେ ଲିଣ୍ଡା। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ୪୫+୩ ମିନିଟରେ ୱିନ ଓଏଫ୍‌ସି ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ଆରମ୍ଭରୁ ୫୦ତମ ମିନିଟରେ ୱିନ ଆଉ ଏକ ଗୋଲ ଦେଇ ଓଏଫ୍‌ସିକୁ ୩-୦ରେ ଆଗୁଆ କରିଥିଲେ। ୬୭ ତମ ମିନିଟରେ ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ମନୀଷା ଏକ ମାତ୍ର ଗୋଲ ପରିଶୋଧ କରିଥିଲେ। ୯ ତାରିଖରେ ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଗୋକୁଲମ କେରଳ ଏଫ୍‌ସିକୁ ଭେଟିବ।

# ଜାତୀୟ ଜୁନିୟର ବାସ୍କେଟବଲ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, ୪।୨
(ତପନ ସ୍ୱାଇଁ)

ବାସ୍କେଟବଲ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ଆନୁକୂଲ୍ୟରେ ୭୩ତମ ଜାତୀୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍ ରବିବାର କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ବାସ୍କେଟବଲ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ଅଧଭ ଅର୍ଜୁନ, ମହାସଚିବ କୁଲଭିନ୍ଦର ସିଂ ଗିଲ, କୋଷାଧ୍ୟକ୍ଷ ଟି. ଚେଙ୍ଗାଲରାୟା ନାଇଡୁ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ, ସଭାପତି ଜ୍ଞାନରଞ୍ଜନ ପରିଡ଼ା ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ୯୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚଗୁଡ଼ିକ ମଧ୍ୟରେ ଚଣ୍ଡିଗଡ଼, ଉତ୍ତର ପ୍ରଦେଶ, ତାମିଲନାଡୁ, ପଞ୍ଜାବ, ହରିୟାଣା, ତେଲଙ୍ଗାନା, ଗୁଜରାଟ, ଦିଲ୍ଲୀ ଓ ବିହାର ଦଳ ବିଜୟ ହାସଲ କରିଛି। ସେହିପରି ମହିଳା ବିଭାଗରେ ଛତିଶଗଡ଼, କେରଳ, ପଞ୍ଜାବ ଓ ହିମାଚଳ ପ୍ରଦେଶ ବିଜୟୀ ହୋଇଛି।

# ଭିନେଶଙ୍କୁ ସ୍ୱର୍ଣ୍ଣ

**ଜୟପୁର, ୪।୨ (ପି.ଟି.):** ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ଭିନେଶ ଫୋଗଟ ଜାତୀୟ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍(ଆଇଓଏ) ଦ୍ୱାରା ଗଠିତ ଆଡହକ୍ କମିଟି ପକ୍ଷରୁ ଆୟୋଜିତ ଜାତୀୟ ସିନିୟର ରେସ୍‌ଲିଂ ଚାମ୍ପିୟନଶିପର ୫୫ କିଗ୍ରା ଓଜନ ବର୍ଗରେ ଭିନେଶ ସ୍ୱର୍ଣ୍ଣ ଜିତିଛନ୍ତି। ମଧ୍ୟପ୍ରଦେଶର ଜ୍ୟୋତିଙ୍କୁ ସେ ୪-୦ରେ ପରାସ୍ତ କରିଥିଲେ। ରେଲୱେଜର ପ୍ରତିନିଧିତ୍ୱ କରୁଥିବା ଭିନେଶ ନିଜ ଓଜନ ବର୍ଗରୁ ଅଧିକ ଓଜନ ବର୍ଗରେ ଅଂଶଗ୍ରହଣ କରିଥିଲେ। ହରିୟାଣା ୧୮୯ ପଏଣ୍ଟ ସହ ପ୍ରଥମ, ରେଲୱେ ୧୮୭ ଓ ପୁଡୁଚେରୀ ୮୧ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି।

# ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲରେ ଓଡ଼ିଶା ଭାଗନେବ

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**

ଚଳିତ ମାସ ୭ରୁ ୧୧ ପର୍ଯ୍ୟନ୍ତ ୩୨ତମ ଜାତୀୟ ସବ୍‌ଜୁନିୟର (ବାଳିକା/ବାଳକ) ହ୍ୟାଣ୍ଡବଲ ପ୍ରତିଯୋଗିତା ରାଜସ୍ଥାନର ଚିତ୍ତୋରଗଡଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ବାଳିକା ଓ ବାଳକ ଦଳ ରବିବାର ଚିତ୍ତୋରଗଡ଼ ଯାତ୍ରା କରିଛି। କୋଚ୍ ସ୍ନେହଲତା ବେହେରା ଓ ସନ୍ଦୀପ କୁମାର ପାତ୍ରୋ ଏବଂ ମ୍ୟାନେଜର ଗୌରୀଶଙ୍କର ମିଶ୍ର ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ ସଂଘର ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ ଓ କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ବାଳିକା ଦଳ: ରାଣୀ ଦାସ, ରୁବି ପଲାଇ, ସଞ୍ଜନା ନାୟକ, ଆଲିଶା ପ୍ରିୟଦର୍ଶିନୀ, ସୁଶ୍ରୀ ସ୍ୱସ୍ତିକା ପାତ୍ରୋ, ଶ୍ରୀୟାରାଣୀ ନାୟକ, ଲିପ୍ସାରାଣୀ ଖଣ୍ଡୁଆଳ, ଶ୍ରୀ ନାୟକ, ଶୁଭଶ୍ରୀ ଦାସ, ରାଜଶ୍ରୀ ତ୍ରିପାଠୀ, ରେଣୁବାଳା ଜେନା, ସ୍ମୃତିରେଖା ଭୋଇ, ପୂର୍ଣ୍ଣିମା, ସ୍ଥିତିପ୍ରଜ୍ଞା ମହାନ୍ତି।

ବାଳକ ଦଳ: ଆୟୁଷ ପାତ୍ର, ତନ୍ମୟ ମଲିକ, ସୌରଭ ଜେନା, ଅମିତ ଦଳାଇ, ତପନ ନାଥ, ଆଦର୍ଶ ପୃଷ୍ଟି, ବିଶ୍ୱଜିତ ସିଂ, ସତ୍ୟଜିତ ବିଶ୍ୱାଳ, ଉଜ୍ଜ୍ୱଳ ସ୍ୱାଇଁ, ରୁଦ୍ର ମାଧବ ସାହୁ, ଶୁଭଙ୍କର ଦାଶ, ଅମିୟ କୁମାର ଭୋଇ, ଉଦୟ ପ୍ରସାଦ ଭୋଇ, ବିଶ୍ୱଜିତ ସେଠୀ, ନାଗେଶ୍ୱର କାଣ୍ଡି, ଶୁଭମ ଭୋଇ, ସ୍ୱସ୍ତିକ ପତି।


ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଦଳ।

# ବିଶ୍ୱ ଦିବ୍ୟାଙ୍ଗ ଜୁଡୋ ଟିମ୍‌ରେ ଓଡ଼ିଶାରୁ ସମ୍ବିତ



**ପାରାଦୀପ, ୪।୨ (ଶରତ ରାଉତ)**

ଓଡ଼ିଶା ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡୋ ଆସୋସିଏଶନ ପକ୍ଷରୁ ଖେଳୁଥିବା ଭୁବନେଶ୍ୱର ବଡ଼ଗଡର ଦିବ୍ୟାଙ୍ଗ ଯୁବକ ସମ୍ବିତ ଦାସ ରବିବାର ଓଡ଼ିଶା ପାଇଁ ସ୍ୱତନ୍ତ୍ର ଗୌରବ ଆଣିଛନ୍ତି। ବିଶ୍ୱସ୍ତରୀୟ ଜୁଡୋ ଖେଳ ପାଇଁ ସେ ଯୋଗ୍ୟତା ହାସଲ କରିଛନ୍ତି। ଏହାପରେ କାଜାକିସ୍ତାନରେ ହେବାକୁ ଥିବା ଅନ୍ତର୍ଜାତୀୟ ଜୁଡୋରେ ସେ ଭାରତର ପ୍ରତିନିଧିତ୍ୱ କରିବେ ବୋଲି ଜୁଡୋ ଆସୋସିଏଶନ କୋଚ ଲୋପାମୁଦ୍ରା ପତି ସୂଚନା ଦେଇଛନ୍ତି। କାନପୁରଠାରେ ୨ ଦିନ ହେବ ବିଶ୍ୱ ଚାମ୍ପିୟନଶିପ ପାଇଁ ଚୟନ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମ୍ବିତ ସଫଳତା ହାସଲ କରିଛନ୍ତି। ଚୟନ ପ୍ରତିଯୋଗିତାରୁ ଦେଶର ୧୧ ଜଣ ଜୁଡୋ ଖେଳାଳିଙ୍କୁ ଚୟନ କରାଯାଇଛି।

# ୨୧କିମି ବର୍ଗରେ ଶ୍ୟାମଳୀ, ହେମନ୍ତ ବିଜୟୀ

**ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ହାଫ୍ ମାରାଥନ୍**

**୪ ହଜାର ଦୌଡ଼ପ୍ରେମୀଙ୍କ ଅଂଶଗ୍ରହଣ**

ଢେଙ୍କାନାଳ, ୪।୨
(ରତନ ନାୟାର)

ଟାଟା ଷ୍ଟିଲ ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନ ଏବଂ ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ସହଯୋଗରେ ରବିବାର କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟ ପାରିପାର୍ଶ୍ୱିକ ଅଞ୍ଚଳରେ ଟାଟା ଷ୍ଟିଲ ମେରାମଣ୍ଡଳୀ ହାଫ୍ ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟବସ୍ତୁ ଥିଲା ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଦୌଡ଼। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଟାଟା ଷ୍ଟିଲ କର୍ପୋରେଟ୍ ସେବା ଉପସଭାପତି ଚାଣକ୍ୟ ଚୌଧୁରୀ, ଟାଟା ଷ୍ଟିଲ ମେରାମଣ୍ଡଳୀ ଭିପି (କଞ୍ଚାମାଲ) ଡି.ବି. ସୁନ୍ଦର ରମମ୍, ଟାଟା ଷ୍ଟିଲ ମେରାମଣ୍ଡଳୀ ଗ୍ରାଫିନ୍ ଓ ନିଉ ମ୍ୟାଟେରିଆଲ ବିଜ୍‌ନେସ୍ ଭି.ପି. (ଅପରେଶନ) ସୁବୋଧ ପାଣ୍ଡେ, ଟାଟା ଷ୍ଟିଲ କଳିଙ୍ଗନଗର ଭି.ପି. (ଅପରେଶନ) ରାଜୀବ କୁମାର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଏହି ହାଫ୍ ମାରାଥନରେ ପ୍ରାୟ ୪ ହଜାର ଦୌଡ଼ପ୍ରେମୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ଉତ୍ସାହ ବଢ଼ାଇବା ଓ କ୍ରୀଡ଼ା ମନୋଭାବ ପ୍ରତି ସମର୍ଥନ ଜଣାଇବା ଲାଗି ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ୧୯ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ମହିଳା ଓ ପୁରୁଷଙ୍କ ପାଇଁ ୨୧ କିମି ଓ ୧୦ କିମି, ୧୪ରୁ ୧୯ ବର୍ଷ ବାଳିକା ବାଳକଙ୍କ ପାଇଁ ୫ କିମି ଆଦି ୩ଟି ବର୍ଗରେ ଦୌଡ଼ ହୋଇଥିଲା। ସମସ୍ତ ବର୍ଗର ଦୌଡ଼ରେ ବିଜୟୀଙ୍କୁ ମୋଟ ୯ ଲକ୍ଷ ୬୪ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ମହିଳା ବର୍ଗ ୨୧ କିମି ଦୌଡ଼ରେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁରର ଶ୍ୟାମଳୀ ସିଂ ଓ ପୁରୁଷ ବର୍ଗରେ ରାଜସ୍ଥାନ ଅଲୱାରର ହେମନ୍ତ ସିଂ ବିଜୟୀ ହୋଇଥିଲେ। ସେମାନଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ୧୦ କିଲୋମିଟର ଦୌଡ଼ ମହିଳା ବର୍ଗରେ ବଧୋ ଓ ପୁରୁଷ ବର୍ଗରେ ଅଶୋକ ଦଣ୍ଡସେନା ଏବଂ ୫ କିଲୋମିଟର ଦୌଡ଼ ମହିଳା ବର୍ଗରେ ମେହେକ ବେଗମ ଓ ପୁରୁଷ ବର୍ଗରେ ଦୋଳମଣି ଚିରଗୁନ୍ ବିଜୟୀ ହୋଇଛନ୍ତି। ଏହି ହାଫ୍ ମାରାଥନରେ ଅନ୍ତର୍ଜାତୀୟ ମାନଦଣ୍ଡକୁ ହାସଲ କରିବା ପାଇଁ ଟାଇମିଂ ମ୍ୟାଟ୍ସ, ଆର୍‌ଏଫ୍‌ଆଇଡି ଚିପ୍, ରୁଟ୍‌ରେ ସ୍ପ୍ଲିଟ୍ ଟାଇମିଂ ମ୍ୟାଟ୍, ଟ୍ରାକିଂ କ୍ୟାମେରା, ୱାଇଫାଇ ନେଟୱର୍କ ଭଳି ଉନ୍ନତ ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା। ଏଭଳି ଦୌଡ଼ ଆୟୋଜନରେ ବିଶେଷତା ହାସଲ କରିଥିବା ଜାତୀୟସ୍ତରର ଏଜେନ୍ସିକୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଟାଟା ଷ୍ଟିଲ ମେରାମଣ୍ଡଳୀ ହାଫ୍ ମାରାଥନ ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ହାଫ୍ ମାରାଥନ ଆଣ୍ଡ୍ ଡିଷ୍ଟାନ୍ସ ରେସେସ୍‌ଠାରୁ ବିଶ୍ୱସ୍ତରୀୟ ମାନ୍ୟତା ହାସଲ କରିଛି। ଏହା ହେଉଛି ବିଶ୍ୱବ୍ୟାପୀ ହେଉଥିବା ମାରାଥନ ଓ ଦୂର ଦୌଡ଼ର ଦେଖାଶୁଣା କରୁଥିବା ମୋନାକୋସ୍ଥିତ ଏକ ସଙ୍ଗଠନ। ଟାଟା ଷ୍ଟିଲ ମେରାମଣ୍ଡଳୀ ହାଫ୍ ମାରାଥନ ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ହାଫ୍ ମାରାଥନ ଆଣ୍ଡ୍ ଡିଷ୍ଟାନ୍ସ ରେସେସ୍‌ର ଏହି ମାନ୍ୟତା କାର୍ଯ୍ୟକ୍ରମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ଅବସରରେ ଆଖପାଖ ଅଞ୍ଚଳର ଶିଳ୍ପାନୁଷ୍ଠାନ ଏମ୍‌ଜିଏମ୍ ମିନେରାଲ୍ସ, ରିମଝିମ୍ ଇସ୍ପାତ ଲିମିଟେଡ, ଅନୁଗୋଳ ଏନର୍ଜୀ ଲିମିଟେଡ୍, ଟାଟା ଷ୍ଟିଲ ୟୁଆଇଏସ୍‌ଏଲ୍, ଟାଟା ଷ୍ଟିଲ ଟେକ୍ନିକାଲ ସର୍ଭିସ ଲିମିଟେଡ, ଟାଟା ଷ୍ଟିଲ ସପୋର୍ଟ ସର୍ଭିସ୍ ସହଯୋଗରେ ଏହି ଦୌଡ଼ ଆୟୋଜିତ ହୋଇଥିଲା।


ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ହାଫ୍ ମାରାଥନ।



୨୧ କିଲୋମିଟର ପୁରୁଷ ଦୌଡ଼ରେ ବିଜୟୀ ହେମନ୍ତ ସିଂହଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ଓଡ଼ିଶା ୧୬୦ ରନ୍‌ରେ ଅଗ୍ରଣୀ

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା-ପୁଡୁଚେରୀ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଡ୍ର ଅଭିମୁଖେ ଗତି କରିଛି। ପ୍ରଥମ ଇନିଂସରେ ଓଡ଼ିଶା ୩୨୨ ରନ କରିଥିବାବେଳେ ପୁଡୁଚେରୀ ୨୮୪ ରନରେ ଅଲ୍‌ଆଉଟ ହୋଇଛି। ରବିବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ୪ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିଛି। ଅର୍ଥାତ୍ ୬ ଉଇକେଟ ସୁରକ୍ଷିତ ଥାଇ ଓଡ଼ିଶା ମୋଟ ୧୬୦ ରନରେ ଅଗ୍ରଣୀଲାଭ କରିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ତେଣୁ ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା କମ୍ ରହିଛି। ପ୍ରଥମ ଇନିଂସ ଅଗ୍ରଣୀ ରହିଥିବାରୁ ଓଡ଼ିଶା କୌଣସି ପରିସ୍ଥିତିରେ ମ୍ୟାଚ ହାତଛଡ଼ା କରିବାକୁ ଚାହିଁବ ନାହିଁ। ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଦଳ ଅତିକମ୍‌ରେ ପ୍ରଥମ ସେସନ ବ୍ୟାଟିଂ କରିବା ଏକପ୍ରକାର ନିଶ୍ଚିତ। ଏ କ୍ଷେତ୍ରରେ ପୁଡୁଚେରୀକୁ ଟାର୍ଗେଟ ଚେଜ୍ କରିବାକୁ ଆଉମାତ୍ର ୨ ସେସନ ସମୟ ରହିବ। ମ୍ୟାଚ ଡ୍ର ରହିଲେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇବ।

## ଅରୁଣ କାର୍ତ୍ତିକଙ୍କ ଶତକ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୭/୪ରୁ ଖେଳ ଆରମ୍ଭ କରିଥିବା ପୁଡୁଚେରୀ ଅଧିନାୟକ ଅରୁଣ କାର୍ତ୍ତିକଙ୍କ ଶତକ ସତ୍ତ୍ୱେ ପ୍ରଥମ ଇନିଂସରେ ୨୮୪ ରନରେ ସୀମିତ ରହି ଯାଇଥିଲା। ପୁଡୁଚେରୀ ପକ୍ଷରୁ ଖେଳୁଥିବା ତାମିଲନାଡୁର କାର୍ତ୍ତିକ କ୍ୟାରିୟରର ୧୨ଶ ପ୍ରଥମ ଶ୍ରେଣୀ ଶତକ ପୂରଣ କରିଥିଲେ। ସେ ୧୭୫ଟି ବଲ୍‌ର ସମ୍ମୁଖୀନ ହୋଇ ୧୧୦ ରନ ସ୍କୋର କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି, ସୁନୀଲ ରାଉଳ ଓ ହର୍ଷିତ ରାଠୋଡ ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ, ବିପ୍ଳବ ସାମନ୍ତରାୟ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଇନିଂସରେ ୩୮ ରନରେ ଅଗ୍ରଣୀ ହାସଲ କରିଥିବା ଓଡ଼ିଶାର ଦ୍ୱିତୀୟ ଇନିଂସ ଆରମ୍ଭ ଭଲ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୩୨୨। ପୁଡୁଚେରୀ ପ୍ରଥମ ଇନିଂସ: ୨୮୪/ଅଲ୍‌ଆଉଟ (ଅରୁଣ କାର୍ତ୍ତିକ-୧୧୦, କ୍ରିଷ୍ଣା ପାଣ୍ଡେ-୪୨, ଫବିଦ ଅହମଦ-୩୯, ରାଜେଶ ମହାନ୍ତି-୨/୪୨, ସୁନୀଲ ରାଉଳ-୨/୬୩, ହର୍ଷିତ ରାଠୋଡ-୨/୫୫, ଦେବବ୍ରତ ପ୍ରଧାନ-୧/୫୨, ବିପ୍ଳବ ସାମନ୍ତରାୟ-୧/୪୦, ଗୋବିନ୍ଦ ପୋଦ୍ଦାର-୧/୧୬)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୨୨/୪।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃଆରୀ ୫/୨୦୨୪ Bhubaneswar, Monday, February 5/ 2024

# ଶୁବମନ୍ ଗିଲ୍‌ଙ୍କ ଶତକ

**ବିଶାଖାପାଟଣା, ୪।୨(ପି.ଟି.)**

ବିଶାଖାପାଟଣାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡ ଆଗରେ ୩୯୯ ରନ୍‌ର ଟାର୍ଗେଟ୍ ରଖିଛି ଭାରତ। ଫର୍ମକୁ ଫେରିବା ସହ ଶୁବମନ ଗିଲ୍ ଚମତ୍କାର ଶତକ ହାସଲ କରିଥିଲେ ମଧ୍ୟ ଭାରତ ୨୫୫ ରନ୍‌ରେ ଅଲଆଉଟ ହୋଇଥିଲା। ୩୯୯ ରନ୍‌ର ଟାର୍ଗେଟ ରହିଥିବା ବେଳେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଇଂଲଣ୍ଡ ୧ ଉଇକେଟରେ ୬୭ ରନ୍ ସଂଗ୍ରହ କରିଛି।

## ଦ୍ୱିତୀୟ ଟେଷ୍ଟ

## ଇଂଲଣ୍ଡ ଆଗରେ ୩୯୯ ଟାର୍ଗେଟ୍

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋରରେ ଆଉ ମାତ୍ର ୨ ରନ୍ ଯୋଡ଼ି ଭାରତର ଉଭୟ ଓପନର ପ୍ୟାଭିଲିୟନ୍ ଫେରିଥିଲେ। ଉଭୟଙ୍କୁ ଆଉଟ କରିଥିଲେ ଭେଟେରାନ୍ ଜେମ୍ସ ଆଣ୍ଡରସନ୍। ତେବେ ଦୀର୍ଘଦିନ ହେବ ନୀରବ ରହିଥିବା ଶୁବମନ ଗିଲ୍‌ଙ୍କ ବ୍ୟାଟ୍‌ରୁ ଏକ ଚମତ୍କାର ଶତକ ଦେଖିବାକୁ ମିଳିଥିଲା। ନିଜ ତୃତୀୟ ଟେଷ୍ଟ ଶତକ ହାସଲ କରିବା ସହ ଭାରତକୁ ଏକ ବଡ ଅଗ୍ରଣୀ ପ୍ରଦାନ କରିଥିଲେ। ୧୪୭ ବଲ୍‌ର ଏହି ଇନିଂସରେ ୧୧ ଚୌକା ଓ ୨ ଛକା ସହିତ ସେ ୧୦୪ ରନ୍ ସ୍କୋର କରିଥିଲେ। ଶ୍ରେୟସ୍ ଆୟର (୨୯)ଙ୍କ ସହ ସେ ତୃତୀୟ ଉଇକେଟରେ ୮୧ ରନ୍ ଯୋଡିଥିଲେ। ରଜତ ପଟିଦାର ମଧ୍ୟକ୍ରମରେ ବିଫଳ ହୋଇଥିଲେ ହେଁ ଅକ୍ଷର ପଟେଲ(୪୫)ଙ୍କ ସହ ୮୯ ରନ୍ ଯୋଡି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଥିଲେ। ନିମ୍ନକ୍ରମରେ ରବିଚନ୍ଦ୍ରନ ଅଶ୍ୱିନ ଉପଯୋଗୀ ୨୯ ରନ୍ କରିବାରୁ ଭାରତ ୨୫୫ ରନ୍‌ରେ ପହଞ୍ଚିଥିଲା। ଅନ୍ତିମ ୩ ଖେଳାଳି କୁଲଦୀପ ଯାଦବ, ଯଶପ୍ରୀତ୍ ବୁମରା ଓ ମୁକେଶ କୁମାର ଖାତା ଖୋଲିପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଟମ୍ ହାର୍ଟଲେ ୪ ଉଇକେଟ ନେଇଥିବା ବେଳେ ରେହାନ ଅହମଦ ୩, ଜେମ୍ସ ଆଣ୍ଡରସନ୍ ୨ ଓ ଶୋଏବ ବଶିର ୧ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୪୩ ରନ୍‌ରେ ଆଗୁଆ ଥିବା ଭାରତ ଇଂଲଣ୍ଡ ଆଗରେ ୩୯୯ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା।

ଇଂଲଣ୍ଡ ପୁନର୍ବାର ଦ୍ରୁତ ଆରମ୍ଭ କରିବା ସହ ୧୪ ଓଭର ଖେଳ ଶେଷ ସୁଦ୍ଧା ୧ ଉଇକେଟରେ ୬୭ ରନ୍ ସଂଗ୍ରହ କରିଛି। ଜ୍ୟାକ୍ କ୍ରଲି(୨୯*) ଓ ବେନ୍ ଡକେଟ୍(୨୮) ପ୍ରଥମ ଉଇକେଟରେ ଦ୍ରୁତ ୫୦ ରନ୍ ଯୋଡିଥିଲେ। ରବିଚନ୍ଦ୍ରନ ଅଶ୍ୱିନ ନିଜ ପ୍ରଥମ ଓଭରରେ ଡକେଟଙ୍କୁ ଆଉଟ କରିଥିଲେ। ଡକେଟ୍ ୨୭ ବଲ ଖେଳି ୬ ଚୌକା ମାରିଥିଲେ। ଷ୍ଟମ୍ପସ ବେଳକୁ ଜ୍ୟାକ୍ କ୍ରଲି ୨୯ ଓ ନାଇଟ୍ ୱାଚମ୍ୟାନ ରେହାନ ଅହମଦ ୯ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡକୁ ବିଜୟ ପାଇଁ ୩୩୨ ରନ୍ ଆବଶ୍ୟକ ଥିବା ବେଳେ ଦଳର ଆଭିମୁଖ୍ୟ କ'ଣ ରହିବ ତାହା ଚତୁର୍ଥ ଦିନରେ ଦେଖିବାକୁ ମିଳିବ। ଯଦି ୩୯୯ ରନ୍‌ର ପିଛା କରି ଇଂଲଣ୍ଡ ବିଜୟୀ ହେବାରେ ସମର୍ଥ ହୁଏ ତେବେ ଏହା ରେକର୍ଡ ବୁକ୍‌ରେ ସ୍ଥାନିତ ହେବ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୩୯୬/୧୦। ଇଂଲଣ୍ଡ ପ୍ରଥମ ଇନିଂସ ୨୫୩/୧୦। ଭାରତ ଦ୍ୱିତୀୟ ଇନିଂସ ୭୮.୩ ଓଭରରେ ୨୫୫/୧୦ (ଶୁବମନ ଗିଲ୍-୧୦୪, ଅକ୍ଷର ପଟେଲ-୪୫, ରଜତ ପଟିଦାର-୨୯, ରବିଚନ୍ଦ୍ରନ ଅଶ୍ୱିନ-୨୯, ଟମ୍ ହାର୍ଟଲେ-୪/୭୭, ରେହାନ ଅହମଦ-୩/୮୮, ଜେମ୍ସ ଆଣ୍ଡରସନ୍-୨/୨୯)। ଇଂଲଣ୍ଡ ଦ୍ୱିତୀୟ ଇନିଂସ ୧୪ ଓଭରରେ ୬୭/୧(ଜ୍ୟାକ୍ କ୍ରଲି-୨୯*, ବେନ୍ ଡକେଟ୍-୨୮, ଆର. ଅଶ୍ୱିନ-୧/୮)।



ଶତକ ହାସଲ ପରେ ଶୁବମନ୍ ଗିଲ୍।

## ବିଶାଳ ସ୍କୋର ଅଭିମୁଖେ ନ୍ୟୁଜିଲାଣ୍ଡ

**ମାଉଣ୍ଟ ମାନୁଗାନୁଇ, ୪।୨ (ପି.ଟି.):** କେନ୍ ୱିଲିୟମସନ୍ ଓ ରାଚିନ୍ ରବୀନ୍ଦ୍ରଙ୍କ ଶତକ ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହେଉଛି ନ୍ୟୁଜିଲାଣ୍ଡ। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ନ୍ୟୁଜିଲାଣ୍ଡ ୨ ଉଇକେଟ ହରାଇ ୨୮୫ ରନ୍ ସଂଗ୍ରହ କରିଛି। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ୩୯ ରନ୍‌ରେ ୨ ଓପନରଙ୍କୁ ହରାଇଥିଲେ ମଧ୍ୟ ରବୀନ୍ଦ୍ର ଓ ୱିଲିୟମସନ୍ ଚମତ୍କାର ବ୍ୟାଟିଂ କରି ଅବିଭାଜିତ ୨୧୯ ରନ୍ ଯୋଗ କରିଛନ୍ତି। ନ୍ୟୁଜିଲାଣ୍ଡ ପ୍ରଥମ ୨୫ ଓଭରରେ ୬୫ ଓ ଦ୍ୱିତୀୟ ସେସନରେ ୨୭ ଓଭରରେ ୬୦ ରନ୍ କରିଥିଲା। ତେବେ ଅନ୍ତିମ ସେସନରେ ୩୪ ଓଭରରେ ୧୩୩ ରନ୍ ଯୋଡିଥିଲେ ଉଭୟ ଖେଳାଳି। କେନ୍ ୱିଲିୟମସନ୍ ୧୧୨ ରନ୍‌ର ଚମତ୍କାର ଇନିଂସ ଖେଳିଥିଲେ। ୨୫୯ ବଲ୍ ଖେଳି ସେ ୧୫ ଚୌକା ମାରିଥିଲେ। ଏହା ତାଙ୍କର ୩୦ତମ ଟେଷ୍ଟ ଶତକ। ଟେଷ୍ଟ ଶତକ ତାଲିକାରେ ସେ ଡନ୍ ବ୍ରାଡମ୍ୟାନ ଓ ବିରାଟ କୋହଲିଙ୍କୁ ଅତିକ୍ରମ କରିଛନ୍ତି। ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି ରବୀନ୍ଦ୍ର। ୨୧୮ ବଲ୍ ଖେଳି ସେ ୧୩ ଚୌକା ଓ ୧ ଛକା ମାରିଥିଲେ। ସଂକ୍ଷିପ୍ତ ସ୍କୋର: ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୮୬ ଓଭରରେ ୨୮୫/୨( ରାଚିନ୍ ରବୀନ୍ଦ୍ର-୧୧୮*, କେନ୍ ୱିଲିୟମସନ୍-୧୧୨*, ଡେନ୍ ପ୍ୟାଟରସନ୍-୧/୫୯, ଶେପୋ ମୋରେକି-୧/୮୧)।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ